# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୯/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, December 29/2025 | Page 16 | ₹ 7.00

୫୨ଶ ଭାଗ ୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 36 | ମୂଲ୍ୟ ₹୭/-




## ମନ୍ଧାନାଙ୍କ ମାଇଲଖୁଣ୍ଟ

ଥିରୁଭାନନ୍ତପୁରମ୍‌ରେ ରବିବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ଟି୨୦ ମ୍ୟାଚ୍‌ରେ ଭାରତର ସ୍ମୃତି ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ୍ ପୂରଣ କରିଛନ୍ତି।

୧୬

୧୨

## ଏଲିଜାବେଥ ଅବତାରରେ ହୁମା କୁରେଶୀ

କନ୍ନଡ଼ ସୁପରଷ୍ଟାର୍ ଯଶଙ୍କ ଚଳଚ୍ଚିତ୍ର 'ଟକ୍ସିକ: ଏ ଫେୟାରୀଟେଲ୍ ଫର୍ ଗ୍ରୋନ୍-ଅପ୍ସ'ରେ ବଲିଉଡ ଅଭିନେତ୍ରୀ ହୁମା କୁରେଶୀ 'ଏଲିଜାବେଥ' ଚରିତ୍ରରେ ଅଭିନୟ କରୁଛନ୍ତି।






ଉନାଓ ବଳାତ୍କାର ପିଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରବିବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ କରାଯାଇଛି। (ଫଟୋ- ପି.ଟି.)

# ୧୦୦୦ ଟଙ୍କା ବଢ଼ିଲା ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

କେନ୍ଦୁଝରଠାରେ ଆୟୋଜିତ ୪୮ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କଳାକାର ସହାୟତା ଯୋଜନାରେ ମାସିକ ଭତ୍ତା ପରିମାଣ ବୃଦ୍ଧି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ଏହି ସହାୟତା ରାଶି ୨୦୦୦ ଟଙ୍କାରୁ ବଢ଼ି ୩୦୦୦ ହୋଇଛି । ୪୦ରୁ ୮୦ ବର୍ଷ ବୟସର କଳାକାର ଏହି ବର୍ଦ୍ଧିତ ଭତ୍ତା ପାଇବେ। ୮୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରମାନେ ମାସକୁ ୨୫୦୦ ଟଙ୍କା ପରିବର୍ତ୍ତେ ଏଣିକି ୩୫୦୦ ପାଇବେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପାଲା କଳାକାରମାନଙ୍କ ଯୋଗୁ ଓଡ଼ିଆ ଲୋକ ସାହିତ୍ୟ ଜୀବନ୍ତ ହୋଇଛି। ଏଭଳି ଏକ ସମୃଦ୍ଧ ଲୋକକଳା ବଞ୍ଚାଇରଖି ଏହାର ଅଭିବୃଦ୍ଧି ଦିଗରେ ଚେଷ୍ଟା କରିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ।

ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ଲୋକନୃତ୍ୟ, ନାଟକ, କାବ୍ୟ ଆଦିରେ ସଙ୍ଗୀତର ଅଖଣ୍ଡ ପ୍ରଭାବ ପରିଲକ୍ଷିତ ହୋଇଥାଏ। ଆଉ 'ପାଲା' ହେଉଛି ସେହି ସଙ୍ଗୀତର ଅମୃତ ପରିପ୍ରକାଶ। ଏହା ହେଉଛି ଓଡ଼ିଶାର ଏକ ବିଶିଷ୍ଟ ସାରସ୍ୱତ କଳା ଓ ସାଧନା, ଯାହା ପିଢ଼ି ପରେ ପିଢ଼ି ଓଡ଼ିଶାର ଜନଜୀବନ ଓ ସାଂସ୍କୃତିକ ଚେତନା ସହ ନିବିଡ଼ ସମ୍ପର୍କ ରଖିଆସିଛି। 'ପାଲା' ହେଉଛି ଗୀତ, ନୃତ୍ୟ, ବାଦ୍ୟ, ପାଣ୍ଡିତ୍ୟ, ଆଶୁ କବିତ୍ୱ,

### ଓଡ଼ିଆ ଭାଷାର ପ୍ରଚାର ଦିଗରେ ପାଲାର ଅବଦାନ ଗୁରୁତ୍ୱପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ମନୋରଞ୍ଜନ ଓ ପ୍ରତିଭାର ମିଳନପୀଠ। ବିଧିବଦ୍ଧ ଆଲୋଚନା, ପାଣ୍ଡିତ୍ୟପୂର୍ଣ୍ଣ ତର୍କ, ସଂସ୍କୃତି ଓ ଭାଷାର ମୂଲ୍ୟାୟନରେ ହିଁ ଓଡ଼ିଶାର 'ପାଲା' ସଂସ୍କୃତି ପରିପୂର୍ଣ୍ଣ। ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଚଳଣିର ଭିତ୍ତିଭୂମିକୁ ସୁଦୃଢ଼ କରିଛି 'ପାଲା'। ପ୍ରାୟ ୯୦ ଦଶକ ପର୍ଯ୍ୟନ୍ତ 'ପାଲା'କୁ ସରକାରୀସ୍ତରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ପ୍ରଚାର ପ୍ରସାର ତଥା ଜନସଚେତନତା ଉଦ୍ଦେଶ୍ୟରେ ବହୁଳ ଭାବେ ବ୍ୟବହାର କରାଯାଉଥିଲା। 'ପାଲା' ମାଧ୍ୟମରେ ଓଡ଼ିଶାର ଜନସାଧାରଣ ସତ୍ୟ, ଧର୍ମ, କରୁଣା, ସାମାଜିକ ସମତା ଓ ନୀତିଶିକ୍ଷାର ପାଠ ଶିଖୁଥିଲେ। ☞ପୃଷ୍ଠା-୪

## ଉନାଓ ମାମଲା: ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ଉତ୍ତରପ୍ରଦେଶର ଉନ୍ନାଓ ବଳାତ୍କାର ମାମଲାରେ ଭାଜପାର ବହିଷ୍କୃତ ବିଧାୟକ କୁଲଦୀପ ସିଂ ସେନ୍‌ଗାରଙ୍କ ଆଜୀବନ ଜେଲ ଦଣ୍ଡାଦେଶକୁ ଦିଲ୍ଲୀ ହାଇକୋର୍ଟ ସ୍ଥଗିତ ରଖିଥିବାବେଳେ ସିବିଆଇ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ସୋମବାର ସିବିଆଇ ଆବେଦନର ଶୁଣାଣି କରିବାକୁ ଯାଉଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କୁ ନେଇ ୩ ଜଣିଆ ଅବକାଶକାଳୀନ ଖଣ୍ଡପୀଠ ପିଟିଶନ୍‌ର ଶୁଣାଣି କରିପାରନ୍ତି। ଏହା ବ୍ୟତୀତ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଆଇନଜୀବୀ ଅଞ୍ଜାଲେ ପଟେଲ ଏବଂ ପୂଜା ଶିଳ୍ପକର ଦାଖଲ କରିଥିବା ଅଲଗା ପିଟିଶନର ମଧ୍ୟ ଉକ୍ତ ଖଣ୍ଡପୀଠ ଶୁଣାଣି କରିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଓଟ ଉପରେ ବରଫ**

# ପ୍ରଦୂଷଣ: ଲୋକେ ଅଣନିଃଶ୍ୱାସୀ

**ଶିଳ୍ପାୟନ ଓ ସହରୀକରଣ ଯୋଗୁ ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି। କଳକାରଖାନାରୁ ନିର୍ଗତ ଅଙ୍ଗାରକାମ୍ଳ ବାୟୁ ପ୍ରଦୂଷଣର ମୁଖ୍ୟ କାରକ ହୋଇଥିବାବେଳେ କୋଠାବାଡ଼ି, ରାସ୍ତାଘାଟ ନିର୍ମାଣ ଯୋଗୁ ଉଠୁଥିବା ଧୂଳି ପରିବେଶକୁ ଆହୁରି ବିଷାକ୍ତ କରିଦେଉଛି । କୁହୁଡ଼ି ସହ ଧୂଆଁ ଓ ଧୂଳିର ଆସ୍ତରଣ ସହର ଏବଂ ଶିଳ୍ପାଞ୍ଚଳ ଆକାଶକୁ ଆଚ୍ଛାଦିତ କରି ରଖୁଛି। ଫଳରେ ଦୃଶ୍ୟମାନତା କମ୍ ରହୁଛି। ଏହି କାରଣରୁ ଅନେକ ଦୁର୍ଘଟଣା ଘଟୁଛି। ଶୀତରେ ଲୋକେ ବାହାରକୁ ବାହାରିବା କଷ୍ଟକର ହୋଇଯାଇଥିବାବେଳେ ରାସ୍ତାରେ ପ୍ରାତଃଭ୍ରମଣକାରୀଙ୍କ ସଂଖ୍ୟା ମଧ୍ୟ କମିବାରେ ଲାଗିଛି। ମର୍ନିଂ ୱାକ୍ କରିବାକୁ ଗଲେ ସ୍ୱାସ୍ଥ୍ୟ ଚିନ୍ତା ଆହୁରି ବଢ଼ିଯାଉଛି। ଓଡ଼ିଶାରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ସରକାରୀ ସ୍ତରରେ ପ୍ରୟାସ ଚାଲିଥିଲେ ମଧ୍ୟ ସୁଫଳ ମିଳିବା ସମୟ ସାପେକ୍ଷ। ଏଭଳି ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଦୂଷଣ ହ୍ରାସ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଜିଲାପାଳମାନଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନୁସାରେ ସମସ୍ତ ପକ୍ଷଙ୍କୁ ସାମିଲ କରି ସହର/ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ କରାଯିବ। ଟାସ୍କଫୋର୍ସ ସଦସ୍ୟମାନେ ନିୟମିତ ଭାବେ ବର୍ଜ୍ୟବସ୍ତୁ ଜଳାଯାଉଥିବା ଏବଂ ଧୂଳି ବାହାରୁଥିବା ଅଞ୍ଚଳରେ ପ୍ରଦୂଷଣର ଉତ୍ସଗୁଡ଼ିକୁ ଚିହ୍ନଟ କରିବେ। ଏଥିସହ ପ୍ରଦୂଷଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି।**

## ୧୨ ଜିଲାପାଳଙ୍କୁ ନିୟନ୍ତ୍ରଣ ଦାୟିତ୍ୱ

ଭୁବନେଶ୍ୱର,୨୮।୧୨ (ରବିନାରାୟଣ ଜେନା)

ରାଜ୍ୟରେ ପ୍ରଦୂଷଣ ମାତ୍ରା ଦିନକୁ ଦିନ ବଢ଼ିଚାଲିଛି। ଏହାକୁ ନେଇ ଜନସାଧାରଣ ଏବେ ବହୁବିଧ ସମସ୍ୟାରେ ପଡ଼ିଲେଣି। କେଉଁଠି ଯକ୍ଷ୍ମା ଭଳି ରୋଗ ବ୍ୟାପୁଛି ତ ଆଉ କେଉଁଠି ଛାତ୍ରୀଛାତ୍ର ଯାତାୟାତରେ ଅଣନିଃଶ୍ୱାସୀ ଅନୁଭବ କରୁଛନ୍ତି। ବାୟୁ ପ୍ରଦୂଷଣ ଏପରି ହେଲାଣି ଯେ, ସରକାର ପରିବହନ ଆଇନ କଡ଼ାକଡ଼ି ଲଗାଇବା



ପର୍ଯ୍ୟନ୍ତ କଥା ଗଲାଣି। ଯେଉଁ ଗାଡ଼ିର ପ୍ରଦୂଷଣ କ୍ଲିୟରାନ୍ସ ପ୍ରମାଣପତ୍ର ନାହିଁ ତାକୁ ପେଟ୍ରୋଲ ମିଳିବ ନାହିଁ ବୋଲି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହେବା ପରେ ଲୋକେ ଏବେ ଆତଙ୍କିତ ହୋଇପଡ଼ିଛନ୍ତି। ଏହାକୁ ନେଇ ଏବେ ବିଭିନ୍ନ ପ୍ରଦୂଷଣ ଯାଞ୍ଚ କେନ୍ଦ୍ର ଆଗରେ ଲମ୍ବାଧାଡ଼ି ଦେଖିବାକୁ ମିଳୁଛି। ଏପରିକି ଲୋକଙ୍କୁ ଦିନତମାମ୍ ଏଥିପାଇଁ ଅପେକ୍ଷା କରିବାକୁ ପଡୁଥିବାରୁ ଅସନ୍ତୋଷ ଦେଖାଦେଲାଣି।

ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ସହର ଓ ଖଣି ଅଞ୍ଚଳରେ ପ୍ରଦୂଷଣ ମାତ୍ରା ଅତ୍ୟଧିକ ରହୁଥିବାରୁ ୧୨ ଜିଲାପାଳଙ୍କୁ ପ୍ରଦୂଷଣ ମୁକାବିଲା ପଦକ୍ଷେପ ଗ୍ରହଣ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ ପତ୍ର ଲେଖିଛନ୍ତି। ଉମା ନିକଟରେ ଅନୁଗୋଳ, ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, ଜଗତ୍‌ସିଂହପୁର, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ବିଭିନ୍ନ ସହରର ବାୟୁରେ ପ୍ରଦୂଷଣ ମାତ୍ରା(ଏକ୍ୟୁଆଇ) ଅଧିକ ରହୁଛି। ଜିଲାରେ ଥିବା ଶିଳ୍ପପ୍ରକଳ୍ପଗୁଡ଼ିକ ସହରାଞ୍ଚଳ ଉପକଣ୍ଠରେ ରହୁଥିବାରୁ ଏକ୍ୟୁଆଇର ମାତ୍ରା ବଢୁଛି। ସଂପ୍ରତି ଶୀତଋତୁ ହୋଇଥିବାରୁ ବାୟୁ ପ୍ରଦୂଷଣ ଅଧିକ ରହୁଛି। ଏହା ଯେପରି ନିର୍ଦ୍ଦିଷ୍ଟ ମାନ ଭିତରେ ରହିବ ସେଥିପ୍ରତି ତୀକ୍ଷ୍ଣ ନଜର ଦେବା ସହ କଡ଼ା ☞ପୃଷ୍ଠା-୪

## ଦିଲ୍ଲୀ ପ୍ରଦୂଷଣ: ଗମ୍ଭୀର ସ୍ଥିତି

ନୂଆଦିଲ୍ଲୀ,୨୮।୧୨

ଦିଲ୍ଲୀ ବାୟୁ ପ୍ରଦୂଷଣର ଗମ୍ଭୀର ସ୍ଥିତି ରବିବାର ଜାରି ରହିଛି। ଜାତୀୟ ରାଜଧାନୀର ଅନେକ ଅଞ୍ଚଳରେ ବାୟୁ ଗୁଣବତ୍ତା ସ୍ତର ଅତ୍ୟନ୍ତ ନିକୃଷ୍ଟ ଏବଂ ଗମ୍ଭୀର ରହିଛି। ଧୂଳା ଧୂଆଁ ସାଙ୍ଗକୁ କୁହୁଡ଼ିର ବହଳ ଆସ୍ତରଣ ସହରକୁ ଆଚ୍ଛାଦନ କରି ରଖିଛି। ରବିବାର ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୩୯୧ ରହିଛି, ଯାହାକି ଗମ୍ଭୀର ବର୍ଗରେ। କେତେକ ଅଞ୍ଚଳରେ ଏହା ୪୦୦ ଅତିକ୍ରମ କରିଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ସୂଚନା ଦିଆଯାଇଛି। ରବିବାର ସକାଳେ ଧୂଳି ଓ କୁହୁଡ଼ି ☞ପୃଷ୍ଠା-୪

# ମହାପ୍ରଭୁଙ୍କୁ ରାତି ଅନିଦ୍ରା କରା ନ ଯାଉ

ପୁରୀ,୨୮।୧୨ (ଅଜିତ୍ କୁମାର ମହାନ୍ତି)

ଭକ୍ତଙ୍କ ଭାବାବେଗ ଆଗ ନା ମହାପ୍ରଭୁଙ୍କୁ ରାତି ଅନିଦ୍ରା କରାଇ ଭକ୍ତଙ୍କୁ ଦର୍ଶନ କରାଇବା ଆଗ, ଏହି ପ୍ରସଙ୍ଗକୁ ନେଇ ଏବେ ଉପୁଜିଛି ଦ୍ୱନ୍ଦ୍ୱ। ମହାପ୍ରଭୁଙ୍କ ନୀତିକାନ୍ତି ସନାତନ ଧର୍ମଶାସ୍ତ୍ର ଅନୁଯାୟୀ ଅନୁଷ୍ଠିତ ହେଉଥିବାବେଳେ କିଛିବର୍ଷ ହେବ ଜାନୁଆରୀ ୧ ବା ନୂଆବର୍ଷ ପାଇଁ ଅଧରାତିରେ ଖୋଲାଯାଉଛି ଶ୍ରୀମନ୍ଦିର। ବର୍ଷର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନକରି ବର୍ଷକୁ ଆରମ୍ଭ କରିବା ପାଇଁ ପ୍ରତି ଓଡ଼ିଆ ତଥା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। ତେଣୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପୁରୀରେ ପ୍ରତିବର୍ଷ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥାଏ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ

### ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ଉଦ୍‌ବେଗ

ବ୍ୟବସ୍ଥା କରାଯାଇଥାଏ। ଗତ କିଛିବର୍ଷ ହେବ ନୂଆବର୍ଷରେ ଭକ୍ତଙ୍କ ସମାଗମ ଅଧିକ ରହୁଥିବାରୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବ ତାରିଖରେ ମହାପ୍ରଭୁଙ୍କ ନୀତିକାନ୍ତି ଶୀଘ୍ର କରାଯାଇ ରାତ୍ରପହୁଡ଼ କରାଯିବା ସହ ମଧ୍ୟରାତ୍ରରୁ ଦ୍ୱାରଫିଟା କାର୍ଯ୍ୟ କରାଯାଉଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି।

ଡିସେମ୍ବର ୩୧ ରାତିରେ ମହାପ୍ରଭୁଙ୍କୁ ରାତି ଅନିଦ୍ରା ନ କରିବା ସହ ଅଧରାତିରେ ଶ୍ରୀମନ୍ଦିର ନ ଖୋଲିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଗଜପତି ମହାରାଜା ଓ ଆଇନ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ପରିଚାଳନା କମିଟିର ସଦସ୍ୟ ପଣ୍ଡିତ ମହେଶ ସାହୁ। ପରିଚାଳନା କମିଟି ସଦସ୍ୟ ସାହୁ ଇଂରାଜୀ ନବବର୍ଷ ଅର୍ଥାତ୍ ଜାନୁଆରୀ ୧ ପୂର୍ବ ରାତିରେ ଶ୍ରୀମନ୍ଦିର ଦ୍ୱାର ଖୋଲି ଶ୍ରୀବିଗ୍ରହଙ୍କୁ ଅନିଦ୍ରା ନ ରଖିବାକୁ ଅନୁରୋଧ କରିଛନ୍ତି।

ସଦସ୍ୟ ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମହାପ୍ରଭୁ ହିନ୍ଦୁଙ୍କ ଆସ୍ଥା ତଥା ଆରାଧ୍ୟ ଦେବତା। ମହାପ୍ରଭୁଙ୍କ ସକଳ ପରମ୍ପରା ସନାତନ ହିନ୍ଦୁଶାସ୍ତ୍ର ଅନୁଯାୟୀ ଅନୁଷ୍ଠିତ ହୋଇଆସୁଛି। କିଛିବର୍ଷ ହେବ ଜାନୁଆରୀ ୧ ପାଇଁ ଅଧରାତ୍ରରୁ ମନ୍ଦିର ଖୋଲିବା ଏକ ନିୟମିତ କାର୍ଯ୍ୟ ହୋଇଗଲାଣି, ଯାହା ଧାର୍ମିକ ତଥା ପରମ୍ପରା ଦୃଷ୍ଟିକୋଣରୁ ଆଦୌ ସମୀଚୀନ ହେବାଭଳି ଅନୁଭବ ହେଉନାହିଁ। ଯେଉଁ କାରଣରୁ ପ୍ରତିବର୍ଷ ଧର୍ମଶାସ୍ତ୍ରବିତ୍ ତଥା ପରମ୍ପରା ସଂସ୍କୃତି ସମ୍ପର୍କରେ କାମ କରୁଥିବା ବ୍ୟକ୍ତିବିଶେଷ ତଥା ଅନୁଷ୍ଠାନଗୁଡ଼ିକ ☞ପୃଷ୍ଠା-୪

# ହୋମ୍‌ଗାର୍ଡ ଚାକିରି ପାଇଁ ଉଚ୍ଚଶିକ୍ଷିତଙ୍କ ଲମ୍ବାଧାଡ଼ି

**ସମ୍ପ୍ରତି ନିଯୁକ୍ତି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହେଲାଣି। ଯୁବଗୋଷ୍ଠୀ ଉଚ୍ଚ ଶିକ୍ଷା ଲାଭ କରୁଥିଲେ ସୁଦ୍ଧା ସେମାନଙ୍କୁ ସୁଯୋଗ ମିଳିପାରୁ ନାହିଁ। ସେଥିପାଇଁ ବହୁ ଉଚ୍ଚଶିକ୍ଷିତ ଡିଗ୍ରୀଧାରୀ ହୋମ୍‌ଗାର୍ଡ ଭଳି ଚାକିରି ପାଇଁ ଆବେଦନ କରୁଥିବା ଦେଖିବାକୁ ମିଳୁଛି। ଏପରି କି ଅଳ୍ପ କେତେକ ପଦବୀ ପାଇଁ ବହୁ ହଜାର ଆଶାୟୀ ଆବେଦନ କରୁଛନ୍ତି। ରବିବାର ଝାରସୁଗୁଡ଼ା ଏବଂ ମୟୂରଭଞ୍ଜ ଜିଲାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ହୋଇଥିବେଳେ ଅଳ୍ପ କେତେକ ପଦବୀ ପାଇଁ ବହୁ ଆଶାୟୀଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି।**



ହୋମ୍‌ଗାର୍ଡ ପରୀକ୍ଷା ପାଇଁ ବାରିପଦା ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଉପସ୍ଥିତ ପରୀକ୍ଷାର୍ଥୀ।

ଝାରସୁଗୁଡ଼ା/ ବାରିପଦା,୨୮।୧୨ (ଆଶିଷ ରଞ୍ଜନ ଦାଶ/ ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଝାରସୁଗୁଡ଼ା ଜିଲାରେ ଖାଲି ପଡ଼ିଥିବା ୧୦୨ ହୋମ୍‌ଗାର୍ଡ ପଦବୀ ପାଇଁ ରବିବାର ସକାଳ ୮ଟାରେ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାରେ ମୋଟ୍ ୪୦୪୦ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ଓଏସ୍‌ଏପି

- **ଝାରସୁଗୁଡ଼ାରେ ୧୦୨ ହୋମ୍‌ଗାର୍ଡ ଚାକିରି ପାଇଁ ୪ ହଜାର ଆଶାୟୀ**
- **ମୟୂରଭଞ୍ଜରେ ୩୧୦ ପଦବୀ ପାଇଁ ୨୦ହଜାର ପରୀକ୍ଷା ଦେଲେ**

ବାଟାଲିୟନ ପଡ଼ିଆରେ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଉକ୍ତ ପରୀକ୍ଷାରୁ ୧୦୧୦ ପ୍ରାର୍ଥୀ ମନୋନୀତ ହୋଇ ପରବର୍ତ୍ତୀ ☞ପୃଷ୍ଠା-୪

ପରିବେଶ ସନ୍ତୁଳନ ରକ୍ଷାରେ ପ୍ରାଣୀଜଗତର ରହିଛି ବିଶେଷ ଭୂମିକା। ମାତ୍ର ମନୁଷ୍ୟକୃତ ତଥା ଅନ୍ୟ କାରଣ ପାଇଁ କେତେ ପ୍ରଜାତିର ପ୍ରାଣୀଙ୍କ ବଂଶ ବିଲୁପ୍ତ ହୋଇଥିବାବେଳେ ଏବେ ସଙ୍କଟରେ ବହୁ ପ୍ରଜାତିର ପ୍ରାଣୀ। ପ୍ରକୃତିର ବିଭବ ଭାବେ ପରିଗଣିତ ପ୍ରାଣୀଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ଏବେ ଜରୁରୀ ହୋଇପଡ଼ିଛି। ତେବେ ୨୦୨୫ରେ ଆମ ରାଜ୍ୟରେ ଠାବହୋଇଥିବା ନୂତନ ପ୍ରଜାତିର ଜୀବ, ନନ୍ଦନକାନନକୁ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରାଣୀ ତଥା ଏ ସମ୍ପର୍କିତ କେତେକ ଉଲ୍ଲେଖନୀୟ ଘଟଣାକୁ ନେଇ ଉପସ୍ଥାପନା...........

# ପ୍ରକୃତିର ବୈଭବ



## ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକାରେ
# ଶିମିଳିପାଳର କଳା ବାଘ

ଶିମିଳିପାଳର ବିରଳ କଳା ବାଘ ନ୍ୟାଶନାଲ ଜିଓଗ୍ରାଫିକ୍ ପତ୍ରିକା(ଅକ୍ଟୋବର ୨୦୨୫ ସଂସ୍କରଣ)ର ପ୍ରଚ୍ଛଦପଟରେ ସ୍ଥାନ ପାଇଥିଲା, ଯାହାକୁ ଫଟୋଗ୍ରାଫର ପ୍ରସେନଜିତ ଯାଦବ ନିଖୁଣ ଭାବେ ଉତ୍ତୋଳିତ କରିଛନ୍ତି। ଏହି ବିଶ୍ୱସ୍ତରୀୟ ମାନ୍ୟତା ଓଡ଼ିଶାର ଅନନ୍ୟ ପରିବେଶଗତ ଐତିହ୍ୟକୁ ଉଜ୍ଜ୍ୱଳ କରିବା ସହ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରୁଛି।



## ଭିନ୍ନ ପ୍ରଜାତିର ଉଡ଼ନ୍ତା ମାଛ

ଗଞ୍ଜାମ ଜିଲା ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଦ୍ୱାରା ଭାରତ ମହାସାଗରରୁ ପ୍ରଥମ ଥର ପାଇଁ ଏକ ଭିନ୍ନ ପ୍ରଜାତିର ଉଡନ୍ତା ମାଛ 'ଟେଲିଓପୋଗାନ୍ ଅକ୍ଟିସେସ୍ସ' ଚିହ୍ନଟ କରାଯାଇଛି। ବୈଜ୍ଞାନିକ ଡ. ଅନିଲ ମହାପାତ୍ରଙ୍କ ମତରେ ଏହି ମାଛ ପଶ୍ଚିମବଙ୍ଗର ପେଟୁଆଘାଟ ମାଛ ଅବତରଣ କେନ୍ଦ୍ରରୁ ଚିହ୍ନଟ ହୋଇଥିଲା। ଏହି ମାଛର ଚଳାଚଳ ପରିସର ପଶ୍ଚିମ ପ୍ରଶାନ୍ତ ମହାସାଗରରୁ ବଙ୍ଗୋପସାଗର ପର୍ଯ୍ୟନ୍ତ ବୋଲି ଜଣାପଡିଛି। ଏହି ମାଛର ପକ୍ଷ ବହୁତ ଲମ୍ବା ଓ ପ୍ରଶସ୍ତ। ହେଲେ ଅନ୍ୟ ସମଜାତି ଭଳି କୌଣସି କଳାଦାଗ ନାହିଁ। ପୂର୍ବରୁ ଏହା ଚାଇନା, ଫିଲିପାଇନ୍ସ, ଇଣ୍ଡୋନେସିଆ, ଭିଏଟନାମ, ଜାପାନ, ଥାଇଲାଣ୍ଡରୁ ଚିହ୍ନଟ କରାଯାଇଛି। ଏହି ପ୍ରଜାତିଗୁଡିକ ନିକଟ ଉପକୂଳ ଭୂପୃଷ୍ଠ ଜଳରେ ମିଳିଥାଏ।



## ଉଡ଼ନ୍ତା ସାପ

ଚଳିତ ବର୍ଷ ଏକ ବିରଳ (ତ୍ରାଇସୋପିଲିଆ ଅର୍ନାଟା) ପ୍ରଜାତିର ବା ଉଡ଼ନ୍ତା ସାପ ଉଦ୍ଧାର କରାଯାଇଛି। ସେପ୍ଟେମ୍ବର ୧୫ ସକାଳେ କୋରାପୁଟ ଜିଲାର ଜୟପୁର ସହରର ଗୌଡ଼ସାହିରେ ଜଣେ ବାସିନ୍ଦାଙ୍କ ଘରର ବାଥରୁମ୍ ଭିତରେ ଏକ ସାପ ଦେଖାଯାଇଥିଲା। କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ପରିବେଶ ସଚେତନତା ଓ ପରିଚାଳନା ପାଇଁ ପ୍ରତିଷ୍ଠିତ ବନ୍ୟ ପ୍ରାଣୀ ଉଦ୍ଧାର ଟିମ୍ ସେଠାରେ ପହଞ୍ଚି ସାପଟିକୁ ଚିହ୍ନଟ କରି ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା। ପରେ ଜୟପୁର ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାପଟିକୁ ନିକଟସ୍ଥ ଏକ ନିରାପଦ ଅଞ୍ଚଳରେ ଛାଡ଼ି ଦିଆଯାଇଥିଲା।


ପାଣିଓଧ


ରୂପେଲି କୁକ୍କୁଟ


ତାରା କଇଁଛ

# ନନ୍ଦନକାନନରେ ନୂଆ ଅତିଥି

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ଏଥର ୧୯ଟି ନୂଆ ଅତିଥି ଆସିଛନ୍ତି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ଚଳିତବର୍ଷ ୨୦୨୫-୨୬ ମସିହାର ପ୍ରଥମ ପର୍ଯ୍ୟାୟ ଅଦଳବଦଳ ପ୍ରକ୍ରିୟା ନନ୍ଦନକାନନ ଓ ଗୁଜରାଟର ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହୋଇଛି। ଉକ୍ତ ପ୍ରାଣୀଙ୍କ ମଧ୍ୟରେ ୩ ପୁରୁଷ ଓ ୨ ମାଈକୁ ମିଶାଇ ୫ ପାଣିଓଧ, ୨ ପୁରୁଷ ଭାରତୀୟ ଧୂସର ଗଧିଆ, ୫ ପୁରୁଷ ଓ ୫ ମାଈକୁ ମିଶାଇ ୧୦ ତାରା କଇଁଛ, ୧ ପୁରୁଷ ଓ ୧ ମାଈକୁ ମିଶାଇ ୨ଟି ରୂପେଲି କୁକ୍କୁଟ ରହିଛନ୍ତି। ଏମାନଙ୍କ ମଧ୍ୟରେ ପାଣିଓଧ ନୂଆ ହୋଇଥିବା ବେଳେ ଅନ୍ୟ ସବୁ ପ୍ରଜାତିର ପଶୁପକ୍ଷୀ ନନ୍ଦନକାନନରେ ରହିଛନ୍ତି। ଏହି ନୂଆ ଅତିଥି ଆସିବା ପରେ ଚିଡ଼ିଆଖାନାର ପଶୁପକ୍ଷୀ ପ୍ରଜାତି ସଂଖ୍ୟା ୧୭୬ରୁ ୧୭୭କୁ ବୃଦ୍ଧି ପାଇଛି।




### ୨୪ ବର୍ଷ ପରେ ଆସିଲା ପାଣିଓଧ

୨୦୦୦ ମସିହାରେ ନନ୍ଦନକାନନରେ ପାଣିଓଧ ବଂଶ ଲୋପ ପାଇଯାଇଥିଲା। ତେବେ ଦୀର୍ଘ ୨୪ବର୍ଷର ବ୍ୟବଧାନ ପରେ ପାଣିଓଧକୁ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇବେ। ନୂଆବର୍ଷର ଭେଟି ସ୍ୱରୂପ ପାଣିଓଧ ପର୍ଯ୍ୟଟକଙ୍କ ମନୋରଞ୍ଜନର ମାଧ୍ୟମ ହେବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି। ଅପରପକ୍ଷେ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୨ଟି ପର୍ଯ୍ୟାୟରେ ୧୪ଟି ଜୀବଜନ୍ତୁଙ୍କୁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ପ୍ରାଣୀ ଉଦ୍ୟାନକୁ ଦେବାକୁ ପଡୁଛି। ସେଥିମଧ୍ୟରେ ୨ଟି ବାଘ, ୨ଟି ମାଈ ଧୂସର ଗଧିଆ, ୩ଟି ଚଉଶିଙ୍ଗା, ୨ଟି କୁଟୁରା, ୫ଟି ବିଲୁଆ ରହିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୩ଟି ଚଉଶିଙ୍ଗା, ୨ଟି କୁଟୁରା ଓ ୫ଟି ବିଲୁଆ ଦିଆଯିବ ବୋଲି ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

ଡେବ୍ରିଗଡ଼ ଅଭୟାରଣ୍ୟରେ ବିରଳ ତଥା ଲୁପ୍ତପ୍ରାୟ ବଳିଆ କୁକୁରକୁ ଠାବ କରାଯାଇଛି। ଅଭୟାରଣ୍ୟ ମଧ୍ୟରେ ସ୍ୱଚ୍ଛନ୍ଦରେ ବିଚରଣ କରୁଥିବା ୨ଟି ଅଣ୍ଡିରା ଓ ଗୋଟିଏ ମାଈକୁ ମିଶାଇ ୩ଟି ବଳିଆ କୁକୁରଙ୍କୁ ବନ କର୍ମଚାରୀମାନେ ଠାବ କରିଥିବା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ କହିଛନ୍ତି।

## ଡେବ୍ରିଗଡ଼ରେ ବଳିଆ କୁକୁର



ଚିଲିକା ହ୍ରଦରେ ନୂତନ ସାମୁଦ୍ରିକ ଗୋଲକୃମି ପ୍ରଜାତି ଆବିଷ୍କୃତ ହୋଇଛି। ସାତପଡ଼ା ନିକଟସ୍ଥ ଚିଲିକା ହ୍ରଦର ବାହ୍ୟ ଚାନେଲରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଗବେଷକ, ନ୍ୟୁଜିଲ୍ୟାଣ୍ଡର ଡାନିଏଲ ଲେଡକ ଓ ସହକର୍ମୀଙ୍କ ସହିତ ଏହି ନୂତନ ଅଣୁବୀକ୍ଷଣିକ ସାମୁଦ୍ରିକ ଗୋଲକୃମି ପ୍ରଜାତି ଆବିଷ୍କାର କରିଛନ୍ତି। ଯାହାର ନାମ ଆଡମିରାଣ୍ଡସ ଓଡିଶାଏନ୍ସିସ। ଏହି କ୍ଷୁଦ୍ର ପ୍ରାଣୀ ପୂର୍ବରୁ କେବଳ ଆଫ୍ରିକୀୟ ଜଳରୁ ଜଣାଶୁଣା ଏକ ପ୍ରଜାତି ସହ ଜଡିତ।

## ଚିଲିକା ହ୍ରଦରେ
# ସାମୁଦ୍ରିକ ଗୋଲକୃମି



### ଗୟଳ ମହୋତ୍ସବ

ଡେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ମାର୍ଚ୍ଚ ୨୬ରେ ପ୍ରଥମ ଗୟଳ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅଭୟାରଣ୍ୟରେ ବର୍ତ୍ତମାନ ୨୧୦ଟି ବୟସ୍କ ଶାବକ ଓ ୩୦ଟି ଶିଶୁ ଶାବକଙ୍କୁ ମିଶାଇ ମୋଟ ୬୭୦ରୁ ଅଧିକ ଗୟଳ ରହିଛନ୍ତି।

# ରାସାୟନିକ ଗ୍ୟାସ୍‌ର ପ୍ରଭାବ: ଅନେକ ଅସୁସ୍ଥ

ପାରାଦୀପ,୨୮।୧୨(ଶରତ ରାଉତ)



ରଙ୍ଗିଆଗଡ଼ ବାସିନ୍ଦା ଅଣନିଃଶ୍ୱାସୀ ହୋଇ ବିଜୁ ମେମୋରିଆଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିଛନ୍ତି।

ପାରାଦୀପର ଅଧିକାଂଶ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ରାସାୟନିକ ଗ୍ୟାସ ଦୁର୍ଗନ୍ଧ ହୋଇଛି। ଫଳରେ ସ୍ଥାନୀୟ ଲୋକେ ଅଣନିଃଶ୍ୱାସୀ ହେବା ସହ ମୁହଁରେ ମାସ୍କ କିମ୍ବା କପଡ଼ା ବାନ୍ଧି ବୁଲୁଛନ୍ତି। ଏପରିକି ରବିବାର କେତେଜଣ ଦୁର୍ଗନ୍ଧ ଯୋଗୁ ବାନ୍ତି କରି ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଗ୍ୟାସ୍‌ର ପ୍ରଭାବ ବାଲିଝରା, ବାଉରିଆପାଳନ୍ଦା, ରଙ୍ଗିଆଗଡ଼, ନିମିଡ଼ି, ରାମଚଣ୍ଡୀପଡ଼ା, ପାରାଦୀପଗଡ଼, ଅଠରବାଙ୍କି, ଲକପଡା ଆଦି ଅଞ୍ଚଳରେ ଅଧିକ ମାତ୍ରାରେ ହେଉଛି। ଏହାର ପ୍ରଭାବରେ ଗଛଗୁଡ଼ିକ ମଧ୍ୟ ପୋଡ଼ିଯାଉଛି। ଏହି ଦୁର୍ଗନ୍ଧ ପିପିଏଲ୍ ସାର କାରଖାନାରୁ ନିର୍ଗତ ହେଉଥିବା ଅଭିଯୋଗ ହେଉଛି।

ଏ ସମ୍ପର୍କରେ ବାଉରିଆପାଳନ୍ଦା ବସ୍ତିର ଜ୍ୟୋତିକାନ୍ତ ମଲ୍ଲିକ କୁହନ୍ତି, ରାତି ୮ଟା ପରଠାରୁ ରାସାୟନିକ ଗ୍ୟାସ ଦୁର୍ଗନ୍ଧ ହେଉଛି। ଏଥିଯୋଗୁ ଆଖି ପୋଡ଼ିବା ସହ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ ହେଉଛି। ଏବେ ଶୀତ କାକର ଯୋଗୁ ଗ୍ୟାସ ଗନ୍ଧ ଅଧିକ ସମୟ ରହୁଛି। ଏପରି ଦୁର୍ଗନ୍ଧ ଗତ ସପ୍ତାହ ହେବ ହେଉଛି ବୋଲି ଲକ୍‌ପଡା ବାସିନ୍ଦା ଦେବ ମଣ୍ଡଳ କୁହନ୍ତି। ଶୀତ ଯୋଗୁ ପବନର ଗତି ଏବେ ଶିଥିଳ ଅବସ୍ଥାରେ ଅଛି। ଏହି ସମୟରେ ରାସାୟନିକ କାରଖାନାରୁ ବାହାରୁଥିବା ଗ୍ୟାସ ଅଧିକ ଯନ୍ତ୍ରଣା ଦେଉଛି ବୋଲି ଦେବ କୁହନ୍ତି। ଏପରିକି ସେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜନଗର ବନଖଣ୍ଡ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପିପିଏଲ୍ କର୍ପୋରେଟ ଆଫେୟାର୍ସ ମୁଖ୍ୟ ବିଭୁଦତ୍ତ ପାଣିଗ୍ରାହୀ କୁହନ୍ତି, ଏବେ ଅଭିଯୋଗ ଶୁଣିବାକୁ ପାଇଛୁ। କମ୍ପାନୀ ମ୍ୟାନେଜ୍‌ମେଣ୍ଟ ସହ ଆଲୋଚନା କରି ଏହାର ନିରାକରଣ ବ୍ୟବସ୍ଥା ଯଥାଶୀଘ୍ର କରିବାକୁ ଚେଷ୍ଟା କରୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍କରଚନ୍ଦ୍ର ବେହେରାଙ୍କୁ ପଚାରିଲେ କୁହନ୍ତି, ସେ ଏବେ (ରାତି ୧୦ଟା ୩୦) ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଛନ୍ତି। ଏଥିସହ ମେଡିକାଲରେ ଥିବା ଲୋକଙ୍କ ସହ ଆଲୋଚନା କରିଛନ୍ତି।

# ମା' ହେଲା ବାଘୁଣୀ ଜୟଶ୍ରୀ

ବାରଙ୍ଗ,୨୮।୧୨(ଲିଙ୍ଗରାଜ ରାଉତ)



ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୩ବର୍ଷ ବୟସ୍କା ସାଧାରଣ ରଙ୍ଗର ବାଘୁଣୀ ଜୟଶ୍ରୀ ପ୍ରଥମଥର ପାଇଁ ମା' ହୋଇଛି। ଜୟଶ୍ରୀ ଶନିବାର ୩ଟି ଶାବକକୁ ପର୍ଯ୍ୟାୟକ୍ରମେ ଜନ୍ମ ଦେଇଛି। ସେଥିମଧ୍ୟରୁ ୨ଟି ଶାବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଶାବକକୁ ମା' ଗ୍ରହଣ କରିନାହିଁ। ଫଳରେ ଉକ୍ତ ଶାବକକୁ ମାଆଠାରୁ ଅଲଗା କରାଯାଇ ପ୍ରାଣୀ ଚିକିତ୍ସା କେନ୍ଦ୍ର ଆଇସିୟୁରେ ରଖାଯାଇ ତା'ର ଯତ୍ନ ନିଆଯାଉଛି। ଜୟଶ୍ରୀ ପ୍ରଥମଥର ପାଇଁ ମାତୃତ୍ୱ ଲାଭ କରିଛି, ତେଣୁ ସେ ଠିକ ଭାବେ ଶାବକଙ୍କ ଯତ୍ନ ନେଇପାରିନି। ଏଥିସହ ଶାବକଙ୍କୁ ସ୍ତନ୍ୟପାନ ମଧ୍ୟ କରାଇ ପାରିନାହିଁ। ଶନିବାର ପୂର୍ବାହ୍ନ ପ୍ରାୟ ୧୧.୫୫ ମିନିଟରେ ପ୍ରଥମ ଶାବକ ଜନ୍ମ ଦେଇଥିଲା। ହେଲେ ତାକୁ ଗ୍ରହଣ କରିନଥିଲା କି ସ୍ତନ୍ୟପାନ କରାଇନଥିଲା। ଫଳରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ଶାବକକୁ ମା'ଠାରୁ ଅଲଗା କରାଯାଇ ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଅପରାହ୍ନ ୩.୩୪ ସମୟରେ ଜୟଶ୍ରୀ ଅନ୍ୟ ଏକ ଶାବକ ଜନ୍ମ ଦେଇଥିଲା। ଉକ୍ତ ଶାବକଟି ବହୁତ ଦୁର୍ବଳ ରହିଥିଲା।

### ନନ୍ଦନକାନନ ପ୍ରାଣୀ ଉଦ୍ୟାନ

ଏହି ଦ୍ୱିତୀୟ ଶାବକକୁ ଗ୍ରହଣ କରିବା ସମୟରେ ମା' ଜୟଶ୍ରୀ ଛୁଆ ଉପରେ ପଡିଯାଇଥିଲା। ଫଳରେ ଶାବକଟି ଗୁରୁତର ଆହତ ହୋଇଥିଲା। ବନ୍ୟପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ତାକୁ ଉଦ୍ଧାର କରାଯାଇଥିଲା ହେଲେ ସେତେବେଳକୁ ଶାବକର ମୃତ୍ୟୁ ଘଟି ସାରିଥିଲା। ଅପରାହ୍ନ ପ୍ରାୟ ୪.୫୫ ସମୟରେ ଜୟଶ୍ରୀ। ଅନ୍ୟ ଏକ ଶାବକକୁ ଜନ୍ମ ଦେଇଥିଲା ହେଲେ କିଛି ସମୟ ପରେ ନିଜ ଜନ୍ମ କଲା ଛୁଆକୁ ଖାଇ ଦେଇଥିଲା। କେବଳ ପ୍ରଥମ ଜନ୍ମିତ ଶାବକଟି ଜୀବିତ ରହିଛି। ମୃତ ଶାବକର ବ୍ୟବଚ୍ଛେଦ କରାଯାଇ ତାକୁ ମାଟିରେ ପୋତି ଦିଆଯାଇଛି। ତେବେ ଉଭୟ ମା' ଓ ଶାବକ ସୁସ୍ଥ ରହିଛନ୍ତି। ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଏହି ଜୀବିତ ଶାବକକୁ ମିଶାଇ ବାଘ ସଂଖ୍ୟା ୨୯କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରେ ଅଣ୍ଡିରା ବାଘ ସଂଖ୍ୟା ୧୮ ଥିବାବେଳେ ୧୧ଟି ବାଘୁଣୀ ରହିଥିବାର ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ନାରାୟଣ ସୂଚନା ଦେଇଛନ୍ତି।

# ମାର୍ଚ୍ଚ ୧୯ରେ ସମ୍ପୂର୍ଣ୍ଣ ହେବ ରାମମନ୍ଦିର ପ୍ରତିଷ୍ଠା: ଗୋବିନ୍ଦ ଦେବ



ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ହିନ୍ଦୁ ନବବର୍ଷ ତଥା ଆସନ୍ତା ମାର୍ଚ୍ଚ ୧୯ରେ ରାମ ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣ ହେବ ବୋଲି ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ ସୂଚନା ଦେଇଛନ୍ତି।

ଫ୍ରେଣ୍ଡ୍ସ ଅଫ୍ ଟ୍ରାଇବାଲ୍ସ ସୋସାଇଟି ଏବଂ ଶ୍ରୀହରି ସତ୍‌ସଙ୍ଗ ସମିତି ପକ୍ଷରୁ ରବିବାର ରାମ ମନ୍ଦିରରୁ ରାଷ୍ଟ୍ର ନିର୍ମାଣ ବିଷୟରେ ଏକ ଭବ୍ୟ ଗରିମାମୟ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଅବସରରେ ଗୋବିନ୍ଦ ଦେବ କହିଥିଲେ, ରାମ ମନ୍ଦିର ଦେଢ଼ଏକର ଜାଗାରେ ହୋଇଛି। ଏହା ବହୁ ସ୍ଥାନରେ ସ୍ଥାପନ କରାଯାଇପାରିଥାନ୍ତା, କିନ୍ତୁ ରାମଙ୍କ ଜନ୍ମ ଯେଉଁଠାରେ ହୋଇଛି ସେହି ସ୍ଥାନରେ ମନ୍ଦିର ଗଠନ କରିବା ଏକ ଚ୍ୟାଲେଞ୍ଜ ଥିଲା ଏବଂ ଦାୟିତ୍ୱକୁ ସମ୍ପନ୍ନ ମଧ୍ୟ କରାଗଲା। ପ୍ରଥମ ସ୍ଥଳରେ ନିଅଁ ରଖିବା ପାଇଁ ଜାଗା ନ ଥିବା ବେଳେ ମନୁଷ୍ୟକୃତ ଭାବେ ପଥରରେ ତିଆରି ହେବା ପରେ ରାମଲାଲାଙ୍କ ମନ୍ଦିର ସ୍ଥାପନ କରାଯାଇଛି। ପରେ ରାମ ପରିବାରଙ୍କୁ ଦ୍ୱିତୀୟ ସ୍ଥଳରେ ସ୍ଥାପନ କରାଗଲା। ତୃତୀୟ ସ୍ଥଳରେ ୧୯ ମାର୍ଚ୍ଚରେ ହିନ୍ଦୁ ନବବର୍ଷ ଦିନ ରାମଯନ୍ତ୍ର ତିଆରି ପରେ ରାମ ମନ୍ଦିରର ପ୍ରତିଷ୍ଠା ପୂର୍ଣ୍ଣ ହେବ ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ରାମଯନ୍ତ୍ର ପ୍ରତିଷ୍ଠା କରାଯିବ ବୋଲି ମହାରାଜ କହିଥିଲେ।

# ଜଙ୍ଗଲରେ ବିଷ ପିଇ ଦମ୍ପତି ମୃତ

ଦେବଗଡ଼/ଛେଣ୍ଡିପଦା,୨୮।୧୨
(ଶଶାଙ୍କ ଶେଖର ଝାଙ୍କର/ଅଜିତ ଧଳ)

### ୫ ବର୍ଷର ପୁଅ ଗୁରୁତର

ଗୋଟିଏ ପରିବାରର ୩ ଜଣ ବିଷ ପିଇଲେ। ସେମାନଙ୍କ ମଧ୍ୟରୁ ମା' ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ୫ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଛନ୍ତି। ଶନିବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କୁଣ୍ଢେଇଗୋଳା ଥାନା ଅଧୀନ ନିଛାଟିଆ ଜଙ୍ଗଲରେ।

ପୋଲିସ ସୂଚନା ଅନୁଯାୟୀ, କୁଣ୍ଢେଇଗୋଳା ଥାନା ଖଇରପାଲି ଫାଣ୍ଡି ଅନ୍ତର୍ଗତ ଜିଅନ୍ତାପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୨), ସ୍ତ୍ରୀ ରିଙ୍କି ସାହୁ(୨୭) ଓ ପୁଅ ଗୌରବ ମାଝୀ(୫)ଙ୍କୁ ନେଇ ୩ ଦିନ ତଳେ ନିଜ ଶ୍ୱଶୁର ଘର ସେହି ଥାନା ଅଧୀନ ଝରାବେରନି ଗ୍ରାମକୁ ଭୋଜି କରିବାକୁ ଯାଇଥିଲେ। ଶନିବାର ସନ୍ଧ୍ୟାରେ ସେମାନେ ନିଜ ଘରକୁ ବାଇକ୍‌ରେ ଫେରୁଥିଲେ। ସେମାନଙ୍କ ସହିତ ପୁଅ ମଧ୍ୟ ଆସୁଥିଲେ। ବାଟରେ କୌଣସି କାରଣକୁ ନେଇ ଦୁଷ୍ମନ୍ତ ଓ ରିଙ୍କିଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ କାଇପାଲ ଗ୍ରାମ ନିକଟ ରାସ୍ତାପାର୍ଶ୍ୱରେ ବାଇକ୍ ରଖି ସେମାନେ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। ପାଖରେ ରଖିଥିବା କୀଟନାଶକକୁ ସେମାନେ ସେଠାରେ ପିଇବା ସହ ଗୌରବଙ୍କୁ ପିଆଇ ଦେଇଥିଲେ। ଏହାପରେ ଦୁଷ୍ମନ୍ତ ଓ ରିଙ୍କି ଅଚେତ ହୋଇପଡିଥିଲେ। ଗୌରବ ବିଷ ପିଇଥିଲେ ମଧ୍ୟ ଉପାୟଶୂନ୍ୟ ହୋଇ ରାତିସାରା ଜଙ୍ଗଲରେ ମା',ବାପାଙ୍କୁ ଜଗି ରହିଥିଲେ। ରବିବାର ସକାଳ ହେବା ପରେ ଶିଶୁପୁତ୍ର ଜଙ୍ଗଲରୁ ବାହାରି ଆସି ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇବା ସହିତ ଘଟଣା ବିଷୟରେ ଜଣାଇଥିଲେ। ସ୍ଥାନୀୟ ଲୋକେ ଏନେଇ କୁଣ୍ଢେଇଗୋଳା ଥାନା ଓ ଖଇରପାଲି ଫାଣ୍ଡି ପୋଲିସକୁ ସୂଚନା ଦେଇଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଷ୍ମନ୍ତ, ରିଙ୍କି ଓ ଗୌରବଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଦୁଷ୍ମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରିଙ୍କିଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି। ଅପରପକ୍ଷେ ଅବସ୍ଥା ଗୁରୁତର ହେବାରୁ ଗୌରବଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଏନେଇ କୁଣ୍ଢେଇଗୋଳା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୪/୨୫) ରୁଜୁକରି ତଦନ୍ତ ଚଳାଇଛି। ବିଷ ପିଇବାର କାରଣ ଜଣାପଡି ନ ଥିବାବେଳେ ପାରିବାରିକ କଳହରୁ ଦମ୍ପତି ଏଭଳି ନିଷ୍ପତ୍ତି ନେଇଥିବା ସନ୍ଦେହ କରାଯାଉଛି ବୋଲି କୁଣ୍ଢେଇଗୋଳା ଥାନା ଅଧିକାରୀ ଯୋହନ କୁଜୁରୁ ସୂଚନା ଦେଇଛନ୍ତି।








10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ଙ୍କ ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍‌ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍‌ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍‌ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444• Rasulgarh BHARAT BAJAJ 9124717803 • Phulnakhara BHARAT BAJAJ 9124717805 • Charichak MSB BAJAJ 8018881850 , • Banki MSB BAJAJ 9348819293 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Shikharpur RASHMI BAJAJ 9237379210 • Satichaura RASHMI BAJAJ 9237379211 • Rahama MAITREE BAJAJ 9668801781• Chandikhole TARINI BAJAJ 9937310800, • Pattamundai MAITREE BAJAJ 7064987720/9668801781, • Kendrapara TARINI BAJAJ 8338944471 • Rajnagar MAITREE BAJAJ 7064987720/9668801781 • Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Anandapur PARIDA BAJAJ 7381670007, • Udala BALA BAJAJ 8260843646 • Markona SURAJ BAJAJ 9124626001 • Jaleswar SURAJ BAJAJ 9124626016, • Basudevpur SHANKAR BAJAJ 9040902802 • Rairangpur BALA BAJAJ 9583777236 • Harichandanpur JR BAJAJ 7008484029.

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ବିକାଶ ପରିଷଦ ପକ୍ଷରୁ ୨୭ତମ ଶାରଦୀୟ ଅଧିବେଶନ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ରାଜନେତା ସ୍ୱର୍ଗତ ଅଶୋକ ଦାସଙ୍କ ୧୬ତମ ଶ୍ରାଦ୍ଧୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଜନତା ଅଧିକାରର ଏକ ପ୍ରତିନିଧି ଦଳ ଓଡ଼ିଶାରେ ଯାନବାହନ ପାଇଁ ବାଧ୍ୟତାମୂଳକ ସବୁଜ ଷ୍ଟିକର ଏବଂ ପିୟୁସି ପ୍ରମାଣପତ୍ରର କଡ଼ା ପ୍ରବର୍ତ୍ତନର ବିରୋଧ କରି ବାଣିଜ୍ୟ ଏବଂ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ଭେଟିବେ, ସ୍ଥାନ: ଖାରବେଳ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମିଟ୍ ଦ ମିଡିଆ ଫ୍ରେଣ୍ଡସ କାର୍ଯ୍ୟକ୍ରମ, ସ୍ଥାନ: ସିପିଆଇ(ଏମ୍) ଅଫିସ, ଜୟଦେବ ବିହାର, ସମୟ: ମଧ୍ୟାହ୍ନ, ୧୨ଟା।
- ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଆଡ଼ଭେଞ୍ଚର, ସମୟ: ଅପରାହ୍ନ ୩ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟା ଭବନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ଖାରବେଳ ନଗର, ସମୟ: ସନ୍ଧ୍ୟା ୫ଟା ୪୫।
- ଫେମ୍ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବାର୍ଷିକ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୧୯ତମ ଦେବଦାସୀ ଆନ୍ତର୍ଜାତିକ ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଟିପିସିଓଡିଏଲ୍ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ଘେରାଉ, ସ୍ଥାନ: ବାଦାମବାଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଶ୍ରୀ ରାମଚରିତ ମାନସ ସାମୂହିକ ପାଠ ଓ ମହୋତ୍ସବର ଚତୁର୍ଥ ଦିବସ, ସ୍ଥାନ: ମା' ଦୁର୍ଗା ମନ୍ଦିର, ଚୌଧୁରୀ ବଜାର, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ଚାଷଜମି ଅବରୋଧମୁକ୍ତ ଦାବିରେ ଧାରଣା, ସ୍ଥାନ: ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖେ, ସମୟ: ପୂର୍ବାହ୍ନ ୧୦ଟା।
- ସଖା ଅନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ପୂର୍ତ୍ତ ବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଟିଏଲ୍‌ସି ରୋଡସ୍ଥିତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: କଣ୍ଟାବାଡ଼ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଧାନ କ୍ରୟ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉତପଡ଼ା ସମବାୟ ସମିତି, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଉତ୍ସବ ଉତ୍ତର ଓଡ଼ିଶା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କଂଗ୍ରେସ ପକ୍ଷରୁ ଇଲେକ୍ଟ୍ରି ଅଫିସ ଘେରାଉ, ସ୍ଥାନ: ବାଇପାସ୍ ବିଦ୍ୟୁତ୍ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବାଣିଜ୍ୟ ମେଳାର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## ଗଞ୍ଜାମ

- ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ:ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଘେରାଉ, ସ୍ଥାନ: ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ କରଚୁଲି ମାନସ ମଣ୍ଡପ,ସମୟ: ସନ୍ଧ୍ୟା ୭ଟା।

## ଗଜପତି

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।

## ଅନୁଗୋଳ

- ରାଜ୍ୟସ୍ତରୀୟ ଅଷ୍ଟକିଳା ଫୁଟବଲ ଟୁର୍ନାମେଣ୍ଟ ର ଫାଇନାଲ ମ୍ୟାଚ, ସ୍ଥାନ : ଆଠମଲ୍ଲିକ ପତାକା ଖେଳ ପଡିଆ, ସମୟ : ଅପରାହ୍ନ ୨ ଟା ୩୦ ।

## ଜଗତ୍‌ସିଂହପୁର

- ପାରାଦୀପ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ବ୍ଲାକ ସ୍ୱାଇଡର ସଂସ୍ଥା ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ସଦନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲା କଂଗ୍ରେସ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ବିଦ୍ୟୁତ କାର୍ଯ୍ୟାଳୟ, କଜଳା, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପି ଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ବଡ଼ଚଣା ପଞ୍ଚାୟତ ସମିତି ସଭା ଗୃହ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ ଶ୍ରୀଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବ୍ରଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ: ଭାପୁର ବ୍ଲକର ପଥରଚକଡ଼ା, ମାଧପୁର,କେନ୍ଦୁପଲ୍ଲୀ, ମାରଡ, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଚଇତି ଚତୁର୍ଥ ସନ୍ଧ୍ୟା, ସ୍ଥାନ: ରାୟଗଡ଼ା ଜିସିଡି ଖେଳ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ମା'ଗାୟତ୍ରୀ ପାଞ୍ଚକୁଣ୍ଡିୟ ମାହାଯଜ୍ଞ, ସ୍ଥାନ: କୁମ୍ଭାରଗୁଡ଼ା, କୋରୁକୋଣ୍ଡା ବ୍ଲକ୍, ସମୟ: ପ୍ରାତଃ ୫ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ମା'ଗାୟତ୍ରୀ ପାଞ୍ଚକୁଣ୍ଡିୟ ମାହାଯଜ୍ଞ, ସ୍ଥାନ: କୁମ୍ଭାରଗୁଡ଼ା, କୋରୁକୋଣ୍ଡା ବ୍ଲକ୍, ସମୟ: ପ୍ରାତଃ ୫ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ଆୟୋଜନରେ ତ୍ରିରଙ୍ଗା ରାଲି ଓ ପଦଯାତ୍ରା, ସ୍ଥାନ : କୁଦୋପାଲି, ସମୟ : ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି, ସ୍ଥାନ : ମାନେଶ୍ୱର ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକ ସମ୍ମିଳନୀ–୨୦୨୫, ସ୍ଥାନ : ଜିଏମ୍‌ୟୁ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ଘରୋଇ ବସ୍ ମାଲିକ ସଂଘର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ବସ୍ ଟର୍ମିନାଲ, ସମୟ : ପୂର୍ବାହ୍ନ ୧୧ଟା।
- ଯୁବ ଉଦୟନ ଆୟୋଜିତ ନାଟକ କର୍ମଶାଳା ଓ ଆଲୋଚନାଚକ୍ର, ସ୍ଥାନ: ଝାଡୁଆପଡା ସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ପୂର୍ବାହ୍ନ ୧୧ଟା।
- ବରଗଡ଼ ଜିଲା ତଳିପଡା ସମଲେଶ୍ୱରୀ ସଂଘର କଳାକାରମାନେ ପ୍ରସ୍ତୁତ ନାଟକ ଜୀବନ ତାକର ସ୍ୱାଧୀନତା ଆମର (ମାଧୋ ସିଂ) ମଞ୍ଚନ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା।
- ଯୁବ ଉଦୟନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୮ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗୀର ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡାସ୍ଥିତ ଆରଣ୍ୟକ ମଞ୍ଚ, ସମୟ : ରାତି ୯ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତୁରେକେଲା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା କଂଗ୍ରେସ କମିଟି ପକ୍ଷରୁ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ପେଲେସଲାଇନ୍, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ବହୁଭାଷୀ ନାଟକ ସମାରୋହ ମଠଖାଇ ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: କୋଶଳ କଳାମଣ୍ଡଳ ରଙ୍ଗମଞ୍ଚ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

## ରାଉରକେଲା

- ଏବିଭିପି ୫୦ତମ ରାଜ୍ୟ ଅଧିବେଶନ, ସ୍ଥାନ: ସେକ୍ଟର–୬ ସରସ୍ୱତୀ ବିଦ୍ୟାମନ୍ଦିର, ମାଡ୍ରିକଲୋ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗୁରୁସଭା ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ରାଉରକେଲା ଗୁରୁଦ୍ୱାରା, ସମୟ: ଅପରାହ୍ନ ୪ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୁତ୍ରା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଏମ୍ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଧନୁଯାତ୍ରା ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଭବାନୀପାଟଣା ବ୍ଲକ ସେପୁର, ସମୟ: ସନ୍ଧ୍ୟା ୬ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଲମ୍ବସରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, କଣ୍ଟାମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କୁଣ୍ଡେଇଗଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ବୁଦ୍ଧି କୋମନା ପଞ୍ଚାୟତ କଲେଜ ପଡିଆ, ସମୟ: ସକାଳ ୯ଟା ୩୦
- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ତ୍ରୟୋଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପୀତବାସ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ଜୟ ମା' ବସ୍ରେଣ କପ୍ କ୍ରିକେଟ ଟଉର୍ନାମେଣ୍ଟର ଦ୍ୱିତୀୟ ଲିଗ ମ୍ୟାଚ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରିୟ ବ୍ୟକ୍ତିଙ୍କ ଅନୁପସ୍ଥିତି ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇ ଖୁସି ହୋଇଯିବେ। ଉପରିସ୍ଥଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ବହୁତ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆପଣଙ୍କ କୃତି ଓ କୃତିତ୍ୱ କାରଣରୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବୃଷ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାକୁ ପ୍ରସ୍ତୁତି ଚଳାଇପାରନ୍ତି। ସ୍ୱାର୍ଥକେନ୍ଦ୍ରିକ ଚିନ୍ତାଧାରାସମ୍ପନ୍ନ ବନ୍ଧୁଟି ନିଜ କାମକୁ ଗୁରୁତ୍ୱ ଦେଇପାରେ। ପରିବାର ଭିତରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। କର୍ମକ୍ଷେତ୍ରରେ ସାଧାରଣ କଥାରେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ମିଥୁନ** ମଧୁର ବ୍ୟବହାର ଦ୍ୱାରା ଅନ୍ୟକୁ ସହଜରେ ଆକର୍ଷିତ କରିପାରିବେ। ଆନୁଷ୍ଠାନିକ କ୍ଷେତ୍ରରେ ସମସ୍ୟା ସମାଧାନ ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଯେତେ ଭଲ କାମ କଲେ ମଧ୍ୟ ସମାଲୋଚିତ ହେବାକୁ ପଡ଼ିପାରେ।

**କର୍କଟ** ବିଭିନ୍ନ ପ୍ରତିବନ୍ଧକ କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଅନ୍ୟଦ୍ୱାରା ପ୍ରଭାବିତ ନ ହୋଇ ବନ୍ଧୁଙ୍କ ବିବାଦରୁ ଦୂରେଇ ରହିବା ଭଲ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ। ପଡ଼ୋଶୀଙ୍କ ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ସକାଶେ ସାମୟିକ ବାଧା ସୃଷ୍ଟି କରିପାରେ।

**ସିଂହ** ଆଜି ସକାଳୁ କୌଣସି ଦୁଃଖଦ ଖବର ମନକୁ ବିଚଳିତ କରିପାରେ। ସଭାସମିତି କିମ୍ବା ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ବିତର୍କ ସୃଷ୍ଟି ହୋଇପାରେ। ଥଣ୍ଡାଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେକରିପାରନ୍ତି। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସମାଧାନ ହେବାର ଆଶା ରହିଛି।

**କନ୍ୟା** କୌଣସି କର୍ମାରମ୍ଭ ସକାଶେ ଅର୍ଥାଭାବକୁ ବନ୍ଧୁ ସୁଧାରି ନେଇପାରନ୍ତି। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ଘଟିବାର ଆଶଙ୍କା ମଧ୍ୟ ରହିଛି। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଆଲୋଚନା ପରିସରରେ ଅପ୍ରିୟ ସତ୍ୟ କଥା ପ୍ରକାଶ କରି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି।

**ତୁଳା** ଆଜି ପାରିବାରିକ ଅଶାନ୍ତି କର୍ମକ୍ଷେତ୍ରକୁ ପ୍ରଭାବିତ କରିପାରେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ବନ୍ଧୁଙ୍କ ଜରିଆରେ ପାଇ ଖୁସି ହେବେ। ଦିନଚର୍ଯ୍ୟାରେ ଆର୍ଥିକ ସଂକଟ ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ପଡ଼ୋଶୀଙ୍କ ପରାମର୍ଶରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ବିଛା** ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରୁ ଦୂରେଇ ରହିବାକୁ ବାଧ୍ୟ ହେବେ। ଗାଡ଼ି, ମୋଟର, ଘର ମରାମତି ସକାଶେ ଯୋଜନା ପ୍ରଣୟନ କରିବେ। ବନ୍ଧୁଙ୍କ ଆଶ୍ୱାସନାରୁ ଟେନ୍‌ସନ ଦୂର ହେବ ଓ ଅଟକିଥିବା କାମ ଯଥାବିଧି ସମ୍ପନ୍ନ ହେବ। ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ର ତଥା ସଙ୍ଗୀତ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବେ।

**ଧନୁ** ଆଜି ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରିବା ଭଲ। କର୍ମକ୍ଷେତ୍ରରେ ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଥଣ୍ଡା ପ୍ରଭାବରୁ ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି। ମନର ଗୋପନ ବ୍ୟଥାକୁ ସହି ପାରିବେ ନାହିଁ କିମ୍ବା କହି ପାରିବେ ନାହିଁ ଫଳରେ ମନ କଥା ଅପ୍ରକାଶ୍ୟ ରହିଯିବ।

**ମକର** ଆକସ୍ମିକ ପରିବର୍ତ୍ତନରେ ନିଜ ଲୋକଙ୍କୁ ଛାଡ଼ିପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା ମଧ୍ୟ କରି ପାରିବେ ନାହିଁ। ସଭାସମିତି, ପରିବହନ, ସାହିତ୍ୟ ଓ ସାମ୍ବାଦିକତାରୁ ସୁଫଳ ମିଳିବ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିବା ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ସମସ୍ୟା ସମାଧାନ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ବିଭିନ୍ନ ସମସ୍ୟାଜନିତ ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। ସ୍ୱକୀୟ ମତ ପୋଷଣକରି ସମାଲୋଚିତ ହୋଇପାରନ୍ତି। ପିଲାଙ୍କ ବିବାହ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ବ୍ୟବସାୟ କ୍ଷେତ୍ରରେ କର୍ମଚାରୀଙ୍କୁ ଅପ୍ରିୟ ସତକଥା କହି ବିରୋଧର ସମ୍ମୁଖୀନ ହୋଇପାରନ୍ତି।

**ମୀନ** ଜମିଜମା କ୍ରୟବିକ୍ରୟ କ୍ଷେତ୍ରରେ ଆଶାନୁରୂପ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଜିର ପଦ୍ମୁଷ ଯାତ୍ରାରେ ସଫଳତା ହାସଲ କରିବା କଷ୍ଟକର ହୋଇପଡିବ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ, କାରଣ ଟେନ୍‌ସନ ବଢ଼ିବା ବ୍ୟତୀତ ଲାଭ କିଛି ହେବନି।

ଆଜି ଡିସେମ୍ବର ୨୯ ତାରିଖ, ପୌଷ ଶୁକ୍ଳ ନବମୀ ଯୁକ୍ତ ଦଶମୀ ସୋମବାର। ରାଶିନକ୍ଷତ୍ର–ସକାଳ ଘ.୦୭.୪୦ ଗତେ ଅଶ୍ୱିନୀ/ମେଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୪ ଗତେ ଘ.୦୭.୪୫ ମଧ୍ୟେ, ଘ.୦୯.୧୭ ଗତେ ଘ.୧୧.୨୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୪୫ ଗତେ ଘ.୦୯.୦୬ ମଧ୍ୟେ ରାହୁ କାଳ ।

## ୧୦୦୦ ଟଙ୍କା ବଢ଼ିଲା ...

ଏହା ଅନେକ ସମୟରେ କୁସଂସ୍କାର, ଅନ୍ୟାୟ ଓ ଅସମାନତା ବିରୋଧରେ ଲୋକଙ୍କୁ ସଚେତନ କରିଛି। ଯୁବପିଢ଼ିଙ୍କୁ ମୋର ଅନୁରୋଧ, ଆମର ଏହି ମହାନ୍ ଲୋକକଳା ସଂସ୍କୃତି ଉପରେ ଅଧିକ ଗବେଷଣା କରନ୍ତୁ। ଯୁବପିଢ଼ିଙ୍କ ଭିତରେ ଯଦି ଆଗ୍ରହ ବଢ଼ିବ ତେବେ ନିଶ୍ଚିତ ରୂପେ ଆମର ଏହି ମହାନ୍ ଲୋକକଳା ଆହୁରି ଉଜ୍ଜ୍ୱଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ସାଂସଦ ଅନନ୍ତ ଚରଣ ନାୟକ, ବିଧାୟକ ଫକୀର ମୋହନ ନାଏକ, ବିଧାୟକ ଅଖିଳ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏଇ ପଦକ ଶୁଣୁଥିବି**
**ସୁନ୍ଦର ବଦନ ଚାହୁଁଥିବି**
**ଲୁଣ ଘିନି ଭାତ ଖାଉଥିବି ।**

ପତିପତ୍ନୀଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ଠିକ ଥିଲେ ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଯେତେ ଅଭାବ ଅନଟନ ଲାଗିରହିଲେ ମଧ୍ୟ ତା'ର କଷ୍ଟ ଜମା ଜଣାପଡି ନଥାଏ କି ଅଭାବ ମନକୁ ସେତେ ବ୍ୟଥିତ କରି ନଥାଏ। ପତିର ମଧୁର ଭାଷା, ଚାହାଣି ଓ ବ୍ୟବହାର ପାଖେ ପତ୍ନୀ ମନ ବନ୍ଧା ପଡିଯାଇଥାଏ। ଏପରି ସ୍ଥଳେ କିଛି ନଥିଲେ ସୁଦ୍ଧା ସେ ମନ ଊଣା କରୁ ନଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଏକା ମାଘକେ**
**ଶୀତ ଯାଏ ନାହିଁ ।**

ମାଘ ମାସ ଶୀତ ମାସ। ଗୋଟିଏ ମାଘ ଗଲେ ଶୀତ ଚାଲି ଯାଏନି। ପୁଣି ଆର ବର୍ଷକୁ ମାଘ ମାସ ହେଲେ ଶୀତ ହୁଏ। ବିପଦଟି ସରିଗଲେ ପୁଣି କେବେ ନା କେବେ ଆସିବା ଭଳି କୌଣସି ଅସୁବିଧା ସବୁଦିନ ପାଇଁ ଏକାବେଳେ ଦୂର ହୋଇଯାଏ ନାହିଁ। ଘଟଣାର ପୁନରାବୃତ୍ତି ହେବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ମହାପ୍ରଭୁଙ୍କ ରାତି ...

ନିଜର ଅସନ୍ତୋଷ ତଥା ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ତେଣୁ ଏହା ଧାର୍ମିକ ଦୃଷ୍ଟିକୋଣରୁ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କ୍ୟାଲେଣ୍ଡର ବଦଳୁଥିବା ଜାନୁଆରୀ ୧ ତାରିଖ ପାଇଁ ମହାପ୍ରଭୁଙ୍କୁ ରାତିଅନିଦ୍ରା ନ କରି ସ୍ୱାଭାବିକ ଦୈନନ୍ଦିନ ନୀତି ସମ୍ପନ୍ନ କରାଯାଉ ବୋଲି ସାହୁ ଅନୁରୋଧ କରିଛନ୍ତି। ତେବେ ପୂର୍ବରୁ ଅନେକ ବ୍ୟକ୍ତିବିଶେଷଙ୍କଠାରୁ ଅନୁଷ୍ଠାନ ମଧ୍ୟ ରାତ୍ରିରେ ଦ୍ୱାରଫିଟାକୁ ନେଇ ଆପତ୍ତି କରିଆସୁଥିବା ବେଳେ ଶ୍ରୀମନ୍ଦିର ପରିଚାଳନା କମିଟିର ଜଣେ ସଦସ୍ୟ ମହାପ୍ରଭୁଙ୍କୁ ରାତି ଅନିଦ୍ରା କରା ନ ଯାଉ ବୋଲି ଚିଠି ଲେଖିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କର ଏବେ ପହିଲି ଭୋଗ ନୀତି ଜାରି ରହିଛି। ପହିଲି ଭୋଗର ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ରାତ୍ରପହୁଡ଼ କରାଯାଇ ରାତି ୨ଟା ପରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଉଛି। ବର୍ତ୍ତମାନ ନୀତିନିର୍ଘଣ୍ଟ ଅନୁଯାୟୀ ରାତି ୧୧ଟାରେ ପହୁଡ଼ କରାଯାଉଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦେଖି ଶୀଘ୍ର ପହୁଡ଼ କରାଯାଇ ଦ୍ୱାରଫିଟା ଯାଉଛି, ତାହାକୁ ଆମେ ପ୍ରତିବାଦ କରୁଛୁ ବୋଲି ସେ କହିଛନ୍ତି।

ଏନେଇ ଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ଦାସମହାପାତ୍ର କହିଛନ୍ତି, ଭକ୍ତଙ୍କ ଭାବାବେଗକୁ ଦେଖିବା ଆବଶ୍ୟକ। ଭକ୍ତଙ୍କ ଭାବାବେଗକୁ ପ୍ରାଧାନ୍ୟ ନ ଦିଆଯାଇ ମନଇଚ୍ଛା କାର୍ଯ୍ୟ କରାଯାଉଛି। ମହେଶ ସାହୁ ଯାହା କହିଛନ୍ତି ତାହା ସ୍ୱାଗତଯୋଗ୍ୟ। ସେ ତାଙ୍କ ଧାର୍ମିକ ଦୃଷ୍ଟିକୋଣରୁ ଏହା କହିଛନ୍ତି। ସମସ୍ତ ଭକ୍ତ ସୁବିଧାରେ ଦର୍ଶନ କରିବା ଉଚିତ୍ ନ ହେଲେ ବିଶୃଙ୍ଖଳା ସୃଷ୍ଟିହେବ। ସାହୁଙ୍କ ମତରେ ଯଦି ଅନ୍ୟ ଲୋକ ସ୍ୱର ମିଶାନ୍ତେ, ତେବେ ଠିକ୍ ହୁଅନ୍ତା ବୋଲି ମହାପାତ୍ର କହିଛନ୍ତି। ସେହିପରି ଜାପାନରେ ପ୍ରବାସୀ ଭାରତୀୟ ବିଜୟ ବେହେରା କହିଛନ୍ତି, ପଣା ସଂକ୍ରାନ୍ତି ହେଉଛି ଓଡ଼ିଆଙ୍କ ନବବର୍ଷ। ସେହିପରି ଚୈତ୍ର ଶୁକ୍ଳ ପ୍ରତିପଦାରେ ରାଷ୍ଟ୍ରୀୟ ନବବର୍ଷ ତଥା ହିନ୍ଦୁ ନବବର୍ଷ ପଡ଼ିଥାଏ। ଇଂରାଜୀ କ୍ୟାଲେଣ୍ଡରରେ ପରିବର୍ତ୍ତନ ହୋଇ ନୂଆ ଇଂରାଜୀ ବର୍ଷ ଆରମ୍ଭ ହୋଇଥାଏ। ଏହା ଶ୍ରୀମନ୍ଦିର ପରମ୍ପରା ଓ ସଂସ୍କୃତି ସହ କୌଣସିମତେ ଜଡ଼ିତ ନୁହେଁ। ତେଣୁ ଉକ୍ତ ଦିନ ମହାପ୍ରଭୁଙ୍କୁ ରାତି ଅନିଦ୍ରା କରିବାର କୌଣସି କାରଣ ନାହିଁ। ତେଣୁ ପରମ୍ପରାକୁ ଅକ୍ଷୁଣ୍ଣ ରଖି ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବା ସହ ନିର୍ଦ୍ଧାରିତ ସମୟରେ ଦ୍ୱାର ଫିଟାଯାଉ।

## ପ୍ରଦୂଷଣ: ଲୋକେ ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନନ୍ଦୁରୀ ନିର୍ଦ୍ଦେଶ ଦେଇଛନ୍ତି। ସେ ପ୍ରଦାନ କରିଥିବା ଆକ୍ସନ ଟେକେନ୍ ରିପୋର୍ଟ(ଏଟିଆର୍)ରେ ଦର୍ଶାଇଛନ୍ତି, ଏଥିନେଇ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କର। ଯେଉଁ ସ୍କ୍ୱାଡ୍ ପ୍ରତିଦିନ ଜିଲା ତଥା ସହରର ବିଭିନ୍ନ ସ୍ଥାନରୁ ବାହାରୁଥିବା ଧୂଳିକଣା ଉପରେ ନଜର ରଖିବ। କେଉଁ କାରଣରୁ ଧୂଳିକଣା ସୃଷ୍ଟି ହେଉଛି ଏବଂ ତାହା କିଭଳି ପ୍ରତିହତ ହୋଇପାରିବ, ସେଦିଗରେ ପଦକ୍ଷେପ ଗ୍ରହଣ କରିବ। ଏହାସହିତ ପ୍ରତିଦିନ ରାସ୍ତାଘାଟ ରୋଡ୍‌କ୍ଲିନର ମାଧ୍ୟମରେ ସଫା ରଖିବାକୁ ପଡ଼ିବ। ଏହାବାଦ୍ ରାସ୍ତାରେ ପାଣି ମଧ୍ୟ ସିଞ୍ଚନ କରିବାକୁ ହେବ।

ନନ୍ଦୁରୀ ପୁଣି ଦର୍ଶାଇଛନ୍ତି, ରାସ୍ତାପାଖ ଢାବା ନିକଟରେ ଯେପରି କୋଇଲା ପ୍ରଭୃତି ବ୍ୟବହାର ନ ହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। କୋଇଲା ଓ କାଠ ଜଳାଯାଉଥିବା ଢାବା ବିରୋଧରେ ପ୍ରଦୂଷଣ ନିୟମ ୧୯୫୪ ଅନୁଯାୟୀ କଠୋର ପଦକ୍ଷେପ ଗ୍ରହଣ କରାଯାଇପାରିବ। ସେହିପରି ସରକାରଙ୍କ ପକ୍ଷରୁ ଯେତେସବୁ ସ୍ଥାନରେ ନିର୍ମାଣ କାର୍ଯ୍ୟ ଜାରି ରହିଛି ସେଠାରେ ୧୦ ମିଟର ଜିସିଆଇ ଶିଟ୍ ବ୍ୟବହାର ହେଉଛି କି ନାହିଁ ତାହା ପରଖିବାକୁ ହେବ। ଯଦି କୌଣସିଠାରେ ଏହା କରାଯାଉ ନ ଥିବ ତେବେ ନିୟମ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ନନ୍ଦୁରୀ ଦର୍ଶାଇଛନ୍ତି।

ସେହିପରି ଯେଉଁଠାରେ ଘର ଭଙ୍ଗାହେଉଛି ସେଠାରେ ପ୍ରଦୂଷଣ ନିୟମ ପାଳନ ହେଉଛି କି ନାହିଁ ତାହା ମଧ୍ୟ ପରଖିବାକୁ ହେବ। ବର୍ଜ୍ୟ ପରିଚାଳନା ନିୟମ–୨୦୧୬ ଅନୁଯାୟୀ, ସେଠାରୁ ବ୍ୟବସ୍ଥିତ ଢଙ୍ଗରେ ବର୍ଜ୍ୟ ଉଠାଇ ସ୍ଥାନାନ୍ତର କରିବାକୁ ପଡ଼ିବ। ଏହାସହିତ ରାସ୍ତାରେ ଗଡୁଥିବା ଗାଡ଼ି ମଧ୍ୟରୁ କେଉଁ ଗାଡ଼ି ଅଧିକ ଧୂଆଁ ଛାଡୁଛି ଏବଂ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଛି ତାହାକୁ ନିୟମିତ ଯାଞ୍ଚ କର। ଏହାବାଦ୍ ଶିଶୁ, ବୃଦ୍ଧାବୃଦ୍ଧମାନେ ଯେପରି ବାୟୁ ପ୍ରଦୂଷଣରେ ଛନ୍ଦି ନ ହେବେ ତାହାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ଭିଡ଼ ଏଡ଼ାଇବା ଏବଂ ବିଦ୍ୟାଳୟକୁ ଯିବା ଓ ଛୁଟି ସମୟରେ ନିୟମିତ ତଦାରଖ କରିବାକୁ ସଦସ୍ୟ ସଚିବ ଦର୍ଶାଇଛନ୍ତି।

## ଦିଲ୍ଲୀ ପ୍ରଦୂଷଣ...

ଯୋଗୁ ଅକ୍ଷରଧାମ ମନ୍ଦିର ଝାପ୍‌ସା ଦେଖାଯାଉଥିଲା। ଉକ୍ତ ଅଞ୍ଚଳରେ ଏକ୍ୟୁଆଇ ୪୪୫ ଥିଲା। ଏମ୍ସ ଓ ଏହାର ଆଖପାଖ ଅଞ୍ଚଳରେ ଏକ୍ୟୁଆଇ ୩୪୦ ଥିଲା। ବାୟୁ ପ୍ରଦୂଷଣର ଗମ୍ଭୀର ସ୍ଥିତିକୁ ଲକ୍ଷ୍ୟ କରି ଦିଲ୍ଲୀ–ଏନ୍‌ସିଆର୍‌ରେ ଗ୍ରେଡେଡ୍ ରେସ୍ପନ୍ସ ଆକ୍ସନ ପ୍ଲାନ୍ (ଜିଆର୍‌ଏପି)ର ତୃତୀୟ ପର୍ଯ୍ୟାୟ ଲାଗୁ କରାଯାଇଛି। ତଦନୁଯାୟୀ ସହର ମଧ୍ୟରେ ନିର୍ମାଣ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲାଗିଥିବାବେଳେ କଳକାରଖାନା କାର୍ଯ୍ୟ ଉପରେ କଟକଣା ଜାରି ହୋଇଛି। ଅଙ୍ଗାରକାମ୍ଳ ନିର୍ଗମନ କମାଇବା ପାଇଁ ଗାଡ଼ିର ପିୟୁସି (ପଲ୍ୟୁଶନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍) ନାହିଁ ତ ତେଲ ନାହିଁ ନୀତି ଲାଗୁ ହୋଇଛି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ବାୟୁ ଗୁଣବତ୍ତା ସୂଚକାଙ୍କ ୪୦୦ ଅତିକ୍ରମ କରିଥିବା କାରଣରୁ ଆକ୍ୟୁମ୍‌ସ ଡ୍ରଗ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ୍ସ ଫାଇନାନ୍ସ ଅଧ୍ୟକ୍ଷ ରାଜକୁମାର ବାଫ୍‌ନା ରବିବାର ଇସ୍ତଫା ଦେଇଛନ୍ତି। ଦିଲ୍ଲୀର ସାମ୍ପ୍ରତିକ ପ୍ରଦୂଷଣ ସ୍ତରକୁ ନେଇ ସେ ଚାକିରି ଛାଡୁଥିବା କମ୍ପାନୀର ମୁଖ୍ୟ ଫାଇନାନ୍ସ ଅଫିସର (ସିଏଫ୍‌ଓ) ସୁମିତ ସୁଦ୍‌ଙ୍କୁ ଇମେଲ୍ ଯୋଗେ ଜଣାଇଥିବା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଦାଖଲ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ବାଫ୍‌ନାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବିଚାରକୁ ନେଇ କମ୍ପାନୀ ତାଙ୍କୁ ଡିସେମ୍ବର ୩୧ରୁ କାର୍ଯ୍ୟରୁ ଅବ୍ୟାହତି ଦେବାକୁ ନିଷ୍ପତ୍ତି ନେଇଥିବା ସିଏଫ୍‌ଓ କହିଛନ୍ତି।

## ହୋମ୍‌ଗାର୍ଡ ଚାକିରି ...

ଶାରୀରିକ ପରୀକ୍ଷାକୁ ଯିବେ ବୋଲି ଜଣାପଡ଼ିଛି। ଏହି ପରୀକ୍ଷା ପଞ୍ଚମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ଯୁବତୀ ଯୁବକମାନଙ୍କ ପାଇଁ ଆୟୋଜିତ ହୋଇଥିଲା। କିନ୍ତୁ ସ୍ନାତକୋତ୍ତର, ସ୍ନାତକ ପାସ କରିଥିବା ଯୁବତୀ ଯୁବକମାନେ ହୋମ୍‌ଗାର୍ଡ ପରୀକ୍ଷା ଦେବାକୁ ଆସିଥିଲେ। ଏଥିସହିତ ଜିଲା ବାହାରୁ ମଧ୍ୟ ବହୁ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାରୁ ଝାରସୁଗୁଡ଼ା ଜିଲାର ପରୀକ୍ଷାର୍ଥୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନିଜ ଜିଲାର ପରୀକ୍ଷାର୍ଥୀଙ୍କୁ ଅଗ୍ରାଧିକାର ଦେବାପାଇଁ ଆଗାମୀ ଦିନରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିବେ ବୋଲି ସେମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ରବିବାର ଅନୁଷ୍ଠିତ ପରୀକ୍ଷାରେ ୫୦ ନମ୍ବର ବିଶିଷ୍ଟ ମଲ୍ଟିପୁଲ୍ ଚଏସ୍ ପ୍ରଶ୍ନପତ୍ରର ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନେ ପ୍ରକାଶ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ଯେଭଳି ନ ହୁଏ, ସେଥିପାଇଁ ଛାତ୍ରୀଛାତ୍ର ଏବଂ ଡ୍ୟୁଟିରେ ଥିବା ପୋଲିସ ଅଧିକାରୀଙ୍କୁ ବି ମୋବାଇଲ ନେବା ଲାଗି ବାରଣ କରାଯାଇଥିଲା।

ସେହିପରି ମୟୂରଭଞ୍ଜ ଜିଲାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୨୦,୧୨୦ ପରୀକ୍ଷାର୍ଥୀ ବାରିପଦା ରିଜର୍ଭ ପୋଲିସ ଗ୍ରାଉଣ୍ଡ ଓ ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ପରୀକ୍ଷା ଦେଇଛନ୍ତି। ଜିଲାର ଗୃହରକ୍ଷୀ କମାଣ୍ଡାଣ୍ଟ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ମୋଟ ୩୧୦ ପଦବୀ ପାଇଁ ଏହି ପରୀକ୍ଷା ହୋଇଛି। ଏଥିପାଇଁ ଚଳିତବର୍ଷ ମାର୍ଚ୍ଚରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଚାକିରି ଖଣ୍ଡିଏ ପାଇଁ ବି. ଟେକ୍‌ଠାରୁ ଆରମ୍ଭ କରି ଏମ୍. ଟେକ, ଏମ୍‌ବିଏ, ଏମ୍‌ସିଏ, ପିଜି ଓ ସ୍ନାତକ କରିଥିବା ଆଶାୟୀ ଆବେଦନ କରିଛନ୍ତି। ମୋଟ ୨୪ ହଜାରରୁ ଊର୍ଦ୍ଧ୍ୱ ଆବେଦନକାରୀଙ୍କ ମଧ୍ୟରୁ ୨୦ ହଜାର ୧୨୦ ପରୀକ୍ଷାର୍ଥୀ ଲିଖିତ ପରୀକ୍ଷା ଦେଇଛନ୍ତି। ବାରିପଦା ସଦର, ବେତନଟୀ ଓ ଉଦଳା ସବ୍‌ଡିଭିଜନ ପାଇଁ ବାରିପଦାର ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୧୨ ହଜାର ୭୨୦, ରାଇରଙ୍ଗପୁର ଓ କରଞ୍ଜିଆ ସବ୍‌ଡିଭିଜନ ପାଇଁ ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ୭୪୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

## ଉନ୍ନାଓ ମାମଲା...

ସିବିଆଇ ଏହାର ଅପିଲ୍‌ରେ ଏଲ୍.କେ. ଆଡଭାନୀ ମାମଲାର ରାୟକୁ ଉଲ୍ଲେଖ କରିଛି। ଏମ୍‌ପି, ବିଧାୟକଙ୍କ ଭଳି ପଦବୀରେ ଥିବା ଯେକୌଣସି ବ୍ୟକ୍ତି ଜନସାଧାରଣଙ୍କ ସେବକ ବୋଲି ସର୍ବୋଚ୍ଚ ଅଦାଲତ ଉକ୍ତ ରାୟରେ କହିଥିଲେ। ସେନ୍‌ଗାର ଅପରାଧ କଲାବେଳେ ବିଧାୟକ ଥିଲେ। ଗତ ୨୩ ତାରିଖରେ ହାଇକୋର୍ଟ ପୋକ୍‌ସୋ ଆଇନ ଅନୁଯାୟୀ ମାମଲାର ବିଚାର କଲାବେଳେ ତାଙ୍କୁ ଜନସାଧାରଣଙ୍କ ସେବକ ବିବେଚନା ନ କରି ଜାମିନ ପ୍ରଦାନ କରିବା ତ୍ରୁଟିପୂର୍ଣ୍ଣ ବୋଲି ସିବିଆଇ ଦର୍ଶାଇଥିଲା। ସେନ୍‌ଗାରଙ୍କୁ ଜାମିନ ପ୍ରଦାନକୁ ବିଭିନ୍ନ ସଂଗଠନ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି।

# ରାମ୍‌କୋ ସିମେଣ୍ଟକୁ ଏନ୍‌ଜିଟିର ଜବାବ ତଲବ

ଯାଜପୁର,୨୮।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ହରିଦାସପୁରରେ ଗଢ଼ି ଉଠିଥିବା ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ କାରଖାନା ପରିସରରେ ବିନା ପରିବେଶଗତ ମଞ୍ଜୁରୀରେ ଡ୍ରାଏ ମୋର୍ଟାର ନାମରେ ଏକ ଅତିରିକ୍ତ ସିମେଣ୍ଟ ମିଲ୍ ପ୍ରତିଷ୍ଠା କରାଯାଇଛି। ଏହାଦ୍ୱାରା ବାର୍ଷିକ ୦.୯୦ ମିଲିୟନ ଟନ୍(ଏମ୍‌ଟି)ରୁ ୧.୮୦ ଏମ୍‌ଟି(ଲାଇନ-୨)କୁ ଉତ୍ପାଦନ ବୃଦ୍ଧି ଘଟିଛି। ଏନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୟୁଥ୍ ୟୁନାଇଟେଡ୍ ଫର ସଷ୍ଟେନେବୁଲ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ଏନ୍‌ଜିଟିରେ ୨୧୧/୨୦୨୫/ଇଜେଡ ନମ୍ବରରେ ଏକ ମାମଲା ରୁଜୁ ହେବା ସହ ରାମକୋ ସିମେଣ୍ଟ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏକ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଓ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ୨୩ ତାରିଖରେ ନିର୍ଦ୍ଦେଶ ଜାରି କରିଛନ୍ତି।


ରାମ୍‌କୋ ସିମେଣ୍ଟ ୟୁନିଟ୍

- ପରିବେଶ ଅନୁମତି ନ ଥାଇ ଅତିରିକ୍ତ ସିମେଣ୍ଟ ମିଲ୍
- ୧ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ
- ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରାମକୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପକ୍ଷରୁ ରେଲୱେ ଦ୍ୱାରା ପରିବହନ ୯୦%ରୁ କମ ନ ହେବା, ଭୂତଳ ଜଳ ଉତ୍ତୋଳନ, ୩୩% ସବୁଜ ବଳୟର ବିକାଶ ଏବଂ ୬ ମାସିଆ ରିପୋର୍ଟ ଦାଖଲ କରିବା ସମ୍ବନ୍ଧୀୟ ସର୍ତ୍ତାବଳୀ ଉଲ୍ଲଂଘନ କରାଯାଇଛି। ଏହି କମ୍ପାନୀ ୧୦।୬।୨୦୨୫ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ଠାରୁ ମାସିକ ୮୩୦୦ ଏମ୍‌ଟି ଡ୍ରାଏ ମୋର୍ଟାର ଉତ୍ପାଦନ ପାଇଁ ଅନୁମତି ପାଇଛି। କିନ୍ତୁ ପୂର୍ବରୁ ୨୬।୫।୨୦୨୨ରେ ପାଇଥିବା ପରିବେଶ ଅନୁମତି ପତ୍ରରେ ଡ୍ରାଏ ମୋର୍ଟାର ଉତ୍ପାଦନ ସମ୍ପର୍କରେ କୌଣସି ଉଲ୍ଲେଖନାହିଁ। ବାର୍ଷିକ ୦.୯ ଏମ୍‌ଟି କ୍ଷମତା ବିଶିଷ୍ଟ ପୋର୍ଟଲ୍ୟାଣ୍ଡ ପୋଜୋଲାନା ସିମେଣ୍ଟ, ପୋର୍ଟଲ୍ୟାଣ୍ଡ ସ୍ଲାଗ୍ ସିମେଣ୍ଟ, ସାଧାରଣ ପୋର୍ଟଲ୍ୟାଣ୍ଡ ସିମେଣ୍ଟ, ସଲଫେଟ ପ୍ରତିରୋଧୀ ପୋର୍ଟଲ୍ୟାଣ୍ଡ ସିମେଣ୍ଟ, ମ୍ୟାସରୀ ସିମେଣ୍ଟ ଏବଂ କମ୍ପୋଜିଟ ସିମେଣ୍ଟ ଉତ୍ପାଦନ ପାଇଁ ଏସ୍‌ପିସିବିରୁ ୧୦।୬।୨୦୨୫ରେ ଦୁଇଟି ଭିନ୍ନ ନାମରେ କନସେଣ୍ଟ ଟୁ ଅପରେଟ(ସିଟିଓ) ପାଇଥିଲା। ଚକ୍ରଧରପୁରର ପ୍ଲଟ ନଂ.୮୮ରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିକୁ ଜବରଦଖଲ କରି ସେହି ଜମିରେ ବିଦ୍ୟୁତ ସବଷ୍ଟେଶନ ନିର୍ମାଣ କରିଥିଲା। ବନ ସଂରକ୍ଷଣ ନିୟମ-୧୯୬୦ ଉଲ୍ଲଂଘନ କରି ସେମାନଙ୍କର ସୀମା ପ୍ରାଚୀର ମଧ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରିଥିଲା। ଆବେଦନକାରୀ ଏବଂ ଅନ୍ୟ ଗ୍ରାମବାସୀ ଏହି ଅନିୟମିତତା ନେଇ ୧୫।୯।୨୦୨୫ରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ଏଯାଏ ମିଳି ନାହିଁ। ସୂଚନାଯୋଗ୍ୟ, ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ କାରଖାନା ଆଇନଗତ ଅଧିକାର ନ ଥିବା ୫.୪୨ ଏକର ଶ୍ମଶାନ, ଜଳାଶୟ ଏବଂ ଗ୍ରାମ୍ୟ ଜଙ୍ଗଲକୁ ଦଖଲ କରିଛି। ଏନେଇ ପ୍ରିନ୍ସିପାଲ ଆକାଉଣ୍ଟ ଜେନେରାଲ(ଏଜି)ର ଅଡିଟ-୧ ରିପୋର୍ଟରେ ଧରାପଡ଼ିଛି। ଏହାପରେ ଧର୍ମଶାଳା ତହସିଲଦାର ଏଜି ରିପୋର୍ଟକୁ ଭିତ୍ତିକରି ୧ କୋଟି ୫୨ ଲକ୍ଷ ୯୪ ହଜାର ୩୧୮ ଟଙ୍କା ଜରିମାନା ସରକାରଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପରୋକ୍ତ ସରକାରୀ ଜମି ଖାଲି କରିବାକୁ ରାମକୋ ସିମେଣ୍ଟ ଲିଃର ୟୁନିଟ ହେଡଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏହାପରେ ରାମକୋ ସିମେଣ୍ଟର ଜମି ଅଧିଗ୍ରହଣ ପ୍ରକ୍ରିୟାରେ କଳାକାରନାମା ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ରାମକୋ ସିମେଣ୍ଟ ବିନା ଜନଶୁଣାଣିରେ କାରଖାନା ପ୍ରତିଷ୍ଠା କରିଛି। ଏନେଇ ପୂର୍ବରୁ ବହୁବାର ଅଭିଯୋଗ ହୋଇଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ରେଲ୍‌ୱେରେ ସମସ୍ତ ଉତ୍ପାଦନ ଓ କଞ୍ଚାମାଲ ସାମଗ୍ରୀ ପରିବହନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଜନଶୁଣାଣିକୁ ବାଦ ଦିଆଯାଇଥିବାବେଳେ ବାସ୍ତବରେ ରାସ୍ତା ଉପରେ ପରିବହନ ପାଇଁ ଏହି କମ୍ପାନୀ ନିର୍ଭର କରୁଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ରେଲ୍‌ୱେରେ ପରିବହନ ହେଉଥିଲେ କୌଣସି ଜନଶୁଣାଣିର ଆବଶ୍ୟକତା ନାହିଁ। ମାତ୍ର ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ମୃତ ଶିଶୁର ଚିକିତ୍ସା ପାଇଁ ଜିଲା ଚିକିତ୍ସାଳୟକୁ ପଠାଇଲେ ଡାକ୍ତର

ପାରଳାଖେମୁଣ୍ଡି,୨୮।୧୨(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ସ୍ୱାସ୍ଥ୍ୟସେବା ବିଗିଡ଼ିବାରେ ଲାଗିଛି। ଜଣଙ୍କର ମୃତ୍ୟୁ ଘଟିଥିଲେ ସୁଦ୍ଧା ତାକୁ ଉଚ୍ଚ ଚିକିତ୍ସା ପାଇଁ ଡାକ୍ତର ଅନ୍ୟତ୍ର ସ୍ଥାନାନ୍ତର କରିବା ପରି ଘଟଣା ଜିଲାର ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖିବାକୁ ମିଳିଛି। ଆର. ଉଦୟଗିରି ବ୍ଲକ ଭାଲିଆସାହି ଡଳକୋଟା ଗ୍ରାମର ସରସ୍ୱତୀ ମଣ୍ଡଳ ତାଙ୍କ ତିନି ମାସର ଶିଶୁପୁତ୍ରର ସ୍ୱାସ୍ଥ୍ୟ ଖରାପ ଥିବାରୁ ରବିବାର ସକାଳେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଶିଶୁପୁତ୍ରର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିବା କହି କାର୍ଯ୍ୟରତ ଡାକ୍ତର ତାଙ୍କୁ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଶିଶୁର ଚିକିତ୍ସା ଆରମ୍ଭ କରିବାବେଳକୁ ତା'ର ଦୀର୍ଘ ଘଣ୍ଟା ପୂର୍ବରୁ ମୃତ୍ୟୁ ହୋଇଯାଇଥିବା ସରସ୍ୱତୀଙ୍କୁ କହିଥିଲେ। ଡାକ୍ତରଙ୍କଠାରୁ ଏପରି ଶୁଣି ସରସ୍ୱତୀ ତାଙ୍କ ଶିଶୁପୁତ୍ରକୁ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପୂର୍ବରୁ ତା'ର ମୃତ୍ୟୁ ହୋଇ ସାରିଥିବା ସନ୍ଦେହ କରୁଛନ୍ତି। ସେ ଅତି ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କ ସ୍ୱାମୀ ପ୍ରଦୀପ ରଇତ ବାହାର ରାଜ୍ୟରେ ଦାଦନ ଖଟି ପରିବାର ଚଳାଉଛନ୍ତି। ଯଦି ରାମଗିରି ଡାକ୍ତର ତାଙ୍କ ଶିଶୁଟିର ମୃତ୍ୟୁ ହୋଇଥିବା ଜାଣିଥିଲେ, ତେବେ କାହିଁକି ଆମକୁ ପାରଳାଖେମୁଣ୍ଡି ପଠାଇଲେ ବୋଲି ସରସ୍ୱତୀ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷରେ ଏ ସମ୍ପର୍କରେ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁବ୍ରତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସମ୍ପୃକ୍ତ ମହିଳା ଶିଶୁଟିକୁ ଶନିବାର ରାତିରେ ରାମଗିରି ଡାକ୍ତରଖାନା ଆଣିଥିଲେ। ଶିଶୁଟିର ଚିକିତ୍ସା କରାଯାଇଥିଲା। ରବିବାର ଶିଶୁଟିର ସୁଗାର ଲେବଲ କମିଥିଲା। ଶିଶୁଟି କିଛି ଖାଉ ନ ଥିଲା କି କାନ୍ଦୁ ନ ଥିଲା। ଫଳରେ ତା'ର ଅଧିକ ଚିକିତ୍ସା ପାଇଁ ତାକୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ସକାଳ ୮ଟା ୪୦ରେ ପଠାଯାଇଥିଲା। ସେତେବେଳକୁ ଶିଶୁଟି ଜୀବିତ ଥିଲା ବୋଲି ଡାକ୍ତର ସାହୁ କହିଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମୁବାରକ ଅଲ୍ଲିଙ୍କୁ ପଚାରିବାରେ, ଯଦି ଏପରି ଘଟଣା ଘଟିଛି ତେବେ ଏହାର ତଦନ୍ତ ହେବ। ଯିଏ ଦୋଷୀ ହେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ବିଜୁ ଯୁବ ଓ ଛାତ୍ର ଜନତା ଦଳର ନୂଆ ରାଜ୍ୟ କମିଟି

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି) ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜେଡିର ଯୁବ ଓ ଛାତ୍ର ଶାଖା ରାଜ୍ୟ କମିଟିରେ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ସେଥିମଧ୍ୟରେ ଯୁବ ବିଜେଡିର ୪ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୬୦ କର୍ମକର୍ତ୍ତା ଓ ଛାତ୍ର ବିଜେଡିର ୫ ଜଣ କାର୍ଯ୍ୟକାରୀ ସଭାପତିଙ୍କୁ ମିଶାଇ ୧୪୫ କର୍ମକର୍ତ୍ତା ରହିଛନ୍ତି।

ଏନେଇ ଶଙ୍ଖ ଭବନଠାରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ପ୍ରତିଷ୍ଠା ଦିବସରେ ସଭାପତି ଯେଉଁ ମାର୍ଗଦର୍ଶନ କରିଛନ୍ତି ତାହାକୁ ନେଇ ବିଜେଡି ଯୁବମୋର୍ଚ୍ଚା ପକ୍ଷରୁ ନୂତନ ରଣନୀତି ପ୍ରସ୍ତୁତ ହୋଇଛି। ରାଜ୍ୟ ସରକାରଙ୍କ ଅବହେଳା ଓ ସମ୍ବେଦନହୀନ ଶାସନ ବିରୋଧରେ ପ୍ରତ୍ୟେକ ସ୍ତରରେ ବିଜୁ ଯୁବ ଜନତା ଦଳ ରାଜ୍ୟବାସୀଙ୍କ ସ୍ୱର ହୋଇ ଦୃଢ଼ ପ୍ରତିବାଦ କରିବ।

ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ କହିଛନ୍ତି, ରାଜ୍ୟରେ ଭାଜପା ସରକାର ଆସିବା ପରଠାରୁ ଆଇନଶୃଙ୍ଖଳା ସ୍ଥିତି ବିପନ୍ନ ହୋଇଛି। ମହିଳାବିରୋଧୀ ହିଂସା ଓ ଛାତ୍ରୀମାନଙ୍କ ଉପରେ ଅତ୍ୟାଚାର ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ଛାତ୍ର ସମାଜର ସ୍ୱାର୍ଥ ରକ୍ଷା ପରିବର୍ତ୍ତେ ସରକାର ଛାତ୍ରବୃତ୍ତି ବନ୍ଦ କରିବା ଭଳି ପଦକ୍ଷେପ ନେଇଛନ୍ତି। ସଭାପତିଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ବିଜୁ ଛାତ୍ର ଜନତା ଦଳର ଏହି ନୂଆ କର୍ମକର୍ତ୍ତାମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନବିରୋଧୀ କାର୍ଯ୍ୟ ଓ ବିଫଳତା ବିରୋଧରେ ସଶକ୍ତ ଲଢ଼େଇ ଜାରି ରଖିବେ। ତୃଣମୂଳସ୍ତରରେ ଦଳର କାର୍ଯ୍ୟକ୍ରମକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି କମିଟିଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଇପ୍ସିତା କହିଥିଲେ।

# ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଜରୁରୀ: ମୁଖ୍ୟମନ୍ତ୍ରୀ

## ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ ସ୍କୁଲର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କେନ୍ଦୁଝର,୨୮।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ସମସ୍ତ ଛାତ୍ରୀଛାତ୍ରଙ୍କ ପାଖରେ କିଛି ନା କିଛି ଲୁକ୍କାୟିତ ପ୍ରତିଭା ରହିଛି। ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଲେ ଆମେ ଜୀବନରେ ସଫଳ ହୋଇପାରିବା। ଲୁକ୍କାୟିତ ପ୍ରତିଭାର ବିକାଶ ଜରୁରୀ। ଏଥିପାଇଁ ପାଠପଢ଼ାରେ ବୈଷୟିକ ଜ୍ଞାନ ବ୍ୟବହାରକୁ ଗୁରୁତ୍ୱ ଦେବା ଆବଶ୍ୟକ। କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ସିରିଗିଡ଼ାଠାରେ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ଜାତୀୟ ଶିକ୍ଷା ନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଗ୍ରହଣ କରିବା। ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରୀଛାତ୍ର ଗୁରୁତ୍ୱ ଦେବା ଆବଶ୍ୟକ। ବହୁ ପିଲା ନିଷ୍ପତ୍ତି ନେବାରେ ଦୋ ଦୋ ପାଞ୍ଚ ହୁଅନ୍ତି। କିନ୍ତୁ ଯେଉଁମାନେ ପ୍ରକୃତରେ ସ୍ମାର୍ଟ ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଦିଅନ୍ତି। ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି। ଯାହା ରାଜ୍ୟରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧିରେ ସହାୟକ ହେଉଛି। ଆଦିବାସୀ ପିଲାଙ୍କ ପାଇଁ ମାଧୋ ସିଂ ହାତଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ ହୋଇଛି। ମାତୃଭାଷାରେ ଶିକ୍ଷା ଦିଆଯାଉଛି। ଏହିସବୁ ପଦକ୍ଷେପ ଯୋଗୁ ସ୍କୁଲରେ ଡ୍ରପ୍ ଆଉଟ୍ ହାର କମିବା ଆରମ୍ଭ କରିଛି। ନୂତନ ଶିକ୍ଷାନୀତିକୁ ଗ୍ରହଣ କରି ସରକାର ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ଛୋଟ ପିଲାଙ୍କ ଯତ୍ନ ଏବଂ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତ କରାଯିବ। ଶିକ୍ଷାର୍ଥୀଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟ ଆଇଟି (କୋଡିଂ) ଦକ୍ଷତା, ପୁସ୍ତକ ସମୀକ୍ଷା ଏବଂ କ୍ରୀଡ଼ା ଆଧାରିତ ଜୀବନ କୌଶଳ ଶିକ୍ଷା ଦିଆଯାଉଛି ବୋଲି କହିଥିଲେ। ଚଳିତ ବଜେଟ୍‌ରେ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଓଡ଼ିଶାରେ ସବୁ ବିଭାଗ ମଧ୍ୟରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ। ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହ ଭାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଖୋଜ ଯୁବକଙ୍କ ମୃତଦେହ ମାଟିତଳୁ ଜବତ


ପୋଲିସ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି।

ସୋନପୁର/ବିନିକା,୨୮।୧୨
(ମୃତ୍ୟୁଞ୍ଜୟ ଶତପଥୀ/ରାମ ଗୋପାଳ ବାଘ)

- ୧୦ ଦିନ ଧରି ନିଖୋଜ ଥିଲେ
- ହତ୍ୟା ଅଭିଯୋଗ, ୫ ଅଟକ

ସୁବର୍ଣ୍ଣପୁର ଜିଲା ବିନିକା ସହର ଗୁଲାପଡାର ପ୍ରକାଶ ମହାନ୍ତି(୩୭)ଙ୍କ ଗଳିତ ମୃତଦେହକୁ ପୋଲିସ ରବିବାର ମାଟିତଳୁ ଉଦ୍ଧାର କରିଛି। ପ୍ରକାଶ ୧୦ଦିନ ଧରି ନିଖୋଜ ଥିଲେ। ତାଙ୍କୁ ହତ୍ୟା କରି ପ୍ରମାଣ ନଷ୍ଟ ପାଇଁ ଅଭିଯୁକ୍ତମାନେ ଉଦ୍ୟମ କରିଥିଲେ। ଗଣେଶପୁର କୁଲେରଯୋର ନିକଟରେ ମାଟି ତଳେ ତାଙ୍କୁ ପୋତି ଦିଆ ଯାଇଥିଲା। ଏଥିରେ ପ୍ରକାଶଙ୍କ ସହଯୋଗୀମାନେ ସମ୍ପୃକ୍ତ ଅଛନ୍ତି। ଟଙ୍କା ଭାଗବଣ୍ଟାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବିନିକା ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି। ଏହି ବିଭତ୍ସ ହତ୍ୟାକାଣ୍ଡ ବିନିକା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ ପ୍ରକାଶ ଗୋଟିଏ ଜେସିବି ଓ ୩ଟି ଟ୍ରାକ୍ଟର ଭଡ଼ାରେ ଆଣି ବିନିକା ଓ ଆଖପାଖ ଅଞ୍ଚଳରେ ଜମି ସମତଳ କାମ କରୁଥିଲେ। ଗୁଲାପଡାର କେତେଜଣ ଯୁବକ ଏହି କାମରେ ସହାୟତା କରୁଥିଲେ। ଏଥିର ଭଲ ରୋଜଗାର କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ଗତ ୧୮ ତାରିଖରେ ପ୍ରକାଶ ଚପଲ କିଣିବାକୁ ଯାଇଛି ବୋଲି ଘରେ କହି ମାର୍କେଟ ଯାଇଥିଲେ। ତେବେ ସେ ଆଉ ଘରକୁ ଫେରି ନ ଥିଲେ। ଏ ସମ୍ପର୍କରେ ପରିବାର ପକ୍ଷରୁ ପ୍ରକାଶଙ୍କ ନିଖୋଜ ନେଇ ବିନିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାକୁ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ପରେ କେତେଜଣ ଦୁର୍ବୃତ୍ତ ମିଶି ତାଙ୍କ ସ୍ୱାମୀଙ୍କୁ ସୁଚିନ୍ତିତ ଭାବେ ହତ୍ୟା କରିଥିବା ସ୍ତ୍ରୀ ବନିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପୋଲିସର ତଦନ୍ତ ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଥିଲା। ତନାଘନା ପରେ ସହଯୋଗୀମାନେ ପ୍ରକାଶଙ୍କୁ ହତ୍ୟା କରି ମାଟି ତଳେ ପୋତିଥିବା ପୋଲିସକୁ ସୁରାଗ ମିଳିଥିଲା। ହତ୍ୟାକାରୀଙ୍କ ସ୍ୱୀକାରୋକ୍ତି ପରେ ରବିବାର ପୋଲିସ ଝରାପଡା ନିକଟ କୁଲେରଯୋର ନିକଟରୁ ମୃତଦେହ ମାଟିତଳୁ ଉଦ୍ଧାର କରିଛି। ଏହି ସମୟରେ ସୋନପୁର ଉପଖଣ୍ଡ ପୋଲିସ ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବିନିକା ଥାନା ଆଇଆଇସି ସତ୍ୟନାରାୟଣ ପ୍ରଧାନ, ସାଇଣ୍ଟିଫିକ ଟିମ୍ ଉପସ୍ଥିତ ଥିଲେ।

# ଭିତରକନିକାରେ ୪,୧୫୬ ପର୍ଯ୍ୟଟକ

ରାଜନଗର,୨୮।୧୨(ଭାସ୍କର ରାଉତରାୟ)



ବର୍ଷର ଶେଷ ରବିବାର ଥିବାରୁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସମାଗମରେ ଭିତରକନିକା ଚଳଚଞ୍ଚଳ ହୋଇପଡିଛି। ଗୁପ୍ତିରୁ ଭିତରକନିକା ଜାତୀୟ ଉଦ୍ୟାନ, ଚାନ୍ଦବାଲିରୁ ଭାୟା ଖୋଲା ଦେଇ ଭିତରକନିକାକୁ ସଂଯୋଗ କରୁଥିବା ନଦୀରେ ବହୁ ପର୍ଯ୍ୟଟକ ନୌବିହାର କରି ପ୍ରକୃତିର ଅନବଦ୍ୟ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଆତ୍ମବିଭୋର ହେଉଥିବା ଦେଖିବାକୁ ମିଳିଛି। ଡାଙ୍ଗମାଳ ମୁଖ୍ୟ ଗେଟ ଦେଇ ୨,୨୮୭ଜଣ ପର୍ଯ୍ୟଟକ ପ୍ରବେଶ କରି ବୁଲିବାର ମଜା ନେଇଥିଲେ। ଖୋଲାରୁ ୧୦୬ ଟ୍ରିପ ବୋଟରେ ୧,୩୯୦ ପର୍ଯ୍ୟଟକ, ଚାନ୍ଦବାଲିରୁ ୧୬ଟ୍ରିପ ବୋଟରେ ୨୩୭ ପର୍ଯ୍ୟଟକ ଓ ଗୁପ୍ତିରୁ ୨୫ ଟ୍ରିପ ବୋଟରେ ୨୪୨ଙ୍କୁ ମିଶାଇ ମୋଟ ୪,୧୫୬ ପର୍ଯ୍ୟଟକ ଭିତରକନିକା ନଦୀରେ ବୁଲି ବୋଟିଂର ମଜା ନେଇଥିଲେ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପର୍ଯ୍ୟଟକମାନେ ବୋଟରେ ବସି ନଦୀରେ ବୁଲିବା ସମୟରେ ନଦୀପଠାରେ ଶୋଇ ଖରା ଖାଉଥିବା କୁମ୍ଭୀର, ହରିଣ ପଲ ଓ ବିଭିନ୍ନ ରଙ୍ଗବେରଙ୍ଗର ପକ୍ଷୀ ସେମାନଙ୍କୁ ଆନମନା କରିଥିଲେ। ଭିତରକନିକା ସେଲ୍‌ଫି ପଏଣ୍ଟରେ ଫଟୋ ଉଠାଇବାକୁ ପର୍ଯ୍ୟଟକମାନେ ଭିଡ଼ ଜମାଇଥିଲେ। ମେଟା ନର୍ସରୀ, ସଂଗ୍ରହାଳୟ, ଗୋରୀ ଓ ମଲ୍ଲୀ କୁମ୍ଭୀର ରହୁଥିବା ପୋଖରୀ ନିକଟରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା।

# କଂଗ୍ରେସ ପ୍ରତିଷ୍ଠା ଦିବସରେ ସଫେଇ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

ମହାତ୍ମା ଗାନ୍ଧୀଙ୍କୁ ସମ୍ମାନ ଜଣାଇ କଂଗ୍ରେସର ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ପ୍ରକାଶ ଜେନାଙ୍କ ନେତୃତ୍ୱରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେନା କହିଥିଲେ, ଜନସାଧାରଣଙ୍କର ଯେକୌଣସି ସମସ୍ୟା ପାଇଁ କଂଗ୍ରେସ ଲଢ଼ିବାକୁ ପ୍ରସ୍ତୁତ। କଂଗ୍ରେସ ହେଉଛି ଗଣତନ୍ତ୍ର, ସମ୍ବିଧାନ ପାଳନ କରୁଥିବା ଓ ଗରିବ, ଶ୍ରମିକ, କୃଷକ ଏବଂ ଅସହାୟଙ୍କ ପାଇଁ ଛିଡ଼ା ହେଉଥିବା ଏକମାତ୍ର ଦଳ। ଭୁବନେଶ୍ୱରକୁ ସ୍ୱଚ୍ଛ, ସୁନ୍ଦର ଓ ଅର୍ଥନୈତିକ ପ୍ରଗତିର ସହର ରୂପେ ଗଢ଼ିବାକୁ କଂଗ୍ରେସ ବଦ୍ଧପରିକର ବୋଲି ସେ କହିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ମିହିର ଆଚାର୍ଯ୍ୟ, ରାଜୁ ବାରିକ, ମନୋରଞ୍ଜନ ରାଉତ, ଧନେଶ୍ୱର ନାୟକ, ପ୍ରସନ୍ନ ଚମ୍ପତି, ବିନୁ ପାଣି ପ୍ରମୁଖ ଭାଗ ନେଇଥିଲେ।

# ବିପଦରେ ସମ୍ବିଧାନ: ଭକ୍ତ



ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

## କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ

ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ନୀତି, ଆଦର୍ଶ ଓ ନାମକୁ ଟେକ ରଖିଥିବାବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନରେ କଂଗ୍ରେସ ପକ୍ଷରୁ ୧୪୦ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଭକ୍ତ କହିଛନ୍ତି, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ହେଲେ ବର୍ତ୍ତମାନ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟାଇବା ପାଇଁ ଚକ୍ରାନ୍ତ ଚାଲିଛି। କିନ୍ତୁ କଂଗ୍ରେସ ଏହାକୁ କଦାପି ବରଦାସ୍ତ କରିପାରିବ ନାହିଁ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଭକ୍ତ କହିଛନ୍ତି।

ସେ ପୁଣି କହିଛନ୍ତି, ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ତେଣୁ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍.ଡି. ସାହାଦୁଲ୍ଲା ପରିଚାଳନା କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନ୍‌ଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଶ୍ୱରେ ସ୍ୱତନ୍ତ୍ର ଛାପ ଛାଡ଼ିଛି ଭାରତ: ମନମୋହନ

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)



## ପ୍ରଧାନମନ୍ତ୍ରୀଙ୍କ ୧୨୯ତମ 'ମନ୍ କି ବାତ୍'

ଜାତୀୟ ସୁରକ୍ଷାଠାରୁ ଆରମ୍ଭକରି କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ କିଭଳି ସାରା ବିଶ୍ୱରେ ଭାରତ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ସେ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ୧୨୯ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ଶ୍ରୀକୃଷ୍ଣ ମଣ୍ଡଳ ଅନ୍ତର୍ଗତ ୱାର୍ଡ ନଂ.୨୭ରେ ମନ୍ କି ବାତ୍ ରେଡିଓ କାର୍ଯ୍ୟକ୍ରମରେ ସାମଲ ଯୋଗଦେଇ କହିଛନ୍ତି, ନୂତନ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାର ବ୍ୟାପକ ପ୍ରସାର କରି ବିଶ୍ୱର ଦେଶଗୁଡ଼ିକୁ ବହୁତ ପ୍ରଭାବିତ କରିଛି। ଭାରତ ତା'ର ସୁରକ୍ଷା ସହ କୌଣସି ପ୍ରକାର ସାଲିସ୍ କରେନାହିଁ ବୋଲି ଅପରେଶନ ସିନ୍ଦୂର ମାଧ୍ୟମରେ ଦେଖାଇଛି। ଆତ୍ମନିର୍ଭର ଭାରତ ପାଇଁ ମୋଦି ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେବା ଯୋଗୁ ସ୍ୱଦେଶୀ ସାମଗ୍ରୀ କ୍ରୟ ଉପରେ ଆଜି ଭାରତ ସମେତ ଓଡ଼ିଶାର ଲୋକଙ୍କ ମଧ୍ୟରେ ଆକର୍ଷଣ ବଢ଼ିଛି। ମନମୋହନ ପୁଣି କହିଛନ୍ତି, ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କ ଯୋଗଦାନକୁ ମୋଦି ଲୋକଲୋଚନକୁ ଆଣିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାର୍ବତୀ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମ ପରେ ସେ ସମାଜସେବା ଓ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ସେ ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ମାତ୍ର ପାର୍ବତୀ ଗିରିଙ୍କ ଏପରି ଉତ୍ସର୍ଗୀକୃତ କାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନ ଥିଲା। ମୋଦି ଏହି ମହାନ୍ ନାୟିକାଙ୍କୁ କେବଳ ମନେ ପକାଇନାହାନ୍ତି, ତାଙ୍କ ସମ୍ମାନରେ ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି ବୋଲି ସାମଲ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ମୋଦି ଯୁବପିଢ଼ିଙ୍କ ଯୋଗଦାନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଜାନୁଆରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ସାରାଦେଶରେ ଜାତୀୟ ଯୁବ ଦିବସ ପାଳନ କରାଯିବ। ଏଥିରେ ଯୁବପିଢ଼ି ନବସୃଜନ, ଫିଟ୍‌ନେସ୍, ଷ୍ଟାର୍ଟଅପ୍ ଏବଂ କୃଷି ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ସେମାନଙ୍କ ଚିନ୍ତାଧାରା ବାଣ୍ଟିବେ। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ୨୦୨୬ରେ ନୂଆ ସଂକଳ୍ପ ନେଇ ଭାରତ ସହ ତାଳଦେଇ ଓଡ଼ିଶା ଆଗକୁ ବଢ଼ିବାକୁ ପ୍ରସ୍ତୁତ ହୋଇସାରିଛି ବୋଲି ସାମଲ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ରାଜ୍ୟ ସମ୍ପାଦକ ସରୋଜ କର, ପୂର୍ବତନ ସାଂସଦ ଅମର ପଟ୍ଟନାୟକ ଉପସ୍ଥିତ ଥିଲେ।

ପ୍ରଭୁ ! ଆମ ଭିତରେ ଯାହାକିଛି କୃତ୍ରିମତା ଓ ମିଥ୍ୟାଚାର ରହିଛି– ଯାହାକିଛି ରହିଛି ପ୍ରତାରଣା, ଛଳନା– ସେସବୁ କିଛି ଏହି ବର୍ଷଟି ସହିତ ଲୋପ ପାଇଯାଉ । ଯାହାକିଛି ସଂପୂର୍ଣ୍ଣ ସତ୍ୟ, ନିଷ୍ପାପର, ସରଳ ଓ ଶୁଦ୍ଧ ତାହା ଯେପରି ଆଗାମୀ ବର୍ଷଟି ଆମ ପ୍ରକୃତି ଭିତରେ ସଂଚାରିତ ହେଉ । –ଶ୍ରୀମା

# ଓଟ ଉପରେ ବରଫ

ଓଟକୁ ମରୁଭୂମିର ଜାହାଜ ବୋଲି କୁହାଯାଏ। ବିସ୍ତୀର୍ଣ୍ଣ ବାଲୁକା ଉପରେ ଏହି ପ୍ରାଣୀ ମାଇଲ ମାଇଲ ଯାଉଥିବାର ଦୃଶ୍ୟ ଆଖିରେ ଯେଉଁମାନେ ଦେଖି ନ ଥିବେ ସେମାନେ ନିଶ୍ଚୟ ଛବି ହେଉ ବା ୟୁଟ୍ୟୁବ ମାଧ୍ୟମରେ ସନ୍ଦର୍ଶନ କରିଥିବେ। ଏବେ ଓଟ ଚାଲୁଥିବା ରାସ୍ତା ଓ ତା' ଉପରେ ବରଫ ପଡ଼ିଥିବାର ଦୃଶ୍ୟ ଦେଖିବାକୁ ମିଳିଲାଣି। ନିକଟରେ ସାଉଦି ଆରବର ତାବୁକ, ଅଲ୍‌-ଜାଓ୍ଵଫ୍‌ ସମେତ କିଛି ଅଞ୍ଚଳରେ ହୋଇଥିବା ହିମପାତ ମରୁଭୂମିଯୁକ୍ତ ପର୍ବତମାଳାକୁ ବରଫଯୁକ୍ତ ଦୃଶ୍ୟରେ ପରିଣତ କରିଦେଇଛି। ଏଭଳି ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ବାଲି ଉପରେ ବରଫ ପାହାଡ଼ ଦେଖାଦେଇଥିଲା। ୩୦ ବର୍ଷ ତଳେ ସମ୍ପୃକ୍ତ ଅଞ୍ଚଳରେ ହାଲୁକା ବରଫ ପଡ଼ିଥିବା ବେଳେ ଏବର ହିମପାତ ଆକାର ଚିନ୍ତା ସୃଷ୍ଟି କରିଛି। ଉଲ୍ଲେଖ କରାଯାଇପାରେ ଯେ, ସାଉଦି ଆରବ ଉଷ୍ମ ଜଳବାୟୁ ପାଇଁ ଜଣାଶୁଣା। ବାର୍ଷିକ ହାରାହାରି ତାପମାତ୍ରା ୨୫ରୁ ୨୮ ଡିଗ୍ରୀ ରହୁଥିବା ବେଳେ ଶୀତ ଦିନରେ କେତେକ ଅଞ୍ଚଳରେ ୮ରୁ ୧୦ ଡିଗ୍ରୀ ପର୍ଯ୍ୟନ୍ତ ମଧ୍ୟ ଯାଏ। ପ୍ରାୟ ଗ୍ରୀଷ୍ମ ଋତୁ ୫୦ ଡିଗ୍ରୀ ତାପମାତ୍ରାରେ କଟେ। ଏବର ସ୍ଥିତିରେ ସେଠାରେ ଶୀତଳ ତରଙ୍ଗ ବିଭିନ୍ନ ଅଞ୍ଚଳରେ ବରଫପାତ କରାଇବା ସହ ବ୍ୟାପକ ବର୍ଷା ଆଣିଦେଇଛି। ସ୍ଥାନୀୟ ବାସିନ୍ଦା ଏହାକୁ ଦେଖି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ବରଫଯୁକ୍ତ ମରୁଭୂମି ଦୃଶ୍ୟର ଭିଡିଓଗୁଡ଼ିକ ଭାଇରାଲ ହେବା ଅନେକଙ୍କୁ କ୍ଷଣିକ ଆନନ୍ଦ ଦେଇପାରେ। କିନ୍ତୁ ତାହା ଏକ ସୁନ୍ଦର ଦୃଶ୍ୟ ନୁହେଁ, ବରଂ ଏହା ଖରାପ ସଙ୍କେତ ଦେଉଛି। ଏଭଳି ବ୍ୟତିକ୍ରମ ଜଳବାୟୁ ପରିବର୍ତ୍ତନ କେତେ ମାତ୍ରାରେ ହୋଇଗଲାଣି, ତାହାକୁ ସୂଚାଉଛି।

**ଭାରତୀୟଙ୍କ ସମେତ ସମଗ୍ର ବିଶ୍ୱ ସାଉଦି ଜଳବାୟୁ ପରିବର୍ତ୍ତନରୁ ଶିକ୍ଷା ନେଇ ଅସ୍ୱାଭାବିକ ସ୍ଥିତିର ମୁକାବିଲା ପାଇଁ ସଘନ ପ୍ରୟାସ କରିବାର ସମୟ ଉପନୀତ। ଏଥିରେ ଅବହେଳା କଲେ ପୃଥିବୀର କେତେକ ଅଞ୍ଚଳର ଜଳବାୟୁ ସହ ଖାପ ଖାଇ ବଞ୍ଚିଥିବା ଜୀବ ଓ ଉଦ୍ଭିଦ ଲୋପ ପାଇଯିବେ, ଯାହା ଅନେକ ସ୍ଥାନରେ ଆରମ୍ଭ ହୋଇଗଲାଣି। ଏମିତିବି ହୋଇପାରେ ଓଟ ଉପରେ ବରଫର ଦୃଶ୍ୟକୁ ଉପଭୋଗ କରୁଥିବା ଆଜିର ଲୋକେ ଆଗାମୀ ସମୟରେ ଏହି ପ୍ରାଣୀର ଛବି ସେମାନଙ୍କ ପରପିଢ଼ିକୁ ଦେଖାଇବେ।**

ଉତ୍ତର ସାଉଦି ଆରବ ଉପର ଦେଇ ଏକ ଶୀତଳ ବାୟୁ ପ୍ରବାହ ଯୋଗୁ ପ୍ରବଳ ବର୍ଷା, ପବନ ସହ ତାପମାତ୍ରା ଯଥେଷ୍ଟ କମିଯିବା ହିମପାତ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିଛି ବୋଲି ଜଳବାୟୁ ବିଶେଷଜ୍ଞ ମତ ଦେଇଛନ୍ତି। ମରୁଭୂମିରେ ହିମପାତ ପୃଥିବୀର ଜଳବାୟୁ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନ ଘଟୁଛି ବୋଲି ଦର୍ଶାଇଥିବାରୁ ଏହା ସ୍ପଷ୍ଟ କୁହାଯାଇପାରେ ଯେ, ପ୍ରାଣୀଜଗତ ପାଇଁ ବିପଦ ବେଶି ଦୂରରେ ନାହିଁ। ଜଳବାୟୁ ବିଜ୍ଞାନୀମାନେ ଏହି ଘଟଣାକୁ 'ସମ୍ପୂର୍ଣ୍ଣ ବିପରୀତ' ବୋଲି ବର୍ଣ୍ଣନା କରିଛନ୍ତି । ଏହାକୁ ସାଉଦି ଆରବ ଇତିହାସରେ ସର୍ବାଧିକ ଚରମ ଜଳବାୟୁ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି। ଡିସେମ୍ବର ଶେଷ ସପ୍ତାହରେ ମରୁ ଅଞ୍ଚଳରେ ବରଫ ପଡ଼ିଥିବା ବେଳେ ଆଇସ୍‌ଲାଣ୍ଡ ଭଳି ପ୍ରବଳ ଥଣ୍ଡା ଭୂଖଣ୍ଡରେ ସର୍ବାଧିକ ତାପମାତ୍ରା ପାଖାପାଖି ୨୦ ଡିଗ୍ରୀରେ ପହଞ୍ଚିଛି। ଏଠାରେ କୁହାଯାଇପାରେ ଯେ, ପୃଥିବୀର ପ୍ରତ୍ୟେକ ଅଞ୍ଚଳ ସମାନ ସ୍ଥିତି ଅନୁଭବ କରୁନାହିଁ। ସାଉଦି ଆରବରେ ଏହି ବିରଳ ହିମପାତ ବିଶ୍ୱବ୍ୟାପୀ ପାଣିପାଗ ଅସ୍ଥିରତାର ତାଲିକାରେ ସଦ୍ୟ ଯୋଡ଼ି ହୋଇଯାଇଛି। ସଂଯୁକ୍ତ ଆରବ ଏମିରେଟ୍ସରେ ଅପ୍ରତ୍ୟାଶିତ ବର୍ଷା, ଦକ୍ଷିଣ ଏସିଆରେ ତୀବ୍ର ଉଷ୍ମ ବାୟୁ, ଶୁଷ୍କ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆକସ୍ମିକ ବନ୍ୟା, ଉତ୍ତର ଆଫ୍ରିକାର କିଛି ଅଂଶରେ ହିମପାତ, ଉତ୍ତର ଆମେରିକା ଓ ୟୁରୋପରେ ଅତ୍ୟଧିକ ଶୁଷ୍କ–ଉଷ୍ମ ବାୟୁ ପ୍ରବାହ ବିଶ୍ୱବ୍ୟାପୀ ପାଣିପାଗର ଅସନ୍ତୁଳନ ସ୍ଥିତିକୁ ଦର୍ଶାଉଛି।

ଅନ୍ୟ ଦେଶ ବିଷୟରେ ଆଲୋଚନା ହେଉଥିବା ବେଳେ ଭାରତରେ ସ୍ଥିତି କିଭଳି ହେଲାଣି ସମସ୍ତେ ପ୍ରାୟ ଅନୁଭବ କଲେଣି। ଏଠାରେ ଆମେ ତାପଦାହ, ଅତ୍ୟଧିକ ବର୍ଷା ଏବଂ ଅପ୍ରତ୍ୟାଶିତ ଅଞ୍ଚଳରେ ଅଚାନକ ପ୍ରବଳ ଥଣ୍ଡା ଅନୁଭବ କରୁଛେ। ଏସବୁ ପଛରେ ମନୁଷ୍ୟକୃତ କାର୍ଯ୍ୟକଳାପ ଦାୟୀ ବୋଲି ଢେର ଆଲୋଚନା ହେଲାଣି। ସେଥିପାଇଁ ଅତ୍ୟଧିକ ଚାରାରୋପଣର ଆବଶ୍ୟକତା ବିଷୟରେ ଉଲ୍ଲେଖ କରାଯାଉଛି। କିନ୍ତୁ ଯେଉଁଭଳି ହାରରେ ଜଳବାୟୁ ପରିବର୍ତ୍ତନ ଘଟୁଛି, ତାହା ମଣିଷର ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଲକ୍ଷ୍ୟ କରାଗଲାଣି। ଏଭଳି ପ୍ରଚ୍ଛଦପଟରେ ଭାରତରେ ବିତର୍କ ସୃଷ୍ଟି କରିଥିବା 'ଆରାବଳି' ପ୍ରସଙ୍ଗ ସମସ୍ତଙ୍କ ଆଖି ଖୋଲିଦେବା କଥା। ନୂଆ ପରିଭାଷା ସୃଷ୍ଟି କରାଯାଇ ତାହାର ବିଭିନ୍ନ ଅଂଶକୁ ଯଦି ନଷ୍ଟ କରି ଦିଆଯାଏ, ତାହା ହେଲେ ଆଗକୁ ସୃଷ୍ଟି ହେବାକୁ ଥିବା ବିପଦ ପାଇଁ ପ୍ରକୃତିକୁ ଦାୟୀ କରାଯାଇପାରିବ ନାହିଁ। ଏବେ ଚାରାରୋପଣ କଲେ ତାହା ପୁଣି ଦ୍ରୁମରେ ପରିଣତ ହେବାକୁ ଢେର ବର୍ଷ ଲାଗିଯିବ। ସେହି କଥା ନ ଭାବି ଅବିଚାରିତ ଭାବେ ଗଛ କାଟି ଦିଆଗଲେ ପରିଣତି ଭୟାବହ ହେବା ସୁନିଶ୍ଚିତ। ଏହି ସମୟରେ ଭାରତୀୟଙ୍କ ସମେତ ସମଗ୍ର ବିଶ୍ୱ ସାଉଦି ଜଳବାୟୁ ପରିବର୍ତ୍ତନରୁ ଶିକ୍ଷା ନେଇ ଅସ୍ୱାଭାବିକ ସ୍ଥିତିର ମୁକାବିଲା ପାଇଁ ସଘନ ପ୍ରୟାସ କରିବାର ସମୟ ଉପନୀତ। ଏଥିରେ ଅବହେଳା କଲେ ପୃଥିବୀର କେତେକ ଅଞ୍ଚଳର ଜଳବାୟୁ ସହ ଖାପ ଖାଇ ବଞ୍ଚିଥିବା ଜୀବ ଓ ଉଦ୍ଭିଦ ଲୋପ ପାଇଯିବେ, ଯାହା ଅନେକ ସ୍ଥାନରେ ଆରମ୍ଭ ହୋଇଗଲାଣି। ଏମିତିବି ହୋଇପାରେ ଓଟ ଉପରେ ବରଫର ଦୃଶ୍ୟକୁ ଉପଭୋଗ କରୁଥିବା ଆଜିର ଲୋକେ ଆଗାମୀ ସମୟରେ ଏହି ପ୍ରାଣୀର ଛବି ସେମାନଙ୍କ ପରପିଢ଼ିକୁ ଦେଖାଇବେ।

# ଭାରତର ସାଗରକେନ୍ଦ୍ର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସାମଗ୍ରିକ ଭାବେ ମହାକାଶ ଏବଂ ବିଶେଷକରି ଚନ୍ଦ୍ର ଓ ମଙ୍ଗଳ ଉପରେ ବିଗତ ବର୍ଷ ବର୍ଷ ଧରି ଚାଲିଛି ବିବିଧ ଗବେଷଣା। ଏବେ ସେଠାରେ ନିୟମିତ ଭାବେ ମହାକାଶଯାନ ଅବତରଣ କରାଇ ସେଗୁଡ଼ିକର ପୃଷ୍ଠଦେଶଗୁଡ଼ିକରୁ ପୁଙ୍ଖାନୁପୁଙ୍ଖ ପରୀକ୍ଷାନିରୀକ୍ଷା କରାଯାଉଛି । ସେଠାରେ ବସତି ସ୍ଥାପନ କରିବା, କଳକାରଖାନା ବସାଇବା, ସୁଗଭୀର ମହାକାଶକୁ ଯାତ୍ରା କରିବା ଲାଗି କେନ୍ଦ୍ରମାନ ସ୍ଥାପନ କରିବା ଏବଂ ସେଠାରୁ ମୂଲ୍ୟବାନ ସମ୍ପଦସବୁ ଆହରଣ କରିବା ଉଦ୍ଦେଶ୍ୟରେ। ଏହା ବ୍ୟତୀତ ପୃଥିବୀ କକ୍ଷରେ ମହାକାଶ କେନ୍ଦ୍ର ସ୍ଥାପନ କରି, ତନ୍ମଧ୍ୟରେ ମହାକାଶଚାରୀମାନେ ମାସ ମାସ ଧରି ରହି ଗବେଷଣା କରିବା ଲାଗି ବ୍ୟବସ୍ଥା କରାଗଲାଣି। କିନ୍ତୁ ପୃଥିବୀପୃଷ୍ଠର ଏକ ବିଶାଳ ଅଂଶ ହୋଇଥିବା ସମୁଦ୍ର, ମହାସମୁଦ୍ରଗୁଡ଼ିକର ଗଭୀରତମ ପ୍ରଦେଶ ଉପରେ ସେହି ଅନୁରୂପ କାର୍ଯ୍ୟକଳାପ ହୋଇଛି ଅତି ସୀମିତ ରୂପେ। ବିଳମ୍ବରେ ହେଲେ ବି ଏବେ ଏକଥା ଅନୁଭବ କରି ପୃଥିବୀର ଅନେକ ଦେଶ ଏଥିପ୍ରତି ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ମହାକାଶ ଗବେଷଣାରେ ଯଥାଯୋଗ୍ୟ ଅଂଶଗ୍ରହଣ କଲାଭଳି ଭାରତ ମଧ୍ୟ ଏ କ୍ଷେତ୍ରରେ ଯୋଗଦାନ ଦେବାକୁ ଆରମ୍ଭ କରିଛି। ସେଥିପାଇଁ ଆଗାମୀ ୨୦୪୭ ମସିହା ସୁଦ୍ଧା ସମୁଦ୍ରର ୬୦୦୦ ମିଟର (୬ କିଲୋମିଟର) ଗଭୀରତାରେ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରିବାକୁ ଯୋଜନା କରିଛି ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍‌ ଅଫ୍‌ ଓସେନ୍‌ ଟେକ୍ନୋଲୋଜି ବା ଏନ୍‌ଆଇଓଟି ଏହା ହେବ ପୃଥିବୀର ଗଭୀରତମ ପ୍ରଦେଶରେ ସ୍ଥାପିତ ଏପ୍ରକାର କେନ୍ଦ୍ର।

ଭିଜନ–୨୦୪୭ର ଅନ୍ୟତମ ଅଂଶ ହୋଇଥିବା ଏହି କାର୍ଯ୍ୟକ୍ରମ ଏବେ ଆରମ୍ଭ ହୋଇଗଲାଣି। କେନ୍ଦ୍ରଟି ସମ୍ପୂର୍ଣ୍ଣ ହୋଇଗଲା ପରେ ଗବେଷକମାନେ ତନ୍ମଧ୍ୟରେ ରହି ନାନାଦି ଗବେଷଣା କରିବେ। ଏଗୁଡିକ ମଧ୍ୟରୁ ଗୋଟିଏ ହେବ ଟିଟାନିୟମ ଏବଂ ଏହା ମିଶ୍ରିତ ପଦାର୍ଥରେ ନିର୍ମିତ ସଂରଚନାଟିଏ, ଯାହାକି ୬୦୦୦ ମିଟର ଗଭୀରତା ମଧ୍ୟରେ ୬୦୦ ବାୟୁମଣ୍ଡଳୀୟ ଚାପ ସହ୍ୟ କରିପାରିବ। ପୁନଶ୍ଚ ଏଥିରେ ରହିବ ସମୁଦ୍ରତଳର ଜୀବଜଗତକୁ ପର୍ଯ୍ୟବେକ୍ଷଣ କରିବା ଲାଗି ୩୬୦ ଡିଗ୍ରୀ ସ୍ୱଚ୍ଛଫଳକ, ଅମ୍ଳଜାନ ଓ ତାପମାତ୍ରା ନିୟନ୍ତ୍ରିତ ତଥା ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଲାଗି ବିଜ୍ଞାନାଗାର ପ୍ରକୋଷ୍ଠ। ଏହା ବ୍ୟତୀତ ଏଥିସହିତ ସଂଯୁକ୍ତ ହେବ ଗବେଷଣା ଲାଗି ଜଳ ମଧ୍ୟରେ ବୁଡି ରହୁଥିବା ବ୍ୟବସ୍ଥାରେ ଡକିଂ ସୁବିଧା ଏବଂ ଯୋଗାଣ ଯାନ ସମେତ ଧ୍ୱନିଭିତ୍ତିକ 'ଫାଇବର–ଅପ୍‌ଟିକ୍ସ' ସଂଯୋଗ ବ୍ୟବହାର କରୁଥିବା ଯୋଗାଯୋଗ ବ୍ୟବସ୍ଥା। ମଣିଷ ସେଠାରେ କିପରି ଦୀର୍ଘକାଳ ଧରି ରହିପାରିବ ତାହା ଉପରେ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯିବ।



ଏନ୍‌ଆଇଓଟିର ନିର୍ଦ୍ଦେଶକ ଡ. ବାଲା ରାମକ୍ରିଷ୍ଣନଙ୍କ ସୂଚନା ଅନୁସାରେ ଏଥି ପୂର୍ବରୁ ପ୍ରଥମେ ପରୀକ୍ଷାମୂଳକ ଭାବେ ୫୦୦ ମିଟର ଗଭୀରତାରେ ଛୋଟ 'ସାଗର କେନ୍ଦ୍ର'ଟିଏ ସ୍ଥାପନ କରାଯିବ। ତନ୍ମଧ୍ୟରେ ୩ ଜଣ ବୈଜ୍ଞାନିକ ପ୍ରାୟ ୨୪ ଘଣ୍ଟା ରହି ଏ ପ୍ରଯୁକ୍ତି ବିଦ୍ୟାର ବିଭିନ୍ନ ଦିଗର ପ୍ରାଥମିକ ପରୀକ୍ଷା କରିବେ। ଅତଏବ ମୂଳ ବ୍ୟବସ୍ଥାଟିକୁ ସଫଳତାର ସହ ସ୍ଥାପନ ଏବଂ ପରିଚାଳନା ଲାଗି ତହିଁରୁ ଦିଗ୍‌ଦର୍ଶନ ମିଳିବ।

ବର୍ତ୍ତମାନ ଗଭୀର ସମୁଦ୍ର ତଳେ ଏ ପ୍ରକାର ମାତ୍ର ଗୋଟିଏ ବିଜ୍ଞାନାଗାର କାର୍ଯ୍ୟକ୍ଷମ ରହିଛି। ତାହା ହେଲ ଆମେରିକାର ଫ୍ଲୋରିଡା ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ମିତ ତଥା ପରିଚାଳିତ 'ଆକ୍ୱାରିସ ରିଫ୍‌ ବେସ୍‌'। ବିଗତ ୧୯୯୦ ଦଶକରେ ୧୯ ମିଟର ଗଭୀରତାରେ ଅବସ୍ଥାପିତ ଏହି ସାଗରକେନ୍ଦ୍ରଟି ଫ୍ଲୋରିଡାର କି' ଲାର୍‌ଗୋଠାରେ ଏବେ ମଧ୍ୟ କାର୍ଯ୍ୟରତ। ତହିଁରେ ୬ ଜଣ ଗବେଷକ ୧୦ ଦିନ ପର୍ଯ୍ୟନ୍ତ ରହିପାରିବାର ବ୍ୟବସ୍ଥା ଅଛି। ଇତି ମଧ୍ୟରେ ଚାଇନା ଏଭଳି ଏକ କେନ୍ଦ୍ର ସ୍ଥାପନ ଲାଗି କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛି। ଆଗାମୀ ୨୦୩୦ ମସିହା ସୁଦ୍ଧା ଦକ୍ଷିଣ ଚାଇନା ସାଗରରେ ଏହାକୁ ପ୍ରତିଷ୍ଠା କରିବାର ଯୋଜନା ରହିଛି। ଏହା ବ୍ୟତୀତ ଆମେରିକା ୨୦୨୮ ମସିହା ସୁଦ୍ଧା ୨୦ ମିଟର ସମୁଦ୍ର ପୃଷ୍ଠ ତଳେ ଅନ୍ୟ ଏକ 'ସାଗର କେନ୍ଦ୍ର' ସ୍ଥାପନ କରିବାର ଯୋଜନା କଲାଣି। ଏଥିରେ ୧୨ ଜଣ ଗବେଷକ ୩୦ ଦିନ ପର୍ଯ୍ୟନ୍ତ ରହିପାରିବେ। ସେହିପରି ଇଂଲଣ୍ଡ ଓ କେତେକ ୟୁରୋପୀୟ ଦେଶ ମିଳିତ ଭାବେ ୬ ଜଣ ଯାତ୍ରୀ ୨୮ ଦିନ ରହିପାରିବା ଭଳି 'ସାଗର କେନ୍ଦ୍ର'ଟିଏ ୨୦୦ ମିଟର ଗଭୀରତାରେ ୨୦୨୭ ମସିହା ସୁଦ୍ଧା ସ୍ଥାପନ କରିବା ଦିଗରେ ପଦକ୍ଷେପ ଆରମ୍ଭ କରିଛନ୍ତି।

ଅତୀତରେ ସମୁଦ୍ର ତଳେ ବସତି ସ୍ଥାପନ ଲାଗି କେତେକ ଯୋଜନା କାର୍ଯ୍ୟକାରୀ ହୋଇଛି। ତନ୍ମଧ୍ୟରେ ରହିଛି ୧୯୬୦ ଦଶକରେ ଆମେରିକାର ନୌବାହିନୀ ଦ୍ୱାରା ସ୍ଥାପିତ ଏବଂ ପରିଚାଳିତ ସିଲାବ(SEALAB) ୧। ୨। ୩ଗୁଡ଼ିକ ୫୯ ମିଟରରୁ ୧୯୦ ମିଟର ଗଭୀରତାରେ ଅବସ୍ଥାନ କରି ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ତତ୍ପରେ ୧୯୮୦ ଦଶକରେ ହାଓ୍ଵାଇ ବିଶ୍ୱବିଦ୍ୟାଳୟ ନିର୍ମାଣ କରିଥିଲେ। ପିନ୍‌ସସ୍‌ ୪ ଏବଂ ୫ ବୁଡ଼ାଜାହାଜ, ଯାହାକି ସମୁଦ୍ର ତଳେ ୨୦୦୦ ମିଟର ପର୍ଯ୍ୟନ୍ତ ଅନୁଧ୍ୟାନ କରି ନାନାଦି ତଥ୍ୟ ସଂଚାର କରିଥିଲା। ବର୍ତ୍ତମାନ ଏ ଉଭୟ ସାମୟିକ ଭାବେ ବନ୍ଦ ରହିଛି।

ଆମ ଦେଶ ୨୦୪୭ ମସିହା ସୁଦ୍ଧା ପ୍ରତିଷ୍ଠା କରିବାକୁ ଥିବା 'ସାଗରକେନ୍ଦ୍ର'ର ନାମ ରହିବ 'ମତ୍ସ୍ୟ–୬୦୦୦' ଏବଂ ଏହା ପ୍ରତିଷ୍ଠିତ ହେବ ଭାରତ ମହାସାଗର ମଧ୍ୟରେ। ଏହାର ଡିଜାଇନଟି ଅତି ଜଟିଳ। କାରଣ ମରାମତି ପାଇଁ ଏହାକୁ ବିଭିନ୍ନ ସମୟରେ ଜଳସ୍ତରର ଉପରକୁ ଆଣିବାକୁ ପଡ଼ିବ ଏବଂ ପୁନର୍ବାର ସମୁଦ୍ର ଚଟାଣକୁ ନେଇ ଦୃଢ଼ଭାବେ ଅବସ୍ଥାପିତ କରିବାକୁ ହେବ। ପୁନଶ୍ଚ ଏହାର କାର୍ଯ୍ୟକ୍ରମ ମଧ୍ୟ ହେବ ଅତି ବ୍ୟାପକ। ସେଗୁଡ଼ିକ ମଧ୍ୟରେ ରହିବ:–୧) ସାମୁଦ୍ରିକ ଜୈବ ବିବିଧତା ଅଧ୍ୟୟନ– ଗଭୀର ସମୁଦ୍ର ତଳର ବିରଳ ଜୀବ ଶ୍ରେଣୀର ଆବିଷ୍କାର, ସେ ଗୁଡ଼ିକର ଅଧ୍ୟୟନ ଏବଂ ସେଠାର ସୂକ୍ଷ୍ମଜୀବମାନଙ୍କଠାରୁ ଜୈବ ସକ୍ରିୟ ଯୌଗିକମାନ ସନ୍ଧାନ। ୨) ଜୈବ ପ୍ରଯୁକ୍ତି ବିଦ୍ୟା– ଅତ୍ୟଧିକ ପ୍ରତିକୂଳ ପରିବେଶ ମଧ୍ୟରେ କାର୍ଯ୍ୟ କଲାଭଳି ଏଞ୍ଜାଇମ୍‌ ବହନ କରୁଥିବା ଜୀବମାନଙ୍କ ସନ୍ଧାନ ଏବଂ ତାହା ସେମାନଙ୍କଠାରୁ ଆହରଣ। ୩) ଭୂ–ବିଜ୍ଞାନ ସମ୍ପର୍କରେ ଗବେଷଣା– ସମୁଦ୍ର ତଳର ଚଟାଣରେ 'ଟେକ୍ଟୋନିକ୍‌' ଏବଂ ଆଗ୍ନେୟଗିରି ସମ୍ବନ୍ଧିତ କ୍ରିୟାକଳାପ ଅଧ୍ୟୟନ। ୪) ମଣିଷ ଉପରେ ପ୍ରଭାବ– ସମୁଦ୍ରର ଗଭୀରତମ ପ୍ରଦେଶରେ ଅଧିକ କାଳ ବସବାସ କଲେ ସେଠାରେ ଉଚ୍ଚ ଚାପ ବିଶିଷ୍ଟ ପରିବେଶର ମଣିଷ ଶରୀର ଓ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଅଧ୍ୟୟନ।

ଏହି ଯୋଜନାଟି ପ୍ରାଥମିକ ଅବସ୍ଥାରେ ଆମ ଦେଶର ଗଭୀର ସମୁଦ୍ର ମଧ୍ୟରେ ବିବିଧ ଅନୁସନ୍ଧାନ ଏବଂ ସାମୁଦ୍ରିକ ସଂସାଧନର ସଂଗ୍ରହ ପ୍ରକ୍ରିୟାକୁ ବିକଶିତ କରିବା ଦିଗରେ କାର୍ଯ୍ୟରତ। ଡିପ୍‌ ଓସେନ ମିଶନ ଅଧୀନରେ କାର୍ଯ୍ୟକାରୀ ହେବ। ଏଥିରେ ସଫଳତା ମିଳିସାରିଲା ପରେ ଆମ ଦେଶ ଏହାର ଏକ ସ୍ୱତନ୍ତ୍ର ଅଂଶ ସ୍ୱରୂପ ଆରମ୍ଭ କରିବ। ତା'ର ସମୁଦ୍ରାୟନ ମିଶନ। ତତ୍ପରେ ଅଧିକ ସାଗର କେନ୍ଦ୍ରମାନ ପ୍ରତିଷ୍ଠା ଏବଂ ଗଭୀର ସମୁଦ୍ର ତଥା ତା'ର ଚଟାଣକୁ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରାଯିବ। ସେଠାରୁ ଜୈବିକ ତଥା ଖଣିଜ ସମ୍ପଦ ଆଦିର ଆହରଣ ଲକ୍ଷ୍ୟ ନେଇ।

**ଉଷାନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର**
**ମୋ:୯୯୩୭୩୦୧୪୬୦**

# ସତରେ ଆମେ କ'ଣ ମଣିଷ



ଡ. ସୀତାକାନ୍ତ ତ୍ରିପାଠୀ

ସାତପଡ଼ାରୁ ପୁରୀ ଫେରିବା ବାଟରେ ଏକ ଅଜବ ତଥା ଭାରାକ୍ରାନ୍ତ ଅନୁଭୂତି ନେଇ ଘରକୁ ଫେରିଲି। ବିଶେଷକରି ସାତପଡ଼ାରୁ ବ୍ରହ୍ମଗିରି ମୁଖ୍ୟ ରାସ୍ତାରେ ପଲପଲ ଗାଈ, ବାଛୁରୀ, ଷଣ୍ଢ ଇତ୍ୟାଦି ଛିଡ଼ା ହୋଇଥାଆନ୍ତି। ଉଭୟ ପଟରୁ ଆସୁଥିବା ଦୁଇଚକିଆ, ଚାରିଚକିଆ ଯାନଗୁଡ଼ିକର ବିକଟାଳ ହର୍ନ ଏବଂ ସମସ୍ତେ କେମିତି ରାସ୍ତା ପାରିହେବେ, ସେଥିପାଇଁ ବିଭିନ୍ନ କଳାକୌଶଳ ଲଗାଇବାରେ ବ୍ୟସ୍ତ; ଯାହା ଫଳରେ ରାସ୍ତାରେ ଅସମ୍ଭାଳ ଭିଡ଼ । ମନେମନେ ଭାବୁଥିଲି ଡଲ୍‌ଫିନ, ନାଲି କଙ୍କଡ଼ା ତଥା ଚିଲିକାର ମନୋରମ ଦୃଶ୍ୟ ସାଙ୍ଗକୁ ମନକୁ ହାଲୁକା କରିବା ପାଇଁ ଦେଶ ବିଦେଶରୁ ଧାଇଁଆସୁଥିବା ପର୍ଯ୍ୟଟକମାନଙ୍କର ମାନସିକତା ଓଡ଼ିଶାରୁ କି ଅନୁଭୂତି ନେଇ ଫେରିବେ ? କଥା ହେଉଛି, ଯେଉଁ ଗାଈମାନଙ୍କର କ୍ଷୀର ଦୁହିଁ ସ୍ଥାନୀୟ ଲୋକମାନେ ପରିବାର ପ୍ରତିପୋଷଣ କରିଥାଆନ୍ତି, ସେମାନେ କେମିତି ଉକ୍ତ ଗାଈମାନଙ୍କୁ ରାସ୍ତାରେ ଶୀତ, କାକର, ବର୍ଷା ଓ ଖରାରେ ନିଶ୍ଚିନ୍ତରେ ଛାଡ଼ିଦେଇ ପାରୁଛନ୍ତି ତାହା ଏକ ବିରାଟ ପ୍ରଶ୍ନବାଚୀ। ତା'ଛଡ଼ା ଯେଉଁମାନେ ଗାଈକୁ ଗୋମାତା କହି ପୂଜା କରିଥାଆନ୍ତି, ବୃଷଭକୁ ଶିବଙ୍କର ବାହନ ଭାବେ ଶ୍ରଦ୍ଧା କରିଥାଆନ୍ତି, ହଳ ଲଙ୍ଗଳକୁ ବଳଭଦ୍ରଙ୍କର ଅସ୍ତ୍ର ଭାବେ ପୂଜା କରି ଆମେ ବଳଦମାନଙ୍କୁ ସମ୍ମାନ ଦେଇଥାଉ, ସେମାନଙ୍କ ପ୍ରତି ଏ ପ୍ରକାର ହତାଦର କେତେ ସମୀଚୀନ ? ଦିନଥିଲା ଗାଈ, ବଳଦ, ଷଣ୍ଢ ଆମ କୃଷି ପରମ୍ପରାର ଏକ ମୁଖ୍ୟ ଅଙ୍ଗ ଭାବେ ପରିଗଣିତ ହେଉଥିଲା। ବାହାଘର ସମୟରେ ଏଇ ପଶୁ ଜନ୍ତୁମାନେ ବର ଓ କନ୍ୟାଘରର ଆର୍ଥିକ ପରିସ୍ଥିତିର ପ୍ରତୀକ ଥିଲେ। ତେବେ ଜାଣିଶୁଣି ଉକ୍ତ ଗୃହପାଳିତ ପଶୁମାନଙ୍କୁ ଆମେ ଶୀତ, କାକର, ବର୍ଷା ଏବଂ ଖରାରେ ଛାଡ଼ିଦେବା ସହିତ ଟ୍ରାଫିକ୍‌ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବା କ'ଣ ମଣିଷପଣିଆ ?

ନିକଟରେ ହାତୀମାନଙ୍କ ଦାଉରୁ ଲୋକମାନେ ନିଜକୁ ରକ୍ଷା କରିବା ପାଇଁ ଖାଦ୍ୟରେ ବିସ୍ଫୋରକ ରଖିଦେବା ଫଳରେ ହାତୀ ତା'ର ଶୁଣ୍ଢ ଦ୍ୱାରା ଖାଦ୍ୟ ଖାଇବା ଆରମ୍ଭ କରୁକରୁ ମୃତ୍ୟୁବରଣ କରିବା କଥାକୁ ନେଇ ଅନେକ ଆଲୋଚନା ଚାଲିଛି। ଜୈବ ବିବିଧତାର ସୁରକ୍ଷା ପାଇଁ ଆମେ ଅଣ୍ଟା ଭିଡୁଥିବାବେଳେ ଏ ପ୍ରକାର ଅମାନବୀୟ କାର୍ଯ୍ୟକଳାପ ମଣିଷପଣିଆର ପରିପନ୍ଥୀ ନୁହେଁ କି? ଅନେକ ସମୟରେ ଦେଖାଯାଉଛି, ବିଭିନ୍ନ ବଣ୍ୟପ୍ରାଣୀଙ୍କ ଦାଉରୁ ରକ୍ଷା ପାଇବା ତଥା ପଶୁ ଶିକାର ପାଇଁ ବିଦ୍ୟୁତ ସଂଯୁକ୍ତ ହୋଇଥିବା ତାରବାଡ଼ ସଂସ୍ପର୍ଶରେ ଆସିବା ଯୋଗୁ ସାଧାରଣ ଜନତାଙ୍କର ମୃତ୍ୟୁ ଘଟୁଛି। ଏଥିପାଇଁ ଆମେ କାହାକୁ ଦାୟୀ କରିବା ? ଆମ ବିପର୍ଯ୍ୟସ୍ତ ଆଇନ ଓ ଦଣ୍ଡ ବ୍ୟବସ୍ଥା ନା ଆମର ମଣିଷପଣିଆ ? ସୂକ୍ଷ୍ମ ରୂପରେ ଦେଖିବାକୁ ଗଲେ ଅନ୍ୟ ସମସ୍ତ ପଶୁ ଓ ପକ୍ଷୀମାନଙ୍କ ଅପେକ୍ଷା ମଣିଷ ଅନ୍ୟମାନଙ୍କ ଉପରେ ଅଧିକ ନିର୍ଭରଶୀଳ। କାରଣ ତା'ର ଚାହିଦା ଅନେକ। ସିଏ କେବଳ ବଞ୍ଚିବା କଥା ଚିନ୍ତା ନ କରି ବିକାଶର କଥା ଭାବେ । ଆଉ ଏହି ବିକାଶ କଥା ଚିନ୍ତା କଲାବେଳେ ସିଏ ଅନ୍ୟମାନଙ୍କ ବିନାଶ କଥା ପ୍ରତି ଆଖି ବୁଜିଦିଏ। ସମୟକ୍ରମେ ଏହି ବିନାଶ ପ୍ରକ୍ରିୟାରେ ନିଜକୁ ମଧ୍ୟ ସାମିଲ କରିଦେଇଥାଏ । ଯେଉଁ ପଶୁ–ପକ୍ଷୀ, ନଦୀ–ନାଳ, ବୃକ୍ଷ–ଲତାଗୁଡ଼ିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ପୂଜା କରିବା ପାଇଁ ବିଧାନ ରଚିଥିବା ମଣିଷ ଅନ୍ୟ କେଉଁ ଆଳ ଦେଖାଇ ସେମାନଙ୍କୁ ସମୂଳେ ବିନାଶ କରିବା ପାଇଁ ଯୁକ୍ତି ଖୋଜି କହେ 'ଯେ ହେଲା ପ୍ରାଣର ବଇରୀ, ଗୁରୁ ବ୍ରାହ୍ମଣ ହେଲେ ମାରି' । ଏଠାରେ ଯେଉଁ ବଇରୀ କଥା କୁହାଯାଇଛି ତାହା କ'ଣ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ? ଖୁବ୍‌ କମ୍‌ କ୍ଷେତ୍ରରେ ପଶୁ–ପକ୍ଷୀମାନେ ନିଜ ତରଫରୁ ମଣିଷମାନଙ୍କ ପ୍ରତି ଶତ୍ରୁତା ଆଚରଣ କରିଥାଆନ୍ତି ବରଂ ମଣିଷ ନିଜର ସ୍ୱାର୍ଥ ହାସଲ ନିମିତ୍ତ ସେମାନଙ୍କ ପ୍ରତି ଶତ୍ରୁତା ଆଚରଣ କରିଥାଏ। ନିଜର ସ୍ୱାର୍ଥ ସରିଗଲେ ମଣିଷ ସେମାନଙ୍କୁ ବିନାଶ କରିବା ପାଇଁ ପଛଘୁଞ୍ଚା ଦେଇନଥାଏ।



ମହାକବି କାଳିଦାସଙ୍କ ସସେମିରା ଉପାଖ୍ୟାନ ଏଠାରେ ବେଶ୍‌ ପ୍ରଯୁଜ୍ୟ । ଭାଲୁଟିଏ ଗଛ ଉପରେ ମଣିଷ ସାଙ୍ଗରେ ବନ୍ଧୁ ବାନ୍ଧି ତା'ର ଜୀବନ ସୁରକ୍ଷା ପାଇଁ ସବୁ ପ୍ରକାର ଉଦ୍ୟମ କରିଥିଲେ ମଧ୍ୟ ମଣିଷ କିନ୍ତୁ ତା' ପ୍ରତି ଶତ୍ରୁ ଆଚରଣ କରିଥିଲା। ପଶୁର ହୃଦୟ ଆଗରେ ମାନବିକତା ତୁଚ୍ଛ ମନେହେଲା। ତେଣୁ ମଣିଷର ସଂଜ୍ଞା କ'ଣ, ତା'ର ଗୁଣ କ'ଣ ସେକଥା ଚିନ୍ତା କରିବା କିମ୍ବା ସ୍ଥିର କରିବା ଏକ କଷ୍ଟକର ବ୍ୟାପାର। କାରଣ ଅନ୍ୟ ସମସ୍ତ ପ୍ରାଣୀ, ଜୀବ, ଜନ୍ତୁ, ଗଛ ସମସ୍ତଙ୍କର ଅଳ୍ପ ବହୁତେ ସମାନ ଗୁଣ ରହିଛି ଏବଂ ଖୁବ୍‌ କମ୍‌ମାତ୍ରାରେ ପରିବର୍ତ୍ତନଶୀଳ । କିନ୍ତୁ ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷର ଗୁଣ, କର୍ମ ସବୁ ସମୟରେ ପରିବର୍ତ୍ତନଶୀଳ, ଯାହାକୁ ବୁଝିବା କିମ୍ବା ବୁଝାଇବା ବଡ଼ କଷ୍ଟକର ବ୍ୟାପାର। ସେଥିପାଇଁ ଲୋକମାନେ ଶାସକମାନଙ୍କ ଦ୍ୱାରା ଅତ୍ୟାଚାରିତ ଏବଂ ଅସମ୍ମାନିତ ହେବାର ଅନେକ ଉଦାହରଣ ରହିଛି । ଯେଉଁମାନେ ମଣିଷମାନଙ୍କୁ ବୁଝି ବା ବୁଝାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ପ୍ରୟାସ କରିଥାଆନ୍ତି, ସେମାନଙ୍କୁ ଆମେ ମହାମାନବ ବୋଲି ସମ୍ମାନ କରିଥାଉ । ସେମାନଙ୍କ ମତରେ ମଣିଷ କେବଳ ନିଜ ପାଇଁ ବଞ୍ଚେ ନାହିଁ ବରଂ ଅନ୍ୟମାନଙ୍କ ପାଇଁ ବଞ୍ଚିଥାଏର ଆଦର୍ଶକୁ କେବଳ କହିବା ସହଜ, କିନ୍ତୁ କାମରେ ଦେଖାଇବା କଷ୍ଟକର ହୋଇପାରେ ; କିନ୍ତୁ ଅସମ୍ଭବ ନୁହେଁ । ଏହି ଉକ୍ତିଟି ସ୍ୱତଃ ପ୍ରଶ୍ନ କରେ ଆମେ କ'ଣ ସତରେ ମଣିଷ !

**ଅର୍ଣ୍ଣପାଳ, ଭଦ୍ରକ**
**ମୋ: ୯୭୭୮୭୬୪୩୯୪**

## ଏଇ ଭାରତରେ

ତ୍ରିପୁରା ସେପାହିଜାଲା ଜିଲାରେ ଅତ୍ୟଧିକ ବାଲ୍ୟବିବାହ ହୋଇଥାଏ। ଏବେ କିନ୍ତୁ ତାହା ବହୁ ପରିମାଣରେ କମିଯାଇଛି। ସେପାହିଜାଲା ଜିଲାପାଳ ସିଦ୍ଧାର୍ଥ ଜୟସ୍ୱାଲଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ସେ ଜିଲାର ବିଭିନ୍ନ ଗାଁରୁ ୧୦୦ ପିଲାଙ୍କୁ ବାଲ୍ୟବିବାହ ପଞ୍ଝାରୁ ମୁକୁଳାଇ ସାରିଲେଣି। ଏଥିପାଇଁ ସେ 'ମିଶନ ସଙ୍କଳ୍ପ' ଚଳାଇଛନ୍ତି। ଏହି ମିଶନ ଏବେସୁଦ୍ଧା ଜିଲାର ୧୦ଟି ଗାଁକୁ ସମ୍ପୂର୍ଣ୍ଣ ବାଲ୍ୟବିବାହମୁକ୍ତ ଘୋଷଣା କରିସାରିଛି। ଏହି ଗାଁର ଗ୍ରାମବାସୀ, ଅଭିଭାବକ, ଶିକ୍ଷକମାନେ ଏକାଠି ହୋଇ ଏଥିପାଇଁ କାମ କରୁଛନ୍ତି। ସେମାନେ ପିଲାମାନଙ୍କ ଶିକ୍ଷା ଉପରେ ଏବେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ–୫(ଏନ୍‌ଏଫ୍‌ଏଚ୍‌ଏସ୍‌–୫) ଅନୁଯାୟୀ, ସେପାହିଜାଲାର ୫୧% ବାଳିକାଙ୍କୁ ୧୮ ବର୍ଷ ପୂର୍ବରୁ ବିବାହ କରିଦିଆଯାଏ। ଏପରିକି ୨୬% କିଶୋରୀ ମା' ହୋଇଥାନ୍ତି। ହେଲେ ଜୟସ୍ୱାଲଙ୍କ ପଦକ୍ଷେପ ଏଥିରେ ଯଥେଷ୍ଟ ସୁଧାର ଆଣିପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୯ ଡିସେମ୍ବର ୧୯୭୬**

- କୁମ୍ଭମେଳାର ଇତିହାସରେ ପ୍ରଥମ ଥର ଲାଗି ୮ ରାଜ୍ୟରୁ ବହୁସଂଖ୍ୟକ ପୋଲିସ କର୍ମଚାରୀ ଅଣାଯାଇ ଯାତ୍ରୀଙ୍କ ସୁଖସୁବିଧା ଦେଖିବା ଲାଗି ମୁତୟନ କରାଯାଇଛି।
- ଲାକ୍ଷାଦ୍ୱୀପର କାଲପେନୀଠାରେ ନୂତନ କାରିଗରୀ କୌଶଳ ଅବଲମ୍ବନ ଦ୍ୱାରା ମାତ୍ର ୧୧ ଲକ୍ଷ ଟଙ୍କା ବ୍ୟୟରେ ଏକ ନୂତନ ବତୀଘର ସ୍ଥାପନ କରାଯାଇଛି।
- ବଡ଼ଦିନ ପର୍ବ ଉପଲକ୍ଷେ କେପ୍‌ଟାଉନ୍‌ ସହର ନିକଟବର୍ତ୍ତୀ ଅଞ୍ଚଳରେ ଦଙ୍ଗାଗୋଳରେ ୧୯ ଜଣ ନିହତ ଓ ୯୭ ଜଣ ଆହତ।

## ସୁଡୋକୁ

su|do|ku
Puzzles by Srikant Ghosh
ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 2 | | | | | | | |
| | | | | | 5 | 6 | 9 | |
| 5 | | 8 | | | 4 | | 3 | |
| | | | 5 | | 8 | | | 9 |
| 3 | | 2 | | 6 | | 8 | | |
| 6 | | | 1 | | | | | |
| | 4 | | 8 | | | | | 6 |
| 8 | 7 | | | 1 | | 5 | | |
| | 6 | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 4 | 2 | 8 | 3 | 5 | 7 | 6 |
| 2 | 6 | 5 | 4 | 1 | 7 | 9 | 3 | 8 |
| 8 | 3 | 7 | 5 | 6 | 9 | 4 | 2 | 1 |
| 4 | 2 | 9 | 1 | 3 | 5 | 8 | 6 | 7 |
| 5 | 1 | 8 | 9 | 7 | 6 | 2 | 4 | 3 |
| 6 | 7 | 3 | 8 | 4 | 2 | 1 | 5 | 9 |
| 9 | 4 | 6 | 7 | 5 | 1 | 3 | 8 | 2 |
| 3 | 8 | 2 | 6 | 9 | 4 | 7 | 1 | 5 |
| 7 | 5 | 1 | 3 | 2 | 8 | 6 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହୋ ଭାଷାକୁ ସ୍ୱୀକୃତି ନାହିଁ

ମହାଶୟ,

ବର୍ଷ ବର୍ଷ ଧରି ଦାବି, ଆନ୍ଦୋଳନ ପରେ ବି ହୋ ଭାଷାକୁ ମିଳୁନି ସାମ୍ବିଧାନିକ ସ୍ୱୀକୃତି। ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଭଳି ଆଦିବାସୀବହୁଳ ଜିଲା ସମେତ ରାଜ୍ୟରେ ପ୍ରାୟ ୧୫ ଲକ୍ଷରୁ ଅଧିକ ହୋ ଭାଷାଭାଷୀ ଲୋକ ଅଛନ୍ତି। ହୋ ଭାଷାର ନିଜସ୍ୱ ଲିପି ୱାରାଂଚିତ ରହିଛି। ଅଟଳ ବିହାରୀ ବାଜପେୟୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ୨୦୦୩ ଡିସେମ୍ବର ୨୨ରେ ସାନ୍ତାଳୀ, ବୋଡ଼ୋ, ମୈଥିଳୀ, ଡୋଗ୍ରୀ ଭାଷାକୁ ସରକାରୀ ମାନ୍ୟତା ମିଳିଥିଲା। ପ୍ରଥମକରି ଦୁଇଟି ଆଦିବାସୀ ଭାଷା ସାନ୍ତାଳୀ ଓ ବୋଡ଼ୋକୁ ସାମ୍ବିଧାନିକ ସ୍ୱୀକୃତି ମିଳିବାରୁ ଏହି ଭାଷାଭାଷୀ ଲୋକେ ଆନନ୍ଦ ପ୍ରକାଶ କରିଥିଲେ। ଓଡ଼ିଶା ସରକାର ହୋ ଭାଷା ସମେତ ସଉରା, କୁଇ, ମୁଣ୍ଡାରୀ ଓ କୋଶଳୀ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ପାଇଁ ମଧ୍ୟ କେନ୍ଦ୍ରକୁ ସୁପାରିସ୍‌ କରିଛନ୍ତି। ହେଲେ କିଛି ସୁଫଳ ମିଳୁନି। ଝାଡ଼ଖଣ୍ଡରେ ୨୦୧୧ରେ ହୋ ଭାଷାକୁ ସେଠାକାର ସରକାର ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେଇଥିଲେ। ଅଥଚ ଓଡ଼ିଶା ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦେଉନାହାନ୍ତି। ଝାଡ଼ଖଣ୍ଡରେ ହୋ ଭାଷାରେ ପାଠ୍ୟକ୍ରମ ପ୍ରଚଳିତ ହୋଇଛି। ମାତ୍ର ଓଡ଼ିଶାରେ ତାହା ସମ୍ଭବ ହେଉନାହିଁ। କିଛିବର୍ଷ ତଳେ ରାଜ୍ୟ ସରକାର ୩୧୫ ବହୁଭାଷୀ ଶିକ୍ଷକ ନିଯୁକ୍ତକରି ପ୍ରାଥମିକ ସ୍ତରରେ ହୋ ଭାଷାରେ ପାଠପଢ଼ା ବ୍ୟବସ୍ଥା କରିଥିଲେ। ହେଲେ ଏହାର କୌଣସି ସୁଫଳ କୋହ୍ଲ ସଂପ୍ରଦାୟକୁ ମିଳୁନାହିଁ। ଯେଉଁ ଅଞ୍ଚଳରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ୭୦ ପ୍ରତିଶତରୁ ଅଧିକ କୋହ୍ଲ ସଂପ୍ରଦାୟର ଶିଶୁ ଥିବେ, ସେଠାରେ ହୋ ଭାଷାରେ ପ୍ରାକ୍‌ ବିଦ୍ୟାଳୟ ଶିକ୍ଷାଦାନ ହେବା କଥା। ମାତ୍ର ତାହା ହେଉନାହିଁ।

**–ଶ୍ୟାମସୁନ୍ଦର ସାମଲ, ସୁଭଦ୍ରା ନଗର, ବିଡ଼ାନାସୀ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚାଲିଛି ମୁଁ ସଙ୍ଗେ ତା'ର
କି ବିରାଟ ଅଭିସାର !
ଚାଲିଛି ମୁଁ ଦୂରେ କେଉଁ ଦୂରେ ଗୋ
କି ବା ଗନ୍ଧେ ଅନ୍ତର ପୂରେ ମୋ ।
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ଅଧୀନ କଟକ-ଚାନ୍ଦବାଲି ରାସ୍ତା ନାଳିଆମୁହଁ ଛକ ନିକଟରେ କାର୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କିଶୋରନଗର ଥାନା ରଟିଲୋ ଗ୍ରାମର ରଞ୍ଜନ ବେହେରା । ସାଲେପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରିବା ସହ ଥାନାରେ ଏକ ମାମଲା(ନଂ ୬୫୭/୨୫) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛି। ରଞ୍ଜନ ବାଇକ୍ ଯୋଗେ କଟକ ଅଭିମୁଖେ ଯାଉଥିବା ବେଳେ ହଠାତ୍ ଏକ କାର ନାଳିଆମୁହଁ ଛକରେ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ରଞ୍ଜନଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ।

## ମନ କୀ ବାତ୍, ମିଶ୍ରଣ ପର୍ବ କାର୍ଯ୍ୟକ୍ରମ

ବାଙ୍କୀ, ୨୮।୧୨( ଶୁଭେନ୍ଦୁ ମହାପାତ୍ର)

ବାଙ୍କୀ ନିର୍ବାଚନମଣ୍ଡଳୀରେ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ ମନୋନୀତ ହେବାପରେ ବାଙ୍କୀରେ ରାଜନୀତି ଉଷ୍ମ ହେବାରେ ଲାଗିଛି। ରବିବାର ବାଙ୍କୀ ଉପଖଣ୍ଡ ବାଉଁଶପୁଟ ପଞ୍ଚାୟତ ଅଫିସ ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଯୋଗଦେଇଥିଲେ। ବାଉଁଶପୁଟ, ପାଳପୁଟ, ନାଉପୁଟ, ବିଷ୍ଣୁପୁର ଆଦି ଗ୍ରାମର ଶତାଧିକ ମହିଳା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଭାରତୀୟ ଜନତାପାର୍ଟିରେ ଯୋଗଦେଇଛନ୍ତି।

# ‘ସାଧନା ହିଁ ସଫଳତା ଆଣିଥାଏ’

କଟକ,୨୮।୧୨(କାର୍ତ୍ତିକ ସାହୁ)

### ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

ଓଡ଼ିଶା ମାଧ୍ୟମିକ ସ୍କୁଲ୍ ଶିକ୍ଷକ ସଂଘ(ଓଷ୍ଟା)ର ୪୦ତମ ରାଜ୍ୟସ୍ତରୀୟ ଶିଶୁଉତ୍ସବ ପୂର୍ବାହ୍ନରେ ଚିତ୍ରାଙ୍କନ, ବକ୍ତୃତା, ଗଳ୍ପଲିଖନ, କବିତା ରଚନା, ସାଧାରଣଜ୍ଞାନ, ଆବୃତ୍ତି, ଏକକ ଅଭିନୟ ଓ ବୁଦ୍ଧିପରୀକ୍ଷା ପ୍ରତିଯୋଗିତା ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗଦେଇ କହିଲେ, ଜୀବନରେ ଲକ୍ଷ୍ୟ ଧାର୍ଯ୍ୟ କରି ନିରନ୍ତର ସାଧନାରେ ମଗ୍ନ ରହିବା ଦରକାର। ସାଧନା ହିଁ ସଫଳତା ଆଣିଥାଏ ବୋଲି ସେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ମୁଖ୍ୟବକ୍ତା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ରାଜକିଶୋର ପାଢ଼ୀ କହିଲେ, ପ୍ରତ୍ୟେକ ପିଲା ଭିତରେ ଏକ ଦିବ୍ୟାଗ୍ନି ରହିଛି, ସତ୍ୟକୁ ସାମ୍ନା କଲେ ଜୀବନରେ ନିଶ୍ଚିତ ସଫଳତା ମିଳିବ। ସମ୍ମାନିତ ଅତିଥି ଅଭିନେତ୍ରୀ ବନଜା ମହାନ୍ତି ବକ୍ତବ୍ୟ ରଖିଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓଷ୍ଟା ଉଦ୍ୟାନରେ ଛାତ୍ରୀଛାତ୍ରୀମାନେ ଜଣେ ଜଣେ ପ୍ରଜାପତି ସଦୃଶ ବୋଲି କହିଥିଲେ।

ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଅଶୋକ କୁମାର ମହାପାତ୍ରଙ୍କୁ ଦିବ୍ୟସିଂହ ପଟ୍ଟନାୟକ କୃତି ଶିକ୍ଷକ ସମ୍ମାନ, ଖୋର୍ଦ୍ଧା ଜିଲା ସମ୍ପାଦକ ସୁଧାକର ମହାପାତ୍ରଙ୍କୁ ଅବନୀ ବରାଳ ସମ୍ମାନ, ପୂର୍ବତନ ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ଜଗବନ୍ଧୁ ପଣ୍ଡାଙ୍କୁ କୈଳାସ ଚନ୍ଦ୍ର ମହାପାତ୍ର ସ୍ମୃତି ସମ୍ମାନ, ବ୍ଲକ ସମ୍ପାଦକ ସମୀର କୁମାର ବେହେରାଙ୍କୁ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ସତ୍ୟନାରାୟଣ ତ୍ରିପାଠୀ, ବିଭୂତି ଭୂଷଣ ସାମଲ, ପ୍ରଫୁଲ୍ଲ କୁମାର ମହାନ୍ତି, ପ୍ରଦୀପ୍ତ କୁମାର ଦାସ, ପ୍ରଶାନ୍ତ କୁମାର ମିଶ୍ର ଏବଂ ଯୁଧିଷ୍ଠିର ପାଢ଼ୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ଦେଇଥିଲେ। ଅନୁଗୋଳ ଜିଲା ସମ୍ପାଦକ ତ୍ରିଲୋଚନ ଦାସ, ସମ୍ପାଦକ ପ୍ରଣବ କୁମାର ଜେନା ପ୍ରମୁଖ ପ୍ରତିଭା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପୂଜ୍ୟପୂଜା ଆସର ଓ ପ୍ରତିଭା ସମ୍ମାନ ଉତ୍ସବ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା।

## ଫାଇନାଲରେ ବଡ଼ମ୍ବା କ୍ରିକେଟ୍ କ୍ଲବ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ଆଠଗଡ଼,୨୮।୧୨ (ସତ୍ୟ ପ୍ରସାଦ ରଥ)

### ଦ୍ୱିତୀୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଆଠଗଡ଼ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଦ୍ୱିତୀୟ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଡ଼ମ୍ବା କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଟିଗିରିଆ ନୂଆପାଟଣା କ୍ରିକେଟ କ୍ଲବକୁ ୪ ଉଇକେଟରେ ପରାସ୍ତ କରି ବଡମ୍ବା କ୍ରିକେଟ କ୍ଲବ ଫାଇନାଲକୁ ଉନ୍ନୀତ ହୋଇଛି। ଟସ୍ ହାରି ନୂଆପାଟଣା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୮ଉଇକେଟ ହରାଇ ୨୪୮ ରନ କରିଥିଲା। ଅନ୍ୟପକ୍ଷରେ ବଡ଼ମ୍ବା ଦଳ ୧୯.୫ ଓଭରରେ ୨୪୯ରନ କରି ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ଆନନ୍ଦଙ୍କ ଦ୍ରୁତ ୩୮ଟି ବଲରୁ ୫୪ରନ୍ ଓ ଚିତ୍ତରଞ୍ଜନଙ୍କ ୧୪ଟି ବଲରୁ ୪୭ରନ୍ ସଂଗ୍ରହ କରାଯାଇଥିଲା। ଚିତ୍ତରଞ୍ଜନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚନା କରାଯାଇଥିଲା। ଉନ୍ନତ କ୍ଷେତ୍ରରକ୍ଷଣ କରି ଏକ ଉଚ୍ଚମାନର କ୍ୟାଚ ଧରିଥିବାରୁ ପ୍ରତୀକ ଜେନାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌ରେ ସ୍ଥାନୀୟ ଏସଏସଏମ +୨ ବିଦ୍ୟାଳୟର ପ୍ରୋପ୍ରାଇଟର୍ ମାତୃ ପ୍ରସାଦ ଦାଶ, ମାନସ ସାହୁ, ସନ୍ତୋଷ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବଣ୍ଟନ କରିଥିଲେ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ୍, ଥାନାରେ ଅଭିଯୋଗ

ମଙ୍ଗୁଳି-ଜଗତପୁର,୨୮।୧୨(ମାନସ ସାମଲ)

### ଟାଙ୍ଗୀରେ ପୁଣି କଳା ପଲସର ଆତଙ୍କ

ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ବଇଁଚୁଆ ଛକ ନିକଟରେ ପୁଣି କଳା ପଲସର୍‌ର ଆତଙ୍କ ଦେଖିବାକୁ ମିଳିଛି। ରବିବାର ଅପରାହ୍ଣରେ ଜଣେ ଦମ୍ପତି ଘରକୁ ଫେରୁଥିବା ବେଳେ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ଫେରାର ହୋଇଥିବା ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଚୌଦ୍ୱାର ଥାନା ଅଧୀନ ବଡବଜାରର ବନିତା ସାହୁ (୪୧) ତାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ସାହୁଙ୍କ ସହ ବାଇକ୍‌ରେ ଘର ଚୌଦ୍ୱାରକୁ ଫେରୁଥିଲେ। ଜାତୀୟ ରାଜପଥ ବଇଁଚୁଆ ଛକ ନିକଟରେ ପଛପଟୁ ଏକ କଳାରଙ୍ଗର ପଲସର ବାଇକ୍‌ରେ ୨ଜଣ ଦୁର୍ବୃତ୍ତ ଆସି ବେକରେ ପିନ୍ଧିଥିବା ସୁନା ଚେନକୁ ଝାମ୍ପି ନେଇ କଟକ ଆଡ଼କୁ ଫେରାର ହୋଇଯାଇଥିଲେ। ସୁନାଚେନ ଛଡାଇବା ବେଳେ ବନିତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ସେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରି ଘରକୁ ଫେରି ଯାଇଥିବା ଜଣାପଡିଛି। ପ୍ରକାଶ ଥାଉକି, ବାରମ୍ବାର ଜାତୀୟ ରାଜପଥ ମଙ୍ଗୁଳି ଛକରୁ ଗୋବିନ୍ଦ ଛକ ପର୍ଯ୍ୟନ୍ତ ଲୁଟେରାମାନେ ଗାଡି ଚୋରି ସହ ଛିନତାଇ କରୁଥିବା ବେଳେ ଟାଙ୍ଗୀ ପୋଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ଟାଙ୍ଗୀ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଅଟଳ ବିହାରୀ ବାଜପେୟୀଙ୍କୁ ମିଳୁ ନୋବେଲ ପୁରସ୍କାର



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଆଠଗଡ଼, ୨୮।୧୨(ସତ୍ୟ ପ୍ରସାଦ ରଥ)

ଅଟଳ ବିହାରୀ ବାଜପେୟୀ ସ୍ମାରକୀ ଫାଉଣ୍ଡେଶନ ପକ୍ଷରୁ ଆଠଗଡ ଏନଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବାଜପେୟୀଙ୍କ ୧୦୧ ତମ ଜନ୍ମ ଦିବସ ରବିବାର ପାଳିତ ହୋଇଯାଇଛି। ଫାଉଣ୍ଡେଶନର ଅଧ୍ୟକ୍ଷ ଡ. ହରିହର ସାହୁ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଠଗଡ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି କ୍ୟାପଟେନ ପ୍ରଫୁଲ୍ଲ କୁମାର ପରିଡ଼ାଙ୍କ ସଭାପତିତ୍ୱ କରିଥିଲେ। ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ମୁଖ୍ୟ ବକ୍ତାଭାବେ ବରିଷ୍ଠ ଆଇନଜୀବୀ ସୌରୀ ଚରଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ବିଭୁତିଭୁଷଣ ମିଶ୍ର, ସାହିତ୍ୟିକ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରାଯାଇଥିଲା। ସୁଦକ୍ଷ ବୈଦେଶିକ ନୀତି, ପରମାଣୁ ବୋମା ପରିକ୍ଷଣ, କାର୍‌ଗିଲ ଯୁଦ୍ଧ ପାଇଁ ବାଜପେୟୀ ଲୋକପ୍ରିୟ ହୋଇଥିଲେ।

ପଡୋଶୀ ରାଷ୍ଟ୍ରମାନଙ୍କ ସହ ସୁସମ୍ପର୍କ ଓ ଶାନ୍ତି ପ୍ରତିଷ୍ଠା କରିଥିଲେ। ଏନେଇ ତାଙ୍କୁ ମରଣୋତ୍ତର ନୋବେଲ ପୁରସ୍କାର ପ୍ରଦାନ ପାଇଁ କାର୍ଯ୍ୟକ୍ରମରେ ଦାବି କରାଯାଇଛି। ସ୍ୱର୍ଗତ ବାଜପେୟୀ ୨୦୦୦ମସିହାରେ ଆଠଗଡ ଆସିଥିବାରୁ ଆଠଗଡ ଏନ୍ଏସି ସମେତ ୫ ସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହି ଅବସରରେ ଅତିଥିମାନେ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ସ୍ମରଣିକା ଅଟଳ ଜ୍ୟୋତି ଉନ୍ମୋଚନ କରିଥିଲେ। ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରକ୍ତଦାନ ଶିବର ଆୟୋଜିକା ଇତିଶ୍ରୀ ପ୍ରିୟ ଦର୍ଶିନୀ ସାଇଁଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟକ୍ଷ ଡା. ହରିହର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ଚାମ୍ପିୟନ



ଟ୍ରଫି ସହ ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି।

ବାଙ୍କୀ,୨୮।୧୨
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

### ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଙ୍କୀ କଚେରି ପଡ଼ିଆଠାରେ ଚାଲିଥିବା ବରିଷ୍ଠ ଖବରଦାତା ସ୍ୱର୍ଗତ ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଇଗଲ ସ୍ପୋର୍ଟିଂ କ୍ଲବ ମେଣ୍ଢାଶାଳ ଓ ବାଙ୍କୀ ଅଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ମେଣ୍ଢାଶାଳ ନିର୍ଦ୍ଧାରିତ ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୯୭ରନ କରିଥିଲା। ଅନ୍ୟପକ୍ଷରେ ବାଙ୍କୀ ଆଥ୍‌ଲେଟିକ ଆସୋସିଏଶନ ୧୬ ଓଭରରେ ୬ ଉଇକେଟ ହରାଇ ୧୯୮ ରନ୍ କରି ବିଜୟୀ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଡ. ଦେବାଶିଷ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଙ୍କୀ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, ବାଙ୍କୀ ମହୋତ୍ସବ ସାଧାରଣ ସମ୍ପାଦକ ଡ. ଗଣେଶ୍ୱର ସ୍ୱାଇଁ, କାଉନସିଲର ସନାତନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଏବଂ ଉପବିଜେତା ଦଳକୁ ମୁଖ୍ୟ ଅତିଥି ଡ. ପଟ୍ଟନାୟକ ସିଲ୍ଡ ସହିତ ଉପହାର ସ୍ୱରୂପ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଥ୍‌ଲେଟିକ ଆସୋସିଏଶନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅନୁଷ୍ଠାନର କ୍ରିକେଟ ସମ୍ପାଦକ ସତ୍ୟରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁବାସ ଖଟୁଆ ମ୍ୟାନ ଅଫ ଦି ସିରିଜ ହୋଇଥିବା ବେଳେ ପ୍ରମେୟ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି।

## ବିଦ୍ୟାଳୟର ଶୈକ୍ଷିକ ପରିବେଶ ସୁରକ୍ଷା, ସବୁଜ ବଳୟ ପାଇଁ କାର୍ଯ୍ୟ କରିବାକୁ ନିଷ୍ପତ୍ତି



ଆଠଗଡ଼,୨୮।୧୨(ସତ୍ୟ ପ୍ରସାଦ ରଥ)

ବାରଙ୍ଗ କୁଞ୍ଜବିହାରୀ ମହାବିଦ୍ୟାଳୟର ୧୯୯୨ମସିହା ସ୍ନାତକ ବ୍ୟାଚ୍ ପକ୍ଷରୁ ବାର୍ଷିକ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତାପ ନଗରୀସ୍ଥିତ ଧାକୁଲେଇ ଦେବୀ ପୀଠରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ତତ୍କାଳୀନ ମହାବିଦ୍ୟାଳୟ ସଭାପତି ତଥା ନେତା ସୁବାସ ଚନ୍ଦ୍ର ପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂସଦର ସଦସ୍ୟମାନେ ଦୀର୍ଘ ୩୪ବର୍ଷ ପରେ ଏକାଠି ହୋଇ ଭାବ ବିହ୍ୱଳ ହୋଇଥିଲେ। ବାରଙ୍ଗ କୁଞ୍ଜ ବିହାରୀ ମହାବିଦ୍ୟାଳୟରେ ଶୈକ୍ଷିକ ପରିବେଶର ସୁରକ୍ଷା ଓ ସବୁଜ ବଳୟ ସୃଷ୍ଟି ପାଇଁ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗୀ ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ପରିଜା, ଅଶୋକ ବିଶ୍ୱାସ, ପ୍ରହ୍ଲାଦ ରାଉତ, ଦୁଷ୍ମନ୍ତ ରାଉତ, ରଞ୍ଜନ ମହାନ୍ତି, ଚନ୍ଦ୍ରମା ଜେନା, ଅମିତା ସେନାପତି ପ୍ରମୁଖ ଯୋଗଦେଇ ଦେଇଥିଲେ।

## ୧୫ ଲକ୍ଷର ସୁନା, ରୁପା ଅଳଙ୍କାର ଓ ୩୦ ହଜାର ଟଙ୍କା ଚୋରି

ମଙ୍ଗୁଳି-ଜଗତପୁର,୨୮।୧୨(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ନଖରା ପଞ୍ଚାୟତ ଚାଞ୍ଚୁଆ ଗ୍ରାମରେ ଶନିବାର ରାତିରେ ପୁଣି ଚୋରି ଘଟଣା ଏବେ ସାମ୍ନାକୁ ଆସିଛି। ଏହି ଗ୍ରାମର ଜଟକୃଷ୍ଣ ମହାରଣାଙ୍କ ଘରୁ ପ୍ରାୟ ୧୫ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର ସହ ନଗଦ ୩୦ ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଖବର ପାଇ ଚୌଦ୍ୱାର ପୋଲିସ ତଦନ୍ତ କରି ଫେରିଯାଇଥିବା ବେଳେ ସୋମବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ହେବ। ଜଟକୃଷ୍ଣଙ୍କ ବଡ ବୋହୂ ରିନା ମହାରଣାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୭୫୫/୨୫) ରୁଜୁ କରିଛି। ସୂଚନା ମୁତାବକ, ଜଟକୃଷ୍ଣ କଟକରେ ରହୁଥିବା ବେଳେ ତାଙ୍କ ବଡପୁଅ ଧରଣୀଧର ମହାରଣାଙ୍କ ପରିବାର ଚାଞ୍ଚୁଆ ଗ୍ରାମରେ ରୁହନ୍ତି। ଗତ ୪ ଦିନ ହେବ ଧରଣୀଙ୍କ ପରିବାର ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଘର ତାଲା ତାଡ଼ି ଆଲମିରା ଓ ଟ୍ରଙ୍କରେ ଥିବା ଗୋଟିଏ ଲେଖାଏଁ ସୁନା ହାର, ମଙ୍ଗଳସୂତ୍ର, ଚେନ, କାନର ଅଳଙ୍କାର, ୩ଟି ମୁଦି, ରୁପା ପାଉଁଜି ଓ ନଗଦ ୩୦ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ରବିବାର ଭୋରୁ ପାଖପଡୋଶୀ ପଛପଟେ ଏକ ଟ୍ରଙ୍କ ପଡିଥିବା ଦେଖି ସନ୍ଦେହ କରି ଯାଞ୍ଚ କରିବାରୁ କେହି ଦୁର୍ବୃତ୍ତ ଧରଣୀଙ୍କ ଘର ତାଲା ତାଡି ଚୋରି କରିଥିବା ଦେଖି ଧରଣୀଧରଙ୍କୁ ଫୋନ କରି ଜଣାଇଥିଲେ। ଗତ ୪ ମାସ ବ୍ୟବଧାନରେ ଏକାଧିକ ବଜାର ଓ ଗ୍ରାମରେ ୨୦ରୁ ଊର୍ଦ୍ଧ୍ୱ ଚୋରି ହୋଇଥିବା ବେଳେ ପୋଲିସ ଚୋରଙ୍କ ଟେର ପାଉନି। ଫଳରେ ଚୌଦ୍ୱାର ପୋଲିସ ଉପରୁ ଲୋକଙ୍କ ବିଶ୍ୱାସ କମୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟଙ୍କୁ ପଚାରିବାରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି, ଖୁବଶୀଘ୍ର ଚୋର ଓ ଚୋରି ସାମଗ୍ରୀ ଜବତ କରି ଲୋକଙ୍କ ବିଶ୍ୱାସ ଭାଜନ ହେବୁ ବୋଲି କହିଥିଲେ।

## କଟକ ଜିଲା ଗ୍ରାମାଞ୍ଚଳଭିତ୍ତିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବାଙ୍କୀ,୨୮।୧୨
(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଉଚ୍ଚବିଦ୍ୟାଳୟ ଖେଳପଡିଆ ପରିସରରେ କଟକ ଜିଲା ଗ୍ରାମାଞ୍ଚଳଭିତ୍ତିକ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତା ମୋ ଭାରତ କଟକ, ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ଭାରତ ସରକାରଙ୍କ ସହାୟତାରେ ଆଦର୍ଶ ଯୁବପରିଷଦ ଓ ଶ୍ରୀରାମ କମିଟି ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡମପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ର, ରବୀନ୍ଦ୍ର ପାଣିଗ୍ରାହୀ, ଅକ୍ଷୟ ବେହେରା, ମୃତ୍ୟୁଞ୍ଜୟ ସ୍ୱାଇଁ, ପ୍ରଫୁଲ୍ଲ ସ୍ୱାଇଁ, ନିତେଶ ସେଠୀ, ଏଲିନା ପ୍ରିୟଦର୍ଶିନୀ, ପ୍ରିୟନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ କ୍ରୀଡ଼ାକୁ ଶ୍ରୀରାମ କମିଟିର ବିଶ୍ୱରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ। ରୀତାଞ୍ଜଳି ସେଠୀ, ବାବୁଲି ନାୟକ ବିଭିନ୍ନ କ୍ରୀଡ଼ାକୁ ପରିଚାଳନା କରିଥିଲେ। ପୁରୁଷ ଭଲିବଲରେ ଭେଡରାମଚନ୍ଦ୍ରପୁର ବିଜେତା ହୋଇଥିବା ବେଳେ ପଦନପୁର ଦଳ ଉପବିଜେତା ହୋଇଥିଲା।

# ‘ମାନବ ସେବା ହିଁ ମାଧବ ସେବା’

ଟିଗିରିଆ,୨୮।୧୨ ( ଜାଫର ଖାଁ)

ପଞ୍ଜାବ ରାଜ୍ୟ ଗୁରୁଦାସପୁର ଜିଲାର ବିଶ୍ୱବ୍ୟାପୀ ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟର ଜନ୍ମଭୂମି କାଦିଆନସହରର ବୁୟାନେ ଅହମ୍ମଦଠାରେ ଚାଲିଥିବା ୧୩୦ତମ ୩ ଦିନିଆ ସର୍ବଧର୍ମ ଶାନ୍ତି ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଛି। ଅନ୍ତିମ ଦିବସର ପ୍ରଥମ ଅଧିବେଶନରେ ଅତିରିକ୍ତ ମୁଖ୍ୟ ସଚିବ ମୌଲାନା ମଖଦୁମ ଶରିଫ ପୌରୋହିତ୍ୟ କରିଥିଲେ।

ପବିତ୍ର କୋରାନ ଶ୍ଳୋକ ପାଠ ହାଫିଜ ଫାରୁକ ଆଜମ କରିଥିବା ବେଳେ ଉର୍ଦ୍ଦୁ ନଜମ(କବିତା) ୟାସିର ଅହମ୍ମଦ ନାୟକ ପଢ଼ିଥିଲେ। ପ୍ରଥମ ବକ୍ତାଭାବେ ହାଫିଜ ମୌଲାନା ସୟଦ ରସୁଲ ନିଆଜ ଯୋଗଦେଇ କହିଥିଲେ, ପବିତ୍ର କୋରାନ ହେଉଛି ସକଳ ସଫଳତାର ଚବିକାଠି, ସମସ୍ୟାର ସମାଧାନ। ଏହା ହୃଦୟର ଆବିଳତାକୁ ଦୂର କରିବା ସହ ତାକୁ ପବିତ୍ର କରିଥାଏ। ମାନବିକତା, ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରେମ ଓ ଭାଇଚାରାର ନୈତିକ ଶିକ୍ଷା ଦେଇଥାଏ। ଦ୍ୱିତୀୟ ବକ୍ତାଭାବେ ଅହମ୍ମଦୀୟା ସଙ୍ଗଠନର ସଂସ୍କାର ଓ ନିର୍ଦ୍ଦେଶ ବିଭାଗର ଅତିରିକ୍ତ ସଚିବ ମୌଲାନା କେ.ତାରିକ ଅହମ୍ମଦ ଯୋଗଦେଇ ଇଣ୍ଟରନେଟର ସଦ୍‌ବ୍ୟବହାର ଏବଂ ତାର ଲାଭ ଓ କ୍ଷତିବିଷୟରେ ମତାମତ ରଖିଥିଲେ।

ଦ୍ୱିତୀୟ ଅଧିବେଶନରେ କେନ୍ଦ୍ରୀୟ ଅହମ୍ମଦୀୟା ମୁସ୍‌ଲିମ ସଙ୍ଗଠନ ଭାରତ ମୁଖ୍ୟ ସଚିବ ମୌଲାନା ମୁହମ୍ମଦ ଇନାମ ଘୋରି ପୌରୋହିତ୍ୟ କରିଥିଲେ। କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବର କାର୍ଯ୍ୟକ୍ରମରେ ବିଶ୍ୱବ୍ୟାପୀ ଅହମ୍ମଦୀୟା ମୁସଲିମ ସମ୍ପ୍ରଦାୟର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମ୍ମଦ ଟିଭି ଚ୍ୟାନେଲ ମାଧ୍ୟମରେ ସିଧାସଳଖ ଏହି ଐତିହାସିକ ସମ୍ମିଳନୀରେ ଯୋଗଦେଇ କହିଥିଲେ, ସ୍ରଷ୍ଟାଙ୍କ ସୃଷ୍ଟି ସହ ସହାନୁଭୂତି ପ୍ରଦର୍ଶନ କର। ମାନବ ସେବା ହିଁ ମାଧବ ସେବା ଆମର ଆଦର୍ଶ ହେବା ଉଚିତ। ଈଶ୍ୱରଙ୍କ ଅଧିକାର ପୂରଣ କରିବା ସହ ମାନବିକତାର ଅଧିକାରକୁ ମଧ୍ୟ ପୂରଣ କରିବା ନିତ୍ୟାନ୍ତ ଆବଶ୍ୟକ। ନିଜ ଭିତରେ ସତ୍ୟନିଷ୍ଠତା ଓ ଧର୍ମପରାୟଣତା ସୃଷ୍ଟି କର। ଈଶ୍ୱର ଭକ୍ତି ଓ ପରୋପକାରୀ ହେବା ମଣିଷ ଜନ୍ମର ମୂଳ ଉଦ୍ଦେଶ୍ୟ। ଏହି ସର୍ବଧର୍ମ ଶାନ୍ତି ସମ୍ମିଳନୀରେ ବିଶ୍ୱର ୪୦ ଦେଶରୁ ତଥା ଭାରତର କୋଣ ଅଣୁକୋଣରୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଶ୍ରୀମା ଆରତୀ ଦେବୀଜି, ମହାରାଜ ପରମ ସନ୍ଥ ଅଦ୍ୱୈୟତ ସ୍ୱରୂପ (ଅମୃତସର) ସ୍ୱାମୀ ଡ. ଶତପ୍ରୀତ ହରି, ଗୁରୁନାନକ ଦେବ ଜିଙ୍କ ୧୬ତମ ସନ୍ତାନ ବାବା ସୁଖଦେବ ସିଂହ ବେଦୀ, ବାବା ଲୋକଦୀପ ସିଂହ ଘୁମାନ ପ୍ରମୁଖ ଯୋଗ ଦେଇ ସମାଜରେ ଶାନ୍ତି ଓ ସଦ୍‌ଭାବ ବଜାୟ ରଖିବା ପାଇଁ ନିଜ ନିଜ ଧର୍ମ ଅନୁସାରେ ପ୍ରେମ ସଦଭାବ ଏବଂ ଭାଇଚାରାକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ।



ସମ୍ମିଳନୀରେ ଯୋଗଦେଇଥିବା ଅହମ୍ମଦୀୟା ମୁସ୍‌ଲିମ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ।

### ୧୩୦ତମ କାଦିଆନ ସର୍ବଧର୍ମ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

କପା ଚାଷୀଙ୍କୁ ନିବେଦନ

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

ଭା.କ.ନି. CCI
ଭାରତୀୟ କପା ନିଗମ ଲିମିଟେଡ୍
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

କପା ଚାଷୀଙ୍କୁ ଆହ୍ୱାନ

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।

ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

**ଯୁବକଙ୍କୁ ପୋଲିସ ଗୋଡ଼ାଇ ପିଟିବା ଘଟଣା**

- ପୀଡ଼ିତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ, କାର୍ଯ୍ୟାନୁଷ୍ଠାନ ଦାବି
- ଅବସରପ୍ରାପ୍ତ ଜଜ୍‌ଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରାଯାଉ

ଖୋର୍ଦ୍ଧା, ୨୮।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡି ପୋଲିସ ଆରିକମା ଗ୍ରାମର ବିଜୟାନନ୍ଦ ତାଡ଼ଙ୍କୁ ସର୍ବସମ୍ମୁଖରେ ଗୋଡ଼ାଇ ପାଇପ୍‌ରେ ପିଟିବା ଘଟଣାରେ ମାନବାଧିକାର ଉଲ୍ଲଂଘନ କରାଯାଇଥିବା ନେଇ ରବିବାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ବିଜୟାନନ୍ଦଙ୍କ କ୍ଷେତ୍ରରେ ଭାରତୀୟ ସମ୍ବିଧାନର ଧାରା-୧୪ (ଆଇନ ସମସ୍ତଙ୍କ ପାଇଁ ସମାନତା) ଉଲ୍ଲଂଘନ କରାଯାଇଛି ବୋଲି ଦାଶ ଦର୍ଶାଇଛନ୍ତି। ଧାରା-୧୯ (ନାଗରିକ ସ୍ୱାଧୀନତାର ସୁରକ୍ଷା), ଧାରା-୨୧ ମାନବ ବଞ୍ଚିବାର ଅଧିକାର, ଧାରା-୩ (ଜୀବନ, ସ୍ୱାଧୀନତା ଓ ବ୍ୟକ୍ତିର ସୁରକ୍ଷା ଅଧିକାର) ଏବଂ ପୋଲିସ କର୍ମଚାରୀ ଦ୍ୱାରା ଅତ୍ୟଧିକ ବଳପ୍ରୟୋଗ, ନିର୍ଯାତନା, ଭୟଭୀତ କରିବା ସହ କ୍ଷମତାର ଅପବ୍ୟବହାର ସିଧାସଳଖ ଭାବେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ନୀତିର ଉଲ୍ଲଂଘନ କରୁଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଜଣେ ଅବସରପ୍ରାପ୍ତ ଜିଲା ଜଜ୍ ଅଥବା କମିଶନଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ଅନ୍ୟ କୌଣସି ସଂସ୍ଥା ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାଶ ଦାବି କରିଛନ୍ତି। ପୀଡ଼ିତଙ୍କ ଉପରେ ଆକ୍ରମଣ ଓ ଧମକ ଦେବା ନେଇ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ଏବଂ ଫୌଜଦାରି ମାମଲା ରୁଜୁ କରାଯାଉ। ପୀଡ଼ିତ ବିଜୟାନନ୍ଦଙ୍କୁ ମାନସିକ, ଶାରୀରିକ ଯନ୍ତ୍ରଣା, ଅପମାନ ଏବଂ ତାଙ୍କ ମୌଳିକ ଅଧିକାର ଉଲ୍ଲଂଘନ ପାଇଁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଯେପରି ପୋଲିସ ଦ୍ୱାରା ଅଧିକ ହଇରାଣ ଓ ପ୍ରତିଶୋଧର ଶିକାର ନ ହୁଅନ୍ତି, ସେଥିଲାଗି ପୀଡ଼ିତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ କରାଯାଉ। ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କମିଶନଙ୍କ ସମ୍ମୁଖରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉ। ମାନବାଧିକାର ସୁରକ୍ଷା ଦୃଷ୍ଟିରୁ କମିଶନ ଉପଯୁକ୍ତ ନିର୍ଦ୍ଦେଶ ଦେବାକୁ ଦାଶ ତାଙ୍କ ଅଭିଯୋଗରେ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମରେ ଦୁଇ ପଡ଼ୋଶୀ ପରିବାର ମଧ୍ୟରେ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଘଟଣାର ସମାଧାନ କରିବା ପାଇଁ ବିଜୟାନନ୍ଦ ଆଗେଇ ଆସିଥିଲେ। ତେବେ ଶନିବାର ସକାଳେ ସେ ଆରିକମା ଗାଁ ଛକ ନିକଟରେ ଛିଡ଼ା ହୋଇଥିବାବେଳେ ଫାଣ୍ଡି ଅଧିକାରୀ ମିହିର ରଞ୍ଜନ ପ୍ରଧାନ ଏବଂ ଅନ୍ୟ ଜଣେ ପୋଲିସ କର୍ମଚାରୀ ପହଞ୍ଚି ବିଜୟାନନ୍ଦଙ୍କୁ ପ୍ଲାଷ୍ଟିକ ପାଇପ୍‌ରେ ଗୋଡ଼ାଇ ପିଟିଥିଲେ। ବିଜୟାନନ୍ଦ କହିଛନ୍ତି, ମୋର କୌଣସି ଦୋଷ ନାହିଁ, କାକୁତିମିନତି ହେବା ସତ୍ତ୍ୱେ ପୋଲିସ ଶୁଣି ନ ଥିଲା। ଏପରିକି ଗାଡ଼ିରେ ବସାଇ ଅନ୍ୟ ଅଭିଯୋଗକାରୀଙ୍କ ଘର ଆଗରେ ଛିଡ଼ା କରାଇ ପୁଣି ଥାନା ଅଧିକାରୀ ପିଟିଥିଲେ ବୋଲି ବିଜୟାନନ୍ଦ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି। ସର୍ବସମ୍ମୁଖରେ ପୋଲିସର ଏଭଳି ବର୍ବରତାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

# ରୁଥିଲେସ୍‌କୁ ହରାଇ କିଙ୍ଗ୍ସ ଜାଗୁଆର ଚାମ୍ପିୟନ



ଚାମ୍ପିୟନ କିଙ୍ଗ୍ସ ଜାଗୁଆର ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

**ବାମଡିହ ପ୍ରିମିୟର ଲିଗ୍**

ବାଘମାରି, ୨୮।୧୨ (ମିହିର ରଞ୍ଜନ ମହାପାତ୍ର)

ବାଘମାରି ପଞ୍ଚାୟତ ଅନ୍ତର୍ଗତ ବାମଡିହ ଖେଳପଡ଼ିଆରେ ରବିବାର ଅନୁଷ୍ଠିତ ତୃତୀୟ ବାର୍ଷିକ ବାମଡିହ ପ୍ରିମିୟର ଲିଗର ଫାଇନାଲ ମ୍ୟାଚରେ ରୁଥଲେସ ଟିମ୍‌କୁ ୨୩ ରନରେ ହରାଇ କିଙ୍ଗ୍ସ ଜାଗୁଆର୍ ଚାମ୍ପିୟନ ହୋଇଛି। କିଙ୍ଗ୍ସ ଜାଗୁଆର୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିଙ୍ଗ୍ସ ଜାଗୁଆର୍ ୧୨ ଓଭରରେ ୯ ଉଇକେଟ୍ ହରାଇ ୧୦୬ ରନ୍ କରିଥିଲା। ଜବାବରେ ରୁଥଲେଶ୍ ସମାନ ଓଭରରେ ସମସ୍ତ ଉଇକେଟ ହରାଇ ୮୩ରନ୍ କରି ମ୍ୟାଚ୍ ହାରିଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଭାଜପା ଯୁବନେତା ମାନସ କୁମାର ବେହେରା ମୁଖ୍ୟ ଅତିଥି ଏବଂ ପ୍ରତାପ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ବଳରାମ ଭାଷ୍ୟକାର ରହିଥିବାବେଳେ ଚିଣ୍ଟୁ ପ୍ରଧାନ, ଶିବ ସାହୁ, ନିରଞ୍ଜନ ପ୍ରମୁଖ ସହଯୋଗ କରିଥିଲେ।

# ହାତୀଙ୍କ ପାଇଁ ଚାଷୀଙ୍କୁ ଘାରିଛି ଫସଲ ଚିନ୍ତା

**ଉଜାଡିଲେଣି ୬୪ ଏକର**

ବେଗୁନିଆ, ୨୮।୧୨ (ହରପ୍ରସନ୍ନ ପଣ୍ଡା)

ଚଳିତ ଖରିଫ ଋତୁରେ ଏବେ କ୍ଷେତରୁ ଧାନ ଫସଲ ଅମଳ ଜାରି ରହିଛି। ଏଥିସହ ଜମିରେ ରବି ଫସଲ ବୁଣାଯାଇଛି। ଅପରପକ୍ଷେ ପନିପରିବା, ଅର୍ଥକାରୀ ଓ ତୈଳଜାତ ଫସଲ ମଧ୍ୟ ବହୁଳ ପରିମାଣରେ ଚାଷ କରାଯାଇଛି। ତେବେ ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀଙ୍କୁ ହାତୀ, ବାର୍ହା ଚିନ୍ତା ଘାରିଛି। ଏବେ ପରିବା ଓ ରବି ଫସଲ କିଆରିରେ ହାତୀ, ବାର୍ହା ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବିଗତ ବର୍ଷରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଏବେ ବନ୍ୟଜନ୍ତୁଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀଙ୍କ ଉପରେ କୋରଡା ମାଡ଼ ସଦୃଶ ହୋଇଛି। ଏଭଳି ସ୍ଥିତିରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଚାଷ କାର୍ଯ୍ୟରୁ ଚାଷୀ ମୁହଁ ଫେରାଇ ନେବାକୁ ବସିଲାଣି। ସମ୍ପ୍ରତି କିଛିଦିନ ହେଲା ହାତୀ ଓ ବାର୍ହା ପଲଙ୍କ ଉତ୍ପାତ ଯୋଗୁ ବେଗୁନିଆ ବ୍ଲକରେ ବ୍ୟାପକ ଫସଲ ହାନି ହୋଇଛି। ଚଳିତ ଖରିଫ ଋତୁରେ ବ୍ଲକରେ ପ୍ରାୟ ୮ଟି ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ଗାଁର ବହୁ ଚାଷୀଙ୍କର ୬୪ ଏକରରୁ ଊର୍ଦ୍ଧ୍ୱ ଧାନ ଓ ପରିବା ଫସଲ ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି। ଫସଲ ହାନି ହୋଇଥିବା ଅଞ୍ଚଳ ମଧ୍ୟରେ ହଜ, ସିକୋ, ହୀରାପୁର, ବୋତଲମା, ଦେଉଳି, ଗୋବିନ୍ଦପୁର, କୁଞ୍ଜୁରି ଓ ଶଗଡ଼ଭଙ୍ଗା ଅବସ୍ଥିତ। କ୍ଷତିଗ୍ରସ୍ତ ଚାଷୀମାନେ ବନ ବିଭାଗ ଓ କୃଷି ବିଭାଗ ନିକଟରେ ବାରମ୍ବାର ଅଭିଯୋଗ କରିଛନ୍ତି, ମାତ୍ର ନିରାଶ ହେବାକୁ ପଡ଼ିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ବନ ବିଭାଗ ପକ୍ଷରୁ ଏକର ପିଛା ୧୦ ହଜାରରୁ ୧୨ ହଜାର ଟଙ୍କା କ୍ଷତିପୂରଣ ସହାୟତା ମିଳୁଛି, ହେଲେ ତାହା ସମୁଦ୍ରକୁ ଶଙ୍ଖେ ଭଳି ବୋଲି ଚାଷୀ ଭାଗୀରଥି ଦଳସିଂହରାୟ, କ୍ଷେତ୍ରବାସୀ ପରିଡା, ବିଶ୍ୱମ୍ବର ମାଝି, ଦିଗମ୍ବର ପଣ୍ଡା ପ୍ରମୁଖ କହିଛନ୍ତି। ସେମାନେ ଆହୁରି କହିଛନ୍ତି, ଗତ ୧୩ ବର୍ଷ ହେଲା ଚନ୍ଦକା ଜଙ୍ଗଲରୁ ହାତୀପଲ ଆସି ବେଗୁନିଆ ବ୍ଲକର ନାରଗୋଦା ଗ୍ରାମ୍ୟ ଜଙ୍ଗଲରେ ରହୁଛନ୍ତି। ସେହି ସମୟରେ ୨ରୁ ୩ଟି ହାତୀଙ୍କୁ ଦେଖିବାକୁ ମିଳିଥିଲା। ବର୍ଷକୁ ବର୍ଷ ସେମାନେ ବଂଶ ବିସ୍ତାର କରୁଛନ୍ତି। ପଲରେ ଏବେ ୪ଟି ଦନ୍ତା, ୪ଟି ଛୁଆ ସହ ୮ଟି ମା' ହାତୀ ଚଲାବୁଲା କରୁଥିବା ଦେଖୁଛୁ। ସନ୍ଧ୍ୟା ହେଲେ ହାତୀପଲ ବିଭିନ୍ନ ଗାଁକୁ ପଶି ଆସୁଛନ୍ତି, ଧନ ସମ୍ପତ୍ତି ନଷ୍ଟ କରିବା ସହ ଜୀବନ ନେଉଛନ୍ତି। ସେହିପରି ବାର୍ହା ପଲଙ୍କ ପ୍ରାଦୁର୍ଭାବ କଥା ନ କହିବା ଭଲ। ଯଦି ବନବିଭାଗ ପକ୍ଷରୁ ହାତୀ ପଲଙ୍କୁ ଆୟତ୍ତ କରାଯାଇ ଚନ୍ଦକା ଜଙ୍ଗଲକୁ ନିଆଯାଇପାରନ୍ତା, ତେବେ ଚାଷୀଙ୍କ ଦୁଃଖ କିଛିମାତ୍ରାରେ ଲାଘବ ହୁଅନ୍ତା।

# 'ବିକାଶର କୌଣସି ଦଳ ନାହିଁ'



କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

**ଏମ୍‌ପିଙ୍କ ଦ୍ୱାରା ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର**

ବୋଲଗଡ଼, ୨୮।୧୨ (ଦେବବ୍ରତ ହୋତା)

ବୋଲଗଡ଼ ସଦର ମହକୁମାରେ ରବିବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ସାମୂହିକ ପାଠାଗାର ଓ ପ୍ରଶିକ୍ଷଣ କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ଏହି କେନ୍ଦ୍ର ନିର୍ମାଣ ପାଇଁ ଏମ୍‌ପି ଲ୍ୟାଡ୍‌ରୁ ୫୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଉକ୍ତ ପାଠାଗାରରେ ସ୍ଥାନୀୟ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକ ଓ ବିଦ୍ୟାର୍ଥୀମାନେ ବିଭିନ୍ନ କୋଚିଂ ସହ କର୍ମନିଯୁକ୍ତି ପାଇଁ ବିଶେଷ ଜ୍ଞାନ ଆହରଣ କରିପାରିବେ। ଏମ୍‌ପି ଷଡ଼ଙ୍ଗୀ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଅଞ୍ଚଳର ଦଳୀୟ କର୍ମୀ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସେଠାରେ ସେମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପଦଯାତ୍ରାରେ ବ୍ଲକ ନିକଟ ପାଠାଗାର ନିର୍ମାଣ ସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ବିଡିଓ ସୁମନସୁଧା କୁଣ୍ଡୁ, ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମାଣ ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ଏମ୍‌ପି ଷଡ଼ଙ୍ଗୀ ଶୁଭ ଦେଇଥିଲେ। ପରେ ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଏମ୍‌ପି ଷଡ଼ଙ୍ଗୀ କହିଥିଲେ, ପ୍ରତି ବ୍ଲକରେ ଏଭଳି ପାଠାଗାର ନିର୍ମାଣ ହେବ। ଆଗାମୀ ତିନିବର୍ଷ ମଧ୍ୟରେ ନିର୍ବାଚନମଣ୍ଡଳୀର ୪୦ଟି ପଞ୍ଚାୟତର ସର୍ବାଙ୍ଗୀନ ବିକାଶ ଲାଗି ମାଷ୍ଟରପ୍ଲାନ ପ୍ରସ୍ତୁତ ହେଉଛି। ବିକାଶର କୌଣସି ଦଳ ନାହିଁ। ତେଣୁ ସ୍ଥାନୀୟ ବିଧାୟକ ବିରୋଧୀ ଦଳର ହୋଇଥିଲେ ମଧ୍ୟ ଅଞ୍ଚଳର ବିକାଶ ପାଇଁ ତାଙ୍କୁ ସହଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ବିଧାୟକ ସାହୁ ମଧ୍ୟ ବିକାଶର ସାରଥି ବନିବାକୁ ତତ୍ପର ଥିବା କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ଷଡ଼ଙ୍ଗୀ, ରବିନ୍ଦ୍ର ପରିଡ଼ା, ଲୋତକବିନ୍ଦୁ ପଟ୍ଟନାୟକ, ରବୀନ୍ଦ୍ର ସୁବୁଦ୍ଧି, ଦିଲ୍ଲୀପ ଦତ୍ତ, ଅର୍ଜୁନ ପଟ୍ଟନାୟକ, କିଶୋର ହୋତା, ସୁବାସ ସ୍ୱାଇଁ, ଅଜିତ ପଟ୍ଟନାୟକ, ତ୍ରିନାଥ ସ୍ୱାଇଁ, ସଞ୍ଜୟ ବେହେରା, ପ୍ରମୋଦ ପ୍ରଧାନ, ବିଦ୍ୟୁତ୍ କାଣ୍ଡି, ସୁମନ୍ତ ପ୍ରଧାନ ଓ ଦୀପନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜଗନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ଦୟାନନ୍ଦ ଆଦର୍ଶ ଗୁରୁକୁଳ ବାର୍ଷିକ ଉତ୍ସବ

ବେଗୁନିଆ, ୨୮।୧୨ (ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ଷଷ୍ଠ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିବସରେ ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ଶାନ୍ତାନନ୍ଦଜୀ ପ୍ରକରଣ ଓ ସ୍ୱାମୀ ମୁକ୍ତାନନ୍ଦଜୀ ଯଜ୍ଞର ଉପକାରିତା ଏବଂ ଆଶ୍ରମ ପ୍ରତିଷ୍ଠାତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଜୀବନ ନିର୍ବାଣ ସମ୍ପର୍କରେ ଆଲୋକପାତ କରି ସରଳ ନିରାଡ଼ମ୍ବର ଜୀବନଯାପନ ଦ୍ୱାରା ଈଶ୍ୱରଙ୍କ ସାନ୍ନିଧ୍ୟ ଲାଭ କରି ହେବ ବୋଲି କହିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁକୁଳ ଅଧ୍ୟକ୍ଷ ପ୍ରତାପ ପଟ୍ଟନାୟକଙ୍କ ପୌରୋହିତ୍ୟ ଓ ନିରଦ ବରଣ ଖୁଣ୍ଟିଆଙ୍କ ସଂଯୋଜନାରେ ଖୋର୍ଦ୍ଧା ଡେପୁଟି କଲେକ୍ଟର ପଙ୍କଜବାସିନୀ ଭଞ୍ଜ ମୁଖ୍ୟ ଅତିଥି, ଅନୁଷ୍ଠାନର ନୂତନ ଅଧ୍ୟକ୍ଷ ଜଗଦୀଶ ରେଞ୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଦ୍ୟା ଅନ୍ଧକାରକୁ ଦୂର କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦୁଷ୍ମନ୍ତ ସ୍ୱାଇଁ ଓ ଗୁରୁ ଗୋପାଳକୃଷ୍ଣ ସାଧକ, ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାମେଶ୍ୱର ପ୍ରିମିୟର ଲିଗ୍ କ୍ରିକେଟ: ଥଣ୍ଡରଟାଇଟନ ଚାମ୍ପିୟନ



ନିରାକାରପୁର, ୨୮।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତର ଖେଳ ପଡ଼ିଆରେ ରାମେଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ବାର୍ଷିକ ଜୁନିୟର ରାମେଶ୍ୱର କ୍ରିକେଟ ଲିଗ୍ ଟୁର୍ନାମେଣ୍ଟରେ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଥଣ୍ଡର ଟାଇଟନ ଓ ଲାୟନ୍ସ ଆର୍ମି ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଥଣ୍ଡର ଟାଇଟନ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୨୭ରନ କରିଥିଲା। ଜବାବରେ ଲାଇନ ଆର୍ମି ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୧୧ରନ କରି ହାରିଯାଇଥିଲା। ଥଣ୍ଡର ଟାଇଟନ ଦଳ ଚଳିତବର୍ଷର ଚମ୍ପିୟାନ ହୋଇଛି। ଶିବ କୁମାର ତ୍ରିପାଠୀ ଓ ସୁବାସ କୁମାର ନାୟକ ଖେଳ ପରିଚାଳନା କରିଥିଲେ। ଅତିଥିଭାବେ ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ, ରାମେଶ୍ୱର ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ। ରଶ୍ମି ନାୟକ, ଶିବ କୁମାର ଓ ଅମନ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି, ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ମାନସ ରଞ୍ଜନ ପଟ୍ଟନାୟକ ସହ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

ଜଟଣୀ, ୨୮।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ପଞ୍ଚାୟତର ଭାତଖୁରି ଲଟା ଭୂଆସୁଣୀ ମନ୍ଦିରଠାରେ ଅସହାୟଙ୍କ ପାଇଁ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୪୦୦ ବ୍ୟକ୍ତିଙ୍କୁ କମ୍ବଳ କରାଯାଇଛି। ଏହି କାର୍ଯ୍ୟକ୍ରମ ସାମାଜିକ କର୍ମୀ ବିଜୟ କୁମାର ମହାରଥୀ, ଲଲାଟ କିଶୋର ପୃଷ୍ଟି ଓ ପ୍ରଦୀପ ମହାକୁଡ଼ ପ୍ରମୁଖଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।

# 'ଦେଶବାସୀଙ୍କ ପାଇଁ କାର୍ଯ୍ୟ ଜାରି ରଖିବ କଂଗ୍ରେସ'



ଖୋର୍ଦ୍ଧା, ୨୮।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ପକ୍ଷରୁ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ ରବିବାର ଜିଲା କଂଗ୍ରେସ ଭବନରେ ପାଳିତ ହୋଇଯାଇଛି। ସକାଳେ ଜିଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଏବଂ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବ ପୁରୁଷମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ। ଦଳ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ପରିଚାଳିତ ହେଉଛି। ବର୍ତ୍ତମାନ ଦେଶର ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟେଇବା ପାଇଁ ଚକ୍ରାନ୍ତ ଚାଲିଛି। କଂଗ୍ରେସ ଏହାକୁ କଦାପି ବରଦାସ୍ତ କରିବ ନାହିଁ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ପଟ୍ଟନାୟକ କହିଥିଲେ। ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସଂକଳ୍ପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାଗତିକା ପଟ୍ଟନାୟକ, ଗୁରୁ ପଟ୍ଟନାୟକ, ଶିଶିର ପରିଡ଼ା, ଅଗ୍ନି ମହାନ୍ତି, ରଞ୍ଜିତ ମହାପାତ୍ର, ତାପସ ମିଶ୍ର, ପ୍ରଦୋଷ ହରିଚନ୍ଦନ, ରମେଶ ପଟ୍ଟନାୟକ, ଜିତେନ୍ଦ୍ର ଚମ୍ପତି, ଶିବୁ ନାୟକ, ସୌମ୍ୟ ପଟ୍ଟନାୟକ, ସୌମ୍ୟ ବରାଳ, ଗୁଣ୍ଡୁ ବକ୍ସ, ବାଦଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଅବକାରୀ ଚଢ଼ାଉ: ୧୧୪୫ ଲିଟର ଦେଶୀମଦ ଜବତ

ବେଗୁନିଆ, ୨୮।୧୨ (ସନ୍ଧ୍ୟାରାଣୀ ମିଶ୍ର)

ଅବକାରୀ ବିଭାଗ ପକ୍ଷରୁ ଆରିକମା କାଜୁ ଜଙ୍ଗଲ ଓ ବାଘମାରୀ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୬୪୫ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ସେହିପରି ବରପଦା ଜଙ୍ଗଲରୁ ୫ ହଜାର କେଜି ପୋଚ ଜବତ ପରେ ନଷ୍ଟ କରାଯାଇଥିବାବେଳେ ୫୦୦ ଲିଟର ହାତରନ୍ଧା ଦେଶୀମଦ ଜବତ କରାଯାଇଛି। ମୋଟ ୧୧୪୫ ଲିଟର ଦେଶୀମଦ ଜବତ ହୋଇଥିବାବେଳେ ୫ ହଜାର କେଜି ପୋଚ ନଷ୍ଟ କରାଯାଇଛି। ଗେଡ଼ିଆପଲ୍ଲୀର ବିପିନ ବିହାରୀ ବଳିୟାରସିଂ, ସାହସପୁରର ବିଶ୍ୱନାଥ ଦେଉରୀ, ସାଲତରାର ଅଶୋକ ନାୟକ ଏବଂ ଗୋଡ଼ା ଗ୍ରାମର କବିତା ଭୂୟାଁଙ୍କୁ ବେଆଇନ ମଦ ବିକ୍ରି ଅଭିଯୋଗରେ ଗିରଫ କରାଯାଇଛି। ଖୋର୍ଦ୍ଧା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀମାନେ ଏହି ଚଢ଼ାଉ କରିଥିଲେ।

# ରାଜ୍ୟ ବିଜୁ ଯୁବ ଜନତା ଦଳ ଉପସଭାପତି ହେଲେ ଅନନ୍ତ ଶତପଥୀ

ଜଟଣୀ, ୨୮।୧୨ (ରବୀନ୍ଦ୍ରନାଥ ମହାକୁଡ଼)



ଜଟଣୀ ୟୁଥ୍ ଫେଡେରେଶନର ସଭାପତି ତଥା ବଡ଼ ନୂଆଗାଁ ବାସିନ୍ଦା ଅନନ୍ତ ଶତପଥୀଙ୍କୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଭାବେ ନୂତନ ଦାୟିତ୍ୱ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହି ଦାୟିତ୍ୱ ପ୍ରଦାନ କରିଥିବା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ନୂତନ ଦାୟିତ୍ୱକୁ ନେଇ ଅନନ୍ତ ଖୁସିବ୍ୟକ୍ତ କରିବା ସହ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ ଓ ତୃଣମୂଳ ସ୍ତରରେ ସମସ୍ତଙ୍କୁ ଏକାଠି କରି ଦଳକୁ ଆଗକୁ ନେବେ ବୋଲି କହିଛନ୍ତି। ଏ ନେଇ ସେ ରାଜ୍ୟ ସଭାପତି, ଜିଲା ସଭାପତି ଏବଂ ଜଟଣୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିପୂର୍ବରୁ ଅନନ୍ତ ଖୋର୍ଦ୍ଧା ଜିଲା ବିଜେଡି ସମ୍ପାଦକ ରହିଥିଲେ। ଅନନ୍ତଙ୍କୁ ବିଜେଡି କର୍ମୀଙ୍କ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ନୂଆଗାଁ ପ୍ରିମିୟର ଲିଗ୍: ମା' ଅଁଳାଇ ୱାରିୟର ଚାମ୍ପିୟନ

ଖୋର୍ଦ୍ଧା, ୨୮।୧୨ (ପ୍ରଭାତ ପାଣିଗ୍ରାହୀ)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲ କିଶନ ନଗରରେ ଦୁଇଦିନ ଧରି ଚାଲିଥିବା ଜିତେନ୍ଦ୍ର ମହାରଣା ସ୍ମାରକୀ ନୂଆଗାଁ ପ୍ରିମିୟର ଲିଗ୍ ସିଜିନ-୩ରେ ଚଳିତବର୍ଷ ମା' ଅଁଳାଇ ୱାରିୟର ଚାମ୍ପିୟନ ହାସଲ କରିଛି।

ରବିବାର ଅଁଳାଇ ୱାରିୟର ଓ ଷ୍ଟାର ଇଲେଭେନ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଟସ୍ ଜିଣି ଷ୍ଟାର ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ୍ ହରାଇ ୭୫ ରନ୍ କରିଥିଲା। ଜବାବରେ ଅଁଳାଇ ୱାରିୟର ୧୦.୨ ଓଭର ଖେଳି ୭ ଉଇକେଟ ହରାଇ ୭୬ ରନ କରି ମ୍ୟାଚ ଜିତିବା ସହ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଅମ୍ପାୟାର ଭାବେ କୃଷ୍ଣଚନ୍ଦ୍ର ସାହୁ, ସଞ୍ଜୀବ ବିଶ୍ୱାଳ, ବବୁଲ ପ୍ରଧାନ, ମିହିର ପ୍ରଧାନ, ରିତେଶ ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ଦୀପେଶ ବେହେରା, ପ୍ରଶାନ୍ତ ନାଟୁଆ, ସତ୍ୟବ୍ରତ ଦାସ, ବିଜୟାନନ୍ଦ ବାରିକ ଦାୟିତ୍ୱ ତୁଲାଇଥିଲେ। ଅତିଥି ଭାବେ କ୍ରୀଡ଼ାବିତ୍ ସତ୍ୟନାରାୟଣ ସୁନ୍ଦରାୟ, ସୁଦର୍ଶନ ବିଶ୍ୱାଳ, ଆକାଶ କୁମାର ବିଶ୍ୱାଳ, ଗୋପାଳକୃଷ୍ଣ ପ୍ରଧାନ, ଦୀପକ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ବିଜେତା ମା' ଅଁଳାଇ ୱାରିୟରକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଷ୍ଟାର ଇଲେଭେନକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଧର୍ମେନ୍ଦ୍ର ବିଶ୍ୱାଳ, ମ୍ୟାନ ଅଫ୍ ଦି ସିରିଜ ଭାବେ ପ୍ରୀତମ ସାହୁ ପୁରସ୍କୃତ ହୋଇଥିଲେ। ବାହୁଡ଼ା ବିଶ୍ୱାଳ, ଜିତ ସୁନ୍ଦରାୟ, ଡବୁଲ ପ୍ରଧାନଙ୍କୁ ଭଲ ବ୍ୟାଟ୍ସମ୍ୟାନ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

**ଭାରତୀୟ କପା ନିଗମ ଲିମିଟେଡ୍**
ମୋବାଇଲ ଆପ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ଭାତ, ତରକାରିରୁ ବାହାରୁଛି ପୋକ, ମାଛି, ତେଲଗୁଣି

## ବିଜେବି କଲେଜ ହଷ୍ଟେଲରେ ଦିଆଯାଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ

ଭୁବନେଶ୍ୱର,୨୮।୧୨(ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ତଥା ରାଜଧାନୀର ସର୍ବପୁରାତନ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟ ହଷ୍ଟେଲରେ ଦିଆଯାଉଛି ନିମ୍ନମାନର ଖାଦ୍ୟ ଦିଆଯାଉଛି। କେତେବେଳେ ଭାତରୁ ପୋକ ତ ପୁଣି କେତେବେଳେ ତରକାରି ଓ ଉପମାରୁ ପୋକ, ମାଛି, ତେଲଗୁଣି ବାହାରୁଛି। ଏଭଳି ନିମ୍ନମାନର ଓ ଅସ୍ୱାସ୍ଥ୍ୟକର ଖାଦ୍ୟକୁ ନେଇ ହଷ୍ଟେଲ ଅନ୍ତେବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ସେମାନେ ବାରମ୍ବାର କଲେଜ କର୍ତ୍ତୃପକ୍ଷ ଓ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଅଭିଯୋଗ କରୁଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ସେମାନଙ୍କ ସହ କେତେଜଣ ଅଭିଭାବକ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। କାଳେ ସେମାନେ କଲେଜ କର୍ତ୍ତୃପକ୍ଷଙ୍କ ଆକ୍ରୋଶର ଶିକାର ହେବେ, ସେହି ଭୟରେ ସେମାନେ ଅଭିଯୋଗ ସମୟରେ ନାମ ଗୋପନ ରଖିଛନ୍ତି।





ଅଭିଯୋଗ ଅନୁସାରେ, କଲେଜ ପରିସରରେ ଥିବା ଅଶୋକା ଛାତ୍ର ନିବାସରେ ଗତ ୩ ମାସ ହେବ ଏଭଳି ନିମ୍ନମାନର ଖାଦ୍ୟ ଦିଆଯାଇ ଛାତ୍ରଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳାଯାଉଛି। ଏହି ହଷ୍ଟେଲରେ ପାଖାପାଖି ୩ଶହରୁ ଅଧିକ ଛାତ୍ର ରହୁଛନ୍ତି। ଅଧିକାଂଶ ପିଲାଙ୍କ କହିବା କଥା, ଏଠାରେ ଭଲ ଖାଦ୍ୟ ଦିଆଯାଉ ନାହିଁ। ଖାଇବା ବାବଦକୁ ମାସିକ ୩ହଜାର ଟଙ୍କା ଲେଖାଏ ଦେଉଛୁ। ହେଲେ ସେହି ପରିମାଣର ଖାଇବା ମିଳୁନାହିଁ। ଭାତରେ ଉଙ୍କୁଣିଆ ଓ ଧଳା ପୋକ ବାହାରୁଛି। ଗତ କିଛିଦିନ ତଳେ ଜଣେ ପିଲାଙ୍କ ଚିକେନ ତରକାରିରୁ ତେଲଗୁଣି ବାହାରିଥିଲା। ସେହିପରି ବିଭିନ୍ନ ସମୟରେ ବାଇଗଣ ସିଝାରେ ପୋକ, ତରକାରିରେ ମାଛି, ଉପମାରେ କଳା କଳା ପୋକ ବାହାରୁଛି। ମାଛ ପିସ୍ କାଗଜଭଳି ପତଳା କରିଦିଆଯାଉଥିବାବେଳେ ସେହିଦିନ ଆସୁଥିବା ମାଛର ମୁଣ୍ଡଙ୍କୁ ରଖି ଦୁଇଦିନ ପରେ ଘାଣ୍ଟ ତରକାରି କରି ଦିଆଯାଉଛି। ଆମ୍ବେଦକର ହଷ୍ଟେଲରେ ପିଲାଙ୍କୁ କମ୍ ଟଙ୍କାରେ ୩ ବେଳାର ଖାଦ୍ୟ ଦିଆଯାଉଥିବା ବେଳେ ଆମେ କିନ୍ତୁ ଅଧିକ ଟଙ୍କା ଦେଉଛୁ। ହେଲେ ଆମକୁ ଦିଆଯାଉଥିବା ନିମ୍ନମାନର ଖାଦ୍ୟକୁ ନେଇ ଅଭିଯୋଗ କଲେ କିଛିଦିନ ଠିକ୍‌ଠାକ ଚାଲୁଛି। ଟେଣ୍ଡର ନେଇଥିବା କ୍ୟାଟରିଂ ବାଲା ଭଲ ଖାଇବା ଦେଉଛି। ତା'ପରେ ଯାହାକୁ ସେୟା।

ଏ ସମ୍ପର୍କରେ ହଷ୍ଟେଲ ସୁପରିଟେଣ୍ଡେଣ୍ଟ ସୁଜିତ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ଗତ କିଛିଦିନ ତଳେ ଏଭଳି ଅଭିଯୋଗ ଆସିଥିଲା। ଏନେଇ ଖାଦ୍ୟ ଦେଉଥିବା ସଂସ୍ଥାକୁ ତାଗିଦ କରାଯାଇଛି। ପିଲାଙ୍କୁ ଯେପରି ଭଲ ଖାଇବା ଦିଆଯିବ ସେନେଇ ମଧ୍ୟ ଆଲୋଚନା ହୋଇଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଇଛି।

ବିଜେବି କଲେଜ ପ୍ରିନ୍ସିପାଲ ଝୁମକି ରଥ କହିଛନ୍ତି, ଏବେ ମୋ ପାଖକୁ ଏଭଳି ଅଭିଯୋଗ ଆସିନାହିଁ। ମଝିରେ ପିଲାମାନେ ଖାଦ୍ୟରେ ପୋକ ବାହାରୁଛି ବୋଲି ଜଣାଇଥିଲେ। ଆମେ ଟେଣ୍ଡର ନେଇଥିବା ସଂସ୍ଥା ସହିତ ଆଲୋଚନା କରି ତା'ର ସମାଧାନ କରିଛୁ। ଏହି ହଷ୍ଟେଲର ସମସ୍ତ ସିଟ୍ ପୂରଣ ହୋଇନାହିଁ। ସବୁ ସିଟ୍ ପୂରଣ ପରେ ପିଲାଙ୍କୁ ଆହୁରି ସୁବିଧା ମିଳିଯିବ। ଯଦି ଏଭଳି ପୋକ ବାହାରୁଥିବା ଘଟଣା ସମ୍ପର୍କରେ କିଛି ଅଭିଯୋଗ ଆସେ ତେବେ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ଭାଇଚାରା, ଶାନ୍ତିର ସନ୍ଦେଶ ବାଣ୍ଟିଲେ ସମାଜର ହିତସାଧନ ହୋଇପାରିବ




## ନବମ ବରା ମହୋତ୍ସବ

ପୁରୁଣା ଭୁବନେଶ୍ୱର,୨୮।୧୨ (ସୁବାସ ଚନ୍ଦ୍ର ପ୍ରଧାନ)

ହାଟସାହିସ୍ଥିତ ଶାସନ ପଡିଆ କାର୍ଯ୍ୟାଳୟ ପରିସରରେ ଆମ ଅଫିସ ଯୁବ ମଞ୍ଚ ତରଫରୁ ରବିବାର ନବମ ବରା ମହୋତ୍ସବ ପାଳିତ ହୋଇଯାଇଅଛି। ଏହି ଅବସରରେ ନେତା, ଜନସାଧାରଣ, ଜ୍ଞାନୀ ଗୁଣୀ ଲୋକ, ବିଭିନ୍ନ ସଂଗଠନର ପ୍ରତିନିଧି, ବରିଷ୍ଠ ନାଗରିକ ମହାସଂଘର ପ୍ରତିନିଧି ମହୋତ୍ସବରେ ଏକାଠି ହୋଇ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ଏକାମ୍ର ବରିଷ୍ଠ ନାଗରିକ ସଂଘର ସଭାପତି ହୃଷୀକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶୀତୁଆ ସକାଳର ଭାଇଚାରାର ଅପୂର୍ବ ସମାବେଶକୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ବରାର ମହତ୍ୱ ବିଷୟରେ ବଖାଣିଥିଲେ। ମଞ୍ଚ ସମ୍ପାଦକ ସରୋଜ ପ୍ରଧାନ ବିବରଣୀ ପାଠ କରିଥିବା ବେଳେ ସଭାପତି ରାଜେନ୍ଦ୍ର ସମର୍ଥ ବରା ଉତ୍ସବ ଉଦ୍ଦେଶ୍ୟରେ କ୍ରମାଗତ ଭାବେ ନବମ ଥର ଏହା ପାଳନ ହେଉଥିବାରୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଖଦିବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ଯୋଗଦେଇଥିଲେ। ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ,ରଘୁ ସାହୁ, ଚିନ୍ମୟ ସାହୁ, ଶିବାନନ୍ଦ ରାୟ, ପ୍ରଶାନ୍ତ ଚମ୍ପତି ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଏହି ଅଭିନବ ଚିନ୍ତାଧାରା ନେଇ ଆରମ୍ଭ ହୋଇଥିବା ମହୋତ୍ସବ ଭାଇଚାରାର ବାର୍ତ୍ତାବହ ହୋଇ ସମାଜରେ ଶାନ୍ତି, ସ୍ଥିରତା, ସଦ୍‌ଭାବ ,ପ୍ରେମ, ମୋହବତର ସନ୍ଦେଶ ବାଣ୍ଟି ପାରିଲେ ସମାଜର ସବୁ ବର୍ଗର ଲୋକଙ୍କ ହିତସାଧନ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ନାଗରିକ ତ୍ରିନାଥ ପ୍ରସାଦ ତ୍ରିପାଠୀ ବରା ବିଷୟରେ ଏକ କବିତା ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବରା ବ୍ୟବସାୟୀମାନଙ୍କୁ ଉପଢୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏକାମ୍ର ବରିଷ୍ଠ ନାଗରିକ ସଂଘ ସମ୍ପାଦକ, ମଞ୍ଚ ଉପଦେଷ୍ଟା ଧୀରେନ ପଟ୍ଟନାୟକ ଏହି ଉତ୍ସବକୁ ସଞ୍ଚାଳନ କରିଥିଲେ। ଆଇନଜୀବୀ ନିହାର ରଞ୍ଜନ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# 'ସାମଗ୍ରିକ ଶିକ୍ଷା, ବିଜ୍ଞାନ କ୍ଷେତ୍ରରେ ଯଶସ୍ୱୀ ହୁଅ'

## ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୮।୧୨(ଅନୁରାଧା ମହାରଣା)

ଭିଏସ୍ଏସ୍‌ନଗରସ୍ଥିତ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ପରିବହନ ଏବଂ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇ ପିଲାମାନଙ୍କୁ ସାମଗ୍ରଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ଯଶସ୍ୱୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ପ୍ରଫେସର ଡ. ଗାୟତ୍ରୀବାଳା ପଣ୍ଡା ଶିଶୁ ଓ ଅଭିଭାବକ ମଧ୍ୟରେ ସୁସମ୍ପର୍କ ରହିଲେ ପିଲାମାନେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଗୁରୁ ପ୍ରସାଦ ଚରଣ ରଣବୀର ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ଅଦ୍ୱୈତ ଚରଣ ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ରମାଦେବୀ ମହିଳା ମହାବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ଯୋଗଦେଇଥିଲେ। ଶିକ୍ଷାନୁଷ୍ଠାନର କୋଷାଧ୍ୟକ୍ଷ ଶୋଭାକର ଦାସ ଫତେସିଂହ, ବିଦ୍ୟାଳୟ ଅଧ୍ୟକ୍ଷ ଅଲେଖ ଚରଣ ନାୟକ, ବରିଷ୍ଠ ଶିକ୍ଷକ କିଷ୍ଣୁଚାନ୍ଦ ପୃଷ୍ଟି, ଶିକ୍ଷୟିତ୍ରୀ ଏନ୍.ପ୍ରମିଳା ନାଗରାଣୀ, ବାରିଜା ପଶୁପାଳକ, ରେଶମୀ ସାହା ଓ ପ୍ରତ୍ୟାଶା ମହାନ୍ତି, ସାଂସ୍କୃତିକ ମୁଖ୍ୟ ତପସ୍ୱିନୀ ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦିକା ପ୍ରୀତିନନ୍ଦା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ବିଜ୍ଞାନ, କଳା ଓ ବାଣିଜ୍ୟ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଇନ୍ଦିରା ପଟ୍ଟନାୟକ ଓ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ୫ଜଣ ପାଇଲେ 'ସ୍ନେହୀ ଗୌରବ' ସମ୍ମାନ

ଭୁବନେଶ୍ୱର,୨୮।୧୨ (ସୌମ୍ୟରଞ୍ଜନ ରାଉତ)


ଅତିଥିମାନେ ଗିରିଧାରୀ ସାହୁଙ୍କୁ 'ସ୍ନେହୀ ଗୌରବ' ସମ୍ମାନ ପ୍ରଦାନ କରୁଛନ୍ତି।

ସ୍ନେହୀ ସମାଜ ପକ୍ଷରୁ ୫୭ତମ ସାଧାରଣ ଅଧିବେଶନ ରବିବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରତୀୟ ରେଳପଥ ପରିଚାଳନା ସେବାର ସିନିୟର ଟ୍ରାଫିକ ମୁଖ୍ୟ କୃପାସାଗର ସାହୁ ଏହାକୁ ଉଦ୍‌ଘାଟନ କରି ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମର ସୁଯୋଗ ନେବା ସହ ରାଜ୍ୟକୁ ଉନ୍ନତି ପଥରେ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସେନାବୃତ୍ତିର ଅତିରିକ୍ତ କମିଶନର ସହଦେବ ସାହୁ ଯୋଗଦେଇ ସ୍ନେହୀ ସମାଜର ଏକତା, ସମାଜ ମଙ୍ଗଳ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଜୟନ୍ତୀ ସାହୁ ସ୍ନେହୀ ସମାଜର ମୂଳ ଜୀବିକା ବାଣିଜ୍ୟେ ବସନ୍ତି ଲକ୍ଷ୍ମୀ ବୋଲି ବର୍ଣ୍ଣନା କରିବା ସହ ଏମାନଙ୍କ ବୈଶ୍ୟ କର୍ତ୍ତବ୍ୟ ପରାୟଣତା ଉପରେ ଆଲୋକପାତ କରିଥିଲେ। ଏହି ସମାଜର ସାଧବ ପୁଅମାନେ କିପରି ସୁଦୂର ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ଦେଶକୁ ବୋଇତରେ ଯାଇ ସଫଳ ବେପାର କରିପାରିଥିଲେ ସେ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଅତିଥିମାନେ ବାର୍ଷିକ ସ୍ମରଣିକା 'ସ୍ନେହୀ ସନ୍ଦେଶ'କୁ ଉନ୍ମୋଚନ କରିବା ସହ ସ୍ୱର୍ଗତ ହରେକୃଷ୍ଣ ସାହୁଙ୍କୁ ମରଣୋତ୍ତର ସମ୍ମାନ ପ୍ରଦାନ କରିଥିଲେ। ସେହିପରି ଅବସରପ୍ରାପ୍ତ ପ୍ରଶାସକ ନୀଳମାଧବ ପୃଷ୍ଟି, ସୋମାନନ୍ଦ ସାହୁ, ଗିରିଧାରୀ ସାହୁ, ସାମାଜିକ କର୍ମୀ ଅଇଁଠି ସାହୁ ଓ ପ୍ରକାଶ କୁମାର ସାହୁଙ୍କୁ 'ସ୍ନେହୀ ଗୌରବ' ସମ୍ମାନ ଏବଂ ଅର୍ପିତା ସାହୁ ଓ ସାଇପ୍ରିୟା ସୁବୁଦ୍ଧିଙ୍କୁ 'ସ୍ନେହୀ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନନ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ଇଂ. ଦାମୋଦର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ।

### ୨ ଜଣଙ୍କୁ ମିଳିଲା 'ସ୍ନେହୀ ପ୍ରତିଭା' ସମ୍ମାନ

# ଦିଲ୍ଲୀ ଫେରିଗଲେ ଜ୍ଞାନେଶ କୁମାର

ଭୁବନେଶ୍ୱର,୨୮।୧୨(ରବିନାରାୟଣ ଜେନା)

୩ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ବାପାଙ୍କ ଦୁର୍ଘଟଣା ଖବର ପାଇବା ପରେ ରବିବାର ଦିଲ୍ଲୀ ଫେରି ଯାଇଛନ୍ତି। ସୋମବାର ଓଡ଼ିଶାରେ ଏସ୍ଆଇଆର୍ ପାଇଁ ଆୟୋଜିତ ହେବାକୁ ଥିବା ବୁଥସ୍ତରୀୟ ଅଧିକାରୀ(ବିଏଲ୍ଓ)ଙ୍କ ବୈଠକରେ ଜ୍ଞାନେଶ କୁମାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ରବିବାର ବାପା ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଥିବା ଖବର ପାଇବା ପରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମଗୁଡ଼ିକୁ ବାତିଲ ସିଇସି ନୂଆଦିଲ୍ଲୀ ଫେରି ଯାଇଥିବା ପିଟିଆଇ ସୂତ୍ରରୁ ପ୍ରକାଶ। ସିଇସି ଜ୍ଞାନେଶ କୁମାର ଶନିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ପତ୍ନୀଙ୍କ ସହ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ। ସେଠାରୁ କୋଣାର୍କ ଯାଇ ସୂର୍ଯ୍ୟ ମନ୍ଦିର ବୁଲିଥିଲେ। ରବିବାର ପୁରୀ ରଘୁରାଜପୁରସ୍ଥିତ ଶିଳ୍ପୀ ଗ୍ରାମ ମଧ୍ୟ ବୁଲି ଦେଖିବା ସହ ଓଡ଼ିଶାର ସଂସ୍କୃତିକୁ ପ୍ରଶଂସା କରିଥିଲେ।

# ଯୁବକଙ୍କୁ ଗୋଡ଼େଇ ହାଣିବା ଘଟଣା, ୪ ଅଟକ

ଭୁବନେଶ୍ୱର,୨୮।୧୨(ତ୍ରିନାଥ ମହାନ୍ତି)

ଗଣେଶ ପୂଜା ଭସାଣି ସମୟରେ ସୃଷ୍ଟ ବିବାଦ କାରଣରୁ ନୂଆପଲ୍ଲୀ ଥାନା ୟୁନିଟ୍-୮ ଡିଏଭି ଛକ ନିକଟରେ ଜିତେନ୍ଦ୍ର ଦାସଙ୍କୁ ଶନିବାର ରାତିରେ ଘର ଗେଟ୍ ଆଗରେ ଗୋଡ଼ାଇ ହାଣିବା ଘଟଣାରେ ନୂଆପଲ୍ଲୀ ଥାନା ପୋଲିସ ୪ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେମାନଙ୍କ ନିକଟରୁ ପୋଲିସ ଖଣ୍ଡା ଜବତ କରିଥିବା ଜଣାପଡ଼ିଛି। ଏହି ଆକ୍ରମଣ ବସ୍ତି ଗଣ୍ଡଗୋଳ ହୋଇଛି। ଦୁଇ ବସ୍ତି ମଧ୍ୟରେ କିଛିଦିନ ହେବ ଶତ୍ରୁତା ଲାଗି ରହିଥିଲା। ଜିତେନ୍ଦ୍ର ଅନ୍ୟ ଗୋଷ୍ଠୀର ଲିଡ଼ର ସାଜିଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବାକୁ ଅଭିଯୁକ୍ତମାନେ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି।

# ଅଭ୍ୟୁଦୟ ବାର୍ଷିକ କଳା, ନୃତ୍ୟ ସମାରୋହ


ଅଭ୍ୟୁଦୟ ବାର୍ଷିକ କଳା ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର,୨୮।୧୨(ସୌମ୍ୟରଞ୍ଜନ ରାଉତ)

ପଛୁଆ ବର୍ଗର ଯୁବକ ଓ ଛାତ୍ରୀଛାତ୍ରଙ୍କୁ ପ୍ରାଚୀନ କଳା ଓ ନୃତ୍ୟ ପାଇଁ ଉତ୍ସାହିତ କରିବାର ଆବଶ୍ୟକତା ରହିଛି। ଯୁବକ ଓ ଛାତ୍ରୀଛାତ୍ର ଆମ ସଂସ୍କୃତିକୁ ଆଗକୁ ନେବାରେ ସହାୟକ ହେବେ। ନୃତ୍ୟ ଓ ସଂସ୍କୃତି ଆମ ସଭ୍ୟତାର ଏକ ଅବିଚ୍ଛେଦ ଅଙ୍ଗ। କିନ୍ତୁ ଏହାକୁ ବୃତ୍ତି ଭାବରେ ଗ୍ରହଣ କରିବା ପାଇଁ ଯଥେଷ୍ଟ ସୁଯୋଗର ଅଭାବ ରହିଛି ବୋଲି ଶନିବାର ମୈତ୍ରୀ ବିହାରଠାରେ ଆମ୍ରନ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ୩ୟ ଅଭ୍ୟୁଦୟ ବାର୍ଷିକ କଳା ଓ ନୃତ୍ୟ ସମାରୋହରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଫାଉଣ୍ଡେଶନର ଟ୍ରଷ୍ଟି ମନୀଷା ମନସ୍ୱିନୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଭାସ୍କର ଚନ୍ଦ୍ର ଜେନା, ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ସାରଦା ପ୍ରସାଦ ସାମନ୍ତରାୟ, କୋଷାଧ୍ୟକ୍ଷ ନିବେଦିତା ସାମନ୍ତରାୟ ଏବଂ ଟ୍ରଷ୍ଟି ସୁଚିତ୍ରା ମହାନ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

# ୫ହଜାର ଟଙ୍କା ସହାୟତା କଲେ ବାରଙ୍ଗ ଓକିଲ ସଂଘ

ବାରଙ୍ଗ,୨୮।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗ ଅଞ୍ଚଳର ଜଣେ ଜଣାଶୁଣା ଓକିଲ ସ୍ୱର୍ଗତ ମନୋଜ କୁମାର ପତିଙ୍କ ରବିବାର ଦ୍ୱାଦଶ କର୍ମରେ ବାରଙ୍ଗ ଓକିଲ ସଂଘର ସଦସ୍ୟମାନେ ଯୋଗଦେଇଛନ୍ତି। ସଦସ୍ୟମାନେ ସ୍ୱର୍ଗତ ପତିଙ୍କ ବାସଭବନରେ ପହଞ୍ଚି ଉକ୍ତ ପରିବାରକୁ ସମବେଦନା ଜଣାଇବା ସହ ୫ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବାରଙ୍ଗ ଓକିଲ ସଂଘ ସଭାପତି ପ୍ରଭାତ କୁମାର ଲେଙ୍କାଙ୍କ ନେତୃତ୍ୱରେ ସମ୍ପାଦକ ସୁବ୍ରତ ମହାପାତ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ସମ୍ପାଦକ ସୁବ୍ରତ କୁମାର ମହାପାତ୍ର, ସୁବର୍ଣ୍ଣ କେଶରୀ ପଣ୍ଡା, ପ୍ରଣବ କୁମାର ପୃଷ୍ଟି, ରବି ନାରାୟଣ ନାୟକ, ରୋହନ କୁମାର ଜେନା, ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ପତି ପ୍ରମୁଖ ଯୋଗଦେଇଥିଲେ।

# ଚିଲିକା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଆଇନମନ୍ତ୍ରୀଙ୍କୁ ୭୦ ପ୍ରସ୍ତାବ

## ମା' ଭଗବତୀ ବିକାଶ ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୮।୧୨ (ସୌମ୍ୟରଞ୍ଜନ ରାଉତ)



ଉତ୍ସବରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟ ଅତିଥିମାନେ ପରିଷଦର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ମା' ଭଗବତୀ ବିକାଶ ପରିଷଦର ଷୋଡ଼ଶତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଦେବେନ୍ଦ୍ର ନାଥ ମାନସିଂହଙ୍କ ପୌରାହିତରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଚିଲିକା ନିର୍ବାଚନ ମଣ୍ଡଳୀର ବିକାଶ ସମ୍ପର୍କରେ କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ୭୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମ୍ବଳିତ ଏକ ପୁସ୍ତିକା ମନ୍ତ୍ରୀଙ୍କୁ ଅର୍ପଣ କରାଯାଇଥିଲା। ନ୍ୟାୟମୂର୍ତ୍ତି ଆଦିତ୍ୟ କୁମାର ମହାପାତ୍ର, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ପରିଷଦର କାର୍ଯ୍ୟକ୍ରମ ଓ ଭୁବନେଶ୍ୱରରେ ରହି କର୍ମକର୍ତ୍ତାଙ୍କ ମା' ମାଟି ମମତା ପ୍ରତି ଏତେ ସମବେଦନା, ଆନ୍ତରିକତା, ଇଚ୍ଛାଶକ୍ତିକୁ ପ୍ରଶଂସା କରିଥିଲେ। ପରେ ଅତିଥିମାନେ ପରିଷଦର ସ୍ମରଣିକା ଉନ୍ମୋଚନ କରିଥିଲେ। ଏଥିସହ ଡ. ଲଡୁକିଶୋର ଭୋଳ, ଡା. ଗୋଦାବରୀଶ ଜେନା, ଗାର୍ଗୀ ପଣ୍ଡା ମହାପାତ୍ର ପ୍ରମୁଖଙ୍କୁ 'ମା ଭଗବତୀ ପ୍ରତିଭା ସମ୍ମାନ', ନିର୍ବାଚନମଣ୍ଡଳୀରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଚନ୍ଦନ ସ୍ୱାଇଁଙ୍କୁ 'ସାମାଜିକ କର୍ମୀ ଲକ୍ଷ୍ମୀଧର ଭୋଳ ସ୍ମାରକୀ' ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହଯୋଗ କରିଥିଲେ ଅଧ୍ୟାପିକା ତ୍ରିବେଣୀ ଭୋଳ। ସଂପାଦକ ସୁବଳ ଚରଣ ଭୋଳ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଦୀପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭା.କ.ନି.
CCI
ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡ଼ା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨-୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

ଭା.କ.ନି.
CCI
ଭାରତୀୟ କପା ନିଗମ ଲିମିଟେଡ୍
ମୋବାଇଲ ଆପ
କପାସ କିଷାନ
ଶାଖା କାର୍ଯ୍ୟାଳୟ: ରାୟଗଡ଼ା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡ଼ିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ଏକ ଅମୂଲ୍ୟ ଗ୍ରନ୍ଥ

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ଟିଂକିତାରା ଶିଶୁ କିଶୋର ଷାଣ୍ମାସିକ ପତ୍ରିକାର ବାର୍ଷିକ ଉତ୍ସବ ଏବଂ ଭକ୍ତକବି ମଧୁସୂଦନ ରାଓଙ୍କ ପୁଣ୍ୟତିଥି ସ୍ଥାନୀୟ ଭକ୍ତ ସାଲବେଗ ସଭାଗୃହରେ କ୍ରିଷ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ରବିବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚକ୍ରଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ବିଶ୍ୱପ୍ରକାଶ ପଟ୍ଟନାୟକ, ଡକ୍ଟର ହେମନ୍ତ କୁମାର ଛୋଟରାୟ, ବିଜୟଲକ୍ଷ୍ମୀ ଦାଶ ମିଶ୍ର ଏବଂ ରେଣୁକା ମିଶ୍ର ଯୋଗଦେଇ ଶିଶୁ କିଶୋର ସାହିତ୍ୟ ସୃଷ୍ଟିରେ ବର୍ଣ୍ଣବୋଧର ଭୂମିକା ବିଷୟରେ ଆଲୋକପାତ କରିବା ସହ ଟିଂକିତାରା ପକ୍ଷରୁ ପିଲାମାନଙ୍କୁ ଉତ୍ସାହିତ କରିବାକୁ ବିଦ୍ୟାଳୟଗୁଡ଼ିକରେ ଯେଉଁ କାର୍ଯ୍ୟକ୍ରମ କରାଯାଇଛି, ସେଥିପାଇଁ ସମ୍ପାଦକଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ।


ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ଏହି ଅବସରରେ ସୁଲଭ ପ୍ରକାଶନୀ ପୁରୀଙ୍କ ଦ୍ୱାରା ପ୍ରକାଶିତ ବିପିନ ବିହାରୀ ଦଳାଇଙ୍କ ସମ୍ପାଦିତ ଶିଶୁ କିଶୋର ଗଳ୍ପ ସଂକଳନ ଏବଂ ଶିଶୁ କିଶୋର କବିତା ସଙ୍କଳନ ଉନ୍ମୋଚିତ ହୋଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ଶିକ୍ଷାଦାନ ସହିତ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଅଜୟ କୁମାର ବଳିଆରସିଂହ, ଉର୍ବଶିନୀ ନାୟକ, ଯୋଗେଶ୍ୱର ନାୟକ, ସହଦେବ ସାହୁ, ସସ୍ମିତା ଜେନା, ରାଜକିଶୋର ସାହୁ, ଲୋପାମୁଦ୍ରା କର, ଗୋଲ୍ଡି ଭଞ୍ଜଙ୍କୁ ଟିଂକିତାରା ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ଅନନ୍ତ ପ୍ରଧାନ, ସତ୍ୟଭାମା ନାୟକ, ଅଜୟ ପଣ୍ଡା, ସୁବାସ ଚନ୍ଦ୍ର ପରିଡ଼ା, ଭାରତୀ ଭୂଷଣ ଦାସ, ଜାନକୀ ବଲ୍ଲଭ ଦାଶ, ସୁନନ୍ଦା ଦାଶ, ପ୍ରତିଭା ଦାଶ, ପର୍ବାଣୀ ଦାସ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ସମ୍ପାଦକ ବିପିନ ବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଅପରାହ୍ନ ୩ଟା ସୁଦ୍ଧା ସରିବ ଧ୍ୱଜା ବନ୍ଧା ନୀତି

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ଇଂରାଜୀ ନବବର୍ଷ ଦିନ ଅସମ୍ଭବ ଭିଡ଼ ସମ୍ଭାବନା ତଥା ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଓ ଜାନୁଆରୀ ୧ରେ ଧ୍ୱଜା ବନ୍ଧା ନୀତି ଅପରାହ୍ନ ୫ଟା ପରିବର୍ତ୍ତେ ୩ ଟା ସୁଦ୍ଧା ଶେଷ କରିବା ପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚୁନରା ସେବକଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ ନିର୍ଗମନ କରାଯାଇଛି। ଅପରାହ୍ନ ସମୟରେ କମ୍ ଗହଳି ମଧ୍ୟରେ ଧ୍ୱଜା ବନ୍ଧା ହେବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଏଥି ପାଇଁ ପ୍ରତ୍ୟହ ଅପରାହ୍ନ ୧ଟା ୩୦ ମିନିଟ୍ ସୁଦ୍ଧା ଧ୍ୱଜା ବନ୍ଧା ରସିଦ କରାଯାଇ ୧ଟା ୪୫ ମିନିଟ ସୁଦ୍ଧା ଧ୍ୱଜାଗୁଡ଼ିକୁ ଚୁନରା ପାଳିଆ ସେବକଙ୍କୁ ହସ୍ତାନ୍ତର ପାଇଁ ଲେଙ୍କା ସେବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏତ୍‌ଦବ୍ୟତୀତ ଘଣ୍ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ସୁଗମ କରିବା ତଥା ଗହଳି ନିୟନ୍ତ୍ରଣ କରିବା ପାଇଁ ଚୁନରା ସେବକମାନେ କୌଣସି ଉଲାଗି ଧ୍ୱଜା ଗାରଦ ପଶ୍ଚାତ ଭାଗରେ ବିକ୍ରୟ ନ କରିବା ପାଇଁ ବାରଣ କରାଯାଯାଇଛି। ଏନେଇ ଚୁନରା ସେବକଙ୍କର ସହଯୋଗ କାମନା କରିବା ସହ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି।

### କାର ଧକ୍କାରେ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ଚୂରମାର

- ଅଳ୍ପକେ ବର୍ତ୍ତିଲେ ୩ଜଣ, କାର୍ ଡ୍ରାଇଭର ଗିରଫ

ପିପିଲି,୨୮।୧୨
(ପ୍ରଭାତ କୁମାର ମହାପାତ୍ର)

ଭୁବନେଶ୍ୱର–ପୁରୀ ଜାତୀୟ ରାଜପଥର ସାତଶଙ୍ଖ ବଜାର ନିକଟ କଲଭର୍ଟ ଠାରେ ଶନିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ ଭ୍ୟାନ୍ ସହ ଏକ କାର୍ ଧକ୍କା ହୋଇଥିଲା। ପିସିଆର ଭ୍ୟାନ ଗାଡ଼ିର ଡାହାଣ ପଟ ଭାଙ୍ଗି ଚୁରମାର ହୋଇଯାଇଥିବା ବେଳେ ସେଥିରେ ଥିବା ୩ଜଣ ଆହତ ହୋଇଥିଲେ। ସେମାନେ ହେଲେ ଏସ୍‌ପିଓ ରାମକୃଷ୍ଣ କର, ଡ୍ରାଇଭର୍ ସଞ୍ଜୟ କୁମାର କର, ହୋମଗାର୍ଡ ସତ୍ୟରଞ୍ଜନ ପଣ୍ଡା। କାର୍‌ଟି ପିସିଆର୍‌କୁ ଧକ୍କା ଦେଇ ତଳୁ ଖସି ପଡିଥିଲା। ଖବରପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ସାତଶଙ୍ଖ ଫାଣ୍ଡି ଅଧିକାରୀ ମନୋରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ମେଡିକାଲକୁ ନେଇଥିଲେ। ଏନେଇ ପିପିଲି ଥାନାରେ ୭୯୦/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଖଣ୍ଡଗିରି ଥାନା ଅଞ୍ଚଳର କାର ଡ୍ରାଇଭର ଆଶିଷ କୁମାର ସାମଲଙ୍କୁ ପୋଲିସ ଗିରଫ କରିଛି ଦୁର୍ଘଟଣା ଘଟାଇଥିବା କାରକୁ ସାତଶଙ୍ଖ ପାଣ୍ଡିରେ ଜବତ କରି ରଖାଯାଇ ଘଟଣାର ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ


ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଅସ୍ତରଙ୍ଗ,୨୮।୧୨(ମମତା ଜେନା)

କାକଟପୁରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ତିନିଦିନ ଧରି ପାଳିତ ହୋଇଯାଇଛି । ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ କିଶୋର ଚନ୍ଦ୍ର ମହାନ୍ତି ସଭାପତି ଶିକ୍ଷା ବିକାଶ ସମିତି ଓଡ଼ିଶା, ମୁଖ୍ୟବକ୍ତା ଡ. ପ୍ରଭାତ କୁମାର ଦାଶ ବିଶିଷ୍ଟ ହୃଦବକ୍ଷ ଶଲ୍ୟ ଚିକିତ୍ସକ ଭୁବନେଶ୍ୱର, ସମ୍ମାନିତ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପିଙ୍କ ଜିଲା ପ୍ରତିନିଧି ତଥା କାକଟପୁର ଅଞ୍ଚଳର ଯୁବ ମାନସର ପ୍ରତୀକ ଗରିବର ବନ୍ଧୁ ସୁଦର୍ଶନ ସ୍ୱାଇଁ ଯୋଗ ଦେଇଥିଲେ। ଉତ୍ସବରେ ବାର୍ଷିକ ବିବରଣୀ ପାଠ କରିଥିଲେ ବିଦ୍ୟା ମନ୍ଦିରର ପ୍ରଧାନଆଚାର୍ଯ୍ୟ ତନ୍ମୟ କୁମାର ପାତ୍ର ଓ ସଭାପତିତ୍ୱ କରିଥିଲେ ସଭାପତି ପ୍ରମୋଦ କିଶୋର ପୃଷ୍ଟି। ଅନ୍ୟତମ ଅତିଥି ଭାବେ ରାଜକିଶୋର ମଲ୍ଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଦ୍ୟା ମନ୍ଦିରର ସହ ପ୍ରଧାନଆଚାର୍ଯ୍ୟା ଜୟନ୍ତୀବାଳା ନନ୍ଦ। ଶେଷରେ ଶିଶୁ ଭାଇଭଉଣୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ନଦା କୁମାର ବେହେରା, ପ୍ରଦୀପ ପ୍ରଧାନ, ଦିଲ୍ଲୀପ ଶତପଥୀ, ଗୀତାଞ୍ଜଳି ପରିଡ଼ା, ସୁବର୍ଣ୍ଣ କୁମାର ଚାନ୍ଦ, ପ୍ରମିଳା ମହାରଣା, ଜ୍ୟୋତି ରଞ୍ଜନ ଜେନା, ଶିଶିର ସାହୁ, ପ୍ରକାଶ ଷଡଙ୍ଗୀ ଓ ଅନ୍ୟ ଗୁରୁଜୀ ଗୁରୁମାମାନେ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଥିବାରୁ ବିଦ୍ୱତ ପରିଷଦର ସଭାପତି ମନୋଜ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଶୃଙ୍ଖଳିତ ଶିକ୍ଷାଦାନ ସର୍ବଦା ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶିତ

## ପିପିଲି ଓରକଳ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ର୍ଥ ବାର୍ଷିକ ଉତ୍ସବ

ପିପିଲି,୨୮।୧୨(ପ୍ରଭାତ କୁମାର ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ନିକଟ ଓରକଳ ଉନ୍ନିତ ସରକାରୀ ଉଚ୍ଚ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମୌଳିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରି ବିଦ୍ୟାଳୟର ଐତିହ୍ୟକୁ ମନେପକାଇଥିଲେ। ଶୃଙ୍ଖଳିତ ଶିକ୍ଷାଦାନ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନରେ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ବ୍ୟାଙ୍କ ପୁରୀ ଜିଲା ସଭାପତି କିଶୋର ଛୋଟରାୟ, ପିପିଲି ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ ଓ ସଚେତନ ନାଗରିକ ମଞ୍ଚର ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁରେଶ କୁମାର ରଥ, ସାମାଜିକ କର୍ମୀ ସଦାଶିବ ପ୍ରଧାନ, କମିଟି ସଭାପତି କାଳୁଚରଣ ଭଞ୍ଜ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମୌଳିକ ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କ ଗୁରୁଦାୟିତ୍ୱ ବୋଲି କହିଥିଲେ। ଏହି ଅବସରରେ ଉକ୍ତ ବିଦ୍ୟାଳୟରେ ପାଠ ପଢ଼ି ସରକାରୀ ସଫଳତା ପାଇଥିବା ୩ ମେଧାବୀ ଛାତ୍ରୀ ବର୍ଷାରାଣୀ ବେହେରା, ସ୍ନେହଲତା ପ୍ରଧାନ ଏବଂ ଶୁଭଲକ୍ଷ୍ମୀ ଜେନାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭିନ୍ନ କ୍ରୀଡ଼ା, କଳାକ୍ଷେତ୍ରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ରଜନୀକାନ୍ତ ସାମଲ ଓ ସହକାରୀ ଶିକ୍ଷୟିତ୍ରୀ ସୁନୀତି ଲେଙ୍କାଙ୍କ ସଭାପତିତ୍ୱରେ ହେଉଥିବା ବେଳେ ବରିଷ୍ଠ ଶିକ୍ଷକ ବିକାଶ ଅଗ୍ରୱାଲ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଧ୍ୟକ୍ଷଙ୍କ କାର୍ଯ୍ୟ ବିରୋଧରେ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ

ଯୋଗେଶ୍ୱରପୁର,୨୮।୧୨
(ରଶ୍ମି ରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷଙ୍କ କାର୍ଯ୍ୟକଳାପ ବିରୋଧରେ କେତେଜଣ ଅଭିଭାବକ ଅସନ୍ତୋଷ ପ୍ରକାଶ କରି ଭୁବନେଶ୍ୱରଠାରେ ଥିବା ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶିକ୍ଷା ନିର୍ଦ୍ଦେଶିକା ପଟ୍ଟନାୟକ ଅଭିଯୋଗ ପାଇବା ପରେ ତାଙ୍କ ଚିଠି ନମ୍ବର ୧୭୧୫୭, ତା ୨୦/୧୨/୨୦୨୫ରେ ଉପନିର୍ଦ୍ଦେଶକ ମଧୁସୂଦନ ମଲ୍ଲିକଙ୍କୁ ଓ ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଉମାକାନ୍ତ ଭୋଇଙ୍କ ସମେତ ୩ ଅଭିଭାବକ ଅଭିଯୋଗ କରିଛନ୍ତି ଯେ, କଲେଜ ଅଧ୍ୟକ୍ଷ ଜୟରାମ ସ୍ୱାଇଁଙ୍କ ମନମୁଖୀ କାର୍ଯ୍ୟ ଓ ଅପାରଗତା ଯୋଗୁ ଶିକ୍ଷାନୁଷ୍ଠାନଟି ରଙ୍ଗଶାଳାରେ ପରିଣତ ହେଲାଣି। ଶିକ୍ଷାନୁଷ୍ଠାନ ମଧ୍ୟରେ କିଛି ଅଣଶିକ୍ଷକ କର୍ମଚାରୀଙ୍କ ଅଶ୍ରାବ୍ୟ ଭାଷା ଯୋଗୁ ପରିବେଶ ନଷ୍ଟ ହେଉଛି। ବିଦ୍ୟାଳୟ ଛୁଟି ପରେ ସନ୍ଧ୍ୟା ବେଳେ ଅଧ୍ୟାପକ ଓ ଅଧ୍ୟାପିକା ବସୁଥିବା ରୁମରେ କିଛି କର୍ମଚାରୀ ଓ କିଛି ବାହାର ବସି ଟିଭି ଦେଖିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ ହେଉଥିବା ପ୍ରମାଣ ସହିତ ନଜରକୁ ଆସିଛି। ଗତ ୩/୧୨/୨୫ରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ କଲେଜର କିଛି ପିଲା ଓ କର୍ମଚାରୀଙ୍କୁ ନେଇ ପିକ୍‌ନିକ ଯାଇଥିଲେ। ଶିକ୍ଷ୍ୟା ନିର୍ଦ୍ଦେଶିକା ଚିଠି ଦେବାର ୮ଦିନ ବିତିଯାଇଥିଲେ ବି ତଦନ୍ତ କରାଯାଉ ନ ଥିବାରୁ ଉମାକାନ୍ତ ଭୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି।

# ୧୯୯୦ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ


ବନ୍ଧୁମିଳନରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ।

ସାକ୍ଷୀଗୋପାଳ,୨୮।୧୨
(ଭରତ ରାଉତ)

ସାକ୍ଷୀଗୋପାଳ ଥାନା ଅଧୀନ ଶାଣ୍ଢରାଶାସନସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠ ଦେବ ବିଦ୍ୟାପୀଠର ୧୯୯୦–୯୧ ବ୍ୟାଚ୍ ମାଟ୍ରିକ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ବକୁଳବନ ନିକଟ ବକୁଳବାଟିକାରେ ମହାଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ସାଙ୍ଗସାଥୀ ଯୋଗଦେଇ ନିଜର ପୁରୁଣା ସ୍ମୃତିକୁ ମନେପକାଇଥିଲେ। ଏହାର ମୁଖ୍ୟ ଭୂମିକାରେ ବିଜୟଲକ୍ଷ୍ମୀ ମିଶ୍ର, ସଂଯୁକ୍ତା ପାତ୍ର ରହିଥିବାବେଳେ ସତ୍ୟରଞ୍ଜନ ପଣ୍ଡା, ସଦାଶିବ ପ୍ରଧାନ, ହେମନ୍ତ ପ୍ରଧାନ, ସୁରେନ୍ଦ୍ର, ବୀରେନ୍ଦ୍ର, ଦେବେନ୍ଦ୍ର, ବିଜୟ ଏବଂ ଅକ୍ଷୟ ପ୍ରମୁଖ ଅନ୍ୟମାନଙ୍କ ସହଯୋଗରେ ସମସ୍ତ ଆୟୋଜନ ସହ ସୁସ୍ୱାଦ ଭୋଜନର ବ୍ୟବସ୍ଥା କରାଯାଇଥିଲା। ବିଶେଷକରି ସାଙ୍ଗ ତଥା କବି କୃପାନିଧି ପ୍ରଧାନଙ୍କ ସୌଜନ୍ୟରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ତମ୍ପାଲୋ ପଞ୍ଚାୟତର କାର୍ଯ୍ୟକର୍ତ୍ତା ବୈଠକ



ଚାରିଛକ,୨୮।୧୨
(ଶିଶିର କୁମାର ସ୍ୱାଇଁ)

ନିମାପଡ଼ା ବ୍ଲକ ତମ୍ପାଲୋ ପଞ୍ଚାୟତରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ରାଜ୍ୟ ମୁଖପାତ୍ର ସମୀର ରଞ୍ଜନ ଦାସଙ୍କ ନେତୃତ୍ୱରେ ରବିବାର ମାଧବ ନିକଟସ୍ଥ ସଦା ବାଆଜି ତୋଟାରେ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରିଷ୍ଠ ନେତୃତ୍ୱ ଅଶୋକ କୁମାର ସାହୁ, ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ସ୍ୱପ୍ନେଶର ଲେଙ୍କା, ଅଭିମନ୍ୟୁ ପଣ୍ଡା, ତମ୍ପାଲୋ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଚିଦାନନ୍ଦ ଖଟୋଇ, ଗୋପ ବ୍ଲକ ଯୁବ ନେତୃତ୍ୱ ମନଦୀପ ପାଇକରାୟ ଏବଂ ୩୦୦ରୁ ଉର୍ଦ୍ଧ୍ୱ ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିର ଆବାହକ ଭାବେ ଲିଙ୍ଗରାଜ ପଣ୍ଡା, ସହ ଆବାହକ ଭାବେ ବିକେଇ ଚରଣ ସାହୁ, ବଟକୃଷ୍ଣ ରାଉତ ଓ ସତ୍ୟବ୍ରତ ବେହେରାଙ୍କୁ ମନୋନିତ କରାଯାଇଛି।

# ଓଡ଼ିଶାବାସୀଙ୍କ ସ୍ୱାର୍ଥପାଇଁ ବିଜେଡି ସର୍ବଦା ତତ୍ପର


ବିଜେଡିର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୨୮।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବିଜୁ ଜନତା ଦଳ ପକ୍ଷରୁ ୨୯ତମ ପ୍ରତିଷ୍ଠା ଦିବସ ସମାରୋହ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅତିଥି ଭାବେ ବିଜୁ ଜନତା ଦଳର ପୁରୀ ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ, ବରିଷ୍ଠ ନାରୀନେତ୍ରୀ କସ୍ତୁରୀବାଳା ସ୍ୱାଇଁ, ସରିତା ମହାପାତ୍ର, ବରିଷ୍ଠ ନେତା ଗଙ୍ଗାଧର ଜେନା, ମାନସ ପ୍ରଧାନ, ଦିଲ୍ଲୀପ ପାତ୍ର, ଭାଗ୍ୟଧର ଖଟୋଇ, ତପନ ପ୍ରଧାନ, ସନ୍ତୋଷ ରଥ, ରବୀନ୍ଦ୍ର ମଲ୍ଲିକ, ଧନୁର୍ଦ୍ଧର ଦାସ ପ୍ରମୁଖ ଯୋଗଦେଇ ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଗୁରୁତ୍ୱ ଦେଇଆସିଛି। ବିଜେଡି ବିରୋଧରେ ଭାଜପା ଚଳାଇଥିବା ଅପପ୍ରଚାର କେବେ ବି ଫଳପ୍ରଦ ହେବନାହିଁ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନରେ ସାଧାରଣ ଜନତା ଏହି ମିଛୁଆ ଭାଜପା ସରକାରଙ୍କୁ ଉଚିତ ଜବାବ ଦେବେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳର ସମସ୍ତ ନେତୃବୃନ୍ଦ ଓ କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଓ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବାକୁ ଦଳର ନେତୃବୃନ୍ଦମାନେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ସମାରୋହରେ ଦଳର ଶତାଧିକ ନେତୃବୃନ୍ଦ ଓ କର୍ମୀମାନେ ଯୋଗ ଦେଇଥିଲେ।

ଭା.କ.ନି.
CCI
**ଭାରତୀୟ କପା ନିଗମ ଲିମିଟେଡ୍**
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ନିବେଦନ**

ସିସିଆଇ ନଜରକୁ ଏହା ଆସିଛି ଯେ, କେତେକ ଚାଷୀ କପାସ୍ କିଷାନ ମୋବାଇଲ୍ ଆପ୍ ସ୍ଲଟ୍‌ରେ ବୁକ୍ କରିଥିବା ପରିମାଣରୁ ବହୁ ଅଧିକ ପରିମାଣର ଉତ୍ପାଦ ଆଣୁଛନ୍ତି, ଯାହାଫଳରେ କାରଖାନାଗୁଡ଼ିକରେ ଗହଳି ଓ ଆଇନଶୃଙ୍ଖଳା ସମସ୍ୟା ସୃଷ୍ଟି ହେଉଛି ।

ସିସିଆଇ ଏତଦ୍ୱାରା ସମସ୍ତ କପା ଚାଷୀଙ୍କୁ ନିବେଦନ କରୁଅଛି ଯେ, ଆପଣମାନେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ ଏବଂ ୨–୩ କୁଇଣ୍ଟାଲର ସହନୀୟ ଓଜନରୁ ଅଧିକ ପରିମାଣର ଅତିରିକ୍ତ ଉତ୍ପାଦ ଆଣନ୍ତୁ ନାହିଁ । ଯେଉଁ ଚାଷୀମାନେ ବୁକ୍ କରିଥିବା ପରିମାଣରୁ ସହନୀୟ ସୀମାରୁ ଅଧିକ ପରିମାଣର ଉତ୍ପାଦ ଆଣିବେ ସେମାନଙ୍କ ଉତ୍ପାଦକୁ ଗ୍ରହଣ କରାଯିବ ନାହିଁ ।

ତେଣୁକରି, ସିସିଆଇ ସମସ୍ତ କପା ଚାଷୀମାନଙ୍କୁ ନିବେଦନ କରୁଅଛି କି, ସ୍ଲଟ୍‌ରେ ଯତ୍ନପୂର୍ବକ ପରିମାଣ ବୁକ୍ କରନ୍ତୁ । ଏହାଦ୍ୱାରା କପାରେ ସୁରୁଖୁରୁ, ପାରଦର୍ଶୀ ଏବଂ ଚାଷୀ ଅନୁକୂଳ ଏମ୍‌ଏସ୍‌ପି କାର୍ଯ୍ୟ ପରିଚାଳନାରେ ସହାୟତା ମିଳିବ ।

ସ୍ୱା./- ଶାଖା ମୁଖ୍ୟ

ଭା.କ.ନି.
CCI
**ଭାରତୀୟ କପା ନିଗମ ଲିମିଟେଡ୍**
ମୋବାଇଲ ଆପ
କପାସ କିଷାନ
ଶାଖା କାର୍ଯ୍ୟାଳୟ: ରାୟଗଡା
ପ୍ଲଟ ନଂ-୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା -୭୬୫୦୦୧ (ଓଡିଶା)
ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୨୮.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

**ଚାଷୀମାନଙ୍କର ସ୍ୱୟଂ ପଞ୍ଜିକରଣ ତାରିଖ ଶୀଘ୍ର ପାଖେଇ ଆସୁଛି ଏବଂ ତେଣୁ, ସମସ୍ତ ବାକି ଚାଷୀମାନଙ୍କୁ ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ପଞ୍ଜିକରଣ ସମାପ୍ତ କରିବାକୁ ଅନୁରୋଧ କରାଯାଉଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

# ଭୁବନେଶ୍ୱରର ମୁକ୍ତେଶ୍ୱର କ୍ଲବ ସେମିରେ

## ୩୦ତମ ଗୋପାଳଜୀୟୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଗୋପ,୨୮।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

ଗଣେଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅନୁଷ୍ଠିତ ୩୦ ତମ ଗୋପାଳଜୀୟୁ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ କ୍ୱାର୍ଟର ସେମିଫାଇନାଲ ମ୍ୟାଚ୍‌ରେ କଟକର ମାଷ୍ଟର କ୍ରିକେଟ କ୍ଲବକୁ ୬ ଉଇକେଟରେ ପରାସ୍ତ କରି ଭୁବନେଶ୍ୱରର ମୁକ୍ତେଶର କ୍ଲବ ସେମିଫାଇନାଲରେ ପହଞ୍ଚିଛି। ଟସ୍ ଜିତି ମୁକ୍ତେଶ୍ୱର କ୍ଲବ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂ କରି କଟକର ମାଷ୍ଟର କ୍ଲବ ସରୋଜ କୁମାର ସ୍ୱାଇଁଙ୍କ ୨୫ ବଲ୍‌ରେ ୩୬ ରନ୍‌କୁ ନେଇ ଦଳ ତା'ର ସମସ୍ତ ଉଇକେଟ ହରାଇ ୧୫୮ ରନ୍ କରିଥିଲା। ଭୁବନେଶ୍ୱର ମୁକ୍ତେଶ୍ୱର କ୍ଲବ ଦଳର ନିର୍ଭରତମ ଖେଳାଳି ତନ୍ମୟ ବିଶ୍ୱାଳଙ୍କ ୫୭ ରନ୍ ସହାୟତାରେ ୪ ଗୋଟି ଉଇକେଟ ହରାଇ ଆବଶ୍ୟକୀୟ ୧୫୯ ରନ୍ କରି ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଏହି ଖେଳକୁ ଦେବେନ୍ଦ୍ର ନାଥ ମିଶ୍ର, ତ୍ରିଭୁବନ ଦାସ ପରିଚାଳନା କରିଥିବା ବେଳେ ସୋମବାର ପ୍ରଥମ ସେମିଫାଇନାଲ୍ ମ୍ୟାଚ କଟକର ସୋଲାର କ୍ଲବ ଓ ମୁକ୍ତେଶ୍ୱର କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।



ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦରଖାସ୍ତ ଲେଖିଲେ ଛାତ୍ରୀଛାତ୍ର

## ଗ୍ରାମୀଣ ସେବା ଟ୍ରଷ୍ଟ ପକ୍ଷରୁ 'ନୂଆ ସକାଳ' କାର୍ଯ୍ୟକ୍ରମ

ଅସ୍ତରଙ୍ଗ/କାକଟପୁର,୨୮।୧୨
(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଗାଁ ହେଉଛି ଦେଶର ମୂଳ ଆଧାର। କିନ୍ତୁ ଆଜି ଗାଁ ନିଜେ ନିଜ ସମସ୍ୟାର ଭାର ନେଇ ଆକ୍ରାନ୍ତ। ରାସ୍ତା ନାହିଁ, ପିଇବା ପାଣିର ଅଭାବ, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଠିକ ସୁବିଧା ନାହିଁ। ଏହି ସବୁ ସମସ୍ୟା ମଧ୍ୟରେ ଆମ ଗାଁ ଆଜି ଜୀବନଯାପନ କରୁଛି। କିନ୍ତୁ ଏହି ସମସ୍ୟା ମଧ୍ୟରୁ ଏକ ଆଶାର ଆଲୋକ ଜାଗି ଉଠିଛି, ଆମ ଗାଁର ଛୋଟ ଛୋଟ ଛାତ୍ରୀଛାତ୍ରଙ୍କ ହୃଦୟରୁ।

କାକଟପୁର ବ୍ଲକ ଅନ୍ତର୍ଗତ ସିଂହରପାଳ ବେଳାଭୂମି କୂଳରେ ଗ୍ରାମୀଣ ସେବା ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ନୂଆ ସକାଳ ନାମକ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଶିଶୁମାନଙ୍କୁ ତାଙ୍କ ଅଞ୍ଚଳର ପରିବେଶ ସହିତ ଯୋଡ଼ିବା ଏବଂ ଅଞ୍ଚଳର ସମସ୍ୟାକୁ ଚିହ୍ନଟ କରି ସଚେତନତା ଗଢ଼ିବା।



କାର୍ଯ୍ୟକ୍ରମରେ ଶତାଧିକ କୁନିକୁନି ଛାତ୍ରୀଛାତ୍ର ପ୍ରକୃତି ପରିବେଶ ଉପରେ ଚିତ୍ରାଙ୍କନ କଲେ ଏବଂ ତାଙ୍କ ଗାଁର ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କୁ ଗୋଟିଏ ଗୋଟିଏ ଦରଖାସ୍ତ ଲେଖିଛନ୍ତି। 'ମା ବାଟୁଳାଇ ପାଠଶାଳା'ର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଛି। ୫୦ରୁ ଅଧିକ ଛାତ୍ରୀଛାତ୍ର ରାସ୍ତା, ପାଣି, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜଙ୍ଗଲ ସୁରକ୍ଷା ପରି ସମସ୍ୟା ଉପରେ ନିଜ ମନର କଥା ସରକାରଙ୍କ ପାଖକୁ ପହଞ୍ଚାଇଲେ। ଏହି ଦରଖାସ୍ତଗୁଡ଼ିକୁ ପୋଷ୍ଟାଲ୍ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ପଠାଯିବାକୁ ଗ୍ରାମୀଣ ସେବା ଚାରିଟେବଲ୍ ଟ୍ରଷ୍ଟ ଦାୟିତ୍ୱ ନେଇଛି। ଗତ ୫ ବର୍ଷ ଧରି ଏହି ଟ୍ରଷ୍ଟ ଗ୍ରାମାଞ୍ଚଳର ଶିକ୍ଷା ଓ ସ୍ୱାସ୍ଥ୍ୟକ୍ଷେତ୍ରରେ ନିରନ୍ତର କାମ କରୁଛି। ଟ୍ରଷ୍ଟ ସହିତ ୫୦୦ରୁ ଅଧିକ ସଦସ୍ୟ ଯୋଡ଼ି ହୋଇଛନ୍ତି, ଯାହା ଏହାର ଲୋକପ୍ରିୟତା ଓ ସଫଳତାର ପ୍ରମାଣ। ଏହା କେବଳ ଗୋଟିଏ କାର୍ଯ୍ୟକ୍ରମ ନୁହେଁ, ଏହା ହେଉଛି ଏକ ଚିନ୍ତାଧାରା, ଯେଉଁଠି ଛୋଟ ହାତ ଦେଶର ବଡ଼ ସମସ୍ୟାକୁ ସ୍ପର୍ଶ କରୁଛି। ଏହି ଅଭିନବ ପ୍ରୟାସ ଆଗାମୀ ପିଢ଼ି ପାଇଁ ଏକ ଦୃଢ଼ ଆଶା ଓ ସଚେତନ ନାଗରିକତାର ଭିତ୍ତି ତିଆରି କରୁଛି। ସତରେ, ଏହା ଏକ ନୂଆ ସକାଳ, ସମସ୍ୟା ଭିତରୁ ଜନ୍ମ ନେଉଥିବା ଆଶାର ସକାଳ।

# ଦିଗନ୍ତ

ଶେଷ ପାହାଚରେ ଉପନୀତ ୨୦୨୫। ଚଳିତବର୍ଷ ସ୍ୱାସ୍ଥ୍ୟ, ମହାକାଶ, ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ଘଟିଥିବା ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...

## ଭି.ନାରାୟଣନ ନୂଆ ଇସ୍ରୋ ଅଧ୍ୟକ୍ଷ



ଡ. ଭି. ନାରାୟଣନଙ୍କୁ ଚଳିତବର୍ଷ ଏକ ସମ୍ମାନଜନକ ଦାୟିତ୍ୱ ପ୍ରଦାନ କରାଯାଇଛି। ନାରାୟଣନ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ନୂଆ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ସେ ଏହି ନୂଆ ଦାୟିତ୍ୱ ନେଇସାରିଛନ୍ତି ଏବଂ ଆସନ୍ତା ଦୁଇ ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ଦୀର୍ଘ ୪୦ ବର୍ଷର ବୈଜ୍ଞାନିକ କ୍ୟାରିୟରରେ ସେ ଇସ୍ରୋର ବିଭିନ୍ନ ଉଚ୍ଚ ପଦବୀରେ ରହି ନିଜ ଦାୟିତ୍ୱ ଠିକ୍ ଭାବରେ ତୁଲାଇବାରେ ସକ୍ଷମ ହୋଇଛନ୍ତି। ରକେଟ ଏବଂ ସ୍ପେଶକ୍ରାଫ୍ଟ ପ୍ରପଲଶନରେ ତାଙ୍କର ପାରଦର୍ଶିତା ରହିଛି।

## ଡାଇବେଟିସ୍ ପାଇଁ ନୂଆ ଇଞ୍ଜେକ୍ସନ



ଭାରତରେ ଡାଇବେଟିସ୍ ନିୟନ୍ତ୍ରଣ ପାଇଁ ଏକ ନୂଆ ଇଞ୍ଜେକ୍ସନ ଚଳିତବର୍ଷ ଶେଷାର୍ଦ୍ଧରେ ଲଞ୍ଚ୍ ହୋଇଛି। ଉକ୍ତ ନୂଆ ଇଞ୍ଜେକ୍ସନଟି ହେଲା ମୌଞ୍ଜାରୋ (ଟିରଜେପାଟାଇଡ୍)। ବିଶେଷଭାବରେ ଏହା ଟାଇପ୍-୨ ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ। ଅନ୍ୟପକ୍ଷରେ ଏହି ନୂଆ ଇଞ୍ଜେକ୍ସନକୁ ସେଣ୍ଟ୍ରାଲ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେଶନ (ସିଡିଏସ୍‌ସିଓ) ମଞ୍ଜୁରୀ ପ୍ରଦାନ କରିଛି। ଏହା ବ୍ୟତୀତ ଜଣେ ଡାଇବେଟିସ୍ ରୋଗୀ ଖାଦ୍ୟପେୟ ଏବଂ ବ୍ୟାୟାମ ପ୍ରତି ବିଶେଷ ଧ୍ୟାନ ଦେବା ଦରକାର।

## ଦେଖାଗଲା ଲାଲ ଚନ୍ଦ୍ର



ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ପୂର୍ଣ୍ଣ ଗ୍ରାସ ଚନ୍ଦ୍ରଗ୍ରହଣ ଏଥର ଚର୍ଚ୍ଚାରେ ରହିଥିଲା। ଏବର୍ଷ ଆକାଶରେ ୮୨ ମିନିଟ୍ ଧରି ଲାଲ ରଙ୍ଗର ଚନ୍ଦ୍ର ଦେଖିବାକୁ ମିଳିଥିଲା। ଭାରତ ସମେତ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆମେରିକା ଏବଂ ଫିଜିରେ ଏହି ସମ୍ପୂର୍ଣ୍ଣ ଚନ୍ଦ୍ରଗ୍ରହଣକୁ ଲୋକେ ଦେଖିଥିଲେ। ଆମ ଓଡ଼ିଶାରେ ମଧ୍ୟ ଏହା ଦେଖାଯାଇଥିଲା। ପୁଣି ଥରେ ଏପରି ମହାଜାଗତିକ ସଂଯୋଗ ୧୩୯ ବର୍ଷ ପରେ ଅର୍ଥାତ୍ ୨୧୬୪ ମସିହା ସେପ୍ଟେମ୍ବର ୩୦ ତାରିଖ ଭାଦ୍ରବ ପୂର୍ଣ୍ଣିମାରେ ଦେଖିବାକୁ ମିଳିବ ବୋଲି ଜ୍ୟୋତିର୍ବିଜ୍ଞାନୀମାନେ ଆକଳନ କରିଛନ୍ତି।

## ଭାରତର ପ୍ରଥମ ଘରୋଇ ସାଟେଲାଇଟ୍ ଆରମ୍ଭ

ମହାକାଶ କ୍ଷେତ୍ରରେ କାମ କରୁଥିବା ଦୁଇଟି ଭାରତୀୟ ଘରୋଇ ଅନୁଷ୍ଠାନ 'ଷ୍ଟାର୍ଟଅପ୍ ପିକ୍ସଲ' ଏବଂ 'ଦିଗନ୍ତାରା' ଏକ ଘରୋଇ ସାଟେଲାଇଟ୍ ଲଞ୍ଚ୍ କରିଛନ୍ତି। 'ସ୍ପେଶ୍ ଏକ୍ସ'ରୁ ଏହି ଲଞ୍ଚ୍ କାମ ହୋଇଥିଲା। ପୃଥିବୀ ଚାରିପଟରେ ପରିକ୍ରମା କରୁଥିବା ବସ୍ତୁଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ହେଉଛି ଏହାର ପ୍ରମୁଖ କାମ। ଏହାସହ ମହାକାଶ କ୍ଷେତ୍ରରେ ନୂଆ ଘରୋଇ କମ୍ପାନୀମାନେ ପ୍ରବେଶ କରିବାର ପଥ ଏହା ଉନ୍ମୁକ୍ତ କରିଛି। କାଲିଫର୍ନିଆ ଭାଣ୍ଡେନବର୍ଗ ସ୍ପେଶଫୋର୍ସ ବେସ୍‌ଠାରୁ ପିକ୍ସଲ ପକ୍ଷରୁ ତିନୋଟି 'ଫାୟାରଫ୍ଲାଏ' ସାଟେଲାଇଟକୁ ୫୫୦ କିମି ଦୂର ପୃଥିବୀର ନିମ୍ନ କକ୍ଷକୁ ଉତ୍କ୍ଷେପଣ କରାଯାଇଥିଲା।



## କ୍ୟାନ୍ସର ଟିକା





କ୍ୟାନ୍ସର ଚିକିତ୍ସା କ୍ଷେତ୍ରରେ ଚଳିତବର୍ଷ ଏକ ବଡ଼ଧରଣର ସଫଳତା ମିଳିଛି। ରୁଷୀୟ ବୈଜ୍ଞାନିକମାନେ ଏକ କ୍ୟାନ୍ସର ଟିକା ଉଦ୍ଭାବନ କରି ତାହାର କ୍ଲିନିକାଲ ପରୀକ୍ଷାରେ ମଧ୍ୟ ସଫଳ ହୋଇଛନ୍ତି। ରୁଷିଆର ୦ଫେଡରାଲ ମେଡିକାଲ ଆଣ୍ଡ ବାୟୋଲୋଜିକାଲ ଏଜେନ୍ସି (ଏଫ୍ଏମ୍‌ବିଏ) ପକ୍ଷରୁ ସୂଚନା ଦିଆଯାଇଛି ଯେ, କୋଭିଡ-୧୯ ଟିକାରେ ବ୍ୟବହୃତ ଦୃଷ୍ଟିକୋଣ ଏମ୍‌ଆର୍‌ଏନ୍‌ଏ ଟେକ୍ନୋଲୋଜି ଆଧାରରେ ଏହି ଟିକା ପ୍ରସ୍ତୁତ ହୋଇଛି। ଏହାର ନାମ ରଖାଯାଇଛି 'ଇଣ୍ଟରେମିକ୍ସ ଏମ୍‌ଆର୍‌ଏନ୍‌ଏ'। ଏହି ଟିକା କ୍ୟାନ୍ସର କୋଷଗୁଡିକୁ ପ୍ରତିରୋଧ କରିବାରେ ସକ୍ଷମ ହେବ।

## ଶୁଭାଂଶୁଙ୍କ ଐତିହାସିକ ମହାକାଶ ଯାତ୍ରା

ଭାରତୀୟ ମହାକାଶଚାରୀ ତଥା ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଭାରତୀୟ ମହାକାଶ ବିଜ୍ଞାନ କ୍ଷେତ୍ରରେ ଆଉ ଏକ ସଫଳତାର ଫର୍ଦ୍ଦ ଯୋଡିଛନ୍ତି। ସ୍କ୍ୱାର୍ଡନ ଲିଡର ରାକେଶ ଶର୍ମାଙ୍କ ପରେ ସେ ଦ୍ୱିତୀୟ ଭାରତୀୟ ମହାକାଶଚାରୀ ଭାବରେ ମହାକାଶକୁ ଯାଇ ସଫଳତାର ସହ ଫେରି ଆସିଛନ୍ତି। ଦୀର୍ଘ ୪୧ବର୍ଷ ପରେ ଭାରତ ଏଭଳି ସଫଳତା ହାସଲ କରିଛି। ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନସ୍କା ଏବଂ ହଙ୍ଗେରୀର ଟିୟେବୋର କାପୁରଙ୍କ ସହ ଆମେରିକୀୟ ସ୍ପେଶ୍ ଟେକ୍ନୋଲୋଜି କମ୍ପାନୀ ସ୍ପେଶ୍ ଏକ୍ସ'ର ଡ୍ରାଗନ ମହାକାଶଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଅଭିମୁଖେ ଯାଇଥିଲେ। 'ଆକ୍ସିଓମ୍ ମିଶନ-୪' ନାମକ ଏହି ଅଭିଯାନରେ ଶୁଭାଂଶୁ ପାଇଲଟ୍ ଭୂମିକା ନିର୍ବାହ କରିଥିଲେ। ଚଳିତବର୍ଷ ୧୫ ଜୁଲାଇରେ ସେ ନିରାପଦର ସହ ପୃଥିବୀ ପୃଷ୍ଠକୁ ଫେରି ଆସିଥିଲେ। ଏହି ରହଣି ସମୟରେ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିଥିଲେ।



ଶୁଭାଂଶୁ

## ଡ୍ରୋନ୍ କିଲର 'ଭାର୍ଗବାସ୍ତ୍ର'

ଡ୍ରୋନ୍ ମାଧ୍ୟମରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ 'ଭାର୍ଗବାସ୍ତ୍ର' ନାମକ ଏକ କାଉଣ୍ଟର ଆଟାକ୍ ସିଷ୍ଟମ ତିଆରି କରାଯାଇଛି। ଗଞ୍ଜାମ ଜିଲାର ଗୋଳାବନ୍ଧ ଆର୍ମି ଏୟାର ଡିଫେନ୍ସ କଲେଜ ପରିସରରେ ଥିବା ଫାୟାରିଂ ରେଞ୍ଜରେ ଏହାର ସଫଳ ପରୀକ୍ଷଣ ମଧ୍ୟ କରାଯାଇଛି। ସୋଲାର ଡିଫେନ୍ସ ଆଣ୍ଡ ଏରୋସ୍ପେଶ ଲିମିଟେଡ୍ (ଏସ୍‌ଡିଏଲ୍) ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ଏହା ଭାରତୀୟ ସେନା ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏଥିରେ ମାଇକ୍ରୋ ରକେଟ୍ ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ପରୀକ୍ଷଣ ସମୟରେ 'ଭାର୍ଗବାସ୍ତ୍ର' ୧.୫ କିମି ରେଞ୍ଜ ଦୂରତା ଓ ୪୦୦ ମିଟର ଉଚ୍ଚତାରେ ଥିବା ଲକ୍ଷ୍ୟକୁ ଭେଦ କରିପାରିଛି।

## ସୁପର ଆର୍ଥ ଆବିଷ୍କୃତ

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ ଏକ ରହସ୍ୟମୟ ତଥା ବିଶାଳ ଗ୍ରହ 'ସୁପର ଆର୍ଥ' ଆବିଷ୍କୃତ ହୋଇଛି। ଏହା ପୃଥିବୀଠାରୁ ୧୫୪ ଆଲୋକବର୍ଷ ଦୂରରେ ଅବସ୍ଥିତ। ଏହି ବିଶାଳ ଗ୍ରହର ନାମ ଦିଆଯାଇଛି 'ଟିଓଆଇ-୧୮୪୬ ବି', ଯାହାର ଆକାର ପୃଥିବୀ ଅପେକ୍ଷା ଦୁଇ ଗୁଣ ଚଉଡା ଏବଂ ଚାରି ଗୁଣ ଓଜନିଆ। ଆମେରିକୀୟ ବୈଜ୍ଞାନିକମାନେ ଏହାକୁ ନର୍ଦ୍ଦେନ ସ୍କାଏର ଲିରା ନକ୍ଷତ୍ର ମଣ୍ଡଳରେ ଆବିଷ୍କାର କରିଛନ୍ତି।





## ପ୍ରତିରକ୍ଷା ପ୍ରଯୁକ୍ତି

❖ବାଲେଶ୍ୱର ଚାନ୍ଦିପୁରସ୍ଥିତ ଲଞ୍ଚପ୍ୟାଡ୍‌ରୁ ସ୍ୱଳ୍ପ ଦୂରଗାମୀ ତଥା ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା 'ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍ କ୍ଷେପଣାସ୍ତ୍ର'ର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ପ୍ରାୟ ୮୦କିମି ଦୂରତାକୁ ଲକ୍ଷ୍ୟଭେଦ କରିପାରିବ।

❖ପ୍ରତିରକ୍ଷା ଉନ୍ନୟନ ଗବେଷଣା ସଂସ୍ଥାନ (ଡିଆର୍‌ଡିଓ) ସହଯୋଗରେ ଭାରତୀୟ ସେନାର ଷ୍ଟ୍ରାଟେଜିକ୍ କମାଣ୍ଡ ପକ୍ଷରୁ ଗୋଟିଏ ଦିନରେ ଦୁଇଟି କ୍ଷେପଣାସ୍ତ୍ର-'ଅଗ୍ନି ୧' ଏବଂ 'ପୃଥ୍ୱୀ ୨'ର ପରୀକ୍ଷା କରାଯାଇଛି। ୧୦୦୦ କିଗ୍ରା ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରୁଥିବା 'ଅଗ୍ନି ୧' କ୍ଷେପଣାସ୍ତ୍ର ୭୦୦-୧୨୦୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ।

❖ଚଳିତବର୍ଷ 'ଅଗ୍ନି ୫' କ୍ଷେପଣାସ୍ତ୍ରର ୨୬ତମ ପରୀକ୍ଷା କରାଯାଇଥିଲା।

## ସମୁଦ୍ର ପାଣିରେ ମିଳାଇ ଯାଉଥିବା ପ୍ଲାଷ୍ଟିକ ଉଦ୍ଭାବିତ

ଜାପାନର ବୈଜ୍ଞାନିକମାନେ ଏପରି ଏକ ପ୍ଲାଷ୍ଟିକ ବିକଶିତ କରିଛନ୍ତି, ଯାହା କିଛି ଘଣ୍ଟା ଭିତରେ ସମୁଦ୍ର ପାଣିରେ ମିଳାଇ ଯାଉଛି। ବର୍ତ୍ତମାନ ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ଚିନ୍ତାର କାରଣ ସାଜିଛି। ତେଣୁ ଏଭଳି ସମସ୍ୟାକୁ ଏବେ ସହଜରେ ଦୂର କରିହେବ ବୋଲି ସେମାନେ ଆଶାପ୍ରକଟ କରିଛନ୍ତି। ଟୋକିଓସ୍ଥିତ ଆର୍‌ଆଇକେଇଏନ୍ ସେଣ୍ଟର ଫର୍ ଇମରଜେଣ୍ଟ ମୋଟର ସାଇନ୍ସ ଏବଂ ଟୋକିଓ ୟୁନିଭର୍ସିଟିର ବୈଜ୍ଞାନିକମାନେ ଏ ନେଇ ମତ ପ୍ରକାଶ କରିଛନ୍ତି ଯେ, ଏଭଳି ପ୍ଲାଷ୍ଟିକ ସମୁଦ୍ର ପାଣିରେ ଖୁବ୍ ଶୀଘ୍ର ତରଳି ଯିବ। କାଚ ପାତ୍ରରେ କିଛି ସମୁଦ୍ର ପାଣି ରଖି ସେଥିରେ ଏହି ନୂଆ ପ୍ଲାଷ୍ଟିକକୁ ପକାଇବା ଦ୍ୱାରା ସେଗୁଡିକ ସହଜରେ ମିଳାଇ ଯାଇଥିଲା।

## ଇସ୍ରୋର ବାହୁବଳୀ ସାଟେଲାଇଟ୍

ଚଳିତବର୍ଷ ଶେଷାର୍ଦ୍ଧରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଆଉ ଏକ ଐତିହାସିକ ସଫଳତା ମିଳିଛି। ୬,୧୦୦ କିଗ୍ରା ଓଜନ ବିଶିଷ୍ଟ ବାହୁବଳୀ ସାଟେଲାଇଟ ବା ଉପଗ୍ରହ 'ବ୍ଲୁବାର୍ଡ ବ୍ଲକ୍-୨'କୁ ସଫଳତାର ସହ ଏହାର କକ୍ଷ ପଥରେ ଅବସ୍ଥାପିତ କରାଯାଇଛି। ଏହା ହେଉଛି ଇସ୍ରୋର ସବୁଠାରୁ ଭାରି କୃତ୍ରିମ ଉପଗ୍ରହ।

## ସବୁଠୁ ଓଜନଦାର ଯୋଗାଯୋଗ ସାଟେଲାଇଟ୍

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ) ଭାରତ ମାଟିରୁ ସବୁଠୁ ଓଜନଦାର ଯୋଗାଯୋଗ ସାଟେଲାଇଟ୍ ବା ଉପଗ୍ରହକୁ ମହାକାଶକୁ ପଠାଇ ତାହାକୁ କକ୍ଷ ପଥରେ ଅବସ୍ଥାପିତ କରିବାର ଇତିହାସ ରଚିଛି। ଆନ୍ଧ୍ର ପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଲଞ୍ଚ୍ ପ୍ୟାଡ୍‌ରୁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଉପଗ୍ରହ 'ସିଏମ୍‌ଏମ୍ ୦୩'କୁ ଉତ୍କ୍ଷେପଣ କରାଯାଇଥିଲା। ୪,୪୧୦ କିଗ୍ରା ଓଜନବିଶିଷ୍ଟ ଏହି ଉପଗ୍ରହ ଏକ ମଲ୍‌ଟିବ୍ୟାଣ୍ଡ ଯୋଗାଯୋଗ ଉପଗ୍ରହ, ଯାହା ଭାରତୀୟ ଭୂଖଣ୍ଡ ସମେତ ବିସ୍ତୃତ ମହାସାଗର ଅଞ୍ଚଳ ଉପରେ ସେବା ପ୍ରଦାନ କରିପାରିବ। ଏହା ଅନ୍ୟୂନ ୧୫ ବର୍ଷ ପାଇଁ ସେବା କରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି।



## ଯୋଗ ଦ୍ୱାରା କମିବ ରକ୍ତଚାପ

ରକ୍ତଚାପ ବା ବ୍ଲଡ୍‌ପ୍ରେସର ଏବେ ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ହେଲେ ଏହାକୁ ହାଲୁକା ଭାବରେ ନେବା ଆଦୌ ଠିକ୍ ନୁହେଁ। କାରଣ ଯଦି ରକ୍ତଚାପ ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା, ତେବେ ତାହା ପରୋକ୍ଷରେ ଆଉ କେତେକ ରୋଗ ସୃଷ୍ଟି କରିଥାଏ। ଏଭଳି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଇବାକୁ ପଡିଥାଏ। କେବଳ ସେତିକି ନୁହେଁ, ରକ୍ତଚାପ କେତେ ରହୁଛି ତାହାକୁ ନିର୍ଦ୍ଦିଷ୍ଟ ଦିନ ବ୍ୟବଧାନରେ ମାପିନେବା ଦରକାର। ତେବେ ଏହା କିପରି ସନ୍ତୁଳିତ ରହିବ, ସେ ନେଇ ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି ? ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ତାଙ୍କର ରକ୍ତଚାପ ଅନେକାଂଶରେ ସନ୍ତୁଳିତ ରହିଥାଏ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ଏଭଳି ସମସ୍ୟା ସହ ଜଡିତ କେତେଜଣ ବ୍ୟକ୍ତିଙ୍କୁ ନିୟମିତ ଯୋଗ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରକ୍ତଚାପ ମାପିବାରୁ ଏହା କେତେକାଂଶରେ ସନ୍ତୁଳିତ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ନୂତନ କ୍ଷୁଦ୍ର ଗ୍ରହ ଆବିଷ୍କୃତ

ଚଳିତବର୍ଷ ଏକ ବିରଳ ମହାଜାଗତିକ ଘଟଣା ଘଟିଛି। '୨୦୨୫ ଏଫ୍ଏ ୨୨' ନାମକ ଏକ କ୍ଷୁଦ୍ର ଗ୍ରହ ପୃଥିବୀ ପାଖ ଦେଇ ଅତିକ୍ରମ କରିଛି। ଚଳିତବର୍ଷ ପ୍ରାରମ୍ଭରେ ଆମେରିକାର ହାୱାଇସ୍ଥିତ 'ପ୍ୟାନ୍ ଷ୍ଟାର୍ସ ୨ ସର୍ଭେ' ଦ୍ୱାରା ଏହି ନୂତନ ଗ୍ରହକୁ ଆବିଷ୍କାର କରାଯାଇଥିଲା। ଉକ୍ତ କ୍ଷୁଦ୍ର ଗ୍ରହର ବ୍ୟାସାର୍ଦ୍ଧ ୧୨୦-୨୮୦ ମିଟର। ଏହାର କକ୍ଷପଥର ଅବଧି ପ୍ରାୟ ୧.୮୫ ବର୍ଷ ରହିଛି। ଏହି ଗ୍ରହ ପୃଥିବୀଠାରୁ ୮ ଲକ୍ଷ ୪୨ ହଜାର କିମି ଦୂରରେ ଅତିକ୍ରମ କରିଛି।



## ରୋଗ ନିରୂପଣର ସହଜ ଉପାୟ



ଚିକିତ୍ସା ବିଜ୍ଞାନ ଦିନକୁ ଦିନ ଯେତେ ଉନ୍ନତି କରୁଛି, ସେହି ଅନୁସାରେ କେତେକ ନୂଆ ରୋଗ ମଧ୍ୟ ସୃଷ୍ଟି ହେଉଛି। ଏଗୁଡ଼ିକ ଠିକ୍ ଭାବରେ ନିରୂପଣ କରିପାରିଲେ ତାହାର ଚିକିତ୍ସା ପ୍ରଣାଳୀ ସେହି ଅନୁସାରେ ସ୍ଥିର କରାଯାଇଥାଏ। ତେବେ କେତେକ ରୋଗର ଏକ ସହଜ ନିର୍ଣ୍ଣୟ ପ୍ରଣାଳୀ ନିକଟରେ ଆବିଷ୍କୃତ ହୋଇଛି। ବିଶେଷଭାବରେ ଜଣଙ୍କ ଆଖି ପରୀକ୍ଷା ସମୟରେ କିଛି ରୋଗ ବିଷୟରେ ସୂଚନା ମିଳିପାରିବ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଦୀର୍ଘ ଚାରି ବର୍ଷ ସେମାନେ ଏ ନେଇ ଗବେଷଣା କରିଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଜଣେ ବ୍ୟକ୍ତିଙ୍କର ଆଖି ପରୀକ୍ଷା ସମୟରେ ଏ ସମ୍ପର୍କିତ ତଥ୍ୟ ବ୍ୟତୀତ ଆଲଜିମର୍ସ ବିଷୟରେ ମଧ୍ୟ କେତେକ କଥା ଜାଣିହେବ। ତା' ସହ ରକ୍ତ ସଞ୍ଚାଳନ ସମ୍ପର୍କରେ ମଧ୍ୟ ଏଥିରୁ ସୂଚନା ମିଳିବ। ଏଭଳି ପରୀକ୍ଷା ସମୟରେ ସେମାନେ କିଛି ମୂଷାଙ୍କ ଉପରେ ଗବେଷଣା କରିଥିଲେ। ସେମାନଙ୍କର ଦୃଷ୍ଟିଶକ୍ତିକୁ ତନ୍ନ ତନ୍ନ କରି ପରୀକ୍ଷା କରିବା ଦ୍ୱାରା କେତେକ ମୂଷାଙ୍କ ମସ୍ତିଷ୍କ ବିଷୟରେ କିଛି ସୂଚନା ମିଳିଥିଲା। ଏଭଳି ପଦ୍ଧତି ଯଦି ମଣିଷଠାରେ ଉପଯୋଗ କରାଯିବ, ତେବେ ସେଥିରୁ ମଧ୍ୟ ସଫଳତା ମିଳିବ। କେବଳ ସେତିକି ନୁହେଁ, ପରୀକ୍ଷାମୂଳ ଭାବରେ କେତେଜଣ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରି ସେମାନେ ଆଲଜିମର୍ସର କାରଣ ବିଷୟରେ ଜାଣିପାରିଥିଲେ। ତେବେ ଏ ନେଇ ଆହୁରି ଅଧିକ ତଥ୍ୟ ଲୋକଲୋଚନକୁ ଆଣିବାକୁ ଆଉ କିଛି ବର୍ଷ ସମୟ ଲାଗିବ ବୋଲି ଉକ୍ତ ଗବେଷଣାର ମୁଖ୍ୟ ଡା. ମାୟା କରୋନୋୟ କହିଛନ୍ତି।

## ଇସ୍ରୋର ଏୟାର ଡ୍ରପ୍ ଟେଷ୍ଟ ସଫଳ

ଭାରତର ପ୍ରଥମ ମାନବଯୁକ୍ତ ମହାକାଶ ମିଶନ 'ଗଗନାୟନ'ର ପ୍ରସ୍ତୁତି ଦିଗରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)କୁ ଏକ ବଡ ସଫଳତା ମିଳିଛି। ଇସ୍ରୋ ପକ୍ଷରୁ ପ୍ରଥମ ଇଣ୍ଟିଗ୍ରେଟେଡ ଏୟାର ଡ୍ରପ୍ ଟେଷ୍ଟ (ଆଇଏଡିଟି ୦୧) ସଫଳ ହୋଇଛି। ଗଗନାୟନ ମିଶନ ପାଇଁ ପାରାଚ୍ୟୁଟ୍ ସିଷ୍ଟମକୁ ଯାଞ୍ଚ କରିବା ଉଦ୍ଦେଶ୍ୟରେ ଚଳିତବର୍ଷ ଏହି ପରୀକ୍ଷା କରାଯାଇଛି। ଇସ୍ରୋ ସହ ଭାରତୀୟ ନୌସେନା, ଭାରତୀୟ ବାୟୁସେନା, ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆରଡିଓ), ଭାରତୀୟ ତଟରକ୍ଷୀ ବାହିନୀର ମିଳିତ ପ୍ରୟାସରେ ଏହି ପରୀକ୍ଷଣ କରାଯାଇଛି।

## ବ୍ରେକ୍‌ଫାଷ୍ଟରେ ଅନିୟମିତତା ହେଲେ...

ସକାଳର ପ୍ରଥମ ଖାଦ୍ୟ ହେଉଛି ବ୍ରେକ୍‌ଫାଷ୍ଟ। ଏହାକୁ ନିୟମିତ ଖାଇବା ଦରକାର। ତଟକା ଫଳମୂଳ, ଜୁସ୍, ସାଲାଡ ଆଦିକୁ ଏଥିରେ ସାମିଲ କରନ୍ତୁ। କିନ୍ତୁ ଯଦି ଏଥିରେ ଅନିୟମିତତା ଦେଖାଯାଏ, ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। ବିଶେଷଭାବରେ ଏହି ସମସ୍ୟା ଲାଗି ରହିଲେ ତାହା ଭବିଷ୍ୟତରେ ରକ୍ତଚାପ ବା ବ୍ଲଡପ୍ରେସର ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ରେକ୍‌ଫାଷ୍ଟ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ହୋଇଥିବା ଏକ ସର୍ଭେରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିବାକୁ ପାଇଥିଲେ। ବ୍ରେକ୍‌ଫାଷ୍ଟରେ ଅନିୟମିତତା ଥିବା କେତେଜଣ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରିଥିଲେ। ଏହି ସମୟରେ ସେମାନଙ୍କର ରକ୍ତଚାପ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କଠାରେ ରକ୍ତଚାପର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେଣୁ ନିୟମିତ ବ୍ରେକ୍‌ଫାଷ୍ଟ ଖାଇବାକୁ ସେମାନେ ପରାମର୍ଶ ଦେଇଛନ୍ତି।



## ନୋବେଲ ପୁରସ୍କାର

### ଭେଷଜ ବିଜ୍ଞାନ



ମେରୀ ଇ ବ୍ରୁଙ୍କୋ | ଫ୍ରେଡ୍ ରାମସ୍‌ଡେଲ | ସାଇମୋନ ସାକାଗୁଚି

ଆମେରିକୀୟ ମହିଳା ବିଜ୍ଞାନୀ ମେରୀ ଇ ବ୍ରୁଙ୍କୋ, ଆମେରିକୀୟ ବିଜ୍ଞାନୀ ଫ୍ରେଡ୍ ରାମସଡେଲ୍ ଏବଂ ଜାପାନର ବିଜ୍ଞାନୀ ସାଇମୋନ୍ ସାକାଗୁଚି ଚଳିତ ବର୍ଷର ଶରୀରତତ୍ତ୍ୱ ବା ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଛନ୍ତି। ବ୍ରୁଙ୍କୋ ସିଟଲସ୍ଥିତ ଇନଷ୍ଟିଚ୍ୟୁଟ୍ ଫର ସିଷ୍ଟମ୍‌ସ ବାୟୋଲୋଜିର ସିନିୟର ପ୍ରୋଗ୍ରାମ ମ୍ୟାନେଜର, ରାମ୍‌ସଡେଲ ସାନଫ୍ରାନ୍‌ସିସ୍‌କୋର ସୋନୋମ ବାୟୋଥେରାପିଉଟିକ୍ସର ବିଜ୍ଞାନ ଉପଦେଷ୍ଟା ଏବଂ ସାକାଗୁଚି ଓସାକା ୟୁନିଭର୍ସିଟିର ଇମ୍ୟୁନୋଲୋଜି ଫ୍ରଣ୍ଟିୟର ରିସର୍ଚ୍ଚ ସେଣ୍ଟରରେ ପ୍ରଫେସର ଭାବରେ କାର୍ଯ୍ୟରତ। ଶରୀରରେ ଥିବା ରୋଗ ପ୍ରତିରୋଧକ ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଉପରେ ଗବେଷଣା କରି ପେରିଫେରାଲ ଇମ୍ୟୁନ ଟଲେରାନ୍ସ ବା ପ୍ରାନ୍ତୀୟ ପ୍ରତିରକ୍ଷା ସହନଶୀଳତା ସମ୍ପର୍କିତ ଆବିଷ୍କାର ପାଇଁ ସେମାନଙ୍କୁ ଏହି ପୁରସ୍କାର ମିଳିଛି। ଶରୀର ପ୍ରତିରକ୍ଷାତନ୍ତ୍ରର କାର୍ଯ୍ୟ ପଦ୍ଧତିକୁ ବୁଝିବାରେ ଏହା ଏକ ବୈପ୍ଳବିକ ଆବିଷ୍କାର।

### ପଦାର୍ଥ ବିଜ୍ଞାନ



ଜନ୍ କ୍ଲାର୍କ | ମାଇକେଲ୍ ଡେଭୋରେଟ | ଜନ୍ ମାର୍ଟିନିସ୍

ଇଂଲଣ୍ଡର ଜନ୍ କ୍ଲାର୍କ, ଫ୍ରାନ୍ସର ମାଇକେଲ ଡେଭୋରେଟ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ ମାର୍ଟିନିସ୍-ଏହି ତିନିଜଣ ପଦାର୍ଥ ବିଜ୍ଞାନୀଙ୍କୁ ପଦାର୍ଥ ବିଜ୍ଞାନ ପାଇଁ ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। 'ବୈଦ୍ୟୁତିକ ପରିପଥରେ ମାକ୍ରୋସ୍କୋପିକ କ୍ୱାଣ୍ଟମ୍ ଯାନ୍ତ୍ରିକ ଟନେଲିଂ ଏବଂ ଶକ୍ତି କ୍ୱାଣ୍ଟାକରଣ ଆବିଷ୍କାର' ଲାଗି ଏମାନଙ୍କୁ ନୋବେଲ ପୁରସ୍କାର ମିଳିଛି। ଗବେଷଣା ଓ ପରୀକ୍ଷା କରି ଏମାନେ ଦର୍ଶାଇଥିଲେ ଯେ, କୋଟି କୋଟି କ୍ଷୁଦ୍ର କଣିକାକୁ ନେଇ ଗଠିତ ଗୋଟିଏ ବଡ଼ ସିଷ୍ଟମ ମଧ୍ୟ ନିୟନ୍ତ୍ରିତ ଅବସ୍ଥାରେ କ୍ୱାଣ୍ଟମ୍ ଟନେଲିଂ ଆଚରଣ ଦେଖାଇଥାଏ। ଅଣୁ ପରମାଣୁ ଭଳି କ୍ଷୁଦ୍ର ବସ୍ତୁଗୁଡ଼ିକର ଆଚରଣ ଆମେ ଦୈନନ୍ଦିନ ଜୀବନରେ ଦେଖୁଥିବା ପଦାର୍ଥଗୁଡ଼ିର ଆଚରଣଠାରୁ ଅନେକ ପୃଥକ। ପୁନଶ୍ଚ ପାରମ୍ପରିକ ପଦାର୍ଥ ବିଜ୍ଞାନର ନିୟମ ସେଗୁଡିକ ଆଚରଣକୁ ବୁଝାଇବାରେ ଅସମର୍ଥ।

### ରସାୟନ ବିଜ୍ଞାନ



ସୁସୁମୁ କିଟାଗାୱା | ରିଚାର୍ଡ ରୋବସନ୍ | ଓମାର ୟାଘି

ଚଳିତବର୍ଷର ରସାୟନ ବିଜ୍ଞାନ ନୋବେଲ ପୁରସ୍କାର ମିଳିତ ଭାବେ ପ୍ରାପ୍ତ ହୋଇଛନ୍ତି ଜାପାନର କ୍ୟିଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ମେଲବୋର୍ନ ବିଶ୍ୱବିଦ୍ୟାଳୟ (ଅଷ୍ଟ୍ରେଲିଆ) ରିଚାର୍ଡ ରୋବସନ୍ ଏବଂ ବର୍କଲେସ୍ଥିତ କାଲିଫର୍ନିଆ ବିଶ୍ୱବିଦ୍ୟାଳୟ (ଆମେରିକା) ଓମାର ୟାଘି। ଏକ ନୂତନ ଶ୍ରେଣୀର ସଚ୍ଛିଦ୍ର ସଂରଚନାମାନ ଉଦ୍ଭାବନ ପାଇଁ ଏହି ତିନିଜଣ ରସାୟନବିତ୍‌ଙ୍କୁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ନିୟମିତ ଧାରାରେ ସ୍ଥାନିତ ହୋଇଥାଏ ବହୁ ସଂଖ୍ୟକ ବଡ଼ ବଡ଼ ଛିଦ୍ର। ଅତଏବ ତାହା ବାଷ୍ପ ଶୋଷଣ କରିବା ଏବଂ ଗଚ୍ଛିତ କରିବାଠାରୁ ଶରୀର ମଧ୍ୟରେ ଔଷଧର ପ୍ରବାହ, ଉତ୍‌ପ୍ରେରକ ରୂପେ କାର୍ଯ୍ୟ କରିବା ଏବଂ ଆହୁରି ଅନେକ କାର୍ଯ୍ୟ ସମ୍ପାଦନ ଲାଗି ସମର୍ଥ। ତମ୍ବା, କୋବାଲଟ୍, ନିକେଲ ଆଦି ଧାତବ ଆୟନ ଚତୁଃପାର୍ଶ୍ୱରେ କେତେକ ଜୈବିକ ଲିଜେଣ୍ଡ ବା ସଂଯୋଜକ ସଜ୍ଜିତ ରହି ଏହାକୁ ଗଠନ କରିଥାଆନ୍ତି। ଏଣୁ ଏହାକୁ ଧାତବ-ଜୈବିକ ବ୍ୟବସ୍ଥା ବା 'ମେଟାଲ-ଅର୍ଗାନିକ ଫ୍ରେମ୍‌ୱାର୍କ' (ଏମ୍‌ଏଫ୍‌ଓ) ରୂପେ ନାମିତ କରାଯାଇଛି।

## ଫାଇନାଲରେ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର

ନିରାକାରପୁର,୨୮।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲିପାଟପୁର ପଞ୍ଚାୟତରେ ଥିବା ରିଫ୍ୟୁଜି ହାଇସ୍କୁଲ ଖେଳପଡ଼ିଆରେ ମହାବୀର ସ୍ପୋର୍ଟସ ଆନୁକୂଲ୍ୟରେ ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏୟାରପୋର୍ଟ ଆସେସ ଭୁବନେଶ୍ୱର ଓ ଗ୍ରୀନ ଷ୍ଟାର ଏକାଦଶ ସୁନ୍ଦରପଦା ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏୟାରପୋର୍ଟ ଆସେସ ୧୬ ଓଭରରେ ୭ ଉଇକେଟ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଗ୍ରୀନ ଷ୍ଟାର ଏକାଦଶ ସୁନ୍ଦରପଦା ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରି ୮୮ ରନରେ ପରାଜିତ ହୋଇଥିଲା। ଫଳରେ ଏୟାରପୋର୍ଟ ଆସେସ ଫାଇନାଲରେ ପ୍ରବେଶ କରିଛି।

# ରାଜଧାନୀରେ ବୁଲିଲା ଖଣ୍ଡା, ୨ ଆହତ

### ଘରୋଇ ସଂସ୍ଥାର ଭୋଜିବେଳେ ବଚସାରୁ ଖଣ୍ଡା ଚୋଟ

ଭୁବନେଶ୍ୱର,୨୮।୧୨(ତ୍ରିନାଥ ମହାନ୍ତି)

ରାଜଧାନୀରେ ଆଇନ ଶୃଙ୍ଖଳା ବିଗିଡ଼ିବାରେ ଲାଗିଲାଣି। ନୂଆବର୍ଷ ପାଇଁ ସହରରେ ସୁରକ୍ଷା ବ୍ୟବସ୍ଥା ବଢ଼ିଥିବା ପୋଲିସ କହୁଥିବାବେଳେ କଥା କଥାକେ ଖଣ୍ଡା, ଭୁଜାଲି ବୁଲୁଛି। ଶନିବାର ରାତିରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଡିଏଭି ସ୍କୁଲ ନିକଟରେ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ ହଣାଯାଇଥିବା ବେଳେ ରବିବାର ଖାରବେଳନଗର ଥାନା ଅଧୀନ ବିଗ୍‌ବଜାର ପଛପଟେ ୨ଜଣଙ୍କୁ ଖଣ୍ଡା ଚୋଟ ହୋଇଛି। ଏକ ଘରୋଇ ସଂସ୍ଥାର ଭୋଜି ଚାଲିଥିବା ବେଳେ ସାମାନ୍ୟ ବଚସାରୁ ଖଣ୍ଡାରେ ଆକ୍ରମଣ କରାଯାଇଛି। ଏଥିରେ ଉମେଶ ସେଠୀ ନାମକ ଯୁବକ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଯୁବକ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଉମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପରେ ତାଙ୍କୁ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉମେଶଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ପୋଲିସ ସୂଚନାନୁସାରେ, ଜିଓମାର୍ଟର କର୍ମଚାରୀମାନେ ବିଗ୍‌ବଜାର ଅଫିସ ପଛପଟେ ଭୋଜି କରୁଥିଲେ। ମଟନ ସହ ଚିକେନ ଓ ମାଛ ହୋଇଥିଲା। ସେଠାରେ କର୍ମଚାରୀମାନେ ମଦ ପିଇ କଥା ହେଉଥିଲେ। ଏହି ସମୟରେ ଅଫିସ କଥାକୁ ନେଇ ଉମେଶଙ୍କ ସହ ଅନ୍ୟ ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ର ରୂପ ନେଇଥିଲା। ଶେଷରେ ଜଣେ ଅଭିଯୁକ୍ତଙ୍କ ଘର ନିକଟ ବସ୍ତିରେ ହୋଇଥିବାରୁ ସେ ତୁରନ୍ତ ଯାଇ ଖଣ୍ଡା ଆଣିଥିଲେ। ଏହି ଖଣ୍ଡାରେ ସେ ଉମେଶଙ୍କୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଅଟକାଇବାକୁ ଯାଇଥିବା ଆଉଜଣେ କର୍ମଚାରୀ ମଧ୍ୟ ଖଣ୍ଡା ଚୋଟର ଶିକାର ହୋଇଥିଲେ। ଉମେଶଙ୍କ ପେଟ, ଛାତି, ମୁଣ୍ଡରେ ଗଭୀର ଆଘାତ ଲାଗିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ରହିଛି। ରକ୍ତ ଜୁଡୁ ଅବସ୍ଥାରେ ଉମେଶ ପଡ଼ି ଥିବାବେଳେ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ୨ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଧରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚଢ଼ାଉ ଚାଲିଥିବା ପୋଲିସ ସୂଚନା ଦେଇଛି।

## ଗେମ ଚେଞ୍ଜର ଇଲେଭେନ ଚାମ୍ପିୟନ



### ହୀରାପୁର ପ୍ରିମିୟର ଲିଗ ଉଦଯାପିତ

ବାଲକାଟୀ,୨୮।୧୨(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ହୀରାପୁର ପ୍ଲେ ଗ୍ରାଉଣ୍ଡରେ ଅନୁଷ୍ଠିତ ଅଷ୍ଟମ ହୀରାପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗେମ୍ ଚେଞ୍ଜର ଇଲେଭେନ ଜେବିଏଲକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ଜେବିଏଲ ବ୍ୟାଟିଂ କରି ୬ ଓଭରରେ ୬ ଉଇକେଟ ହରାଇ ୬୯ରନ କରିଥିଲା। ପରେ ଗେମ ଚେଞ୍ଜର ପାଞ୍ଚ ଓଭର ଏକ ବଲରେ ୩ ଉଇକେଟ ହରାଇ ୭୦ରନ କରି ବିଜୟ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବିକନ ଓ ସନ୍ତୋଷ ଅମ୍ପାୟାର ରୂପେ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସଞ୍ଜୟ କୁମାର ମହାନ୍ତି, ବଂକିମ ଚନ୍ଦ୍ର ନାୟକ, ସାମାଜିକ କର୍ମୀ ଚକ୍ରଧର ନାୟକ, ରବୀନ୍ଦ୍ର ନାୟକ, ଗୁଣନିଧି ନାୟକ, ସୁରେନ୍ଦ୍ର ମହାରଣା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଟିମ୍ ଗେମ ଚେଞ୍ଜର ଇଲେଭେନ ନଗଦ ୫୦ ହଜାର ଟଙ୍କା ଓ ରନର ଅପ ଜେବିଏଲକୁ ଚାଳିଶ ହଜାର ଟଙ୍କାର ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

## ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

### ଯୁବକଙ୍କୁ ପୋଲିସ ଗୋଡ଼ାଇ ପିଟିବା ଘଟଣା

ଖୋର୍ଦ୍ଧା,୨୮।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡି ପୋଲିସ ଆରିକମା ଗ୍ରାମର ବିଜୟାନନ୍ଦ ତାଡ଼ଙ୍କୁ ସର୍ବସମ୍ମୁଖରେ ଗୋଡ଼ାଇ ପାଇପ୍‌ରେ ପିଟିବା ଘଟଣାରେ ମାନବାଧିକାର ଉଲ୍ଲଂଘନ କରାଯାଇଥିବା ନେଇ ରବିବାର ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ବିଜୟାନନ୍ଦଙ୍କ କ୍ଷେତ୍ରରେ ଭାରତୀୟ ସମ୍ବିଧାନର ଧାରା-୧୪ (ଆଇନ ସମସ୍ତଙ୍କ ପାଇଁ ସମାନତା) ଉଲ୍ଲଂଘନ କରାଯାଇଛି ବୋଲି ଦାଶ ଦର୍ଶାଇଛନ୍ତି। ଧାରା-୧୯ (ନାଗରିକ ସ୍ୱାଧୀନତାର ସୁରକ୍ଷା), ଧାରା-୨୧ ମାନବ ବଞ୍ଚିବାର ଅଧିକାର, ଧାରା-୩ (ଜୀବନ, ସ୍ୱାଧୀନତା ଓ ବ୍ୟକ୍ତିର ସୁରକ୍ଷା ଅଧିକାର) ଏବଂ ପୋଲିସ କର୍ମଚାରୀ ଦ୍ୱାରା ଅତ୍ୟଧିକ ବଳପ୍ରୟୋଗ, ନିର୍ଯ୍ୟାତନା, ଭୟଭୀତ କରିବା ସହ କ୍ଷମତାର ଅପବ୍ୟବହାର ସିଧାସଳଖ ଭାବେ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ନୀତିର ଉଲ୍ଲଂଘନ କରୁଛି ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଜଣେ ଅବସରପ୍ରାପ୍ତ ଜିଲା ଜଜ୍ ଅଥବା କମିଶନଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ଅନ୍ୟ କୌଣସି ସଂସ୍ଥା ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାଶ ଦାବି କରିଛନ୍ତି। ପୀଡ଼ିତଙ୍କ ଉପରେ ଆକ୍ରମଣ ଓ ଧମକ ଦେବା ନେଇ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ଏବଂ ଫୌଜଦାରି ମାମଲା ରୁଜୁ କରାଯାଉ। ପୀଡ଼ିତ ବିଜୟାନନ୍ଦଙ୍କୁ ମାନସିକ, ଶାରୀରିକ ଯନ୍ତ୍ରଣା, ଅପମାନ ଏବଂ ତାଙ୍କ ମୌଳିକ ଅଧିକାର ଉଲ୍ଲଂଘନ ପାଇଁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ। ଯେପରି ପୋଲିସ ଦ୍ୱାରା ଅଧିକ ହଇରାଣ ଓ ପ୍ରତିଶୋଧର ଶିକାର ନ ହୁଅନ୍ତି, ସେଥିଲାଗି ପୀଡ଼ିତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ତୁରନ୍ତ ସୁରକ୍ଷା ପ୍ରଦାନ କରାଯାଉ। ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କମିଶନଙ୍କ ସମ୍ମୁଖରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଉ। ମାନବାଧିକାର ସୁରକ୍ଷା ଦୃଷ୍ଟିରୁ କମିଶନ ଉପଯୁକ୍ତ ନିର୍ଦ୍ଦେଶ ଦେବାକୁ ଦାଶ ତାଙ୍କ ଅଭିଯୋଗରେ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମରେ ଦୁଇ ପଡ଼ୋଶୀ ପରିବାର ମଧ୍ୟରେ ଗଣ୍ଡଗୋଳକୁ ନେଇ ଉଭୟ ପକ୍ଷରୁ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଘଟଣାର ସମାଧାନ କରିବା ପାଇଁ ବିଜୟାନନ୍ଦ ଆଗେଇ ଆସିଥିଲେ।

# କଠିନ ପରିଶ୍ରମ କଲେ ନିଶ୍ଚିତ ସଫଳତା ମିଳିବ




### ଆସ୍ଥା ସ୍କୁଲରେ ଗ୍ରାଜୁଏଶନ୍ ଡେ ଉତ୍ସବ

ବାଲିଅନ୍ତା,୨୮।୧୨(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ସ୍ଥିତ ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନରେ ରବିବାର ଏମ୍‌ବିଏ ପାଠ୍ୟକ୍ରମର ୨୦୨୩ - ୨୦୨୫ ବ୍ୟାଚ୍‌ର ଗ୍ରାଜୁଏଶନ ଡେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିୟୁଟିର ଭାଇସ- ଚାନସେଲର ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କଠିନ ପରିଶ୍ରମ କଲେ ସଫଳତା ନିଶ୍ଚୟ ମିଳିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଟିଆରଏଲ କ୍ରୋସାକ ରେଫୋକୋଲରିଜ ଲିମିଟେଡର ବରିଷ୍ଠ ଉପସଭାପତି ତଥା ମାନବ ସମ୍ବଳ ମୁଖ୍ୟ ଡ. ଆରକେ ସିଙ୍ଗ ଯୋଗଦେଇଥିଲେ। ଆସ୍ଥାର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ସଫଳତା ପାଇଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆସ୍ଥା ସ୍କୁଲ ଅଧ୍ୟକ୍ଷା ଡ. ଶମିଳା ସୁବ୍ରମଣ୍ୟମ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବ୍ୟାଚ୍‌ରେ ପାସ ହୋଇଥିବା ୧୫୦ ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି ଅବସରରେ ୟୁନିଭରସିଟିରେ ଟପ୍ପର ହୋଇ ଗୋଲ୍ଡ ମେଡାଲ ପାଇଥିବା ଛାତ୍ରୀ ମୋସୁମୀ ରାଉଳ ଓ ବ୍ୟାଚ୍‌ର ଶ୍ରେଷ୍ଠ ଛାତ୍ର ଅଦିତ୍ୟ ପ୍ରତିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସ୍ଥା ସ୍କୁଲର ଜର୍ଣ୍ଣାଲ 'ଅନ୍ୱେଷଣ' ୮ମ ସଂସ୍କରଣ ପ୍ରଫେସର ଡ. ସ୍ୱରୂପ ଚନ୍ଦ୍ର ସାହୁ, ଅନୁଷ୍ଠାନ ଚେୟାରମ୍ୟାନ ରୋଟାରିୟାନ ବିଜୟ କୁମାର ପାତ୍ର ଓ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଫେସର ସତ୍ୟନାଥ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ଷୁଦ୍ର ନାଟକ 'ଭକ୍ତ ଦାସିଆ' ମଞ୍ଚସ୍ଥ ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଉତ୍ସବ ପ୍ରଫେସର ମନୋରଞ୍ଜନ ନାୟକଙ୍କ ସଂଯୋଜନାରେ ପ୍ରଫେସର ଜିନାଶିଷ ମହାନ୍ତି, ପ୍ରଫେସର ଅନନ୍ୟା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜଣେ ଅଭିଯୁକ୍ତ ଗିରଫ, ୧୫ରୁ ଊର୍ଦ୍ଧ୍ୱ ଫେରାର

### ମା', ପୁଅଙ୍କୁ ହତ୍ୟା ଉଦ୍ୟମ



ଗିରଫ ଅଭିଯୁକ୍ତ କନ୍ଧମାଳ ଜିଲା ଫୁଲବାଣୀର ରଞ୍ଜିତ କହଁର।

ଭୁବନେଶ୍ୱର,୨୮।୧୨(ସତ୍ୟଜିତ ରାଉତ)

ସାଲିଆସାହି ଶକ୍ତିବିହାରରେ ମା' ଓ ତାଙ୍କ ପୁଅଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳରେ ରହୁଥିବା କନ୍ଧମାଳ ଜିଲା ଫୁଲବାଣୀର ରଞ୍ଜିତ କହଁର ଓରଫ ଟିକି (୨୩)। କୋର୍ଟଚାଲାଣ ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏହି ମାମଲାରେ ୧୫ରୁ ଊର୍ଦ୍ଧ୍ୱ ଅଭିଯୁକ୍ତ ଫେରାର ଥିବା ବେଳେ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ କରୁଛି। ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଅଭିଯୋଗକାରିଣୀ ରମା ପ୍ରଧାନଙ୍କ ପାଳିତ ପୁଅ ସଦାଶିବ ମହାରଣା ତାଙ୍କ ଭେରାଇଟି ଦୋକାନ ସମ୍ମୁଖରେ ଠିଆ ହୋଇଥିଲେ। ସେହି ସମୟରେ ଅଭିଯୁକ୍ତ ମଙ୍ଗୁ ସାହୁ, ତାଙ୍କ ସାନ ଭାଇ ରତନା, ରଞ୍ଜିତଙ୍କ ସମେତ ୧୫ରୁ ୨୦ ଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଆତଙ୍କରାଜ ଘଟାଇଥିଲେ। ସେମାନେ ସଦାଶିବଙ୍କୁ ଦୋକାନ ସମ୍ମୁଖରୁ ଟାଣିନେଇ ନିସ୍ତୁକ ମାଡ଼ ମାରିଥିଲେ। ଦୋକାନରେ ଥିବା ମା' ରମା ପ୍ରତିବାଦ କରିବାକୁ ତାଙ୍କ ସହ ସଦାଶିବଙ୍କୁ ଅଭିଯୁକ୍ତମାନେ କଂକ୍ରିଟ୍ ଖଣ୍ଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିସହ ଦୋକାନରେ ଭଙ୍ଗାରୁଜା କରି ସାମଗ୍ରୀ ନଷ୍ଟ କରିବା ସହ ୨୦ ହଜାର ଟଙ୍କା ନେଇଯାଇଥିଲେ। ଏନେଇ ରମା ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୫୬୫/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ରଞ୍ଜିତ ଜଣେ ଅଭ୍ୟାସଗତ ଅପରାଧୀ ଓ ସେ ପୂର୍ବରୁ ମୈତ୍ରିବିହାର, ନୟାପଲ୍ଲୀ ଓ ଶହୀଦନଗର ଥାନା ଅଞ୍ଚଳରେ ଘଟିଥିବା ୮ଟି ଆପରାଧିକ ମାମଲାରେ ଜଡିତ ଥିବା ପୋଲିସ ଜାଣିବାକୁ ପାଇଛି।

## ଏଲ୍‌ଆଇସି ଏଜେଣ୍ଟଙ୍କ ମୃତଦେହ ଜବତ

ବେଗୁନିଆ,୨୮।୧୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପେଟ୍ରୋଲ ପମ୍ପ୍ ନିକଟ ଏକ ଗଛରୁ ରବିବାର ବେଗୁନିଆ ପୋଲିସ ଜଣେ ଏଲ୍‌ଆଇସି ଏଜେଣ୍ଟଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ରଥିଜେମା ଗ୍ରାମର ଯୁଧିଷ୍ଠିର ସାହୁ (୩୫)। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ କହିବା ଅନୁଯାୟୀ, ଶନିବାର ଯୁଧିଷ୍ଠିର ନିଜ ଶ୍ୱଶୁର ଘର ନୟାଗଡ଼ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ନିଜ ଘରକୁ ଫେରିଥିଲେ। ତେବେ ତାଙ୍କର ମୃତ୍ୟୁ କିପରି ଓ କାହିଁକି ହେଲା ତାହା ତଦନ୍ତ ପରେ ଜଣାପଡ଼ିବ। ଘଟଣାସ୍ଥଳରୁ ଏକ ବାଇକ୍, ଏଲ୍‌ଆଇସି କାଗଜପତ୍ର ଓ ଏକ ନୋଟବୁକ୍ ଜବତ କରାଯାଇଛି।

# ମରଣଯନ୍ତା ପାଲଟିଛି ମୁଣ୍ଡଳୀ ମୁଖ୍ୟ ରାସ୍ତା

ତ୍ରିଶୂଳିଆ, ୨୮।୧୨(ତୁଷାର କାନ୍ତ ବେହେରା)

ସରକରାଙ୍କ ପକ୍ଷରୁ ସଡ଼କ ନିର୍ମାଣ ପାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଖରାପ ରାସ୍ତା ଯୋଗୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ଏହାର ଏକ ଉଦାହରଣ ହେଉଛି ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳୀ ମୁଖ୍ୟ ରାସ୍ତା। ଏହି ରାସ୍ତା ଖରାପ ଯୋଗୁ ଏବେ ମରଣଯନ୍ତା ପାଲଟିଛି।

ମୁଣ୍ଡଳୀ ମୁଖ୍ୟ ରାସ୍ତା ବ୍ରିଜ ସମ୍ମୁଖ ରାସ୍ତା ବଡ ଖାଲହେବାରୁ ଦୈନନ୍ଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ଏନେଇ ଜନସାଧାରଣ ପୂର୍ତ୍ତ ବିଭାଗକୁ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ ହୋଇଛି। ଏ ସଙ୍କ୍ରାନ୍ତରେ କନିଷ୍ଠ ଯନ୍ତ୍ରୀକୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଆଗାମୀ ଦିନରେ ଯଦି ରାସ୍ତା ମରାମତି ନହୁଏ ତେବେ ରାଜରାସ୍ତାକୁ ଓହ୍ଲାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।



## ଚିଲିକାରେ ୨୦ ପ୍ରତିଶତ ପର୍ଯ୍ୟଟକ ବଢ଼ିଲେ

ବାଲୁଗାଁ,୨୮।୧୨(ସଂଗ୍ରାମ ପାଇକରାୟ)

ବିଦାୟୀ ବର୍ଷ-୨୦୨୫ର ଅନ୍ତିମ ରବିବାର ପର୍ଯ୍ୟଟକଙ୍କ ଆଗମନରେ ଚିଲିକା ଚଳଚଞ୍ଚଳ ହୋଇପଡ଼ିଥିଲା। ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ପର୍ଯ୍ୟଟକମାନେ ମା' କାଳିଜାଇଙ୍କୁ ଦର୍ଶନ କରିବା ସହ ଚିଲିକାରେ ନୌବିହାର ଓ ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ାର ମଜା ନେଇଥିଲେ। ବାଲୁଗାଁ ଚିଲିକା କୂଳ ଜେଟି ଏବଂ ବରକୁଲ ପାନ୍ଥନିବାସରୁ ଲକ୍ଷାଧିକ ପର୍ଯ୍ୟଟକ ସରକାରୀ ବୋଟ, ଲଞ୍ଚ୍ ଓ ଘରୋଇ ମୋଟରଡଙ୍ଗା ଦ୍ୱାରା ଚିଲିକା ପରିଭ୍ରମଣ କରିଥିଲେ। ବାଲୁଗାଁର କାଳିଜାଇ ବୋଟ୍ ଆସୋସିଏଶନ, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ, ବରକୁଳର ମା' କାଳିଜାଇ ଡଙ୍ଗା ମାଲିକ ସଂଘ ଏବଂ ଓଟିଡିସି ପକ୍ଷରୁ ଲଞ୍ଚ୍ ଓ ଡଙ୍ଗା ବ୍ୟବସ୍ଥା ହୋଇଥିଲା। ବିଶେଷକରି ବରକୁଳ ପାନ୍ଥନିବାସଠାରେ ପର୍ଯ୍ୟଟକମାନେ ଚିଲିକାରେ ନୌବିହାର କରିବା ସହ ସ୍ପିଡ୍ ବୋଟ ଏବଂ ଜେଟ୍ ସ୍କିରେ ବସି ମଜା ଉଠାଇଥିଲେ। ନୌଯାତ୍ରାବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଜେଟି ଓ ବରକୁଳ ପାନ୍ଥନିବାସଠାରେ ପୋଲିସ କର୍ମଚାରୀମାନେ ମୁତୟନ ରହି ଜଳଯାତ୍ରା ଉପରେ କଡ଼ା ନଜର ରଖିଥିଲେ। ଏଥିସହ ଅଗ୍ନିଶମ କର୍ମଚାରୀ ମଧ୍ୟ କୌଣସି ଜରୁରିକାଳୀନ ପରିସ୍ଥିତି ନିମନ୍ତେ ସଜାଗ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କାଳିଜାଇ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ୨୦% ବୃଦ୍ଧି ପାଇଥିବା ପାନ୍ଥନିବାସ ପରିଚାଳକ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ମା' ନାରାୟଣୀ, ମା' ଭଗବତୀ, କାଙ୍କଣଶିଖରୀ ପୀଠ, ବରବରା ଜଙ୍ଗଲସ୍ଥିତ ମା' ବିରଜାଇ ଓ ମାଳତାରିଣୀ ପୀଠ ସମେତ ଶାଳିଆ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ସହ ବଣଭୋଜିର ଆସର ଜମିଥିଲା।

ଚିଲିକାରେ ପର୍ଯ୍ୟଟକଙ୍କ ଭିଡ଼



## 'ଧର୍ମ ଆଚରଣ ଦ୍ୱାରା ସମାଜକୁ ଶଠିକ ମାର୍ଗରେ ନେବା ସମ୍ଭବ'

### ସତ୍‌ସଙ୍ଗ ବିହାରର ରୌପ୍ୟ ଜୟନ୍ତୀ




ବାଲିପାଟଣା,୨୮।୧୨(ଅଭିମନ୍ୟୁ ନାୟକ)

ବନମାଳୀପୁରସ୍ଥିତ ସତ୍‌ସଙ୍ଗ ବିହାରର ରୌପ୍ୟ ଜୟନ୍ତୀ, ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜୟନ୍ତୀ ଓ ସତସଙ୍ଗ ମନ୍ଦିର ପ୍ରତିଷ୍ଠାର ୯ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବିଶାଳ ପଟୁଆରରେ ଠାକୁରଙ୍କ ଫଟୋଚିତ୍ରକୁ ହଜାର ହଜାର ଭକ୍ତଙ୍କ ଗହଣରେ ବଜାର ପରିକ୍ରମା କରି ବନମାଳୀପୁର ମହାବିଦ୍ୟାଳୟ ପରିସରରେ ଆୟୋଜିତ ସଭାମଣ୍ଡପକୁ ଅଣାଯାଇଥିଲା। ସେଠାରେ ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଧର୍ମସଭା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲି ଯୋଗଦେଇ କେବଳ ଧର୍ମ ଆଚରଣ ଦ୍ୱାରା ସମାଜକୁ ସଠିକ ମାର୍ଗରେ ନେବା ସମ୍ଭବ ବୋଲି କହିଥିଲେ। ସଭାପତି ବୈରାଗୀ ସାହୁଙ୍କ ଅଧ୍ୟକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ଠାକୁରଙ୍କ ଦ୍ୱାରା ଅନୁପ୍ରାଣିତ ସହ ପ୍ରତି ରିତ୍ୱିକ ଧ୍ରୁବ ଚରଣ ମହାରଣା, ଅଭୟ ପରିଡ଼ା, ସାମାଜିକ କର୍ମୀ ରମେଶ ସାହୁ, ସୁରେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଭକ୍ତମାନଙ୍କୁ ସତ୍‌ମାର୍ଗ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଉପସ୍ଥିତ ରହି ଭଜନ ଓ ଭୋଜନରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସଭାପତି ଦିଲୀପ କୁମାର ଓଝା, ପୂର୍ଣ୍ଣ ଚନ୍ଦ୍ର ଜେନା, ଗଙ୍ଗାଧର ଓଝା, ବସନ୍ତ କୁମାର୍ ଦାଶ, ଅରୁଣ କୁମାର୍ ଶତପଥୀ ଓ ପୂର୍ବତନ ଲୋକପ୍ରିୟ ପ୍ରଧାନ ଶିକ୍ଷକ ରଘୁନାଥ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ସତ୍‌ସଙ୍ଗ ପରିବାର ସହିତ ସୁରେନ୍ଦ୍ର ନାଥ ସାହୁ, ପ୍ରକାଶ ଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ସାହୁ, କେଦାରନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ହଜ୍ ଯାତ୍ରା ପାଇଁ ଭିଜା, ହୋଟେଲ ବୁକିଂ କରାଇ ଦେବାକୁ କହି ୭୨ ଲକ୍ଷ ଠକେଇ

### ଗହଣା ବିକି ଲୋକଙ୍କ ଟଙ୍କା ଶୁଝିଲେ ଟ୍ରାଭେଲ ଏଜେନ୍ସି ମାଲିକ

ଭୁବନେଶ୍ୱର,୨୭।୧୨(ତ୍ରିନାଥ ମହାନ୍ତି)

ହଜ୍ ଯାତ୍ରା ପାଇଁ ଭିଜା ଓ ହୋଟେଲ ବୁକିଂ କରାଇ ଦେବାକୁ କହି ୭୨ ଲକ୍ଷ ଟଙ୍କା ଠକେଇ ହୋଇଛି। ଠକେଇର ଶିକାର ହୋଇଛନ୍ତି ଜଣେ ଟ୍ରାଭେଲ ଏଜେନ୍ସି ମାଲିକ ମହମ୍ମଦ ସଲ୍‌ମାନ। ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ମହମ୍ମଦଙ୍କର ଭୁବନେଶ୍ୱର ୟୁନିଟ-୪ରେ ଏକ ଟ୍ରାଭେଲ ଏଜେନ୍ସି ରହିଛି। ସେ ହଜ୍ ଯାତ୍ରା ପାଇଁ ୧୧୨ ଜଣଙ୍କୁ ସାଉଦି ଆରବ ନେବାକୁ ଟଙ୍କା ସଂଗ୍ରହ କରିଥିଲେ। ଏହାପରେ ଗୁଗଲରେ ସାଉଦି ଆରବର ଟ୍ରାଭେଲ ଏଜେନ୍ସିକୁ ଭିଜା ଓ ହୋଟେଲ ବୁକିଂ ପାଇଁ ଯୋଗାଯୋଗ କରିବା ବେଳେ ଜଣେ ସାଇବର ଠକ ଡିସ୍‌କାଉଣ୍ଟରେ ସୁବିଧା କରିଦେବେ ବୋଲି ଫୋନ ଯୋଗେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ମୁତାବକ ୧୧୨ ଜଣଙ୍କୁ ନେଇ ମହମ୍ମଦ ମୁମ୍ବାଇ ଏୟାରପୋର୍ଟରେ ପହଞ୍ଚିବା ପରେ ନା ହୋଇଥିଲା ଭିଜା ଯୋଗାଡ଼ ନା ଥିଲା ହୋଟେଲ ବୁକିଂ। ଓଲଟା ଆକାଉଣ୍ଟରୁ କଟି ଚାଲିଥିଲା ଟଙ୍କା। ନିରାଶ ହୋଇ ଫେରିବା ପରେ ମହମ୍ମଦ ଭୁବନେଶ୍ୱର ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସମୁଦାୟ ୭୨ ଲକ୍ଷ ଟଙ୍କା ହରାଇବା ପରେ ଘରେ ଥିବା ସୁନା ଅଳଙ୍କାର ବିକ୍ରି କରି ଲୋକଙ୍କ ଟଙ୍କା ଶୁଝିଥିବା ଦୁଃଖର ସହ କହିଛନ୍ତି ଟ୍ରାଭେଲ ଏଜେନ୍ସି ମାଲିକ ମହମ୍ମଦ। ଏହିଭଳି ଠକ ସଂସ୍ଥା ଏକାଧିକ ଲୋକଙ୍କୁ ଠକିଥିବାର ପ୍ରମାଣ ରହିଛି। ତେଣୁ ସାଇବର ଥାନା ପୋଲିସ ଟଙ୍କା ଯାଇଥିବା ଆକାଉଣ୍ଟକୁ ଖୋଳତାଡ଼ କରୁଥିବା ସୂଚନା ମିଳିଛି।

## ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟ ଅଧିବେଶନ

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): ଓଡ଼ିଶା ପାଇପ୍ ଜଳ କର୍ମଚାରୀ ସଂଘର ରାଜ୍ୟ ଅଧିବେଶନ ରବିବାର କଟକ ବାଦାମବାଡ଼ିସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଅଧକ୍ଷ ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବବର୍ଷର କ୍ୟାଲେଣ୍ଡର ଓ ଡାଏରି ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା ସହ ପୁରୁଣା ପେନ୍ସନ ପ୍ରଦାନ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ଡ. ମନୋଜ ମହାନ୍ତିଙ୍କୁ ସଂଘର ଉପାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ବଛାଯାଇଥିଲା। ଏହାସହ କଟକ ଖଣ୍ଡର ଶରତଚନ୍ଦ୍ର ରାଉତରାୟଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## କ୍ରୀଡ଼ା ମାନସିକ ଓ ଶାରୀରିକ ସ୍ତରରେ ଶାନ୍ତି ଆଣିଥାଏ

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସିଡିଏ ଡିଏଭି ସ୍କୁଲ ପରିସରରେ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଆୟୋଜିତ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ପ୍ରାୟ ୧୫୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ପ୍ରତିଯୋଗୀ ଶପଥ ପାଠ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ନମିତା ମହାନ୍ତି କହିଛନ୍ତି, ପାଠ୍ୟକ୍ରମରେ କ୍ରୀଡ଼ା ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହା ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଶାନ୍ତି ଆଣିବାରେ ସହାୟକ ହୋଇଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଏକ ସ୍ୱତନ୍ତ୍ର ପ୍ରାର୍ଥନା ସଭା ଓ ସଂକଳ୍ପ ପାଠ କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଇମର୍ତ୍ତୀ ଦେବୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନୟାସଡ଼କସ୍ଥିତ ଇମର୍ତ୍ତୀ ଦେବୀ ମହିଳା ମହାବିଦ୍ୟାଳୟରେ ଇମର୍ତ୍ତୀ ଦେବୀଙ୍କ ୩୭ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ବରିଷ୍ଠ ପ୍ରାଧ୍ୟାପିକା ନିବେଦିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଯୋଗଦେଇଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ମଞ୍ଜୁସ୍ମିତା ବିଶ୍ୱାଳ ଓ ଅଧ୍ୟାପିକା ଉଷାରାଣୀ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଦେବାଶିଷ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଙ୍କ ସମତେ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

କଟକ ସଦର,୨୮।୧୨(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବେଣ୍ଟକାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନୋରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଡଭୋକେଟ ତ୍ରିଲୋଚନ ରାୟ, ମୁଖ୍ୟବକ୍ତା ଭାବେ ଡ. ଶ୍ରୀନିବାସୀ ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ଲଳିତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାମାଜିକ ସଙ୍ଗଠନ ଅଭିନବ ୪୨ ମୌଜାର କର୍ମକର୍ତ୍ତାମାନଙ୍କ ସହିତ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ଭୋଳଙ୍କୁ ମହକ-୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ହାସ୍ୟ ଅଭିନେତା ଜ୍ଞାନ ରଞ୍ଜନ ବାରିକଙ୍କ ଦ୍ୱାରା ମଞ୍ଚରେ ହାସ୍ୟମୟ ପରିବେଶ ସୃଷ୍ଟି କରାଯାଇଥିଲା। ଗୁରୁମା ଗୁରୁଜୀମାନେ ସମାରୋହ ସଞ୍ଚାଳନ କରିଥିବା ବେଳେ କୁନି କୁନି ଶିଶୁମାନଙ୍କ ଦାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଶିଶୁ ପ୍ରତିଭାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିଥାଏ

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅଭୀପ୍ସାର ୨୭ତମ ଶିଶୁ ପ୍ରତିଭା ପୁରସ୍କାର କାର୍ଯ୍ୟକ୍ରମ ଲିଙ୍କରୋଡ଼ସ୍ଥିତ ଶିକ୍ଷା ସମୃଦ୍ଧି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଭୀପ୍ସାର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ କିଶୋର କୁମାର ସାହୁ, କ୍ଷୀରୋଦ କୁମାର ବିଶ୍ୱାଳ, ସୟଦ.ଏ. ସୁଲତାନ, ସ୍ୱାଗତିକା ଛୋଟରାୟ, ସୁଲତା ପଣ୍ଡା ଯୋଗଦେଇଥିଲେ। ତେବେ ଏଭଳି କାର୍ଯ୍ୟକ୍ରମ ଶିଶୁ ପ୍ରତିଭାଙ୍କ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଲକ୍ଷ୍ମୀପ୍ରଭା ପାତ୍ର, ଆଦିତି ପଣ୍ଡା, ଜ୍ୟୋତିପ୍ରଭା ପାତ୍ର, ଆରୋହୀ ପଣ୍ଡା, ସ୍ନେହାରାଣୀ ଲେଙ୍କା, ବିଶ୍ୱଜିତ ମହାନ୍ତି, ଶିବାନୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ବେଙ୍ଗାଲୁରୁ ଗୋଲାପ, ଅର୍ଚିଡ ଫୁଲର ଡିମାଣ୍ଡ

**ନୂଆବର୍ଷ ପ୍ରସ୍ତୁତି**

**୫୦ ହଜାରରୁ ଅଧିକ ଟଙ୍କାର ଫୁଲ ଅର୍ଡର ମିଳୁଛି: ବ୍ୟବସାୟୀ**

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)





ସହରବାସୀ ଦୁଇଦିନ ପରେ ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିବେ। ନୂତନ ବର୍ଷ ନୂଆ ଆଶା, ସମ୍ଭାବନା ଓ ଆକାଂକ୍ଷା ନେଇ ଆସିବ। କଟକବାସୀ ନବବର୍ଷକୁ ବେଶ୍ ଧୁମ୍‌ଧାମ୍‌ର ସହ ପାଳିବାକୁ ଉତ୍ସାହିତ। ସହରବାସୀ ନୂତନ ବର୍ଷରେ ନିଜ ପ୍ରିୟଜନ ଓ ଆତ୍ମୀୟସ୍ୱଜନଙ୍କୁ ଫୁଲ ଦେଇ ଶୁଭେଚ୍ଛା ଜଣାଇବା ପାଇଁ ବେଶ୍ ଉତ୍କଣ୍ଠାଭରା ରହିଛନ୍ତି। ସହରବାସୀଙ୍କ ଏହି ଉତ୍କଣ୍ଠାକୁ ନଜରରେ ରଖି ଫୁଲ ଦୋକାନୀମାନେ ଭଳି କିଭଳି ଫୁଲର ପସରା ମେଲାଇଛନ୍ତି। ଫୁଲ ମଧ୍ୟରେ ବେଙ୍ଗାଲୁରୁ ଗୋଲାପ ଗୋଟାକୁ ୪୦ ଟଙ୍କା, କୋଲକାତା ଗୋଲାପ ୨୦ ଟଙ୍କା, ଷ୍ଟାରଫୁଲ ୨୦ ଟଙ୍କା, ବତାସା ଫୁଲ ୩୦ ଟଙ୍କା, ଧଳା ରଙ୍ଗ ଗୋଲାପ ୪୦ ଟଙ୍କା, ଗୋଲାପୀ ରଙ୍ଗ ଗୋଲାପ ୫୦ ଟଙ୍କା, ହଳଦିଆ ରଙ୍ଗ ଗୋଲାପ ୫୦ ଟଙ୍କା, ଜାରବେରା ୨୦ ଟଙ୍କା, ଜିପ୍‌ସନ ଫୁଲ ବଣ୍ଡଲକୁ ୬୦୦ ଟଙ୍କା, ବ୍ଲୁ ଡେଜି ବଣ୍ଡଲକୁ ୩୫୦ ଟଙ୍କା, ଗଡିଆଲ ୧୦୦ ଟଙ୍କା, ସ୍ନୋବଲ ବଣ୍ଡଲକୁ ୧୦୦ ଟଙ୍କା, ଲିଲିୟମ ଗୋଟାକୁ ୧୦୦ ଟଙ୍କା ଓ ଅର୍ଚିଡ ଗୋଟାକୁ ୧୦୦ ଟଙ୍କା ରହିଛି। ଏହି ସମସ୍ତ ଫୁଲଗୁଡ଼ିକୁ ବେଙ୍ଗାଲୁରୁ, କୋଲକାତା ଓ ପୁଣେ ଆଦି ଅଞ୍ଚଳରୁ ବ୍ୟବସାୟୀମାନେ ମଗାଇଛନ୍ତି। ସେଥିମଧ୍ୟରୁ କିଛି ଫୁଲ ଏବେ ଆସିଥିବାବେଳେ ଆଉ କିଛି ଦିନକ ପରେ ଆସିବ। ଏହାସହ ନୂଆବର୍ଷ ପାଇଁ ବୁକେ ଉପହାର ସ୍ୱରୂପ ଦେବାକୁ ଲୋକ ଆଗ୍ରହୀ ଥିବାବେଳେ ବୁକେ ଦର ୧୦୦ ଟଙ୍କାରୁ ଆରମ୍ଭ ହୋଇ ୫୦୦ ଟଙ୍କା ଯାଏ ରହିଛି। ସେହିପରି ଫୁଲ କୋନ ଦର ୧୦୦ ଟଙ୍କା, ଫୁଲ ବଞ୍ଚ୍ ୨୦୦ ଟଙ୍କା ଦର ରହିଛି। ଏହାସହ ଗ୍ରାହକ ନିଜ ମୁତାବକ ଫୁଲ ଡିଜାଇନ କରି ନେଲେ ସେ ଅନୁଯାୟୀ ଦର ରଖାଯାଇଛି। ଏହି ଫୁଲ କୋନ, ବୁକେ ଓ ବଞ୍ଚ ତିଆରି କରିବା ପାଇଁ ରିବନ, ଗ୍ଲିଟର, ଡିଜାଇନ ଜରି, ବଲ ଷ୍ଟିକ୍ ଭଳି ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରାଯାଇଥାଏ। ତେବେ ନୂଆବର୍ଷ ପାଇଁ ଏବେ ବ୍ୟବସାୟୀଙ୍କୁ ଅର୍ଡର ଆସିବା ଆରମ୍ଭ ହୋଇଥିବାବେଳେ ପ୍ରତ୍ୟେକେ ୫୦ ହଜାରରୁ ଅଧିକ ଟଙ୍କାର ଫୁଲ ମଗାଇଥିବା ବ୍ୟବସାୟୀମାନେ କହିଛନ୍ତି।

ସରସ୍ୱତୀ ପୁଷ୍ପ ଭଣ୍ଡାରର ବ୍ୟବସାୟୀ ଅସିତ ନାୟକ କହିଛନ୍ତି, ନୂତନ ବର୍ଷର ଆରମ୍ଭ ଲୋକେ ଫୁଲ ଦେଇ କରିଥାନ୍ତି, ଫୁଲକୁ ସର୍ବଦା ଶୁଭ ମନା ଯାଇଥାଏ। ନୂତନ ବର୍ଷ ପାଇଁ ଗ୍ରାହକଙ୍କ ପସନ୍ଦ ମୁତାବକ ଫୁଲ ଆଣିଛୁ। ଫୁଲ ମଧ୍ୟରେ ବେଙ୍ଗାଲୁରୁ ଗୋଲାପ, ଅର୍ଚିଡ ଫୁଲର ଅଧିକ ଡିମାଣ୍ଡ ରହିଛି। ଅର୍ଡର ଏବେ ଧୀରେ ଧୀରେ ଆସୁଛି ଏବଂ ବେପାର ଖୁବ୍ ଭଲ ହେବ ବୋଲି ଆଶା କରୁଛି। ସେହିପରି ଓଁମା' ବସୁମାତା ପୁଷ୍ପ ଭଣ୍ଡାରର ବ୍ୟବସାୟୀ ବସନ୍ତ ବେହେରା କହିଛନ୍ତି, ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ଭଳି କି ଭଳି ଫୁଲ ମଗାଇଛୁ। ଏହାସହ ଗ୍ରାହକଙ୍କ ମୁତାବକ ଡିଜାଇନ ବୁକେ ମଧ୍ୟ ତିଆରି କରୁଛୁ। ଫୁଲ ବ୍ୟବସାୟ ଖୁବ ଭଲ ହୁଏ ଏବଂ ଦର ସୁହାଇଲା ଭଳି ରହିଛି। ଚଳିତବର୍ଷ ମଧ୍ୟ ଭଲ ଦୁଇ ପଇସା ରୋଜଗାର କରିବାର ଆଶା ରଖିଛୁ।

## ହିନ୍ଦୀ ଅନୁଦିତ କବିତା ଗ୍ରନ୍ଥ 'ଶରଶଯ୍ୟା' ଉନ୍ମୋଚିତ



ଅତିଥିମାନେ 'ଶରଶଯ୍ୟା'କୁ ଉନ୍ମୋଚନ କରୁଛନ୍ତି।

କଟକ,୨୮।୧୨(କାର୍ତ୍ତିକ ସାହୁ)

ଦିଲ୍ଲୀର ପ୍ରକାଶନ ସଂସ୍ଥା ରାଘବ ପବ୍ଲିକେଶନ ଦ୍ୱାରା ପ୍ରକାଶିତ ସାହିତ୍ୟିକ ତଥା ପ୍ରଶାସକ ଡ. ରବିନାରାୟଣ ସେନାପତିଙ୍କ ରଚିତ କବିତା ସଂକଳନ ଶରଶଯ୍ୟାର ହିନ୍ଦୀ ଅନୁଦିତ ଗ୍ରନ୍ଥ ହିନ୍ଦୀ ପ୍ରଶିକ୍ଷଣ କଲେଜ ସମ୍ମିଳନୀ କକ୍ଷରେ ଉନ୍ମୋଚିତ ହୋଇଯାଇଛି। କଲେଜର ଅଧକ୍ଷ ତଥା ଗ୍ରନ୍ଥର ଅନୁବାଦକ ପ୍ରଫେସର ସତ୍ୟନାରାୟଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ରବୀନ୍ଦ୍ରନାଥ ମିଶ୍ର ଯୋଗଦେଇ ପୁସ୍ତକର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଡ. ପ୍ରଭାକର ସ୍ୱାଇଁ କହିଲେ, ପୁସ୍ତକର ମୂଳ ରଚନା ଅତ୍ୟନ୍ତ ଉଚ୍ଚକୋଟୀର ବୋଲି କହିଥିଲେ। ଅଧ୍ୟାପକ ସ୍ୱଦେଶ ପୁରୀ ଧନ୍ୟବାଦ ଦେଇଥିଲେ।

## 'କୃଷ୍ଣଚନ୍ଦ୍ର ରଥ ଥିଲେ ଜଣେ ସଫଳ ଚିତ୍ରଶିଳ୍ପୀ'

କଟକ,୨୮।୧୨(କାର୍ତ୍ତିକ ସାହୁ)

ଚିତ୍ରଶିଳ୍ପୀ କୃଷ୍ଣଚନ୍ଦ୍ର ରଥଙ୍କ ୧୦୪ତମ ଜୟନ୍ତୀ ସମାରୋହ ହରିପୁର ରୋଡ୍‌ସ୍ଥିତ କୃଷ୍ଣ ଚିତ୍ରାଳୟ ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟିର ସଭାପତି ଗୀତିକବି ଗୌର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୀତିକାର ଡ. ଅଲେଖ ଚନ୍ଦ୍ର ପଡ଼ିହାରୀ ଯୋଗଦେଇ କହିଲେ, କୃଷ୍ଣଚନ୍ଦ୍ର ରଥ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଥିଲେ ଜଣେ ସଫଳ ଚିତ୍ରଶିଳ୍ପୀ। ସମ୍ମାନିତ ଅତିଥି ଭାବେ କଳାବିକାଶ କେନ୍ଦ୍ରର ସମ୍ପାଦକ ବିକାଶଚନ୍ଦ୍ର ଦାଶ ଯୋଗଦେଇ କହିଲେ, ସଙ୍ଗୀତ, ନୃତ୍ୟ, ନାଟକ ଓ ଚିତ୍ରକଳା ପାଇଁ ଶିଳ୍ପୀ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ। ସଭାପତି ପଟ୍ଟନାୟକ ଅଭିଭାଷଣରେ କୃଷ୍ଣଚନ୍ଦ୍ର ଓଡ଼ିଆ ସଂସ୍କୃତି ଜଗତର ଅମଳିନ ପ୍ରତିଭା ଥିଲେ ବୋଲି କହିଥିଲେ। ଜୟନ୍ତୀ କମିଟିର ସାଧାରଣ ସମ୍ପାଦକ ସଞ୍ଜିତ୍ କୁମାର ପଟ୍ଟନାୟକ କହିଲେ, ସ୍ୱର୍ଗତ ଶିଳ୍ପୀ କୃଷ୍ଣଚନ୍ଦ୍ର ରଥ ଚିତ୍ରକଳା, ନୃତ୍ୟ, ଗୀତ ଓ ନାଟକକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ଏହି ଅବସରରେ ବେତାର ନାଟ୍ୟଶିଳ୍ପୀ ତଥା ନାଟ୍ୟକାର ଶରତଚନ୍ଦ୍ର ମୂଳିଆଙ୍କୁ ଚଳିତବର୍ଷର କୃଷ୍ଣଚନ୍ଦ୍ର ରଥ କଳା ସମ୍ମାନ ପ୍ରଦାନ କରାଯାଇଥିଲା। ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ପଣ୍ଡିତ ଏ. ମହେଶ୍ୱର ରାଓ, ଶିଳ୍ପୀ ରବି ରଥ, ବେହେଲା ବାଦକ ପ୍ରଫୁଲ୍ଲ ଚନ୍ଦ୍ର ରାୟ, ଇନ୍ଦ୍ରଜିତ ଘୋଷ, ପ୍ରାକ୍ତନ ପ୍ରଶାସକ ନିହାର ରଞ୍ଜନ ରାୟ, ଗୀତିକାର ଅର୍ଦ୍ଧେନ୍ଦୁ ଶେଖର, ଶିବାନୀ ମହାପାତ୍ର, ମାଧୁରୀ ରଥ, ପ୍ରଫୁଲ୍ଲ କୁମାର ପଣ୍ଡା, ଗୀତା ଖୁଣ୍ଟିଆ, ଚକ୍ରଧର ମହାରଣା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରବୀନ୍ଦ୍ର କୁମାର ରଥ ଧନ୍ୟବାଦ ଦେଇଥିଲେ।

# ବିଶ୍ୱା ସଙ୍ଗୀତ, ଏରିଏଲ ଆକ୍ଟ ମୁଖ୍ୟ ଆକର୍ଷଣ




ଖବରଦାତା ସମ୍ମିଳନୀରେ ଜିରୋ ନାଇଟ ପାଇଁ କଟକ କ୍ଲବ ପକ୍ଷରୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦିଆଯାଉଛି।

**ଜିରୋ ନାଇଟ ପାଇଁ କଟକ କ୍ଲବର ପ୍ରସ୍ତୁତି**

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ସର୍ବପୁରାତନ କଟକ କ୍ଲବ୍ ପକ୍ଷରୁ ନବବର୍ଷ-୨୦୨୬କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି କରାଯାଇଛି। ନବବର୍ଷର ପୂର୍ବରାତି ଜିରୋ ନାଇଟ ସେଲିବ୍ରେଶନ କ୍ଲବରେ କରାଯିବ। ଡିସେମ୍ବର ୩୧ ତାରିଖ ସନ୍ଧ୍ୟା ୭ଟାରୁ କ୍ଲବ ପରିସରରେ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ବଲିଉଡର କଣ୍ଠଶିଳ୍ପୀ ମିକା ସିଂଙ୍କ ସହ ସଙ୍ଗୀତ ଗାନ କରିଥିବା କଣ୍ଠଶିଳ୍ପୀ ବିଶ୍ୱା ଓ ଗ୍ରୁପ୍ ସଙ୍ଗୀତ ପରିବେଷଣ କରିବେ। ଏହାସହ ଓଲିଉଡ଼ର ଅଭିନେତ୍ରୀ ଶୀତଲ ପାତ୍ର, କୁନା ତ୍ରିପାଠୀ ଚିତ୍ତାର୍କଷ କଳା ପ୍ରଦର୍ଶନ କରିବେ। ଏହାସହ ଏରିଏଲ ଆକ୍ଟ ମଧ୍ୟ ମୁଖ୍ୟ ଆକର୍ଷଣ ପାଲଟିବ। ଏହାସହ ଅନେକ ପ୍ରକାରର ସୁସ୍ୱାଦୁ ଖାଦ୍ୟର ମଧ ଆୟୋଜନ କରାଯାଇଛି। ମୁଖ୍ୟତଃ ଭାବେ ଜିରୋ ଆୱାର ସେଲିବ୍ରେଶନ୍ ଏବଂ ନବବର୍ଷକୁ ସ୍ୱାଗତ ପାଇଁ ଆତସବାଜି ପ୍ରଦର୍ଶନ ଏବଂ ଅଗ୍ନି ମହୋତ୍ସବର ବ୍ୟବସ୍ଥା କରାଯାଇଥିବା କ୍ଲବର ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେହିପରି ସଭାପତି ଡ. ଶ୍ରୀଜୟ ପଟ୍ଟନାୟକ କହିଛନ୍ତି, ଦର୍ଶକଙ୍କ ସୁରକ୍ଷା ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ବିଶେଷ ଭାବେ ଗୁରୁତ୍ୱ ଦିଆଯାଇଛି। ଏହାସହ ଅଶୋଭନୀୟ ପରିସ୍ଥିତି ପାଇଁ ଆବଶ୍ୟକ ମୁତାବକ ପୋଲିସ ଏବଂ ଅଗ୍ନିଶମ ବିଭାଗ ତଥା ବେସରକାରୀ ଗାର୍ଡଙ୍କୁ ମୁତୟନ କରାଯିବ। ଯେପରି ସୁରୁଖୁରୁରେ ପୁରୁଣା ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ ଜଣାଇବେ ସେନେଇ ସମସ୍ତ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସେ କହିଛନ୍ତି। ସମ୍ମିଳନୀରେ ଉପସଭାପତି ଦିବେଶ ଦାସ, ଯୁଗ୍ମ ସମ୍ପାଦକ ଇଂ. ସଞ୍ଜୀବ ସାହୁ, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, କମିଟି ସଦସ୍ୟ ବିନୟ ସନ୍ତୁକା, ପ୍ରଦୀପ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## 'ସେବାକୁ ପ୍ରୀତି ଭାବେ ଗ୍ରହଣ କରିଥିଲେ ରାମବିଳାସ'

କଟକ,୨୮।୧୨(କାର୍ତ୍ତିକ ସାହୁ)

ରାମବିଳାସ ଶର୍ମା ସେବା ସ୍ମୃତି ପକ୍ଷରୁ ସାମାଜିକ କର୍ମୀ ରାମବିଳାସ ଶର୍ମାଙ୍କ ପଞ୍ଚମ ପୁଣ୍ୟତିଥି ଅବସରରେ ସ୍ମୃତି ସଭା ଟାଉନ୍ ହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ଚନ୍ଦ୍ର ସିଂ ଯୋଗଦେଇ ରାମବିଳାସ ଶର୍ମା ସେବାକୁ ନିଜର ପ୍ରୀତି ଭାବରେ ଗ୍ରହଣ କରିଥିଲେ ବୋଲି କହିଥିଲେ। ଚୌଦ୍ୱାର କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ରାମବିଳାସ ଶର୍ମା ସମାଜର ପୀଡ଼ିତ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏକ ସିଲେଇ ପ୍ରଶିକ୍ଷଣ ପ୍ରତିଷ୍ଠା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଭାଜପା ରାଜ୍ୟ ସମ୍ପାଦିକା ସ୍ମୃତି ପଟ୍ଟନାୟକ, କଟକ ଶାନ୍ତି କମିଟି ସମ୍ପାଦକ ଭିକାରୀ ଦାସ, କଟକ ମାରୱାଡ଼ି ସମାଜର ଅଧକ୍ଷ ସଞ୍ଜୟ ଶର୍ମା, ପୋଲିସ ଏସିପି ଅମିତାଭ ମହାପାତ୍ର, ସାମାଜିକ କର୍ମୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ଜୈନ ସମାଜର ପୂର୍ବତନ ଅଧକ୍ଷ ମୋହନ ଲାଲ ସିଙ୍ଘୀ, ସ୍ମୃତି ପରିଷଦର ମୁଖ୍ୟ ଉପଦେଷ୍ଟା କିଶୋର ମହାନ୍ତି, ଭାଜପା ନେତା ଲଲାଟେନ୍ଦୁ ବଡୁ ପ୍ରମୁଖ ସ୍ୱର୍ଗତ ଶର୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ୩୭ ବର୍ଷ ପରେ ଏକାଠି ହୋଇ ଖୁସି ବାଣ୍ଟିଲେ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ପରିବାର।

କଣ୍ଟାପଡା,୨୮।୧୨(ସୁରନାରାୟଣ ସାହୁ)

ଦୀର୍ଘ ୩୭ବର୍ଷ ପରେ କଣ୍ଟାପଡା ବିଏମ୍ ନୋଡାଲ ହାଇସ୍କୁଲର ୧୯୮୮ ବର୍ଷ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାର ରବିବାର ସ୍ଥାନୀୟ ବଟଗାଦି ପୀଠରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଏକାଠି ହୋଇଥିଲେ। ଏହି ଅବସରରେ ଉକ୍ତ ବ୍ୟାଚର ଛାତ୍ର ତଥା ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଦିଗମ୍ବର ମୁଦଲି, ସଞ୍ଜୟ କୁମାର ପୃଷ୍ଟି, ବିନୟ କୁମାର ନନ୍ଦ, ଛାତ୍ରୀ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଅହଲ୍ୟା ବେହେରା, କଳ୍ପନା ସାମନ୍ତରାୟ, ଶିଶିର ବେହେରା, ସୁବାସ ପାତ୍ର, ଲମ୍ବୋଦର ମୁଦୁଲି ପ୍ରମୁଖଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ରମାନେ ଯୋଗଦେଇ ସମୟ ଅସମୟରେ ସହଯୋଗର ହାତ ବଢ଼ାଇବା ପାଇଁ ଶପଥ ନେଇଥିଲେ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

କଟକ/ କଟକ ସଦର,୨୮।୧୨
(ଶିଳ୍ପା ପ୍ରିୟଦର୍ଶିନୀ/ସୁଶାନ୍ତ କୁମାର ଜେନା)

କଟକ ନଗର କଂଗ୍ରେସ ପକ୍ଷରୁ ୧୪୦ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ପତାକା ଉତ୍ତୋଳନ କରି କହିଛନ୍ତି ଯେ, କର୍ମୀମାନେ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ଶରତ ଚନ୍ଦ୍ର ସେଠୀ, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜା ରାଉତ, ସୁବାଶିଷ ପଟ୍ଟନାୟକ, ଜେ. କମେଶ୍ୱର ରାଓ, ଜନାର୍ଦ୍ଦନ ପରିଡ଼ା, ରଶ୍ମିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି କଟକ ସଦର ବ୍ଲକ ଅନ୍ତର୍ଗତ ନିମେଇସାପୁର ପଞ୍ଚାୟତ ନାହାଭଙ୍ଗାଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ସୀତାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ରାମଚନ୍ଦ୍ର ଗୋଛାୟତ କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ। କଟକ ନଗର କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ନଳିନୀ ପ୍ରଭା ଉଦଗାତା, ପୂର୍ବତନ ଜୋନ ସଭାପତି ସଞ୍ଜୟ ପରିଡ଼ା, ନିରଞ୍ଜନ ଲେଙ୍କା, ଉଗ୍ରସେନ ଭୂୟାଁ ପ୍ରମୁଖ ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବା ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ କଂଗ୍ରେସ ନେତା ଉଗ୍ରସେନ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକା କାମକୁ ନେଇ ବୋମାମାଡ଼

**■ଜଳିଗଲା ଏସ୍କାଭେଟର ମେଶିନ**
**■ଦୁର୍ବୃତ୍ତ ଫେରାର, ଥାନାରେ ମାମଲା**

ଖୁଣ୍ଟୁଣୀ, ୨୮।୧୨ (ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଥାନା ଓରନ୍ଦା ଅଞ୍ଚଳରେ ଠିକ କାମକୁ ନେଇ କେନାଲ ସଫେଇ ଚାଲିଥିବା ବେଳେ ରବିବାର ଏସ୍କାଭେଟର ମେଶିନ ଉପରକୁ ଦୁର୍ବୃତ୍ତମାନେ ବୋମାମାଡ଼ କରି ଫେରାର ହୋଇଯାଇଛନ୍ତି। ବୋମାମାଡ଼ରେ ମେଶିନ ଜଳିଯାଇଛି। ହେଲେ କେହି ମୃତାହତ ହୋଇ ନ ଥିବା ବେଳେ ମେଶିନ ଚଳାଉଥିବା ଅପରେଟର ଓ ସହଯୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାଟି ଘଟିଛି ଗୁରୁଡ଼ିଝାଟିଆ ଥାନା ଓରନ୍ଦା ପଞ୍ଚାୟତ ସମ୍ଭେଶ୍ୱର ମନ୍ଦିର ନିକଟରେ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଗତ ୧୫ ଦିନ ହେଲା କପୁରସିଂ ବଡ଼ବନ୍ଧଠାରୁ ଓରନ୍ଦା ଗ୍ରାମ ଖଜୁରୀ ପୋଖରୀ ୨ କି.ମି. ପର୍ଯ୍ୟନ୍ତ ଏକ କେନାଲ ସଫା କାର୍ଯ୍ୟ ଚାଲିଥିଲା। ରବିବାର ସମ୍ଭେଶ୍ୱର ମନ୍ଦିର ପର୍ଯ୍ୟନ୍ତ ସଫା ହୋଇ ଆସିଥିବା ବେଳେ ସନ୍ଧ୍ୟାରେ ଦୁଇଟି ବାଇକ୍‌ରେ ୩ଜଣ ଯୁବକ ମୁଖା ପିନ୍ଧି ଆସି କାର୍ଯ୍ୟ ସ୍ଥଳରେ ପହଞ୍ଚିଥିଲେ। ସେମାନେ ପ୍ରଥମେ ୨ ଅପରେଟରଙ୍କୁ ତଳକୁ ଓହ୍ଲାଇବାକୁ କହିଥିଲେ। ସେମାନେ ନ ଓହ୍ଲାଇବାରୁ ଯୁବକମାନେ ଏକ ବ୍ୟାଗରେ ଆଣିଥିବା ପେଟ୍ରୋଲ ଏସ୍କାଭେଟର ମେଶିନ ଉପରେ ଢାଳିଥିଲେ। ଅପରେଟର ଦୁହେଁ ଭୟରେ ତଳକୁ ଡେଇଁ ପଡ଼ିଥିଲେ। ପରେ ଯୁବକମାନେ ମେଶିନ ଉପରକୁ ୩ଟି ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଓରନ୍ଦା ଗ୍ରାମବାସୀ ଭୟରେ ଘରୁ ପଦାକୁ ପଳାଇ ଆସିଥିଲେ। କେହି କିଛି ପଚାରିବୁଝିବା ଆଗରୁ ଶବ୍ଦ ଆସିଥିବା ମନ୍ଦିର ଆଡ଼କୁ ସମସ୍ତେ ଧାଇଁଥିଲେ। ସେତେବେଳକୁ ମେଶିନ ଜଳୁଥିବା ଦେଖି ଆଠଗଡ଼ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲେ ମଧ ମେଶିନ ୮୦% ପୋଡି ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ। ଠିକାଦାର ଜଣକ ଜଗତ୍‌ସିଂହପୁର ଅଞ୍ଚଳର ଆନିଶ ଶେଖ୍ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି। ଠିକାଦାର ଥାନାରେ ରିପୋର୍ଟ ଲେଖୁଥିବା ଆଇଆଇସି ତପନ କୁମାର ପତି ସୂଚନା ଦେଇଛି।

**ଫଟୋରେ ଖବର**



କଟକ କଳା ବିକାଶ କେନ୍ଦ୍ରର ଅଡିଟୋରିୟମ୍‌ଠାରେ ସୁର୍ ମନ୍ଦିର ନୃତ୍ୟାନୁଷ୍ଠାନ ପକ୍ଷରୁ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁରୁ ସ୍ମରଣ-ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।




ଡ୍ରିମ୍‌ସ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିରେ ଅଟୋମୋବାଇଲ ଇଞ୍ଜିନିୟରିଂ ଉପରେ ଅନୁଷ୍ଠିତ କର୍ମଶାଳାରେ ଅତିଥିଙ୍କ ଗହଣରେ ଛାତ୍ରମାନେ। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ଏଲ୍‌ଆଇସି ଏଜେଣ୍ଟଙ୍କ ମୃତଦେହ ଜବତ

ବେଗୁନିଆ,୨୮।୧୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ପେଟ୍ରୋଲ ପମ୍ପ ନିକଟ ଏକ ଗଛରୁ ରବିବାର ବେଗୁନିଆ ପୋଲିସ ଜଣେ ଏଲ୍‌ଆଇସି ଏଜେଣ୍ଟଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଥାନା ଅନ୍ତର୍ଗତ ରଥିଜେମା ଗ୍ରାମର ଯୁଧିଷ୍ଠିର ସାହୁ (୩୫)। ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ କହିବା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଜଣେ ଯୁବକଙ୍କ ମୃତଦେହ ବେଗୁନିଆ ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଗଛରେ ଝୁଲୁଥିବା ଖବର ମିଳିଥିଲା। ପୋଲିସ ସେଠାକୁ ଯାଇ ମୃତଦେହ ଜବତ କରିବା ସହ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତ ପରେ ତାଙ୍କର ପରିଚୟ ମିଳିଛି। ମୃତ ଯୁଧିଷ୍ଠିର ଏଲ୍‌ଆଇସି ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସେ ନିଜ ଶ୍ୱଶୁର ଘର ନୟାଗଡ଼ ବୁଲିବାକୁ ଯାଇଥିଲେ। ସନ୍ଧ୍ୟାରେ ସେଠାରୁ ନିଜ ଘରକୁ ଫେରିଥିଲେ। ତେବେ ତାଙ୍କର ମୃତ୍ୟୁ କିପରି ଓ କାହିଁକି ହେଲା ତାହା ତଦନ୍ତ ପରେ ଜଣାପଡ଼ିବ। ଘଟଣାସ୍ଥଳରୁ ଏକ ବାଇକ୍, ଏଲ୍‌ଆଇସି କାଗଜପତ୍ର ଓ ଏକ ନୋଟବୁକ୍ ଜବତ କରାଯାଇଛି।

### ଫାଇନାଲରେ ଏୟାରପୋର୍ଟ ଆସେସ୍ ଭୁବନେଶ୍ୱର

**ମହାବୀର ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟ**

ନିରାକାରପୁର,୨୮।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ବାଲିପାଟପୁର ପଞ୍ଚାୟତରେ ଥିବା ରିଫ୍ୟୁଜି ହାଇସ୍କୁଲ ଖେଳପଡ଼ିଆରେ ମହାବୀର ସ୍ପୋର୍ଟସ ଆନୁକୂଲ୍ୟରେ ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏୟାରପୋର୍ଟ ଆସେସ ଭୁବନେଶ୍ୱର ଓ ଗ୍ରୀନ ଷ୍ଟାର ଏକାଦଶ ସୁନ୍ଦରପଦା ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏୟାରପୋର୍ଟ ଆସେସ ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୧୯୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଗ୍ରୀନ ଷ୍ଟାର ଏକାଦଶ ସୁନ୍ଦରପଦା ୧୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରି ୮୮ ରନରେ ପରାଜିତ ହୋଇଥିଲା। ଏୟାରପୋର୍ଟ ଆସେସ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବେ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଗୋପୀନାଥ ବେହେରା ଓ ସାମାଜିକ କର୍ମୀ ପ୍ରଭାକର ରାଉତରାୟ ଯୋଗଦେଇଥିଲେ। ସମୀର ମଲ୍ଲିକ ଓ ରମେଶ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ଗୌରହରି ମଲ୍ଲିକ, ଉପସଭାପତି ପ୍ରଶାନ୍ତ କୁମାର ଦାସ, ଆୟୋଜକ ମାନସ ମଲ୍ଲିକ, ସନାତନ ମହାନ୍ତି, କୈଳାସ ଜେନା, ମନୋଜ ମଲ୍ଲିକ, ବାପି ଦଳାଇ, ଜିତେନ୍ଦ୍ର ସାହୁ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ଚିଲିକା ବୁଲିଲେ, ମା' କାଳିଜାଈଙ୍କୁ ଦର୍ଶନ କଲେ

**'ଚଳିତବର୍ଷ ୨୦ ପ୍ରତିଶତ ପର୍ଯ୍ୟଟକ ବଢ଼ିଛନ୍ତି'**

ବାଲୁଗାଁ,୨୮।୧୨(ସଂଗ୍ରାମ ପାଇକରାୟ)



ବିଦାୟୀ ବର୍ଷ-୨୦୨୫ର ଅନ୍ତିମ ରବିବାର ପର୍ଯ୍ୟଟକଙ୍କ ଆଗମନରେ ଚିଲିକା ଚଳଚଞ୍ଚଳ ହୋଇପଡ଼ିଥିଲା। ରାଜ୍ୟ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ପର୍ଯ୍ୟଟକମାନେ ମା' କାଳିଜାଈଙ୍କୁ ଦର୍ଶନ କରିବା ସହ ଚିଲିକାରେ ନୌବିହାର ଓ ବିଦେଶୀ ପକ୍ଷୀଙ୍କ ଜଳକ୍ରୀଡ଼ାର ମଜା ନେଇଥିଲେ। ବାଲୁଗାଁ ଚିଲିକା କୂଳ ଜେଟି ଏବଂ ବରକୁଲ ପାନ୍ଥନିବାସରୁ ଲକ୍ଷାଧିକ ପର୍ଯ୍ୟଟକ ସରକାରୀ ବୋଟ, ଲଞ୍ଚ୍ ଓ ଘରୋଇ ମୋଟରଡଙ୍ଗା ଦ୍ୱାରା ଚିଲିକା ପରିଭ୍ରମଣ କରିଥିଲେ। ବାଲୁଗାଁର କାଳିଜାଈ ବୋଟ୍ ଆସୋସିଏଶନ, ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ, ବରକୁଳର ମା' କାଳିଜାଈ ଡଙ୍ଗା ମାଲିକ ସଂଘ ଏବଂ ଓଟିଡିସି ପକ୍ଷରୁ ଲଞ୍ଚ୍ ଓ ଡଙ୍ଗା ବ୍ୟବସ୍ଥା ହୋଇଥିଲା। ବିଶେଷକରି ବରକୁଳ ପାନ୍ଥନିବାସଠାରେ ପର୍ଯ୍ୟଟକମାନେ ଚିଲିକାରେ ନୌବିହାର କରିବା ସହ ସ୍ପିଡ୍ ବୋଟ ଏବଂ ଜେଟ୍ ସ୍କିରେ ବସି ମଜା ଉଠାଇଥିଲେ। ନୌଯାତ୍ରାବେଳେ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ଜେଟି ଓ ବରକୁଳ ପାନ୍ଥନିବାସଠାରେ ପୋଲିସ କର୍ମଚାରୀମାନେ ମୁତୟନ ରହି ଜଳଯାତ୍ରା ଉପରେ କଡ଼ା ନଜର ରଖିଥିଲେ। ଏଥିସହ ଅଗ୍ନିଶମ କର୍ମଚାରୀ ମଧ୍ୟ କୌଣସି ଜରୁରିକାଳୀନ ପରିସ୍ଥିତି ନିମନ୍ତେ ସଜାଗ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ କାଳିଜାଈ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ୨୦% ବୃଦ୍ଧି ପାଇଥିବା ପାନ୍ଥନିବାସ ପରିଚାଳକ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ସେହିପରି ମା' ନାରାୟଣୀ, ମା' ଭଗବତୀ, କାଙ୍କଣଶିଖରୀ ପୀଠ, ବରବରା ଜଙ୍ଗଲସ୍ଥିତ ମା' ବିରଜାଈ ଓ ମାଳତାରିଣୀ ପୀଠ ସମେତ ଶାଳିଆ ଡ୍ୟାମ୍‌ରେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ସହ ବଣଭୋଜିର ଆସର ଜମିଥିଲା।



ବୋଲଗଡ଼ ମହୋତ୍ସବ ଆଶା-୨୦୨୫ର ତୃତୀୟ ଦିବସରେ ରବିବାର ଯୋଗଦେଇଥିବା ଅତିଥିମାନେ।

# ମନ ମୋହିଲା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

**ବୋଲଗଡ଼ ମହୋତ୍ସବ ଆଶା-୨୦୨୫**

ବୋଲଗଡ଼,୨୮।୧୨(ଦେବବ୍ରତ ହୋତା)



ସ୍ଥାନୀୟ ମିନି ଷ୍ଟାଡିୟମ୍ ସମ୍ମୁଖ ପଡ଼ିଆରେ ଆୟୋଜିତ ୨୨ତମ ବୋଲଗଡ଼ ମହୋତ୍ସବ ଆଶା-୨୦୨୫ର ତୃତୀୟ ଦିବସରେ ରବିବାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ବିଧାୟକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଜ୍ୟ ଭାବେ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ସମବାୟ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରାଜ୍ୟ କୃଷକମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, କଳିଙ୍ଗଭାରତୀ ଆବାସିକ ମହାବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ଲୁସି ପାଢ଼ୀ, ଉକ୍ତ ଅନୁଷ୍ଠାନର ଅଧ୍ୟକ୍ଷ ଅଜୟ କୁମାର ମହାନ୍ତି, ଲଲାଟେନ୍ଦୁ କେଶରୀ ସିଂହ, ଅମ୍ବିକା ପ୍ରସାଦ ମହାନ୍ତି, ଜୟକୃଷ୍ଣ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ମନୋଜ କୁମାର ସାହୁଙ୍କ କବିତା ସଂକଳନ 'ଅମୃତ ଅନୁଭବ' ଉନ୍ମୋଚନ କରିଥିଲେ।

ଅପରାହ୍ନରେ ଚନ୍ଦ୍ରବିଜୟୀ ମିଶ୍ରଙ୍କ ପରିଚାଳନାରେ ସ୍କୁଲ ପିଲାଙ୍କ ପାଇଁ କୁଇଜ୍ କାର୍ଯ୍ୟକ୍ରମ ପରେ ଆଞ୍ଚଳିକ ସାଂସ୍କୃତିକ ବିଭାଗରେ ଡାବରଧୂଆ ନାରାୟଣ ସାହୁ ଓ ସାଥିଙ୍କ ସଂକୀର୍ତ୍ତନ, ବାରବାଟିର କୁମାର ଚରଣ ସାହୁ ଓ ସାଥୀଙ୍କ ଖଞ୍ଜଣି, ସାନକୁମାରୀର ସୁରେଶ ସେନାପତି ଓ ସାଥିଙ୍କ ଭାରତ ଲୀଳା, ଖୋର୍ଦ୍ଧାର ପାଇକ ଆଖଡ଼ା ଦଳ, ପିତୁକୁଳି ନୃତ୍ୟକାଂକ୍ଷା ଏକାଡେମୀ ଏବଂ ତାଳତୁମ୍ ସରିତା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା। ସଭା ପରେ କଟକର ନଟରାଜ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କ୍ରିଏଟିଭ୍ ଫ୍ୟୁଜନ, ଭୁବନେଶ୍ୱରର ନକ୍ଷତ୍ର ଗୁରୁକୁଳ ଦ୍ୱାରା ଗୋଟିପୁଅ ଏବଂ ବୋଲଗଡ଼ର ଆରାଧନା ପ୍ରିନ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଭୁବନେଶ୍ୱର ରକ୍‌ଷ୍ଟାର ଡ୍ୟାନ୍ସ ଷ୍ଟୁଡିଓ ଦ୍ୱାରା ମଡର୍ନ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂଜ୍ୟପୂଜା ସମ୍ବର୍ଦ୍ଧନା ବିଭାଗରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ସୁମତି ଦେଈ, ହରିହର ସାହୁ, ଦୀପକ ପାହାଡସିଂହ, ଶଙ୍କର ସିଂହ ଓ ଡାକ୍ତର ରମେଶ ଚନ୍ଦ୍ର ଦାସଙ୍କୁ ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବୋଲଗଡ଼ ରତ୍ନ ଭାବେ ମହୋତ୍ସବ ଉପସଭାପତି ଐତିହାସିକ ରବୀନ୍ଦ୍ର କୁମାର ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ବୀର ଦାସ ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ, ସମ୍ପାଦକ ପାର୍ବତୀକାନ୍ତ ଚମ୍ପତିରାୟ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ନାରାୟଣ ମାର୍ଥା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅବିନାଶ ସୁବୁଦ୍ଧିଙ୍କ ନିର୍ଦ୍ଦେଶନାର ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ସଙ୍ଗୀତ ଗାନ କରିଥିଲେ। ଅଖିଳେଶ ମହାପାତ୍ର ଓ ତ୍ରିଲୋଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ବାଲୁଗାଁ,୨୮।୧୨(ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନମଣ୍ଡଳୀ ଅଧୀନ ସଲପଡ଼ି ନିକଟସ୍ଥ ମା' ପାଣ୍ଡବାଶୁଣୀଙ୍କ ପୀଠରେ କଂଗ୍ରେସର ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ତଥା ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସମ୍ପାଦିକା ମୀନାକ୍ଷୀ ପ୍ରଧାନଙ୍କ ନେତୃତ୍ୱରେ ରବିବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ଛାମୁଆ କର୍ମୀମାନଙ୍କୁ ନେଇ ଆୟୋଜିତ ଏହି ବୈଠକରେ ହରିପୁରର ବରିଷ୍ଠ କଂଗ୍ରେସ ନେତା ରାଜକିଶୋର ସାହୁ ସଭାପତିତ୍ୱ କରିଥିଲେ। ମା' ପାଣ୍ଡବାଶୁଣୀ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ସଭା ଆରମ୍ଭ ହୋଇଥିଲା। ସମ୍ପାଦିକା ପ୍ରଧାନ ଲୋକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ସମ୍ପ୍ରତି ନାରୀ ନିର୍ଯାତନା, ଦରଦାମ୍ ବୃଦ୍ଧି, ବିଦ୍ୟୁତ ବିଭାଗର ପ୍ରାଦୁର୍ଭାବ, ଧାନ କଟ୍‌ନିଛଟ୍‌ନି ଭଳି ସମସ୍ୟାକୁ ଉତ୍ଥାପନ କରିଥିଲେ। ତୃଣମୂଳ ସ୍ତରରୁ କଂଗ୍ରେସକୁ ଅଧିକ ସଂଗଠିତ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏ ନେଇ କର୍ମୀଙ୍କ ସହ ଆଲୋଚନା କରାଯାଇ ବିଭିନ୍ନ ରଣନୀତି ପ୍ରସ୍ତୁତ ହୋଇଥିଲା। ଚିଲିକା ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ବିପିନ ବିହାରୀ ବାରିକ, ବିପ୍ର ରଞ୍ଜନ ଜେନା, ରାଜେନ୍ଦ୍ର ପ୍ରଧାନ, ଅମୂଲ୍ୟ ଜେନା, ଚିତ୍ତରଞ୍ଜନ ଭୋପା, ଛାମୁଆ କର୍ମୀ ଦୀପକ ପାତ୍ର, ଗେଡୁ ସାହୁ, ରବୀନ୍ଦ୍ର ସାହୁ, ଦୀପ୍ତିରଞ୍ଜନ ଜେନା, କୈବଲ୍ୟ ସ୍ୱାଇଁ, ସୁଶାନ୍ତ ବିଶୋଇ, ଝୁଲିଆ ବାରିକ, ଦେବ ପରିଡ଼ା, ଚିନ୍ତାମଣି ସ୍ୱାଇଁ, ପ୍ରମୁଖ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଚିଲିକା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଆଇନମନ୍ତ୍ରୀଙ୍କୁ ୭୦ ପ୍ରସ୍ତାବ

**ମା' ଭଗବତୀ ବିକାଶ ପରିଷଦର ବାର୍ଷିକ ଉତ୍ସବ**



ଅତିଥିମାନେ ପରିଷଦର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୮।୧୨ (ସୌମ୍ୟରଞ୍ଜନ ରାଉତ)

ମା' ଭଗବତୀ ବିକାଶ ପରିଷଦର ଷୋଡ଼ଶତମ ବାର୍ଷିକ ଉତ୍ସବ ରବିବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଦେବେନ୍ଦ୍ର ନାଥ ମାନସିଂହଙ୍କ ପୌରହିତରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଚିଲିକା ନିର୍ବାଚନ ମଣ୍ଡଳୀର ବିକାଶ ସମ୍ପର୍କରେ କହିଥିଲେ। ଏହି ଅବସରରେ ପରିଷଦ ପକ୍ଷରୁ ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ବିକାଶ ପାଇଁ ୭୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସମ୍ବଳିତ ଏକ ପୁସ୍ତିକା ମନ୍ତ୍ରୀଙ୍କୁ ଅର୍ପଣ କରାଯାଇଥିଲା। ନ୍ୟାୟମୂର୍ତ୍ତି ଆଦିତ୍ୟ କୁମାର ମହାପାତ୍ର, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇ ପରିଷଦର କାର୍ଯ୍ୟକ୍ରମ ଓ ଭୁବନେଶ୍ୱରରେ ରହି କର୍ମକର୍ତ୍ତାଙ୍କ ମା' ମାଟି ମମତା ପ୍ରତି ଏତେ ସମବେଦନା, ଆନ୍ତରିକତା, ଇଚ୍ଛାଶକ୍ତିକୁ ପ୍ରଶଂସା କରିଥିଲେ। ପରେ ଅତିଥିମାନେ ପରିଷଦର ସ୍ମରଣିକା ଉନ୍ମୋଚନ କରିଥିଲେ। ଏଥିସହ ଡ. ଲଡୁକିଶୋର ଭୋଳ, ଡା. ଗୋଦାବରୀଶ ଜେନା, ଗାର୍ଗୀ ପଣ୍ଡା ମହାପାତ୍ର ପ୍ରମୁଖଙ୍କୁ 'ମା ଭଗବତୀ ପ୍ରତିଭା ସମ୍ମାନ', ନିର୍ବାଚନମଣ୍ଡଳୀରେ ଦଶମ ଶ୍ରେଣୀରେ ସର୍ବାଧିକ ନମ୍ବର ରଖିଥିବା ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଚନ୍ଦନ ସ୍ୱାଇଁଙ୍କୁ 'ସାମାଜିକ କର୍ମୀ ଲକ୍ଷ୍ମୀଧର ଭୋଳ ସ୍ମାରକୀ' ସମ୍ମାନ ପ୍ରଦାନ କରାଯାଇଥିଲା। ପରିଷଦ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସହଯୋଗ କରିଥିଲେ ଅଧ୍ୟାପିକା ତ୍ରିବେଣୀ ଭୋଳ। ସଂପାଦକ ସୁବଳ ଚରଣ ଭୋଳ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରଦୀପ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିଙ୍କ ସହ ପୁରସ୍କୃତ ବିଦ୍ୟାର୍ଥୀ।

ଟାଙ୍ଗୀ,୨୮।୧୨(ରଘୁନାଥ ସାହୁ)

ଚାନ୍ଦପୁରସ୍ଥିତ ଶ୍ରୀସତ୍ୟସାଇ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ବିରଞ୍ଚି ନାରାୟଣ ପାତ୍ରଙ୍କ ଶ୍ରାଦ୍ଧ ଦିବସରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରିଚାଳନା କମିଟି ଉପଦେଷ୍ଟା ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ରନାଥ ମାନସିଂହ, ମୁଖ୍ୟବକ୍ତା ଖାଉଟି ଅଦାଲତର ପ୍ରାକ୍ତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ବିଶିଷ୍ଟ ଅତିଥି ରଣପୁର ସହଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ଦେଈ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଫେସର ଡ. ଫକିର ମୋହନ ସାହୁ, କାଙ୍କଣଶିଖରୀ ଲୀଳାକ୍ଷେତ୍ର କମିଟି ସଭାପତି ଡ. ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ କିଶୋର ଲେଙ୍କା, ଟେଲି କଳାକାର ବିକି ମିଶ୍ର, ସିଦ୍ଧାର୍ଥ ପାତ୍ର, ଅଧ୍ୟାପିକା ଡ. ମୋନାଲିସା ମାନସିଂହ ଯୋଗଦେଇଥିଲେ। ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାଚିନୀ ଭୋଳ, ଆଶୁତୋଷ ନାୟକ, ନୀଳାଦ୍ରି ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ସେବିକା ଅନୁପମା ବାରିକ, ଟାଙ୍ଗୀ ସତ୍ୟସାଇ ସେବା ସଂଗଠନର ପ୍ରତିଷ୍ଠାତା ଡା. ମଧୁସୂଦନ ସେନାପତିଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ମଙ୍ଗରାଜ ବାର୍ଷିକ ବିବରଣୀ ପାଠ କରିଥିଲେ। କମିଟି ସହସମ୍ପାଦକ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଚାଳନା କମିଟି ସଦସ୍ୟ ମନୋରଞ୍ଜନ ବେହେରା, ବିନାୟକ ମହାରଣା, ପୂର୍ଣ୍ଣଚନ୍ଦ୍ର ଦେବ, ରାମଚନ୍ଦ୍ର ପରିଡ଼ା, ଗୁରୁମା' ନୀଳିମା ମହାନ୍ତି, କ୍ରିଷ୍ଣା ପରିଡ଼ା, ଭାରତୀ ବିଶ୍ୱାଳ, କଲ୍ୟାଣୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୀନାବାଳା ସାହୁ, କଳ୍ପନା ପ୍ରଧାନ, ସୁମିତ୍ରା ମହାରଣା, ମିତୁନ ନାୟକ, ଚିତ୍ତିକ୍ରିଷ୍ଣା ପ୍ରିୟଦର୍ଶନୀ, ସସ୍ମିତା ରଥ, ନିରୁପମା ଜେନା ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ତ୍ରିନାଥ କଳା ସାହିତ୍ୟ ସଂସଦର ୩ୟ ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଅତିଥିମାନେ ମୁଖପତ୍ର 'ସାଧବାଣୀ' ଉନ୍ମୋଚନ କରୁଛନ୍ତି।

ଖୋର୍ଦ୍ଧା,୨୮।୧୨(ପ୍ରଭାତ ପାଣିଗ୍ରାହୀ)

**ମୁଖପତ୍ର 'ସାଧବାଣୀ' ଉନ୍ମୋଚିତ, ପ୍ରତିଭା ସମ୍ବର୍ଦ୍ଧିତ**

ତ୍ରିନାଥ କଳା ସାହିତ୍ୟ ସଂସଦର ୩ୟ ବାର୍ଷିକୋତ୍ସବ ସ୍ଥାନୀୟ ଶ୍ୟାମମାଧବ ବାସନ୍ତି ଦେବୀ ପାଠାଗାର ସମ୍ମିଳନୀ କକ୍ଷରେ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଂସଦ ସଭାପତି ଶିକ୍ଷାବିତ୍ ତଥା ଗବେଷକ ସତ୍ୟବାଦୀ ବଳିୟାରସିଂହ ଅଧ୍ୟକ୍ଷତା ଏବଂ ସମ୍ପାଦିକା ଇତିଶ୍ରୀ ସାହୁ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ପଦ୍ମନାଭ ବିଶ୍ୱାଳ ଉଦଘାଟକ, ଡ. ବିଷ୍ଣୁଚରଣ ସାହୁ ମୁଖ୍ୟ ବକ୍ତା, ନାଟ୍ୟକାର ବିଜୟ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳୀୟ କଳା ସଂସ୍କୃତି ବିଶ୍ୱବିଦିତ ବୋଲି କହିଥିଲେ। ଅତିରିକ୍ତ ଶାସନ ସଚିବ କୈଳାଶ ଚନ୍ଦ୍ର ସାହୁ, ଡ. ସୁଶାନ୍ତ କୁମାର ସାହୁ, ଡ. ପ୍ରମୋଦ ଚନ୍ଦ୍ର ଦାଶ, କଟକ ମହାନଦୀ ବିହାର ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଲକ୍ଷ୍ମଣ ସାହୁ, ଗାଳ୍ପିକ ସୁନିଲ କୁମାର ବୋଷ ମଞ୍ଚାସୀନ ଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ସାଧବାଣୀ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିପରି ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂସଦ ପକ୍ଷରୁ ଡ. ବିଷ୍ଣୁଚରଣ ସାହୁ, ରାଜକିଶୋର ବଳିୟାରସିଂହ, କୈଳାଶ ଚନ୍ଦ୍ର ସାହୁ, ଜଗନ୍ନାଥ ନାୟକ, ପଣ୍ଡିତ ବାସୁଦେବ ସାହୁ, ବିଷ୍ଣୁପ୍ରିୟ ପ୍ରତାପସିଂହ ଏବଂ ସନ୍ଧ୍ୟା ଦେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆକାଶବାଣୀ କଣ୍ଠଶିଳ୍ପୀ ରଙ୍ଗନାଥ ସେଠୀ, ଗୁରୁ ରାଜରାମ ବେହେରା, ଗୁରୁ ହେମନ୍ତ କୁମାର ବେହେରା, ଆଦିତ୍ୟ ପ୍ରସାଦ ସାହୁ, ଯଯାତି କେଶରୀ ନାୟକ, ରାମଚନ୍ଦ୍ର ଦାସ, ସୁକାନ୍ତି ସାହୁ, ଅଖିଳ କୁମାର ସାହୁ ପ୍ରମୁଖ ସଙ୍ଗୀତ,ଏକକ ଓ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ସଂସଦ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହରଣା ସ୍ୱାଗତ ଭାଷଣ ଓ କୃଷ୍ଣଚନ୍ଦ୍ର ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ବଜ୍ରକିଶୋର ସାହୁ, ଡା. ଦେବପ୍ରସାଦ ସାହୁ, ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ସମରେନ୍ଦ୍ର ବଳିୟାରସିଂହ, ଶିବ ସୁନ୍ଦର ପଟ୍ଟନାୟକ ଏବଂ କୈଳାଶ ଚନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ବୋଲଗଡ଼,୨୮।୧୨(ଦେବବ୍ରତ ହୋତା)

ବୋଲଗଡ଼ କଂଗ୍ରେସ କମିଟି ପକ୍ଷରୁ ନନ୍ଦିଘୋଷ ଭବନ ପାର୍ଶ୍ୱରେ ରବିବାର କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବରିଷ୍ଠ ନେତା ପ୍ୟାରୀମୋହନ ଦାସଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଏବଂ ନ୍ୟାୟ ପାଇଁ କର୍ମୀମାନଙ୍କୁ ଦାସ ଆହ୍ୱାନ ଦେଇଥିଲେ। କମିଟି ସଭାପତି ସଞ୍ଜୟ ସୁବୁଦ୍ଧି କଂଗ୍ରେସ ପତାକା ଉତ୍ତୋଳନ କରି କହିଥିଲେ, ୧୮୮୫ରେ ଇଂରେଜ ଶାସନ ବିରୋଧରେ ଲଢ଼େଇ ପାଇଁ ଜନ୍ମ ନେଇଥିବା ଏହି ଦଳ ଦେଶକୁ ସ୍ୱାଧୀନତା ଆଣିଦେଇଥିବାବେଳେ ନୂତନ ଦିଗ୍‌ଦର୍ଶନ ଦେଇଛି। ସମ୍ବିଧାନ ପ୍ରସ୍ତୁତକରି ନାଗରିକଙ୍କ ମର୍ଯ୍ୟାଦା ଓ ଅଧିକାରକୁ ସୁରକ୍ଷିତ କରିଛି। କଂଗ୍ରେସ ପାଇଁ ତ୍ୟାଗ କରିଥିବା ମହାପୁରୁଷ ଓ ନେତାଙ୍କ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆରିକମା ପଞ୍ଚାୟତର କଂଗ୍ରେସ ସଭାପତି ଜୟକୃଷ୍ଣ ପ୍ରହରାଜ, ଡାବରଧୁଆ ପଞ୍ଚାୟତ କଂଗ୍ରେସ ସଭାପତି ଯୋଗୀ ଶ୍ରୀଚନ୍ଦନ, ଶ୍ରୀଧର ଦତ୍ତ, ଅସରଳା ନଟବର ପାଣ୍ଡେ, ରାଜ୍ୟ କଂଗ୍ରେସ ସେବାଦଳ ସଂଯୋଜକ ନବକିଶୋର ପଣ୍ଡା, କର୍ମୀ ସୀମାଞ୍ଚଳ ଖଣ୍ଡାଇ, ଶରତ ଚମ୍ପତି, ସନ୍ତୋଷ ପ୍ରଧାନ, ରମାକାନ୍ତ ପଟ୍ଟନାୟକ, କରୁଣାକର ଜେନା, ନିରଞ୍ଜନ ସାମନ୍ତରାୟ, ଚିତ୍ତରଞ୍ଜନ ସାହୁ, ରତ୍ନାକର ପରିଡ଼ା ଏବଂ ସନାତନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଅତ୍ରିକୁ ହରାଇ ମେଣ୍ଢାଶାଳ ଫାଇନାଲରେ

ବେଗୁନିଆ,୨୮।୧୨
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)




ଅତିଥି ଜଣେ ଖେଳାଳିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା କଣ୍ଟାବାଡ଼ କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରବିବାର ଅତ୍ରିର ପତିତପାବନ ୟୁଥ୍ କ୍ଲବ ଏବଂ ମେଣ୍ଢାଶାଳ ସ୍ପୋର୍ଟ୍ସ ଆସୋସିଏଶନ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତ୍ରିକୁ ହରାଇ ମେଣ୍ଢାଶାଳ ଫାଇନାଲରେ ପ୍ରବେଶ କରିଛି। ଅତ୍ରି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଦଳର ଦିଲୀପ ରାଉତ ସର୍ବାଧିକ ୭୫ ରନ୍ କରିଥିଲେ। ପ୍ରତିପକ୍ଷ ମେଣ୍ଢାଶାଳ ଦଳର ଅତୁଲ ସିଂ ୪ ଏବଂ ଆଶିଷ ରାଉତ ୩ଟି ଉଇକେଟ୍ ନେଇଥିଲେ। ଜବାବରେ ମେଣ୍ଢାଶାଳ ଦଳ ୧୨.୩ ଓଭରରେ ୬ ଉଇକେଟ ହରାଇ ୧୪୨ ରନ୍ କରି ଜିତିଥିଲା। ଆଇ.ଏସ୍. ଗିରି ୧୭ ବଲରୁ ୫୧ ରନ କରିଥିଲେ। ଅତ୍ରି ପକ୍ଷରୁ ଜଗନ୍ନାଥ ୩ଟି ଉଇକେଟ ନେଇଥିଲେ। ଦିଲୀପ କୁମାର ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ

**କଣ୍ଟାବାଡ଼ କପ୍ କ୍ରିକେଟ୍**

ଶିଳ୍ପପତି ଶିବ ନାରାୟଣ ମିଶ୍ର, ପ୍ରଧାନ ଶିକ୍ଷକ ବିଜୟ କୁମାର ମହାପାତ୍ର ଏବଂ ଶିକ୍ଷାବିତ୍ ସବିତାବାଳା ଦେବୀ ପ୍ରମୁଖ ଯୋଗ ଦେଇଥିଲେ। ୪ ଉଇକେଟ ହାସଲ କରିଥିବା ମେଣ୍ଢାଶାଳ ଦଳର ଅତୁଲ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ସହ ଅର୍ଜୁନ ମହାପାତ୍ର ସ୍ମାରକୀ ଟ୍ରଫି ପ୍ରଦାନ କରାଯାଇଥିଲା। ରମାକାନ୍ତ ପାତ୍ର ଓ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସିଦ୍ଧେଶ୍ୱର ବେହେରା, ଓମ୍ ପ୍ରକାଶ ବ୍ରହ୍ମା ସ୍କୋରର ରହିଥିଲେ। ଚିନ୍ମୟ କୁମାର ପଣ୍ଡା, ଶରତ କୁମାର ପାଇକରାୟ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଦୀପକ ମହାରଣା, ମିଥୁନ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, ଶାଶ୍ୱତ କର, ନରସିଂହ ପ୍ରଧାନ, ସୌମ୍ୟରଞ୍ଜନ ଦାସ, ସଞ୍ଜୟ କୁମାର ପାଣିଗ୍ରାହୀ, ଶ୍ରୀକାନ୍ତ ବାହିନୀପତି, ପ୍ରଭାତ କୁମାର ପଣ୍ଡା, ମାନସ ରଞ୍ଜନ ଦାଶ, ବଂଶୀଧର ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀ, ଦୀପକ ରଞ୍ଜନ ଦାସ, ବାମଦେବ ମହାନ୍ତି, ଶୁଭଙ୍କର ସେଠୀ, ଆୟୁଷ କୁମାର ଜେନା ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ସୋମବାର କୁମାରବସ୍ତ ଓ ଭାଲିଆବାଡ଼ି କ୍ରିକେଟ ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୧୨।୨୦୨୫

| | |
|---|---|
| ୭,୬୭,୨୪୩ ଟଙ୍କା | |
| ସୁନା | ୫.୫୫୦ ଗ୍ରାମ୍ |
| ରୁପା | ୭୧.୫୦୦ ଗ୍ରାମ୍ |

# ଅଲିଭ ରିଡ୍‌ଲେଙ୍କୁ ବିପଦ ଦେବୀ ମୁହାଣ

କାକଟପୁର /ଅସ୍ତରଙ୍ଗ ,୨୮।୧୨ (ଶୁଭଦର୍ଶନ ମିଶ୍ର /ପ୍ରଦୀପ୍ତ କୁମାର ଦୀକ୍ଷିତ)

ଦିନେ ଯେଉଁ ସ୍ଥାନ ଅଲିଭ ରିଡ୍‌ଲେଙ୍କ ମିଳନସ୍ଥଳ ସାଜିଥିଲା, ତାହା ଏବେ ମରଣଯନ୍ତା। ହଜାର ହଜାର କଇଁଛଙ୍କ ମିଳନ ଓ ଅଣ୍ଡାଦାନର ଆକର୍ଷଣ କେନ୍ଦ୍ର ଏବେ ଏହି ଅତିଥି ଜୀବଙ୍କ ପାଇଁ ଅଲୋ। ଆଜି ବି ସେଇ ଦେବୀ ନଦୀ ମୁହାଣ ଅଲିଭ ରିଡ୍‌ଲେଙ୍କୁ ସ୍ୱାଗତ ପାଇଁ ଅପେକ୍ଷା କରିଛି। କିନ୍ତୁ ନିର୍ଦ୍ଦୟ ମଣିଷ ଓ ଉଦାସୀନ ଅଧିକାରୀମାନେ ତାହା କରାଇ ଦେଉନାହାନ୍ତି। ଗଣ ଅଣ୍ଡାଦାନ ଋତୁ ଆସିଲେ ଘନଘନ ବୈଠକ ହେଉଛି। ସୁରକ୍ଷା ପାଇଁ ଏସ୍‌ଓପି ଜାରି ହେଉଛି। ମାତ୍ର କାମ ବେଳକୁ କାହାର ଦେଖା ମିଳୁନାହିଁ। ନଭେମ୍ବରରୁ କଟକଣା ହୋଇଥିଲେ ମଧ୍ୟ ଶତାଧିକ ଟ୍ରଲର୍ ଯାତାୟାତ କରୁଥିବା ବେଳେ ବନ ବିଭାଗ ଧରିବାରେ ସଫଳ ହେଉନାହାନ୍ତି। ୩୦ ହଜାରରୁ ଅଧିକ ଅଲିଭ ରିଡ୍‌ଲେଙ୍କ ମିଳନ ହେଉଥିବା ଏହି ମୁହାଣରେ ଅଣ୍ଡାଦାନ ଋତୁରେ କଇଁଛଙ୍କ ଶବ ଦେଖିବା କିଛିଦିନ ତଳେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ସିରୋନାମା ପାଲଟିଥିଲା।

୧୯୯୭ ମସିହାରେ ଶେଷଥର ପାଇଁ ଦେବୀ ମୁହାଣରେ ୩୫ହଜାର ୪ଶହରୁ



ମୁହାଣରେ ଭାସୁଥିବା ଅଲିଭ ରିଡ୍‌ଲେ ।

ଅଧିକ ଅଲିଭ ରିଡ୍‌ଲେଙ୍କ ଆଗମନ ହୋଇଥିଲା। କୋଷ୍ଟାରିକାରୁ ପ୍ରାୟ ୪୫ ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି କଇଁଛମାନେ ଏହି ଉପକୂଳ ଅଞ୍ଚଳକୁ ଭରସାରେ ଛୁଟି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ନଭେମ୍ବରରୁ ଦୀର୍ଘ ୬ମାସ ପର୍ଯ୍ୟନ୍ତ ସମୁଦ୍ର କୂଳଠାରୁ ୨୦ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରିଛନ୍ତି। ବନବିଭାଗ, ତଟରକ୍ଷୀ ବାହିନୀ, ମେରାଇନ ପୁଲିସ ସମେତ ପରିବେଶ କର୍ମୀଙ୍କୁ ନେଇ ହେଡକ୍ୱାର୍ଟରରେ ବୈଠକ ବସୁଛି। ତେବେ ଋଷିକୂଲ୍ୟା ଓ ଗହୀରମଥାକୁ ଯେତିକି ଗୁରୁତ୍ୱାରୋପ କରାଯାଏ, ସେଇ ବୈଠକର ପ୍ରଭାବ ଦେବୀ ମୁହାଣ ଉପରେ ସେତିକି ପଡୁନାହିଁ।

ନିଷିଦ୍ଧାଞ୍ଚଳ ଘୋଷଣା ସତ୍ତ୍ୱେ ଦେବୀ ମୁହାଣର ପ୍ରାୟ ୨୦ କିମି ପରିମିତ ସାମୁଦ୍ରିକ ଅଞ୍ଚଳରେ ଶତାଧିକ ଟ୍ରଲର ବୁଲୁଥିବାର ଦେଖାଯାଉଛି। ମୋଟରଚାଳିତ ଡଙ୍ଗାରେ ମଧ୍ୟ ମାଛଧରା ଚାଲୁଛି। ଯଦିଓ ମାଛ ଧରିବାରେ ରୋକ୍ ଲଗାଯାଇ ମତ୍ସ୍ୟଜୀବୀଙ୍କୁ କିଛି ଆର୍ଥିକ ସହାୟତା ସରକାର ପ୍ରଦାନ କରୁଛନ୍ତି। ତେଣୁ ମାଛ ଧରା କମିଯାଏ ସିନା, ବନ୍ଦ ହୁଏ ନାହିଁ। ଏସବୁ ତଟରକ୍ଷୀ ବାହିନୀ, ବନ ବିଭାଗ, ମେରାଇନ ପୋଲିସ ଅଧିକାରୀମାନେ ଜାଣନ୍ତି। କିନ୍ତୁ କେହି ବି ଟ୍ରଲର୍ ଓ ମୋଟରଚାଳିତ ଡଙ୍ଗା ଚାଲିବା ଉପରେ ରୋକ୍ ଲଗାନ୍ତି ନାହିଁ। ପରିବେଶକର୍ମୀ ସରୋଜ ଜେନା କହିବା ମୁତାବକ, ମୃତାହତ ହେଉଥିବା କଇଁଛଙ୍କ ସଂଖ୍ୟା ସ୍ପଷ୍ଟ ଜଣାପଡୁ ନାହିଁ। ଯଦିଓ ସରକାରୀ ହିସାବରେ ମାତ୍ର ଅଳ୍ପସଂଖ୍ୟକ କଇଁଛ ମରିଥିବା ଦେଖାଯାଏ, କିନ୍ତୁ ବାସ୍ତବ କଥାକୁ

### ନୀତି ପ୍ରଣୟନ ହେଉଛି, କାର୍ଯ୍ୟକାରୀ ହେଉନି

ଘଣ୍ଟ ଘୋଡ଼ାଯାଉଛି ବୋଲି ଅସ୍ତରଙ୍ଗର ପରିବେଶକର୍ମୀ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଟ୍ରଲର୍‌ରେ ଟେଡ୍ ନେଟ ତଥା ଟର୍ଟଲ ଏକ୍ସକ୍ଲୁସିଭ ଡିଭାଇସ ଲଗାଇବା ପାଇଁ ନିର୍ଦ୍ଦେଶ ରହିଥିଲେ ହେଁ ଏହାକୁ ମଧ୍ୟ କେହି ବ୍ୟବହାର କରନ୍ତି ନାହିଁ। ଅନ୍ୟ ପକ୍ଷରେ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ରହିଥିଲେ ହେଁ ଅସ୍ତରଙ୍ଗ ବନ ବିଭାଗ ନିକଟରେ କଟକଣା ଲାଗିବାର ଅନେକ ଦିନ ପର୍ଯ୍ୟନ୍ତ ପାଟ୍ରୋଲିଂ ପାଇଁ ଆବଶ୍ୟକ ବୋଟ୍‌ଟିଏ ବି ନ ଥିଲା। ଏହି ବିରଳ ପ୍ରଜାତିର ଅତିଥି ଜୀବ ଅଲିଭ୍ ରିଡ୍‌ଲେକୁ ସରକାର ମାସ୍କଟ ଭାବେ ଚୟନ କରିଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏ ସମ୍ପର୍କରେ 'ଓଲି' ସୂଚନା ଦେଉଛି। କିନ୍ତୁ ବାସ୍ତବରେ ହଜାର ହଜାର ଓଲି ବିପଦରେ ପଡ଼ିଛନ୍ତି। ତେଣୁ ନୀତି ପ୍ରଣୟନ କରିବାରେ ସରକାର ଯେତିକି ତତ୍ପରତା ଦେଖାଉଛନ୍ତି, ସେତିକି ଆନ୍ତରିକତା ଯଦି କାର୍ଯ୍ୟସ୍ଥଳରେ ଦେଖାନ୍ତେ ତେବେ ଦେବୀ ମୁହାଣ ପୁଣି ଅଲିଭ ରିଡ୍‌ଲେଙ୍କ ପାଇଁ ଗଣ ଅଣ୍ଡାଦାନର ସୁରକ୍ଷିତସ୍ଥଳରେ ପରିଣତ ହୋଇପାରନ୍ତା ବୋଲି ପରିବେଶକର୍ମୀ କହିଛନ୍ତି।

# ଭାଗବତ ମହାପୁରାଣ ଉଦ୍‌ଘାଟିତ



ଭାଗବତ ମହାପୁରାଣରେ ଉପସ୍ଥିତ ଭକ୍ତମାନେ ।

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟର କୋଷାଧ୍ୟକ୍ଷ ଏବଂ ରାଷ୍ଟ୍ରୀୟ ସନ୍ଥ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ମହାପୁରାଣ ବଳିଆପଣ୍ଡାର ଇନ୍ଦ୍ରଦ୍ୟୁମ୍ନ ନଗରୀରେ ଉତ୍ସାହର ସହ ଉଦ୍‌ଘାଟିତ ହୋଇଯାଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କଥା ମହୋତ୍ସବକୁ ରାଧେଶ୍ୟାମ ଚଣ୍ଡକ, ନନ୍ଦକିଶୋର ଝାନୱାର, ଡକ୍ଟର ବିନୋଦ ମନ୍ତ୍ରୀ ଏବଂ ନନ୍ଦକିଶୋର ବାହେତି ପ୍ରମୁଖ ପରିଚାଳନା କରୁଛନ୍ତି। ପ୍ରଥମ ଦିନରେ କଳସ ଶୋଭାଯାତ୍ରା କରାଯାଇ ସ୍ଥାପନ କରାଯାଇଥିଲା। ସମଗ୍ର ଅଞ୍ଚଳ 'ଜୟ ଜଗନ୍ନାଥ, ଜୟ ଶ୍ରୀରାମ' ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ପରେ ସ୍ୱାମିଜୀଙ୍କ ଦ୍ୱାରା ଧର୍ମଧ୍ୱଜା ଉତ୍ତୋଳନ କରାଯାଇଥିଲା ଏବଂ ପାରମ୍ପରିକ ରୀତିରେ ତାଙ୍କର ଆଳତି କରାଯାଇଥିଲା। ଗ୍ରନ୍ଥ ପୂଜା ପରେ ସ୍ୱାମିଜୀଙ୍କ ପୂଜା ଏବଂ ଆଳତି ସମାପ୍ତ ହୋଇଥିଲା। ପରେ ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ, ଅଯୋଧ୍ୟାର କୋଷାଧ୍ୟକ୍ଷ ଏବଂ ରାଷ୍ଟ୍ରୀୟ ସନ୍ଥ ସ୍ୱାମୀ ଗୋବିନ୍ଦ ଦେବଗିରି ଜୀ ମହାରାଜଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ମହାପୁରାଣ କଥାର ଶୁଭାରମ୍ଭ ହୋଇଥିଲା।

ସେହିପରି ଶନିବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ କାହାଣୀ ବର୍ଣ୍ଣନା କରିବା ସହିତ ବେଦର ଗୁରୁତ୍ୱ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଯିଏ ବେଦ ଅନୁସରଣ କରେ ଏବଂ ରକ୍ଷାକରେ ସେ ତାଙ୍କ ଜୀବନସାରା ସୁରକ୍ଷିତ ରହିପାରିବେ। ସ୍ୱାମିଜୀ ତାଙ୍କ ପ୍ରବଚନରେ କୌରବ ଏବଂ ପାଣ୍ଡବଙ୍କ ବଂଶାବଳୀ ଉଲ୍ଲେଖ କରିଥିଲେ। ମନ୍ତ୍ର ସାହାଯ୍ୟରେ କିପରି ଅସ୍ତ୍ର ବ୍ୟବହାର କରାଯାଉଥିଲା ସେ ବିଷୟରେ ଆଲୋକପାତ କରିଥିଲେ। ଭାରତୀୟ ଋଷି ଏବଂ ସନ୍ଥମାନଙ୍କ ଶକ୍ତି କେବଳ ବେଦ ମାଧ୍ୟମରେ ବୁଝିହେବ। ଦ୍ୱିତୀୟ ଦିନରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ତଥା ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ଏବଂ ଓଡ଼ିଶା ଭାଜପା କୋଷାଧ୍ୟକ୍ଷ ଅଜୟ ଅଗ୍ରୱାଲଙ୍କ ସମେତ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଆଳତି କରିଥିଲେ। ଉତ୍ସବରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

## ସଂକ୍ଷେପରେ

### ବଳାତ୍କାର ଅଭିଯୁକ୍ତ ଗିରଫ

ବ୍ରହ୍ମଗିରି,୨୮।୧୨(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆଗାଁ ନିକଟରେ ଭଡ଼ାରେ ରହୁଥିବା ଜଣେ ଦିବ୍ୟାଙ୍ଗ ମହିଳାଙ୍କୁ ଶୁକ୍ରବାର ରାତିରେ ବଳାତ୍କାର କରିଥିବା ଅଭିଯୋଗରେ ରବିବାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ସ୍ୱାମୀ ଘରେ ନ ଥିବା ସମୟରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରାଯାଇଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ଉକ୍ତ ଅଭିଯୋଗକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପରେ ଉଭୟଙ୍କ ଡାକ୍ତରୀ ମାଇନା କରି ପୋଲିସ ନଂ.୫୨୭/୨୫ରେ ଏକ ମାମଲା ରୁଜୁକରି ଅଭିଯୁକ୍ତ ରେବଣା ନୂଆଗାଁର ଭୂଷଣ ବେହେରା(୪୯)ଙ୍କୁ କୋର୍ଟଚାଲାଣ କରିଛି ।

### ସରସ୍ୱତୀ ଶିଶୁ ମନ୍ଦିରରୁ ପ୍ରଧାନ ଆଚାର୍ଯ୍ୟଙ୍କ ବଦଳି ଦାବି

ଯୋଗେଶ୍ୱରପୁର,୨୮।୧୨(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ଠାରେ ଥିବା ସରସ୍ୱତୀ ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନଆଚାର୍ଯ୍ୟ କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ଅଭିଭାବକ ତାଙ୍କ ନାମ ଗୋପନ ରଖି କହିଛନ୍ତି, ଉକ୍ତ ବିଦ୍ୟାଳୟରେ ପ୍ରଧାନଆଚାର୍ଯ୍ୟ ପୂର୍ବରୁ ଏଠି ଥିଲେ ତାଙ୍କର କିଛି ଭୁଲ କାର୍ଯ୍ୟ ଯୋଗୁ ତାଙ୍କୁ ଅସ୍ତରଙ୍ଗ ଶିଶୁ ମନ୍ଦିରକୁ ବଦଳି କରାଯାଇଥିଲା। ସେଠାରେ ସେ ୨/୩ବର୍ଷ ରହିଲା ପରେ ପୁନଶ୍ଚ ଯୋଗେଶ୍ୱରପୁର ଶିଶୁ ମନ୍ଦିରକୁ ଅଣାଯିବା କାହାସ୍ୱାର୍ଥରେ ବୋଲି କିଛି ଅଭିଭାବକମାନେ ପ୍ରଶ୍ନବାଚୀ କରିଛନ୍ତି। ପ୍ରଧାନଆଚାର୍ଯ୍ୟ ଜଣଙ୍କ ସ୍ଥାନୀୟ ଲୋକ ହୋଇଥିବାରୁ ତାଙ୍କ କାର୍ଯ୍ୟରେ ଗୁରୁଜୀ ଓ ଗୁରୁମାମାନଙ୍କର ମନ ଭିତରେ ଧୀରେ ଧୀରେ ଅସନ୍ତୋଷର ନିଆଁ ଜୁହୁଳୁଛି। ବାହାର ଅଞ୍ଚଳରୁ ଏକ ପ୍ରଧାନଆଚାର୍ଯ୍ୟଙ୍କୁ ନିଯୁକ୍ତି ପାଇଁ ଦାବି ହେଉଛି।

# ଆଦର, ସ୍ନେହ, ଶ୍ରଦ୍ଧା ଦ୍ୱାରା ସେବାର ପରିପୁଷ୍ଟତା ମିଳିଥାଏ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀମାନେ ।

ଗୋପ,୨୮।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଆଦର ଓ ସ୍ନେହଶ୍ରଦ୍ଧା ଦ୍ୱାରା ସେବାର ପରିପୃଷ୍ଟତା ମିଳିଥାଏ। ନର୍ସିଂ ଛାତ୍ରୀଛାତ୍ରଙ୍କର ଶିକ୍ଷା ଶେଷ ପରେ ଜୀବନ ସାରା ସମସ୍ତ ବର୍ଗର ମଣିଷଙ୍କୁ ସେବା ଯୋଗାଇଦେବାର ପ୍ରୟାସ ଜାରି ରଖିଥାନ୍ତି। ରବିବାର ସନ୍ଧ୍ୟାରେ ମୁକ୍ତି ଇନଷ୍ଟିଚ୍ୟୁଟର ପ୍ରତିଷ୍ଠାତା ଅଶୋକ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ନର୍ସିଂ ଶିକ୍ଷା ଶେଷ କରିଥିବା ଓ ନର୍ସିଂ ଶିକ୍ଷା ଲାଗି ଆସିଥିବା ଶତାଧିକ ଛାତ୍ରୀଛାତ୍ରଙ୍କୁ ଏପରି ସୂଚନା ଦେଇଥିଲେ। ମୁକ୍ତି ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଗଣେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁପ୍ରଭା ହାଜିରା ଯୋଗ ଦେଇ ସମୟ କୁ କିପରି ଆମେ ଧ୍ୟାନ ଦେବା ସହିତ ନୃତ୍ୟଗୀତରେ କେମିତି ଆତ୍ମସନ୍ତୋଷ ମିଳିଥାଏ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗୋପ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ, ନର୍ସିଂ ଅଧ୍ୟକ୍ଷା ମନସିନୀ ପୁଷ୍ଟି, ଆଇଟିଆଇ କଲେଜର ଅଧ୍ୟକ୍ଷ ପ୍ରମୋଦ କୁମାର ଦାସ,ସମାଜସେବୀ ସମାଜସେବୀ ରାମକୃଷ୍ଣ ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ସଚ୍ଚିଦାନନ୍ଦ ଗୋଛାୟତ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଶିକ୍ଷା ଓ ସେବାର ପାରଦର୍ଶିତା ସଂପର୍କରେ ମତବ୍ୟକ୍ତ କରିଥିଲେ। ମୁକ୍ତି ଇନଷ୍ଟିଚ୍ୟୁଟ ପକ୍ଷରୁ ବିଭିନ୍ନ ବିଭାଗ ରୁ ବିଦାୟୀ ନେଇଥିବା ଓ ନୂତନ ଭାବେ ଆସିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସହିତ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀର୍ଘ ସମୟଧରି ବିଦାୟୀ ଓ ନୂତନ ଭାବେ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଚାଲିଥିଲା। କାର୍ଯ୍ୟକ୍ରମକୁ ଶୁଭଲକ୍ଷ୍ମୀ ବେହେରା, ନିକିତା କାଣ୍ଡି, ସ୍ୱପ୍ନାଞ୍ଜଳି ପ୍ରଧାନ, ସ୍ମୃତି ମଲ୍ଲିକ, ସୁପ୍ରିୟା ପ୍ରଧାନ ଓ ଏମ୍ ଆଦ୍ୟାଶା ପ୍ରମୁଖ ପରିଚାଳନା କରିଥିଲେ।

### ସ୍ୱାଗତ ଓ ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

# ସ୍କୁଟିକୁ ଧକ୍କାଦେଇ ନାଳକୁ ଓଲଟିଲା ଟ୍ରାକ୍ଟର, ୨ ଚାଳକ ଗୁରୁତର

ନିମାପଡ଼ା,୨୮।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ବାମନାଳ ରାସ୍ତାର ଭଣ୍ଡି ଛକ ନିକଟ ଡମ୍ପିଂୟାର୍ଡ ନିକଟରେ ରବିବାର ମଧ୍ୟାହ୍ନରେ ଏକ ସ୍କୁଟି ଗାଡ଼ିକୁ ଧକ୍କାଦେଇ ଏକ ଅଳିଆ ବୋଝେଇ ଟ୍ରାକ୍ଟର ଗାଡ଼ି ଭାରସାମ୍ୟ ହରାଇ ରାସ୍ତକଡ଼ ଖାଲକୁ ଓଲଟି ପଡ଼ିଥିଲା। ଟ୍ରାକ୍ଟର ଚାଳକ ଟ୍ରାକ୍ଟର ତଳେ ଚାପିହୋଇ ପଡ଼ିଥିଲେ। ଖବରପାଇ ସ୍ଥାନୀୟ ଅଗ୍ନିସେବା ସଂସ୍ଥାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରାକ୍ଟର ତଳୁ ଟ୍ରାକ୍ଟର ଚାଳକଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଟ୍ରାକ୍ଟର ଧକ୍କାରେ ସ୍କୁଟି ଆରୋହୀ ଜଣକ ମଧ୍ୟ ଆହତ ହୋଇଛନ୍ତି। ଗୁରୁତର ଟ୍ରାକ୍ଟର ଚାଳକ ଜଣକ ହେଲେ ନିମାପଡ଼ା ଥାନା ଅନ୍ତର୍ଗତ ବିଷ୍ଣୁପୁର ଦେଉଳିସାହି ଗ୍ରାମର ମନମୋହନ ମଲ୍ଲିକ (୫୦) ଓ ଆହାତ ସ୍କୁଟି ଚାଳକ ଜଣଙ୍କ ହେଲେ ସଲଙ୍ଗ ଗ୍ରାମର ସମ୍ବିତ କୁମାର ନାୟକ (୨୧)। ଏହି ଦୁର୍ଘଟଣାରେ ସ୍କୁଟିଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ଏନଏସିର ଅଳିଆ ଆବର୍ଜନା ବୁହା ଟ୍ରାକ୍ଟରଟି ଅଳିଆ ଆବର୍ଜନା ନେଇ ଡମ୍ପିଂୟାର୍ଡରେ ପକାଇବାକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଗୁରୁତର ହୋଇଥିବା ଟ୍ରାକ୍ଟର ଚାଳକଙ୍କ ପ୍ରତି ଏନ୍‌ଏସି କର୍ମଚାରୀମାନେ ଗଭୀର ଦୁଃଖ ପ୍ରକାଶ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ରାସ୍ତା ଉପରେ ଜଳିଗଲା ଚଳନ୍ତା କାର୍

ବ୍ରହ୍ମଗିରି,୨୮।୧୨(ସ୍ୱାଧୀନ ଚମ୍ପତିରାୟ)



ପୁରୀ-ସାତପଡ଼ା ଜାତୀୟ ରାଜପଥର ପଣସପଦା ଲେଙ୍କାସାହିଠାରେ ଏକ ଚଳନ୍ତା କାର ରାସ୍ତା ଉପରେ ଜଳିଯାଇଛି। ସୂଚନାଯୋଗ୍ୟ, ସାତପଡ଼ାରୁ ପୁରୀ ଅଭିମୁଖେ ଆସୁଥିବା ଏକ କାର୍(ଓଡି ୧୯ ଭି-୯୬୧୯)ରୁ ହଠାତ୍ ପଣସପଦା ନିକଟ ଲେଙ୍କାସାହିଠାରେ ନିଆଁ ବାହାରିଥିବା ଦେଖିବାକୁ ମିଳିଥିଲା। ଉକ୍ତ ସ୍ଥାନରେ ଡ୍ରାଇଭର ଗାଡ଼ି ରଖିବା ପରେ ସେଥିରେ ବସିଥିବା ସମସ୍ତ ଯାତ୍ରୀ ଜୀବନ ରକ୍ଷା ପାଇଁ ଗାଡ଼ି ଛାଡ଼ି ପଳାଇଥିଲେ । ସଂପୃକ୍ତ ଗାଡିଟି ସିଏନ୍‌ଜି ଗ୍ୟାସ୍‌ରେ ଚାଲୁଥିବାରୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇ ନ ଥିଲା । ଘଟଣା ଘଟିଥିବା ସ୍ଥାନରେ ଥିବା ଏକ ପେଟ୍ରୋଲ ପମ୍ପରୁ ଡ୍ରାଇଭର ଏବିସି ନେଇ ସ୍ପ୍ରେ କରିଥିଲେ। ପରେ ବ୍ରହ୍ମଗିରି ଅଗ୍ନିସେବା ସଂସ୍ଥା ଘଟଣାସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲା। କିନ୍ତୁ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି।

# ୨୪ତମ ଲଙ୍କେଶ୍ୱରୀ କପ୍: ଫାଇନାଲ୍‌ରେ ସିଜିୟୁ ନାଇଜେରିଆ



ବଳଙ୍ଗା,୨୮।୧୨ (କେଦାରେଶ୍ୱର ନନ୍ଦ)

ରାଜ୍ୟସ୍ତରୀୟ ୨୪ତମ ଲଙ୍କେଶ୍ୱରୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଇନ୍ଦିପୁରୁ, ଜଗତ୍‌ସିଂହପୁର ଓ ସି ଜି ୟୁ ନାଇଜେରିଆ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସେମିଫାଇନାଲ ମ୍ୟାଚରେ ସିଜିୟୁ ନାଇଜେରିଆ ୨-୧ ଗୋଲରେ ଇନ୍ଦିପୁର ଜଗତ୍‌ସିଂହପୁରକୁ ହରାଇ ଫାଇନାଲ୍‌ରେ ପ୍ରବେଶ କରିଛି। ଖେଳକୁ ପରିଚାଳନା କରିଥିଲେ ଜ୍ୟୋତିରଞ୍ଜନ ସ୍ୱାଇଁ, ସୁନୀଲ ହେମ୍ବ୍ରମ, ସମର ବରାଳ, ସୁଶାନ୍ତ କୁମାର ରାଉତ ଓ ସୁଦୀପ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ। ଲଙ୍କେଶ୍ୱରୀ ଫୁଟ୍‌ବଲ କ୍ଲବର ସଭାପତି କୃପାସିନ୍ଧୁ ଦତ୍ତଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅତିଥି ଭାବେ ହୋମିଓପାଥି ଚିକିତ୍ସକ ନେତ୍ରାନନ୍ଦ ଭୋଇ, ସାମାଜିକ କର୍ମୀ ଶ୍ରୀକାନ୍ତ ପଟ୍ଟନାୟକ, ଗୋବିନ୍ଦ ରଥ, ପ୍ରଦୀପ ରାଉତରାୟ, ସମିତି ସଭ୍ୟ ପ୍ରକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ୟାଭିତ୍ତିକ କାର୍ଯ୍ୟକ୍ରମ ପାଇଁ ସଂକଳ୍ପ ନେଇ ଆଲୋଚନାଚକ୍ର

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ, ପୁରୀ, ଓଡ଼ିଶା ଆନୁକୂଲ୍ୟରେ ସଙ୍ଗୀତ ପରିଷଦ ପରିସରରେ ରବିବାର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ୨୦୨୫କୁ ବିଦାୟ ଦେଇ ଗତବର୍ଷଗୁଡ଼ିକରେ ହୋଇଥିବା ଅନେକ ସ୍ମୃତିକୁ ମନେପକାଇ ଇଂରାଜୀ ନବବର୍ଷ ୨୦୨୬ରେ ବ୍ୟାପକ ଭାବେ ବୃକ୍ଷରୋପଣଠାରୁ ଆରମ୍ଭକରି ଯୋଗ, ଶ୍ରୀଜଗନ୍ନାଥ ସଂସ୍କୃତିଭିତ୍ତିକ ଆଲୋଚନାଚକ୍ର, କବିତା ପାଠଚକ୍ର ଓ ସମାଜକୁ ମାର୍ଗଦର୍ଶନ ଦେଉଥିବା ବିଭିନ୍ନ ସମସ୍ୟାଭିତ୍ତିକ କାର୍ଯ୍ୟକ୍ରମକୁ ଆଗେଇନେବା ପାଇଁ ଏକ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି।

ଆଲୋଚନାଚକ୍ରରେ ପ୍ରଫେସର ଡ. ଅଭିମନ୍ୟୁ ଭୂୟାଁ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ବରିଷ୍ଠ ଅଧିବକ୍ତା ରଚିତା ରାଉତରାୟ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଗୋଲକ ଚନ୍ଦ୍ର ଜେନା ଉପସ୍ଥିତ ରହି ନୂଆବର୍ଷର କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ।

# ସେମିରେ ଆଲ୍‌ଫା ସ୍ପୋର୍ଟିଂ, ବ୍ରହ୍ମପୁର

### ରାଜ୍ୟସ୍ତରୀୟ ମଙ୍ଗଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଅସ୍ତରଙ୍ଗ/କାକଟପୁର,୨୮।୧୨(ମମତା ସାହୁ/ପ୍ରଦୀପ୍ତ ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

କାକଟପୁର ମିନି ଷ୍ଟାଡିୟମରେ ୩୬ତମ ରାଜ୍ୟସ୍ତରୀୟ ମଙ୍ଗଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ପ୍ରଥମେ ମଙ୍ଗଳା କ୍ରିକେଟ କ୍ଲବ ଟସ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଇ ଆଲଫା ସ୍ପୋର୍ଟିଂକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୫ ଓଭରରେ ମାତ୍ର ୧୭୪ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସୌମ୍ୟ ବିଶ୍ୱାଳ ୫୨ ବଲ ଖେଳି ୬୨ ରନ ଓ ପିଣ୍ଟୁ ମହାରଣା ୯ ବଲ ଖେଳି ୨୨ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ମଙ୍ଗଳା କ୍ରିକେଟ କ୍ଲବ, କାକଟପୁର ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଗିରିଜା ବାରିକ ୨୫ ବଲ୍‌ରେ ୨୭ର ନ ଶୁଭମ ନାୟକ ୨୪ ବଲରେ ୨୭ ରନ୍ ସଂଗ୍ରହ କରିଥିଲେ। ଆଲଫା ସ୍ପୋର୍ଟିଂ ପକ୍ଷରୁ ପିଣ୍ଟୁ ମହାରଣା ଦୁଇ ଓଭର ବୋଲିଂ କରି ୪ ରନ୍ ଦେଇ ୨ ଉଇକେଟ ସଂଗ୍ରହ କରିଥିଲେ। ଏହି ମ୍ୟାଚର ବିଜୟୀ ଇଂନିସ ପାଇଁ ଆଲଫା ସ୍ପୋର୍ଟିଙ୍ଗର ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ମଙ୍ଗଳା ଆସୋସିଏଶନର ମେମ୍ବର ସରୋଜ ସାମଲ ଏବଂ ଉପଦେଷ୍ଟା ପ୍ରେମାନନ୍ଦ ଗୋଛାୟତ, ରାକେଶ ପଟନାୟକ ପୁରସ୍କାର ପ୍ରଦାନ କରିଥିବାବେଳେ ମ୍ୟାଚକୁ ଓଡିଶା ଆଥଲେଟିକ ଆସୋସିଏଶନର ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ସତ୍ୟସାଗର ଦାଶ ଓ ପ୍ରମୋଦ ସିହ୍ନା ପରିଚାଳନା କରିଥିଲେ। ଭବାନୀ ଶଙ୍କର ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ଆସୋସିଏଶନର ସମ୍ପାଦକ ଶୁଭ୍ରାଂଶୁ ଦୀକ୍ଷିତ, ତପନ ଦୀକ୍ଷିତ, ରଶ୍ମିରଞ୍ଜନ ମହାନ୍ତି, ଅକ୍ଷୟ ପ୍ରସାଦ ମହାନ୍ତି, ସଞ୍ଜୟ ସାମଲ, ସୁଶାନ୍ତ ଦାଶ, ଶ୍ୟାମଲାଲ ରଣା, ପିଚ୍ କ୍ୟୁରେଟର ଧୀରେନ୍ଦ୍ର କୁମାର ଚାନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

# ସୂର୍ଯ୍ୟମନ୍ଦିର, ରାମଚଣ୍ଡୀରେ ଲକ୍ଷାଧିକ ପର୍ଯ୍ୟଟକଙ୍କ ସମାଗମ

### ବଣଭୋଜିର ମଜା ନେଉଛନ୍ତି ପର୍ଯ୍ୟଟକ ଓ ଜନତା

କୋଣାର୍କ,୨୮।୧୨(ଜ୍ୟୋତିରାଜ ମହାନ୍ତି)

୨୦୨୫ ମସିହା ଡିସେମ୍ବର ଶେଷ ରବିବାର ଅବସରରେ ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସ୍ଥିତ ସୂର୍ଯ୍ୟମନ୍ଦିର ଓ ପ୍ରସିଦ୍ଧ ଶକ୍ତିପୀଠ ରାମଚଣ୍ଡୀ ପୀଠରେ ଲକ୍ଷାଧିକ ପର୍ଯ୍ୟଟକ ଓ ଜନସାଧାରଣଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ୨୦୨୫ ଡିସେମ୍ବର ଶେଷ ରବିବାର ବିଶ୍ୱପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଲୋକାରଣ୍ୟ ହୋଇଛି। ନବବର୍ଷର ଅବ୍ୟବହିତ ପୂର୍ବରୁ ୨୦୨୫ ମସିହାର ଶେଷ ରବିବାର ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଦେଶବିଦେଶରୁ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ପାଇଁ ପର୍ଯ୍ୟଟକ ଓ ଜନସାଧାରଣଙ୍କ ନିମନ୍ତେ ଅସ୍ଥାୟୀ ବ୍ୟାରିକେଡ୍ ମାଧ୍ୟମରେ ଧାଡ଼ିରେ ଶୃଙ୍ଖଳିତ ଭାବେ ମନ୍ଦିର ପରିଦର୍ଶନର ସମସ୍ତ ପ୍ରକାରର ବନ୍ଦୋବସ୍ତ କରାଯାଇଛି। ଶେଷ ରବିବାର ଅବସରରେ ପର୍ଯ୍ୟଟକ ଓ ଜନସାଧାରଣଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଅନୁରୂପ ଭାବେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ଓ ଶକ୍ତିପୀଠ ରାମଚଣ୍ଡୀ ଠାରେ ପର୍ଯ୍ୟଟକଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପର୍ଯ୍ୟଟକମାନେ ନାଚଗୀତରେ ମସ୍‌ଗୁଲ ହୋଇ ବଣଭୋଜିର ମଜା ଉଠାଉଥିବା ଦେଖିବାକୁ ମିଳିଛି। ରାମଚଣ୍ଡୀ ପୀଠରେ ପର୍ଯ୍ୟଟକ ଓ ଜନସାଧାରଣ ମା' ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା କରିବା ସହ ବଣଭୋଜି କରି ଖୁସି ମନାଉଛନ୍ତି। ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ପୀଠରେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୋଲିସ ମୁତୟନ କରାଯାଇ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।



ରାମଚଣ୍ଡୀ ପୀଠରେ ପର୍ଯ୍ୟଟକମାନେ ଭୋଜିର ଆସର ଜମାଇଛନ୍ତି ।

# ପୋଲିସ ଗାଡ଼ିରେ ନାହିଁ ପିୟୁସି ସାର୍ଟିଫିକେଟ

- ଯୁଆଡ଼େ ଗଲେ ବି କଟୁନି ଚାଲାଣ
- ଲୋକଙ୍କ ନିଦ ହଜାଇଛି ପ୍ରଦୂଷଣ ସାର୍ଟିଫିକେଟ
- ସରକାରଙ୍କ ଗାଇଡ୍ ଲାଇନ୍ ଦେଖିବାକୁ ପଡ଼ିବ: ଡିସିପି
- ଆମେ ଡିସିପିଙ୍କୁ କରିବା ପାଇଁ କହିବୁ:ଆରଟିଓ




ବୈଧ ପିୟୁସି ସାର୍ଟିଫିକେଟ ନଥିବା ପିସିଆର ଭ୍ୟାନ।




ସାର୍ଟିଫିକେଟ ନଥିବା ସମ୍ବନ୍ଧୀୟ ସ୍କ୍ରିନ୍ ସଟ୍।

ଭୁବନେଶ୍ୱର,୨୮।୧୨(ତ୍ରିନାଥ ମହାନ୍ତି)

ଆଇନ ସମସ୍ତଙ୍କ ପାଇଁ ସମାନ। ସେ ଅଧିକାରୀ ହୁଅନ୍ତୁ ବା ସାଧାରଣ ଲୋକ। ଏବେ ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ(ପିୟୁସି) ସାର୍ଟିଫିକେଟ ସବୁ ଗାଡ଼ି ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରି କି ଯେଉଁ ଗାଡ଼ିର ପିୟୁସି ସାର୍ଟିଫିକେଟ ନାହିଁ ସେଗୁଡ଼ିକର ୧୦ହଜାର ଟଙ୍କାର ଚାଲାଣ କଟୁଛି। ଏମିତି ବହୁ ସାଧାରଣ ଲୋକଙ୍କ ଚାଲାଣ କଟି ସେମାନେ ଅର୍ଥ ଦଣ୍ଡରେ ଦଣ୍ଡିତ ହେଉଛନ୍ତି। ଏପରି କି ପିୟୁସି ସାର୍ଟିଫିକେଟ ପାଇଁ ଲୋକମାନେ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ହେଲେ ପୋଲିସ ଗାଡ଼ି ପାଇଁ ଏହି ନିୟମ ଯେପରି କିଛି କାମ କଲା ଭଳି ମନେହେଉନି। କାରଣ କମିଶନରେଟ୍ ପୋଲିସରେ ଗଡୁଥିବା ଅଧିକାଂଶ ଗାଡ଼ିର ପିୟୁସି ସାର୍ଟିଫିକେଟ୍ ନାହିଁ। ଅନେକ ଗାଡ଼ି ବହୁତ ପୁରୁଣା ହୋଇଥିବାବେଳେ ସେଥିରୁ ପରିବେଶ ପ୍ରଦୂଷଣ କଲାଭଳି ଧୂଆଁ ବାହାରୁଥିଲେ ସୁଦ୍ଧା କୌଣସି ଚାଲାଣ କିମ୍ବା କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଜଣାପଡ଼ିଛି। ପୋଲିସ ବିଭାଗ ଗାଡ଼ି ପାଇଁ ଏଭଳି ବିଚିତ୍ର ନୀତିକୁ ସାଧାରଣରେ ନାପସନ୍ଦ କରାଯାଇଛି।

ପ୍ରକାଶ ଯେ, ବିଭିନ୍ନ ଥାନା ଗାଡ଼ି ଏବଂ ପିସିଆର ଭ୍ୟାନରେ ଏହି ପ୍ରଦୂଷଣ ସାର୍ଟିଫିକେଟ୍ ନାହିଁ। ଏହି ସବୁ ଗାଡି ଟୋଲ୍‌ଗେଟ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ଗଡୁଥିଲେ ସୁଦ୍ଧା ସେମାନଙ୍କ ପଲ୍ୟୁଶନ ପାଇଁ ଚାଲାଣ ଆସୁନି। କିନ୍ତୁ ସାଧାରଣ ଲୋକଙ୍କ ଗାଡିରେ ପଲ୍ୟୁଶନ ସାର୍ଟିଫିକେଟ୍ ନ ଥିଲେ ସଙ୍ଗେ ସଙ୍ଗେ ଚାଲାଣ ଆସୁଛି। ନିୟମ ଯଦି ସମସ୍ତଙ୍କ ପାଇଁ ସମାନ, ସେଥିରୁ କ'ଣ ପାଇଁ ପୋଲିସ ଗାଡ଼ି ବାଦ୍ ପଡୁଛି ବୋଲି ପ୍ରଶ୍ନ ଉଠୁଛି। ଓଡି୦୫-ଜେଡ୍-୬୮୩୧ ନମ୍ବର ବିଶିଷ୍ଟ ପିସିଆର୍ ଭ୍ୟାନକୁ ଏଠାରେ ଏକ ଉଦାହରଣ ଭାବେ ନିଆଯାଇପାରେ। ଏହାର ପିୟୁସି ସାର୍ଟିଫିକେଟର ଅବଧି ୨୦୨୦ରୁ ଶେଷ ହୋଇଯାଇଥିଲେ ସୁଦ୍ଧା ଏହାକୁ ୨୦୨୫ ଡିସେମ୍ବର ୨୭ତାରିଖ ପର୍ଯ୍ୟନ୍ତ ନବୀକରଣ କରାଯାଇ ନାହିଁ। ତଥାପି ଏହି ଗାଡ଼ି ବିରୋଧରେ କୌଣସି ଚାଲାଣ କଟି ନ ଥିବା ଜଣାପଡ଼ିଛି। ପୋଲିସ ଗାଡ଼ି ପାଇଁ କାହିଁକି ଏଭଳି ନିୟମ ବୋଲି ଭୁବନେଶ୍ୱରର ରାମଚନ୍ଦ୍ର ବାରିକ ନାମକ ଜଣେ ବ୍ୟକ୍ତି ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ, ପରିବହନ ବିଭାଗ ପଲ୍ୟୁଶନ ନିୟନ୍ତ୍ରଣ ସାର୍ଟିଫିକେଟ ନ ଥିଲେ ପେଟ୍ରୋଲ ଟାଙ୍କିରେ ତେଲ ମିଳିବ ନାହିଁ ବୋଲି କହିବା ପରେ ଲୋକଙ୍କ ନିଦ ହଜିଯାଇଛି। ରାତି ନ ପାହୁଣୁ ପ୍ରଦୂଷଣ ସାର୍ଟିଫିକେଟ କେନ୍ଦ୍ର ପାଖେ ଲାଗୁଛି ଲମ୍ବା ଲାଇନ। ତାସହ ପୂର୍ବ ବକେୟା ଫାଇନ ପଇଠ ଲାଗି ବି ଟ୍ରାଫିକ୍ ଥାନା ଆଗରେ ଭିଡ଼ ଜମୁଛି। କାରଣ ଜରିମାନା ଥିଲେ, ପିୟୁସି ସାର୍ଟିଫିକେଟ ମିଳୁ ନାହିଁ। ଯଦିଓ ସରକାର ପିୟୁସି ସାର୍ଟିଫିକେଟକୁ ୨୦୨୬ ଫେବୃଆରୀ ୧ ପର୍ଯ୍ୟନ୍ତ କୋହଳ କରିଛନ୍ତି, ତଥାପି ଲୋକମାନେ ଗାଡ଼ି ବାହାର କରିବାକୁ ଭୟ କରୁଛନ୍ତି। ହେଲେ ପୋଲିସ ଗାଡ଼ି ବିନା ପିୟୁସି ସାର୍ଟିଫିକେଟରେ ମନଇଚ୍ଛା ଯାତାୟାତ କରୁଛି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ। ସରକାରଙ୍କ ଗାଇଡ୍‌ଲାଇନ୍ ଦେଖିବାକୁ ପଡ଼ିବ। ଯଦି ପୋଲିସ ଗାଡ଼ିରେ ପଲ୍ୟୁଶନ କରିବାକୁ ନିୟମ ଥିବ, ତେବେ ନିହାତି କରାଯିବ ବୋଲି ମୀନା କହିଛନ୍ତି। ଏନେଇ ଆରଟିଓ-୧ ମାନସ ରଞ୍ଜନ ମିଶ୍ର କହିଛନ୍ତି, ମୋଟର ଯାନ ନିୟମ ଅନୁସାରେ ପୋଲିସ ଗାଡ଼ି ହେଲେ ବି ପଲ୍ୟୁଶନ ସାର୍ଟିଫିକେଟ୍ କରିବା ଜରୁରୀ। ସେଥିରୁ ବି ପରିବେଶ ପ୍ରଦୂଷଣ ଧୂଆଁ ବାହାରୁଛି। ଏନେଇ ଆମେ ଡିସିପିଙ୍କ ସହ ଆଲୋଚନା କରି ପଲ୍ୟୁଶନ ସାର୍ଟିଫିକେଟ୍ କରିବାକୁ କହିବୁ ବୋଲି ମିଶ୍ର କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ପ୍ରଭଞ୍ଜନ



@ ପ୍ରମୋଦ



@ କୃଷ୍ଣ



@ ରମାକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଐତିହ୍ୟ ଗ୍ରାମ ରଘୁରାଜପୁର ବୁଲି ଦେଖିଲେ ମୁଖ୍ୟ ନିର୍ବାଚନ କମିଶନର



ରଘୁରାଜପୁରରେ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଜିଲାପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

ପୁରୀ,୨୮।୧୨(ଅଜିତ୍ କୁମାର ମହାନ୍ତି)

ପୁରୀର ଐତିହ୍ୟ କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ଅଭିଭୂତ ହୋଇଛନ୍ତି ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର। ରବିବାର ପୂର୍ବାହ୍ନରେ କମିଶନର ଜ୍ଞାନେଶ କୁମାର ଓ ତାଙ୍କ ପରିବାର ରଘୁରାଜପୁର ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱାଗତ କରିଥିଲେ। ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ସନ୍ଥଗୋପାଳନ, ଜିଲାପାଳ ପରିଡ଼ା କମିଶନରଙ୍କୁ ରଘୁରାଜପୁରର କଳାକୃତିକୁ ବୁଲାଇ ଦେଖାଇଥିଲେ। କମିଶନର ପ୍ରତ୍ୟେକ ଘରେ କଳାକୃତି ଦେଖି ବିସ୍ମିତ ହେବା ସହ ଆନନ୍ଦ ପ୍ରକାଶ କରିଥିଲେ। ଶିଳ୍ପୀମାନଙ୍କ ସହ ବାର୍ତ୍ତାଳାପ କରି ପଟ୍ଟଚିତ୍ରର ପ୍ରସ୍ତୁତି ପ୍ରଣାଳୀ, ପ୍ରସ୍ତୁତ ହୋଇଥିବା ଚିତ୍ରର ବିଷୟବସ୍ତୁ ସମ୍ପର୍କରେ ପଚାରି ବୁଝିଥିଲେ। ରଘୁରାଜପୁରର କଳାକୃତି ଓ ଗୋଟିପୁଅ ନୃତ୍ୟ ଦେଖି ଅତ୍ୟନ୍ତ ଖୁସି ଓ ଓଡ଼ିଶା ଭଳି ଏକ ପ୍ରାଚୀନ ରାଜ୍ୟରେ ଏଭଳି ପାରମ୍ପରିକ କଳାକୁ ପ୍ରାଧାନ୍ୟ ଅତ୍ୟନ୍ତ ଆନନ୍ଦର କଥା ବୋଲି କହିବା ସହ ସମସ୍ତ ଶିଳ୍ପୀ ଓ କଳାକାର ନମସ୍ୟ ବୋଲି କହିଥିଲେ। ଏହିଭଳି ସୁନ୍ଦର କଳାକୁ ଭାରତର ଜନସାଧାରଣ ଦେଖିବାକୁ ଓ କଳାକାରଙ୍କୁ ଉତ୍ସାହିତ କରିବାକୁ କମିଶନର ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରତୀକ ସିଂ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ସଚିବ ଗୋପୀନାଥ କୁଅଁର, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅନାମିକା ସିଂ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ସୌମ୍ୟ ରଞ୍ଜନ ମଲ୍ଲିକ, ସଦର ବିଡିଓ ସମ୍ବିତ ଶତପଥୀ, ତହସିଲ୍‌ଦାର ଅଭିଷେକ ଦାଶ ଓ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦେବାଶିଷଙ୍କ ଫାର୍ମ ହାଉସରେ ନେତାଙ୍କ ମେଳି

କଟକ,୨୮।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟଙ୍କ କଟକ ତେଲେଙ୍ଗାପେଣ୍ଠ ଅଞ୍ଚଳରେ ଥିବା ଫାର୍ମ ହାଉସରେ ବିଜେଡି ନେତାଙ୍କ ମେଳି ହୋଇଥିବା ଜଣାପଡ଼ିଛି। ରବିବାର ଏହି ମେଳିରେ ବିଜେଡିର ବହୁ ବରିଷ୍ଠ ଓ କନିଷ୍ଠ ନେତା ଏକଜୁଟ ହୋଇଥିଲେ। ଏଥିରେ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ବିତ ରାଉତରାୟ, ଅଂଶୁମାନ ମହାନ୍ତି, ବିଷ୍ଣୁବ୍ରତ ରାଉତରାୟ, ଚନ୍ଦ୍ରସାରଥି ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ରୁଦ୍ର ମହାରଥୀଙ୍କ ସମେତ ଅନ୍ୟ କେତେଜଣ ନେତା ମଧ୍ୟ ସାମିଲ ଥିଲେ। ତେବେ ବନ୍ଧୁମିଳନ ଆଳରେ ନେତାଙ୍କ ଏଭଳି ଏକଜୁଟ ହେବା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସେହିପରି ଗତ ୧୯ ତାରିଖରେ ବିଜେଡିର କେତେଜଣ ନେତା ବା ଅନ୍ୟ ଗୋଷ୍ଠୀ ଏକଜୁଟ ହୋଇଥିବାବେଳେ ଏବେ ଦେବାଶିଷଙ୍କ ଫାର୍ମ ହାଉସରେ ଏଭଳି ବନ୍ଧୁମିଳନ ଦଳ କନ୍ଦଳକୁ ପଦାରେ ପକାଇ ଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଦେବାଶିଷ କହିଛନ୍ତି, ଫାର୍ମ ହାଉସରେ ଏହା ପ୍ରଥମ ବନ୍ଧୁମିଳନ ନୁହେଁ। ଏହା ପୂର୍ବରୁ ବହୁ ବନ୍ଧୁମିଳନ ହୋଇଛି। ବିଜେଡିର ଆମେ ଗୋଟେ ଗୋଷ୍ଠୀ ଅଛୁ ଯେ କି ଅସନ୍ତୁଷ୍ଟ ଅଛୁ। ହେଲେ ଦଳ ବିରୋଧରେ ଯାଇ ନାହୁଁ କି ଯିବୁ ମଧ୍ୟ ନାହୁଁ। ଭବିଷ୍ୟତରେ କ'ଣ କଲେ ଭଲ ହେବ ସେ ବିଷୟରେ ଆମେ ଆଲୋଚନା କରିଛୁ। ରାଜନୈତିକ ବନ୍ଧୁତା ମଧ୍ୟ ରହିଥାଏ, ସେଥିରେ ରାଜନୀତିକୁ ନେଇ ଆଲୋଚନା ବି କରାଯାଏ ନାହିଁ। ରବିବାରର ବୈଠକ ରାଜନୈତିକ ବୈଠକ ଆଦୌ ନୁହେଁ। ଦଳର କର୍ମୀ ଓ ନେତାଙ୍କୁ ନେଇ କିଭଳି କାମ କରାଯିବ ବୈଠକର କେବଳ ତାହା ଲକ୍ଷ୍ୟ ଥିଲା। ଯଦି ମୁଁ ରାଜନୀତିରୁ ସନ୍ନ୍ୟାସ ନେବି ତେବେ ଏଭଳି ବୈଠକ କରିବିନି। ଏବେ ତ ସମସ୍ତେ ଦେଖୁଥିବେ ଯେ ସନ୍ନ୍ୟାସ ନେଇଥିବା ବ୍ୟକ୍ତି ତାଙ୍କର ନିଷ୍ପତ୍ତିରେ କ'ଣ ହେଉଛି ବୋଲି ସାମନ୍ତରାୟ କହିଛନ୍ତି।



ତେଲେଙ୍ଗାପେଣ୍ଠସ୍ଥିତ ଦେବାଶିଷଙ୍କ ଫାର୍ମ ହାଉସରେ ଏକଜୁଟ ହୋଇଥିବା ନେତା।

## ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ତୃତୀୟ ଦିବସ

# ନୃତ୍ୟରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଉଜ୍ଜୀବିତ କଲେ ସଙ୍ଗୀତା



ଗୁରୁ ସଙ୍ଗୀତା ଦାଶ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୮।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବର ରବିବାର ଥିଲା ତୃତୀୟ ଦିବସ। ଏହି ଅବସରରେ ସନ୍ଧ୍ୟାରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଓଡ଼ିଶୀ ନୃତ୍ୟର ତାଳେ ତାଳେ ଉଜ୍ଜୀବିତ କରିଥିଲେ ପ୍ରଖ୍ୟାତ ନୃତ୍ୟଶିଳ୍ପୀ ଗୁରୁ ସଙ୍ଗୀତା ଦାଶ। ଓଡ଼ିଶୀ ଅଭିନୟ 'କେତେ ଛନ୍ଦ ଜାଣେ ଲୋ ସହି'ରେ ଶ୍ରୀକୃଷ୍ଣଙ୍କ ବାଲ୍ୟକାଳ ଲୀଳା ସମୂହରେ ପୁତନା ବଦ୍ଧ, ଗୋବର୍ଦ୍ଧନ ପର୍ବତ ଧାରଣ, କାଳିଆ ଦଳନ, ମା' ଯଶୋଦାଙ୍କ ଶ୍ରୀକୃଷ୍ଣଙ୍କ ପ୍ରତି ରହିଥିବା ବାତ୍ସଲ୍ୟ ମମତାକୁ ଓଡ଼ିଶୀର ଭଙ୍ଗୀରେ ପ୍ରଦର୍ଶିତ କରିଥିଲେ ସଙ୍ଗୀତା। ଏହି ପରିବେଷଣରେ ଭକ୍ତିର ଭାବରେ ବିଭୋର ହୋଇଥିଲେ ଦର୍ଶକ। ସେହିପରି ଗଡ୍ ମେକର ଡ୍ୟାନ୍ସ ଏକାଡେମୀର ଶିଳ୍ପୀଙ୍କ ଦ୍ୱାରା ଦଳଗତ ଓ ନୃତ୍ୟାଭିନୟ ମଙ୍ଗଳାଚରଣ 'ନୀଳଦ୍ରୌ ଶଙ୍ଖ ମଧେ ଶତଦଳ କମଳେ' ପରିବେଷଣ ହୋଇଥିଲା। ପରେ ଓଡ଼ିଶୀ ଏକକ ନୃତ୍ୟ ପର୍ଯ୍ୟାୟରେ ଇଶାନି ମିଶ୍ରଙ୍କ ଅଭିନୟରେ ରାଧାରାଣୀ ସଙ୍ଗେ ନାଚେ ମୁରଲୀ ପାଣି, ହିମାନୀ ସାରଥୀଙ୍କ ସାବେରୀ ପଲ୍ଲବୀ ଓ ଶୁଭଶ୍ରୀ ଶୁଭସ୍ମିତା ମହାପାତ୍ରଙ୍କ ଦରବାରୀ ପଲ୍ଲବୀ ପରିବେଷଣ ସମସ୍ତ ମନ ମୋହିଥିଲା। ଓଡ଼ିଶୀ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ତେଜସ୍ୱିନୀ ବାରିକ ଏବଂ ରିଷିତା ପାତ୍ରଙ୍କ ମଙ୍ଗଳାଚରଣ ତାରା ତାରିଣୀ, ଏକକ ନୃତ୍ୟରେ ଆଦ୍ୟାଶା ଅନିନ୍ଦିତାଙ୍କ ଓଡ଼ିଶୀ ଅଭିନୟ, ଅଜୟ ଗଙ୍ଗାଧର ଶେଣ୍ଡେଙ୍କ ପଲ୍ଲବୀ, ପ୍ରଚେତୀ ହେମନ୍ତ ଡାଙ୍ଗେଙ୍କ ଅଭିନୟ ପ୍ରାଣ ସଙ୍ଗିନୀ, ଦଳଗତ ନୃତ୍ୟରେ ଶ୍ରୀ ବିଦ୍ୟା ସଙ୍ଗୀତ ଓ କଳା ପ୍ରତିଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ଦଶ ମହାବିଦ୍ୟା ପରିବେଷିତ ହୋଇଥିଲା। ସେହିପରି ମୁମ୍ବାଇରୁ ଆସିଥିବା ସ୍ମିତାଳୟର ଶିଳ୍ପୀଙ୍କ ଦ୍ୱାରା ଅଭିନୟ ଦୁର୍ଗାସ୍ତୁତି ଭିନ୍ନ ପରିବେଶ ସୃଷ୍ଟି କରିଥିଲା। ପରେ ଦ୍ୱୈତ ନୃତ୍ୟ ପର୍ଯ୍ୟାୟରେ ସାଇ ଦୀପା ଦାସ ଓ ଶୁଭଶ୍ରୀ ରାୟଙ୍କ ଶିବାଷ୍ଟକ, ଏକକ ନୃତ୍ୟରେ ସୁବ୍ରତା ପଣ୍ଡାଙ୍କ ଅଷ୍ଟପଦୀ, ଦ୍ୱୈତ ନୃତ୍ୟରେ ଅଦ୍ରିକା ଚଟ୍ଟୋପାଧ୍ୟାୟ ଓ ପ୍ରିୟଙ୍କା ଘୋଷଙ୍କ କସ୍ତୁରୀ ତିଳକ ଲଲାଟ ପଟଳେ, ଏକକ ନୃତ୍ୟରେ ମୌମିତ ବାସ ଘୋଷଙ୍କ ଛାୟାପଟ ପଲ୍ଲବୀ, ଦ୍ୱୈତ ନୃତ୍ୟଶିଳ୍ପୀ ସମ୍ପୂର୍ଣ୍ଣ ଇନ୍ଦୁ ପାଣି ଓ ସଞ୍ଜନା ଗୌଡଙ୍କ ଶ୍ୟାମ ଶିଖଣ୍ଡ ଚୂଳ, ଏକକ ନୃତ୍ୟରେ ଜର୍ମାନୀର ଡକ୍ଟର ଅନୀଶ ରାଘବନଙ୍କ ବିଲହାରୀ ପଲ୍ଲବୀ, କଲ୍ଲୋଦୀପ ଅନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ନୃତ୍ୟାଭିନୟ ଶିବତାଣ୍ଡବ, ଶ୍ରୀଦତ୍ତ ଭୋଳଙ୍କ ଏକକ ନୃତ୍ୟ ଏବଂ ଅଞ୍ଜଳି ଦାଶ ଓ ଲୋପାମୁଦ୍ରା ସାହୁଙ୍କ ଦ୍ୱୈତ ନୃତ୍ୟ ପରିବେଷିତ ହୋଇଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଦୁର୍ଗାଚରଣ ରଣବୀର, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଇଲିଆନା ଚିତାରିସ୍ତି ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଗଡ୍ ମେକର ଡ୍ୟାନ୍ସ ଏକାଡେମୀର ଶିଳ୍ପୀଙ୍କ ଦଳଗତ ନୃତ୍ୟ ପରିବେଷଣ। (ଫଟୋ: ବିକାଶ ନାୟକ)

# ଆହୁରି ୩ଦିନ ଶୀତ

ଭୁବନେଶ୍ୱର,୨୮।୧୨
(ଅନୁରାଧା ମହାରଣା)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହିବାକୁ ଥିବାବେଳେ ବିଭିନ୍ନ ଜିଲାରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିବ। କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ, ଖୋର୍ଦ୍ଧା, ସମ୍ବଲପୁର, କଟକ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ ଓ ଯାଜପୁର ଆଦି ଜିଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି। ଘନ କୁହୁଡ଼ି ପାଇଁ କେତେକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ନୟାଗଡ଼ ଆଦି ରହିଛି।

# ଜେଲେନ୍‌ସ୍କିଙ୍କ ସହ ବୈଠକ ପୂର୍ବରୁ ପୁଟିନ୍‌ଙ୍କ ସହ କଥା ହେଲେ ଟ୍ରମ୍ପ୍

ୱାଶିଂଟନ,୨୮।୧୨

ଆମେରିକା ରାଷ୍ଟ୍ରପତି ଫ୍ଲୋରିଡାରେ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ରବିବାର ବୈଠକ କରିବା ପୂର୍ବରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ଫୋନ୍ ଯୋଗେ କଥା ହୋଇଛନ୍ତି। କଥାବାର୍ତ୍ତା ଭଲ ଓ ଫଳପ୍ରଦ ହୋଇଥିବା ଟ୍ରମ୍ପ୍ ତାଙ୍କ ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ୍ ଉଦ୍ୟମ ଚଳାଇଥିବାବେଳେ ଜେଲେନ୍‌ସ୍କିଙ୍କ ୨୦ ସୂତ୍ରୀ ଶାନ୍ତି ଚୁକ୍ତି ପ୍ରସ୍ତାବ ଆଲୋଚନାରେ ସ୍ଥାନ ପାଇବ।

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୪ ବର୍ଷ ପୂରିବାକୁ ଯାଉଥିବାବେଳେ ଏହାର ପରିସମାପ୍ତି ପାଇଁ ଉଦ୍ୟମ ଜାରି ରହିଛି। ତେବେ ମସ୍କୋ ୟୁକ୍ରେନ୍‌ରେ ଏହାର ସମସ୍ତ ଲକ୍ଷ୍ୟ ଜବରଦସ୍ତ ହାସଲ କରିବ ବୋଲି ପୁଟିନ୍ ଦିନକ ପୂର୍ବରୁ କହିଥିବାରୁ ଯୁଦ୍ଧ ଅବସାନ ପାଇଁ ସେ ଚାହୁଁ ନ ଥିବା ଜଣାପଡୁଛି। ପୁଟିନ୍ କହିଛନ୍ତି, କିଭ୍ କର୍ତ୍ତୃପକ୍ଷ ଯଦି ଘଟଣାର ଶାନ୍ତିପୂର୍ଣ୍ଣ ସମାଧାନ ନ ଚାହାନ୍ତି, ଆମ ଆଗରେ ଥିବା ସମସ୍ତ ଲକ୍ଷ୍ୟକୁ ଆମେ ସ୍ୱତନ୍ତ୍ର ସାମରିକ ଅଭିଯାନ ଦ୍ୱାରା ପୂରା କରିବୁ। କିଭ୍ ଉପରେ ଶୁକ୍ରବାର ରୁଷିଆ ଜୋରଦାର ଆକ୍ରମଣ କରିଥିଲା।



କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ଅବସରରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ରବିବାର ନୂଆଦିଲ୍ଲୀର ଇନ୍ଦିରା ଭବନଠାରେ ପତାକା ଉତ୍ତୋଳନ କରୁଛନ୍ତି।

# ମନ୍ କି ବାତ୍‌ରେ ପାର୍ବତୀ ଗିରିଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୮।୧୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମନ୍ କୀ ବାତ୍‌ରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଅବଦାନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଭାରତର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ଏବଂ ସାମାଜିକ ସେବା ପାଇଁ ଜୀବନବ୍ୟାପୀ ପ୍ରତିଶ୍ରୁତିବଦ୍ଧତାକୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେ ପାର୍ବତୀଙ୍କୁ ପ୍ରେରଣାର ଉତ୍ସ ଭାବେ ବର୍ଣ୍ଣନା କରିବା ସହ କହିଛନ୍ତି, ବାସ୍ତବରେ ସ୍ୱୀକୃତି ପାଇବାକୁ ହକ୍‌ଦାର ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ତାହା ମିଳିନାହିଁ। ପାର୍ବତୀ ଗିରି ସେମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଜନ୍ମ ଶତବାର୍ଷିକୀ ଜାନୁଆରୀ ୨୬ରେ ପାଳନ କରାଯିବ। ତାଙ୍କ ତ୍ୟାଗ ଓ ଅବଦାନ ସମ୍ପର୍କରେ ମନେପକାଇବା ପାଇଁ ଏହା ଦେଶ ପାଇଁ ଏକ ସୁଯୋଗ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ବିଜ୍ଞାନ, ନବୋନ୍ମେଷ ଏବଂ ପ୍ରଯୁକ୍ତିର ପ୍ରସାର କ୍ଷେତ୍ରରେ ଭାରତର ସଫଳତା



ସାରା ବିଶ୍ୱର ଦେଶଗୁଡ଼ିକୁ ବେଶ୍ ପ୍ରଭାବିତ କରିଛି। ଭାରତର ଯୁବଶକ୍ତି ପାଇଁ ସମଗ୍ର ବିଶ୍ୱ ଏହାକୁ ବଡ଼ ଆଶା ନେଇ ଦେଖୁଛି। ନୂଆ ପିଢ଼ିଙ୍କୁ ତାମିଲ ଭାଷା ସହ ଯୋଡ଼ିବାରେ ଫିଜିର ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ସେହିପରି ଦୁବାଇରେ ରହୁଥିବା କନ୍ନଡ ପରିବାର ସେମାନଙ୍କ ପିଲାମାନଙ୍କୁ ଭାଷା ଶିକ୍ଷା ଦେବା ଲାଗି କନ୍ନଡ଼ ପାଠଶାଳା ଖୋଲିଥିବା ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍‌ରେ କହିଛନ୍ତି।

# ବାଂଲାଦେଶରେ ହିଂସା ଉସୁକାଉଛନ୍ତି ସରକାର

## ଏଡିଟର୍ସ କାଉନ୍‌ସିଲ୍‌ର ଅଭିଯୋଗ

ଢାକା,୨୮।୧୨(ପି.ଟି.)

ଇନ୍‌କିଲାବ ମଞ୍ଚ ନେତା ଶରିଫ୍ ଓସ୍‌ମାନ ହାଦିଙ୍କ ମୃତ୍ୟୁ ପରେ ବାଂଲାଦେଶ ଅନ୍ତରୀଣ ସରକାରର ଗୋଟିଏ ଗୋଷ୍ଠୀ ନିକଟରେ ହିଂସାର ପ୍ରସାର ପାଇଁ ସୁଯୋଗ ଦେଇଥିବା ସ୍ଥାନୀୟ ଖବରକାଗଜ ସମ୍ପାଦକମାନଙ୍କ ସଂଗଠନ ଏଡିଟର୍ସ କାଉନ୍‌ସିଲ୍ ଅଭିଯୋଗ କରିଛି। ଗତ ୧୨ ତାରିଖରେ ହାଦି ଢାକାଠାରେ ନିର୍ବାଚନ ପ୍ରଚାର କରୁଥିବାବେଳେ ତାଙ୍କ ମୁଣ୍ଡକୁ ଗୁଳି କରାଯାଇଥିଲା। ଚିକିତ୍ସା ଚାଲିଥିବାବେଳେ ୧୮ ତାରିଖରେ ମୃତ୍ୟୁ ଘଟିଥିଲା। ସେହିଦିନ ସନ୍ଧ୍ୟାରେ ଉତ୍ତ୍ୟକ୍ତ ଲୋକେ ୨ଟି ସର୍ବାଧିକ ପ୍ରସାରିତ ଖବରକାଗଜ ଡେଲି ଷ୍ଟାର ଏବଂ



ମହମ୍ମଦ ୟୁନୁସ



ନୁରୁଲ କବିର

ପ୍ରଥୋମ ଅଲୋ କାର୍ଯ୍ୟାଳୟରେ ନିଆଁ ଲଗାଇଦେଇଥିଲେ। ଏଥିସହିତ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ୫୦ ବର୍ଷର ପୁରୁଣା ସମୃଦ୍ଧ ସାଂସ୍କୃତିକ ସଂଗଠନ ଚୟାନତ ଏବଂ ଉଦିଚି ଶିଳ୍ପୀ ଗୋଷ୍ଠୀ ଧ୍ୱଂସ ହୋଇଥିଲା। କେନ୍ଦ୍ରୀୟ ମିମେନସିଂଠାରେ ସେମାନେ ଜଣେ ହିନ୍ଦୁଙ୍କୁ ପିଟି ମାରିଦେଇଥିଲେ। ଆକ୍ରମଣର ଦିନେ କିମ୍ବା ୨ ଦିନ ପୂର୍ବରୁ ପଥୋମ ଅଲୋ, ଡେଲି ଷ୍ଟାର୍ ଏବଂ ଛାୟାନାତକୁ ଧ୍ୱଂସ କରିବା ପାଇଁ ଘୋଷଣା କରାଯାଇଥିଲା ବୋଲି ସ୍ପଷ୍ଟ ଭାବେ ଜଣାଅଛି। ଏହି ଘୋଷଣା କିଏ କରିଥିଲେ ତାହା ଦେଶବାସୀ ଓ ସରକାର ଜାଣନ୍ତି ବୋଲି ଏଡିଟର୍ସ କାଉନସିଲ୍ ଅଧ୍ୟକ୍ଷ ନୁରୁଲ କବିର ଶନିବାର ବ୍ରଡକାଷ୍ଟ ଜର୍ନାଲିଷ୍ଟସ୍ ସେଣ୍ଟରର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ଦେଶର ଆଇନ ଅନୁଯାୟୀ ଏଭଳି ଘୋଷଣା ଏକ ଅପରାଧ ବୋଲି ନ୍ୟୁ ଏଜ୍ ଖବରକାଗଜର ସମ୍ପାଦକ ଥିବା କବିର କହିଛନ୍ତି। ଉତ୍ତେଜନା ପ୍ରଶମିତ କରିବା ପାଇଁ ସରକାର ସେମାନଙ୍କୁ ଗିରଫ କଲେ ନାହିଁ। ତେଣୁ ସରକାରର ଗୋଟିଏ ଗୋଷ୍ଠୀ ହିଂସା ପାଇଁ ସୁଯୋଗ ଦେଇଥିଲେ ବୋଲି କୁହାଯାଇପାରିବ। ଏକ ସଂଗଠିତ ଶକ୍ତି ଏହି ଆକ୍ରମଣ ପରିଚାଳନା କରିଥିଲା। ଏପର୍ଯ୍ୟନ୍ତ ଏହି ମାମଲାରେ ଯେଉଁମାନେ ଗିରଫ ହୋଇଛନ୍ତି, ସେମାନଙ୍କ ରାଜନୈତିକ ପରିଚୟ ସ୍ପଷ୍ଟ ବୋଲି କବିର କହିଛନ୍ତି।

## ହାଦିଙ୍କ ହତ୍ୟାକାରୀ ଭାରତ ପଳାଇଛନ୍ତି: ଢାକା ପୋଲିସ

ଢାକା/ଶିଲଂ,୨୮।୧୨

ବାଂଲାଦେଶର ଛାତ୍ରନେତା ଓସ୍‌ମାନ ହାଦିଙ୍କ ହତ୍ୟାକାରୀ ୨ ସନ୍ଦିଗ୍ଧଙ୍କ ମଧ୍ୟରୁ ଜଣେ ମେଘାଳୟ ସୀମା ଦେଇ ଭାରତ ପଳାଇଆସିଥିବା ଢାକା ମେଟ୍ରୋପଲିଟାନ ପୋଲିସ କହିଛି। ଡିଏମ୍‌ପି ମିଡିଆ ସେଣ୍ଟରରେ ଗଣମାଧ୍ୟମକୁ ସମ୍ବୋଧନ କରି ଅତିରିକ୍ତ କମିଶନର ଏସ୍.ଏନ୍. ନଜରୁଲ ଇସ୍‌ଲାମ କହିଛନ୍ତି, ସନ୍ଦିଗ୍ଧ ଫୈଜଲ କରିମ୍ ମାସୁଦ

### ମେଘାଳୟ ପୋଲିସର ଖଣ୍ଡନ

ଏବଂ ଆଲମଗିର ଶେଖ୍ ସ୍ଥାନୀୟ ସହକର୍ମୀଙ୍କ ସହଯୋଗରେ ମିମେନସିଂର ହାଲୁଆଘାଟ ସୀମା ଦେଇ ଭାରତ ପଳାଇଛନ୍ତି। ପୁର୍ତି ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ନେବା ପରେ ସାମି ନାମକ ଟ୍ୟାକ୍ସି ଡ୍ରାଇଭର ସେଠାରୁ ମେଘାଳୟର ତୁରା ସହରକୁ ନେଇଯାଇଥିଲେ। ତେବେ ଢାକା ପୋଲିସର ଏଭଳି ଅଭିଯୋଗକୁ ମେଘାଳୟ ପୋଲିସ ମୁଖ୍ୟାଳୟର ଜଣେ ଶୀର୍ଷ ଅଧିକାରୀ ଖଣ୍ଡନ କରିଛନ୍ତି। ଏହା ମିଥ୍ୟା ଓ ମନଗଢ଼ା କାହାଣୀ। ଜନସାଧାରଣଙ୍କୁ ଦ୍ୱନ୍ଦ୍ୱରେ ପକାଇବା ଏବଂ ମେଘାଳୟର ଶାନ୍ତି ଓ ସ୍ଥିରତାକୁ ନଷ୍ଟ କରିବା ପାଇଁ ବାଂଲାଦେଶ ଗଣମାଧ୍ୟମର ଗୋଟିଏ ଗୋଷ୍ଠୀ ଏଭଳି କାହାଣୀ ପ୍ରସ୍ତୁତ କରିଥିବା ସେ କହିଛନ୍ତି।

## ବାଂଲାଦେଶ ନିର୍ବାଚନ ପୂର୍ବରୁ ଏନ୍‌ସିପିରେ ଫାଟ

ଢାକା,୨୮।୧୨(ପି.ଟି.)

ବାଂଲାଦେଶରେ ଆଗାମୀ ଫେବୃଆରୀରେ ନିର୍ବାଚନ ହେବାକୁ ଥିବାବେଳେ ଏହା ପୂର୍ବରୁ ଜମାତ-ଇ-ଇସ୍‌ଲାମୀ ସହ ପ୍ରସ୍ତାବିତ ମେଣ୍ଟକୁ ନେଇ ଛାତ୍ରମାନଙ୍କ ନେତୃତ୍ୱରେ ଚାଲିଥିବା ନ୍ୟାଶନାଲ ସିଟିଜେନ୍ ପାର୍ଟି (ଏନ୍‌ସିପି)ରେ ଫାଟ ସୃଷ୍ଟି ହୋଇଛି। ଏନ୍‌ସିପିର ୩୦ ଜଣ ନେତା ଉକ୍ତ ଯୋଜନାକୁ ବିରୋଧ କରି ଏକ ମିଳିତ ପତ୍ର ଜାରି କରିଛନ୍ତି। ଏଥିସହିତ ଏହାର ୨ ପ୍ରମୁଖ ସଦସ୍ୟ ଇସ୍ତଫା ଘୋଷଣା କରିଛନ୍ତି।

ଗତବର୍ଷ ଜୁଲାଇ-ଅଗଷ୍ଟରେ ବାଂଲାଦେଶରେ ହିଂସାତ୍ମକ ଆନ୍ଦୋଳନ ଯୋଗୁ ଶେଖ୍ ହାସିନାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲା। ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବା ଷ୍ଟୁଡେଣ୍ଟ୍‌ସ ଏଗେନେଷ୍ଟ ଡିସ୍‌କ୍ରିମିନେଶନ (ଏସ୍‌ଏଡି) ପ୍ରମୁଖ ଶାଖା ଏନ୍‌ସିପି।

# ଅପରେଶନ ସିନ୍ଦୂର ବେଳେ ବଙ୍କରକୁ ଯିବା ପାଇଁ ପାକ୍ ରାଷ୍ଟ୍ରପତିଙ୍କୁ କୁହାଯାଇଥିଲା

ଇସଲାମାବାଦ,୨୮।୧୨

ଗତ ଏପ୍ରିଲ ୨୨ରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧରେ ଭାରତୀୟ ସେନାର ସାମରିକ ଅଭିଯାନ ଅପରେଶନ ସିନ୍ଦୂର ବେଳେ ବଙ୍କରରେ ଆଶ୍ରୟ ନେବା ପାଇଁ ପାକିସ୍ତାନ ରାଷ୍ଟ୍ରପତି

## ନୁର୍ ଖାନ୍ ଏୟାରବେସ୍ ଧ୍ୱଂସ ହୋଇଥିବା ପାକିସ୍ତାନ ମାନିଲା

ଅସିଫ୍ ଅଲି ଜର୍ଦ୍ଦାରୀଙ୍କୁ ପରାମର୍ଶ ଦିଆଯାଇଥିଲା ବୋଲି ସେ ସ୍ୱୀକାର କରିଛନ୍ତି। ଭାରତୀୟ ସେନା ଆକ୍ରମଣ କରିବାରୁ ଯୁଦ୍ଧ ଆରମ୍ଭ ହୋଇଯାଇଥିବା ସାମରିକ ସଚିବ ରାଷ୍ଟ୍ରପତିଙ୍କୁ ଜଣାଇଥିଲେ ଏବଂ ବଙ୍କରକୁ ଯିବାକୁ ହେବ ବୋଲି କହିଥିଲେ। ତେବେ ଜର୍ଦ୍ଦାରୀ ଏଥିରେ ରାଜି ହୋଇ ନ ଥିଲେ ବୋଲି କହିଛନ୍ତି। ରାୱଲପିଣ୍ଡିର ଚକଲାଲା ଅଞ୍ଚଳରେ ଥିବା ନୁର୍ ଖାନ୍ ଏୟାରବେସ୍ ଭାରତୀୟ ସେନା ଆକ୍ରମଣରେ ଧ୍ୱଂସ ହୋଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରୀ ଇଶାକ ଦର୍ ସ୍ୱୀକାର କରିଛନ୍ତି। ଭାରତ ୩୬ ଘଣ୍ଟାରେ ୮୦ ଡ୍ରୋନ ଆକ୍ରମଣ କରିଥିଲା। ସେଥିରୁ ଆମେ ୭୯ଟିକୁ ପ୍ରତିହତ କରିଥିଲୁ ଓ ଗୋଟିଏ ଡ୍ରୋନ୍ ଏୟାରବେସ୍‌କୁ ଧ୍ୱଂସ କରିଥିଲା ଓ ଅନେକେ ଆହତ ହୋଇଥିଲେ ବୋଲି ଦର କହିଛନ୍ତି। ପାକ୍ ସେନା ଅପରେଶନ ସିନ୍ଦୂରର ଜୋରଦାର ଜବାବ ଦେଇଥିଲା। ଯୁଦ୍ଧ ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଇଥିଲା। ତେବେ ୪ ଦିନର ଲଢ଼େଇ ପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲେ।

# ଫ୍ରେଞ୍ଚ ଅଭିନେତ୍ରୀ ବ୍ରିଗିଟ୍ଟେ ବାର୍ଡୋଟଙ୍କ ପରଲୋକ



ପ୍ୟାରିସ୍,୨୮।୧୨

୫୦ ଦଶକରେ ଫ୍ରେଞ୍ଚ୍ ସିନେମାରେ ବିପ୍ଳବ ଆଣିବା ସହ ଯୌନ ଉଦାରତାର ପ୍ରତୀକ ପାଲଟିଥିବା ଅଭିନେତ୍ରୀ ବ୍ରିଗିଟ୍ଟେ ବାର୍ଡୋଟଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ 'ଆଣ୍ଡ ଗଡ୍ କ୍ରିଏଟେଡ୍ ୱୁମ୍ୟାନ୍' ସମେତ ୫୦ଟି ଚଳଚ୍ଚିତ୍ରରେ ଅଭିନୟ କରି ୧୯୭୩ରେ ଅବସର ନେବା ପରେ ବାକି ଜୀବନକୁ ପ୍ରାଣୀ କଲ୍ୟାଣରେ ନିୟୋଜିତ କରିଥିଲେ। ଶତାବ୍ଦୀର କିମ୍ବଦନ୍ତୀଙ୍କ ପରଲୋକରେ ରାଷ୍ଟ୍ର ଶୋକାଭିଭୂତ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ କହିଥିବାବେଳେ ବ୍ରିଗିଟ୍ଟେ ବାର୍ଡୋଟ୍ ଫାଉଣ୍ଡେଶନ ତାଙ୍କୁ ବିଶ୍ୱପ୍ରସିଦ୍ଧ ଅଭିନେତ୍ରୀ ଭାବେ ସ୍ମରଣ କରିଛି।

# ମାଲ୍‌ବାହୀ ଟ୍ରେନ୍ ଲାଇନଚ୍ୟୁତ

ପାଟନା,୨୮।୧୨(ପି.ଟି.)

ବିହାର ଜାମୁଇ ଜିଲାରେ ଶନିବାର ବିଳମ୍ବିତ ରାତିରେ ଏକ ମାଲ୍‌ବାହୀ ଟ୍ରେନ୍‌ର ୮ଟି ୱାଗନ୍ ଲାଇନଚ୍ୟୁତ ହୋଇଛି। ତେବେ ଏହି ଦୁର୍ଘଟଣାରେ କେହି ମୃତାହତ ହୋଇନାହାନ୍ତି। ହାୱଡ଼ା-ପାଟନା-ଦିଲ୍ଲୀ ରୁଟ୍‌ରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଇଷ୍ଟର୍ନ ରେଲ୍‌ୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଇଷ୍ଟର୍ନ ରେଲ୍‌ୱେର ଆସାନସୋଲ ଡିଭିଜନ ଅନ୍ତର୍ଗତ ଲାହାବୋନ୍ ଏବଂ ସମୁଲତାଲା ଷ୍ଟେଶନ ମଧ୍ୟରେ ଦୁର୍ଘଟଣା ଘଟିଥିବାରୁ ରାତିସାରା ଉକ୍ତ ଲାଇନ୍‌ରେ ୨ ଡଜନ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। କେତେକ ଏକ୍ସପ୍ରେସ୍ ଟ୍ରେନ୍ ବାତିଲ ହେବା ସହ କେତେକ ଅନ୍ୟ ରୁଟ୍‌ରେ ଯାତ୍ରା କରିଥିଲେ। ଫଳରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।





କର୍ନାଟକର କରୱାର ନାଭାଲ ବେସ୍‌ରେ ଥିବା ନୌସେନା ବୁଡ଼ାଜାହାଜ ଆଇଏନ୍‌ଏସ୍ ବାଘଶୀରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ୫ ଶିଶୁଙ୍କ ସମେତ ୯ ଜଣଙ୍କୁ ଛୁରିଭୁସି ହତ୍ୟା

ପାରାମାରିବୋ,୨୮।୧୨

ସୁରିନାମ୍ ରାଜଧାନୀ ପାରାମାରିବୋରେ ଶନିବାର ରାତିରେ ଜଣେ ବ୍ୟକ୍ତି ଛୁରି ଧରି ଆକ୍ରମଣ କରିବାରୁ ୫ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ସନ୍ଦିଗ୍ଧ ହତ୍ୟାକାରୀ ଆହତ ହୋଇଥିବାବେଳେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ଗୋଡ଼ରେ ଗୁଳି ବାଜିଥିବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ୧,୦୦୦ କି.ମି. ବ୍ୟବଧାନରେ ନବଦମ୍ପତିଙ୍କ ଆତ୍ମହତ୍ୟା

## ହନିମୁନ୍ ଅଧାରୁ ଫେରିଥିଲେ

ବେଙ୍ଗାଲୁରୁ,୨୮।୧୨

ବେଙ୍ଗାଲୁରୁର ଏକ ନବଦମ୍ପତି ପରସ୍ପରଠାରୁ ୧,୦୦୦ କି.ମି. ଦୂରରେ ଆତ୍ମହତ୍ୟା କରିଛନ୍ତି। ଗତ ଅକ୍ଟୋବର ୨୯ରେ ସୂରଜ ଶିବାନ୍ନା(୩୬) ବେଙ୍ଗାଲୁରୁରେ ଗାନ୍‌ଭିଙ୍କୁ ବିବାହ କରିଥିଲେ। ଗତ ଗୁରୁବାର ଗାନ୍‌ଭି ବେଙ୍ଗାଲୁରୁରେ ଆତ୍ମହତ୍ୟା କରିଥିଲେ। ସୂରଜ ବେଙ୍ଗାଲୁରୁରୁ ମହାରାଷ୍ଟ୍ରର ନାଗପୁର ଯାଇ ଶନିବାର ସେଠାରେ ଆତ୍ମହତ୍ୟା କରିଥିବାବେଳେ ସାଙ୍ଗରେ ଯାଇଥିବା ତାଙ୍କ ମାଆ ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଛନ୍ତି।

ବାହାଘର ପରେ ଉଭୟ ହନିମୁନ୍ ପାଇଁ ଶ୍ରୀଲଙ୍କା ଯାଇଥିଲେ। ତେବେ ବିବାଦ ଦେଖାଦେବାରୁ ସେମାନେ ହନିମୁନ୍‌କୁ କାଟଛାଣ୍ଟ କରି ଗତ ସପ୍ତାହରେ ବେଙ୍ଗାଲୁରୁ ଫେରିଥିଲେ। ଶାଶୁଘରେ ଗାନ୍‌ଭି ପ୍ରତ୍ୟାଖ୍ୟାତ ଓ ଅପମାନର ସମ୍ମୁଖୀନ



ଗାନ୍‌ଭି ଓ ସୂରଜ ଶିବାନ୍ନା

ହେବାରୁ ବାପଘର ଲୋକେ ଝିଅକୁ ନିଜ ପାଖକୁ ନେଇଯାଇଥିଲେ। ଗତ ମଙ୍ଗଳବାର ଗାନ୍‌ଭି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରି ଭେଣ୍ଟିଲେଟରରେ ରଖିଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ସୂରଜ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ସେମାନଙ୍କ ଗିରଫ ପାଇଁ ଘର ଆଗରେ ବିକ୍ଷୋଭ କରିଥିଲେ। ସୂରଜ ଓ ତାଙ୍କ ମା' ଜୟନ୍ତୀ ନାଗପୁର ପଳାଇଥିଲେ। ସେଠାରେ ଏକ ହୋଟେଲରେ ଉଭୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସୂରଜଙ୍କ ମୃତ୍ୟୁ ଘଟିଥିବାବେଳେ ଜୟନ୍ତୀ ହସ୍ପିଟାଲରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି।

# ବିନା ମଞ୍ଜୁରୀରେ ମଣିପୁରରେ 'ରିଙ୍ଗ୍ ରୋଡ'

## କାର୍ଯ୍ୟ ବନ୍ଦ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୧୨

ରାଜ୍ୟ ସରକାରଙ୍କ ବିନା ଅନୁମୋଦନରେ ମଣିପୁରରେ ଏକ ରିଙ୍ଗ୍ ରୋଡ୍ ନିର୍ମାଣ କରାଯାଇଛି। ଏହି ରାସ୍ତା ୬ଟି ଜିଲାର ଜଙ୍ଗଲ ଦେଇ ଯାଇଛି। ରିଙ୍ଗ୍ ରୋଡ ନିର୍ମାଣ ତୁରନ୍ତ ବନ୍ଦ କରାଇବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଣିପୁର ସରକାରଙ୍କୁ ଗତ ୨୩ ତାରିଖରେ ନିର୍ଦ୍ଦେଶ ଦେବା ପରେ ଘଟଣା ଲୋକଲୋଚନକୁ ଆସିଛି। ମଣିପୁର ମେଇତି ସମ୍ପ୍ରଦାୟର ସିଭିଲ ସୋସାଇଟି ସଂଗଠନଗୁଡ଼ିକର ମୁଖ୍ୟ ସଂଗଠନ ପକ୍ଷରୁ ଏନେଇ ଏନ୍‌ଜିଟିରେ ଆବେଦନ କରାଯିବା ସହ ତୁରନ୍ତ କାର୍ଯ୍ୟ ବନ୍ଦ ଲାଗି ଦାବି କରାଯାଇଥିଲା। ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ସାଟେଲାଇଟ୍ ଚିତ୍ର ମଧ୍ୟ ଆବେଦନକାରୀ ଏନ୍‌ଜିଟି ନିକଟରେ ଦାଖଲ କରିଥିଲେ।

# ଏଲିଜାବେଥ' ଅବତାରରେ ହୁମା କୁରେଶୀ

କନ୍ନଡ଼ ସୁପରଷ୍ଟାର୍ ଯଶଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଟକ୍ସିକ: ଏ ଫେୟାରୀଟେଲ ଫର୍ ଗ୍ରୋନ-ଅପ୍ସ'କୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିବାରେ ଲାଗିଛି। କିଆରା ଆଡଭାନୀଙ୍କ ପରେ ଏବେ ଏହି ଫିଲ୍ମରେ ବଲିଉଡ ଅଭିନେତ୍ରୀ ହୁମା କୁରେଶୀଙ୍କ ଏଣ୍ଟ୍ରି ହୋଇଛି। ରବିବାର ଫିଲ୍ମରୁ ତାଙ୍କର ଦମଦାର୍ ପ୍ରଥମ ଲୁକ ସାମ୍ନାକୁ ଆସିଛି। ଏହି ଚଳଚ୍ଚିତ୍ରରେ ହୁମା 'ଏଲିଜାବେଥ' ନାମକ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରୁଛନ୍ତି। ରିଲିଜ ହୋଇଥିବା ପୋଷ୍ଟରରେ ତାଙ୍କୁ ଏକ ଭିନ୍ନ ଓ ରହସ୍ୟମୟ ଅବତାରରେ ଦେଖିବାକୁ ମିଳିଛି। ତାଙ୍କର ଏହି ଲୁକ୍‌କୁ ଦର୍ଶକମାନେ ହଲିଉଡ ଚଳଚ୍ଚିତ୍ରର ଚରିତ୍ର ସହ ତୁଳନା କରୁଛନ୍ତି।

ଫିଲ୍ମର ନିର୍ଦ୍ଦେଶିକା ଗୀତୁ ମୋହନଦାସଙ୍କ କହିବା ଅନୁଯାୟୀ, 'ଏଲିଜାବେଥ'



ଚରିତ୍ର ପାଇଁ କାଷ୍ଟିଂ କରିବା ସବୁଠାରୁ କଷ୍ଟକର ଥିଲା। ଏହି ରୋଲ ପାଇଁ ଜଣେ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଅଭିନେତ୍ରୀଙ୍କ ଆବଶ୍ୟକତା ଥିଲା। ହୁମାଙ୍କ ଅଭିନୟ ଦକ୍ଷତା ଏବଂ ଗମ୍ଭୀରତା ଏହି ଚରିତ୍ରକୁ ଜୀବନ୍ତ କରିପାରିବ ବୋଲି ସେ ବିଶ୍ୱାସ ପ୍ରକଟ କରିଛନ୍ତି।

ରକିଙ୍ଗ ଷ୍ଟାର୍ ଯଶଙ୍କ ଏହି ବହୁଭାଷୀ ଫିଲ୍ମଟି ୧୯ ମାର୍ଚ୍ଚ, ୨୦୨୬ରେ ବଡ଼ ପରଦାରେ ମୁକ୍ତିଲାଭ କରିବ। ଏଥିରେ କିଆରା ଆଡଭାନୀ, ନୟନତାରା ଏବଂ ହୁମା କୁରେଶୀଙ୍କ ଭଳି ବଡ଼ କଳାକାରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। କିଆରାଙ୍କ 'ନାଦିଆ' ଲୁକ ପରେ ହୁମାଙ୍କ 'ଏଲିଜାବେଥ' ଅବତାର 'ଟକ୍ସିକ' ଫିଲ୍ମ ପାଇଁ ଦର୍ଶକଙ୍କ ମନରେ ଉତ୍କଣ୍ଠାକୁ ଦ୍ୱିଗୁଣିତ କରିଦେଇଛି।

# ବଣଭୋଜି ବେଳେ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

■ ନିୟନ୍ତ୍ରଣ ପାଇଁ ପୋଲିସର ଲାଠିଚାଳନା
■ ଥାନାରେ ୬ ଅଟକ


ପୋଲିସ ଗଣ୍ଡଗୋଳକାରୀଙ୍କୁ ଲାଠିରେ ପିଟୁଛି।


ଲାଠିମାଡ଼ ଭୟରେ ଏଣେ ତେଣେ ଦୌଡୁଥିବା ପର୍ଯ୍ୟଟକ ଗଣ୍ଡଗୋଳକାରୀ।

ଦାରିଙ୍ଗବାଡି, ୨୮।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡିରେ ବର୍ଷର ଶେଷ ରବିବାରରେ ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଶୀତର ମଜା ନେବା ସହ ଅନେକ ପର୍ଯ୍ୟଟକ ଦାରିଙ୍ଗବାଡିର ଡୁଲୁରି ପାଇନ ବଣରେ ବଣଭୋଜି କରୁଥିଲେ। ତେବେ ଏହି ଭୋଜି ସମୟରେ କୌଣସି କାରଣରୁ ୨ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇ ପରେ ମାରପିଟ୍ ହୋଇଥିଲା। ରୋଷେଇରେ ବ୍ୟବହୃତ ଚଟୁ, ବେଲା ସହ ଅନ୍ୟାନ୍ୟ ସାମଗ୍ରୀରେ ସେମାନେ ପରସ୍ପରକୁ ମାଡ଼ ମାରିଥିଲେ। ଖବରପାଇ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଉଭୟ ଗୋଷ୍ଠୀକୁ ବୁଝାଶୁଝା କରିଥିଲା। ତେବେ କେହି ନ ଶୁଣିବାରୁ ପୋଲିସକୁ ସେଠାରେ ଲାଠିଚାଳନା କରିବାକୁ ପଡିଥିଲା। ୬ ଜଣଙ୍କୁ ପୋଲିସ ଧରି ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉଭୟ ଗୋଷ୍ଠୀ ରାନ୍ଧିଥିବା ଭୋଜି ଖାଇପାରି ନ ଥିଲେ।

ଖବରରୁ ଜଣାପଡିଛି, ରବିବାର ଦାରିଙ୍ଗବାଡି ଡୁଲୁରି ପାଇନ ବଣକୁ ପ୍ରାୟ ୩/୪ ହଜାର ଲୋକ ଭୋଜି କରିବାକୁ ଆସିଥିଲେ। ବ୍ରହ୍ମପୁରରୁ ଗୋଟିଏ ବସ୍ ଓ କାର ଏବଂ ଭୁବନେଶ୍ୱରରୁ ଗୋଟିଏ ବସ୍‌ରେ ପର୍ଯ୍ୟଟକମାନେ ଆସିଥିଲେ। ସେମାନେ ଦାରିଙ୍ଗବାଡି ବୁଲିବା ସହ ବଣଭୋଜି କରିବା ଯୋଜନାରେ ଆସିଥିଲେ। ଡୁଲୁରି ପାଇନ ବଣରେ ବ୍ରହ୍ମପୁର ଓ ଭୁବନେଶ୍ୱରର ପର୍ଯ୍ୟଟକମାନେ ପାଖାପାଖି ଭୋଜି କରୁଥିଲେ। ଭୋଜିରନ୍ଧା ସହ ନାଚଗୀତରେ ସମସ୍ତେ ମସ୍‌ଗୁଲ ଥିଲେ। ଏହି ସମୟରେ କୌଣସି କାରଣରୁ ଏହି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ଏହା ଉଗ୍ରରୂପ ଧାରଣ କରିଥିଲା। ଉଭୟ ଗୋଷ୍ଠୀର ଲୋକେ ହାତାହାତି ହୋଇ ମାରପିଟ୍ ହୋଇଥିଲେ। କିଛି ସମୟ ସେଠାରେ ଭୟର ବାତବରଣ ଖେଳିଯାଇଥିଲା। ଭୋଜି କରୁଥିବା କେତେକ ପର୍ଯ୍ୟଟକ ଡୁଲୁରି ଛାଡି ପଳାଇଥିଲେ। ବ୍ରହ୍ମପୁରର ପର୍ଯ୍ୟଟକମାନେ ଗୋଟିଏ ବୋଲେରୋ ଡ୍ରାଇଭରଙ୍କୁ ମଧ୍ୟ ଆକ୍ରମଣ କରିଛନ୍ତି। ଉଭୟ ଗୋଷ୍ଠୀର ଗଣ୍ଡଗୋଳରେ ଜଣେ ଆହତ ହୋଇଛନ୍ତି। ତାଙ୍କୁ ସାଥୀ ପର୍ଯ୍ୟଟକମାନେ ଦାରିଙ୍ଗବାଡି ହସ୍‌ପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଏ ସମ୍ପର୍କରେ ସୂଚନା ପାଇ ଡୁଲୁରି ପର୍ଯ୍ୟଟନ କ୍ଷେତ୍ରର ପରିଚାଳକ ସଞ୍ଜୀବ ପ୍ରଧାନ ତୁରନ୍ତ ପିଲ୍ଲିହେରୀ ସରପଞ୍ଚ ପାଉଲ ପ୍ରଧାନଙ୍କୁ ଫୋନ ଯୋଗେ ଏସବୁ ଜଣାଇଥିଲେ। ସରପଞ୍ଚ ଦାରିଙ୍ଗବାଡ଼ି ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରି ଗଣ୍ଡଗୋଳ ବନ୍ଦ କରିବାକୁ ଉଦ୍ୟମ କରିଥିଲା। ମାତ୍ର କେହି କିଛି ନ ଶୁଣିବାରୁ ପୋଲିସ ଲାଠିଚାଳନା କରିଥିଲା। ଦୁଇ ଗୋଷ୍ଠୀର ୫/୬ ଜଣ ଯୁବକଙ୍କୁ ପୋଲିସ ଧରି ନେଇ ଥାନାରେ ଅଟକ ରଖିଛି। ଘଟଣାର ଅଧିକ ତଦନ୍ତ ଚାଲିଛି। ଅତ୍ୟଧିକ ନିଶାସକ୍ତ ଅବସ୍ଥା ଯୋଗୁ ଏଭଳି ଘଟିଥିବା ଥାନା ଅଧିକାରୀ ତଥା ଡିଏସ୍‌ପି କନକ ମାଝୀ କହିଛନ୍ତି।

# ସମ୍ବଲପୁରରେ ପଶ୍ଚିମବଙ୍ଗ ପୋଲିସ

ସମ୍ବଲପୁର, ୨୮।୧୨ (ପ୍ରମୋଦ ବହିଦାର)

ସମ୍ବଲପୁରରେ ବଙ୍ଗାଳୀ ଶ୍ରମିକ ଜୁଏଲ୍ ରାଣା ଓରଫ ଆରିଫ ସେଖ୍(୧୯) ହତ୍ୟା ମାମଲାରେ ଜିରୋ ଏଫ୍‌ଆଇଆର୍ ରୁଜୁ କରିଛି ପଶ୍ଚିମବଙ୍ଗ ପୋଲିସ। ଏଥିସହ ଉକ୍ତ ଘଟଣାର ଛାନ୍‌ଭିନ୍ ପାଇଁ ରବିବାର ପଶ୍ଚିମବଙ୍ଗର ଏକ ୩ ଜଣିଆ ସ୍ୱତନ୍ତ୍ର ପୋଲିସ ଦଳ ସମ୍ବଲପୁରରେ ପହଞ୍ଚିଛି। ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜଙ୍ଗିପୁର ସୁତି ଥାନାର ସବ୍‌ଇନ୍ସପେକ୍ଟର ମହମ୍ମଦ ସାହାଜାହାନ, ଏଏସ୍‌ଆଇ ଗୁଲାମ ଜାଫର ସିଦ୍ଦିକି ଓ କନ୍‌ଷ୍ଟେବଲ ପରିମଳ ଓରାଓଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଦଳ ସମ୍ବଲପୁର ପୋଲିସ ସହାୟତାରେ ଘଟଣାର ତଦନ୍ତ ଆରମ୍ଭ କରିଛି। ସମ୍ବଲପୁରରେ ହତ୍ୟାର କାରଣ ଓ ଏଥିରେ ପ୍ରକୃତରେ ସାମ୍ପ୍ରଦାୟିକ ଦିଗ ରହିଛି ନା ନାହିଁ ସେନେଇ ସେମାନେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ, ଡିସେମ୍ବର ୨୪ତାରିଖରେ ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିରେ ସଂଘଟିତ ଉକ୍ତ ହତ୍ୟାକାଣ୍ଡକୁ ନେଇ ଅଇଁଠାପାଲି ଥାନାରେ ଏକ ମାମଲା (ନଂ.୪୨୯/୨୫)ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ସମସ୍ତ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବର୍ତ୍ତମାନ ଜେଲରେ ଅଛନ୍ତି। ଏଭଳି ସ୍ଥିତିରେ ଏହି ମାମଲାର ତଦନ୍ତ ପାଇଁ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ପୋଲିସ ଦଳ ସମ୍ବଲପୁର ଆସିବା ଆଗକୁ ଏଠାରେ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି। ସେହିପରି ଉକ୍ତ ହତ୍ୟା ଘଟଣାରେ ସମ୍ବଲପୁର ପୋଲିସ ଦ୍ୱାରା ପଦକ୍ଷେପ ଗ୍ରହଣ ପୂର୍ବକ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତେଣୁ ଉକ୍ତ ଘଟଣାରେ ପଶ୍ଚିମବଙ୍ଗ ପୋଲିସର ଜିରୋ ଏଫ୍‌ଆଇଆର୍ ସମ୍ପୂର୍ଣ୍ଣ ମୂଲ୍ୟହୀନ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


ଅଇଁଠାପାଲି ଥାନାରେ ପହଞ୍ଚିଥିବା ପଶ୍ଚିମବଙ୍ଗ ପୋଲିସ ଦଳ।

## ବଙ୍ଗାଳୀ ଶ୍ରମିକ ହତ୍ୟା ଘଟଣା
### ପଶ୍ଚିମବଙ୍ଗରେ ରୁଜୁ ହୋଇଛି ଜିରୋ ଏଫ୍‌ଆଇଆର୍

# ବନ କର୍ମଚାରୀଙ୍କୁ ଆକ୍ରମଣ କରି ଜବତ କାଠକୁ ଛଡ଼ାଇନେଲେ

## ପାଟ୍ରୋଲିଂ ଗାଡ଼ି ଭଙ୍ଗାରୁଜା, ୧୨ ଘଣ୍ଟା ପରେ ଜଣେ ଅଟକ

ନୀଳଗିରି, ୨୮।୧୨ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ରେଞ୍ଜରେ ଆତଙ୍କ ଖେଳାଇଛନ୍ତି କାଠ ଚୋରାଚାଲାଣକାରୀ। ଶନିବାର ରାତିରେ ପାଟ୍ରୋଲିଂ ବେଳେ ବନ କର୍ମଚାରୀଙ୍କୁ ଚୋରାଚାଲାଣକାରୀମାନେ ଆକ୍ରମଣ କରିବା ସହ ଗାଡ଼ିକୁ ଭଙ୍ଗାରୁଜା କରି ଜବତ କାଠକୁ ଛଡାଇ ନେଇଛନ୍ତି। ପୋଲିସ, ବନବିଭାଗ ପକ୍ଷରୁ ତଦନ୍ତ କରାଯାଇ ୧୨ ଘଣ୍ଟା ପରେ ଜଣଙ୍କୁ ଅଟକ ରଖାଯାଇ ରାସ୍ତା କଡ଼ରୁ ଖାଲି ଗାଡ଼ି ଜବତ କରାଯାଇଛି।

ରାତି ପ୍ରାୟ ୧୦ଟା ବେଳେ ନୀଳଗିରି ରେଞ୍ଜର ମନୱାର ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ରେଞ୍ଜରଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନର ବନରକ୍ଷୀ ବୁଦ୍ଧୁରାମ ହାଁସଦାଙ୍କ ସମେତ କେତେକ ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡ଼ା ନିକଟରେ ପିଆଶାଳ କାଠ ଗଣ୍ଡି ଭର୍ତ୍ତି ଏକ ଭ୍ୟାନ୍ (ନଂ. ଓଡ଼ି ୦୧ବିଏ-୪୧୧୭)କୁ ଧରିଥିଲେ। ବନ କର୍ମଚାରୀଙ୍କୁ ଦେଖି ଚାଳକ ଜଣକ ଗାଡ଼ି ଛାଡ଼ି ଚମ୍ପଟ ମାରିଥିଲେ। ମାତ୍ର କିଛି ସମୟ ଭିତରେ ଚୋରା କାଠଚାଲାଣକାରୀଙ୍କ ସମେତ ୧୫-୨୦ ଜଣ ସହଯୋଗ ଘଟଣାସ୍ଥଳରେ ପହଞ୍ଚି ବନ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବନରକ୍ଷୀ ହାଁସଦା ଆହତ ହୋଇଥିଲେ। ସେହିପରି ବନବିଭାଗର ପାଟ୍ରୋଲିଂ ଗାଡ଼ିର କାଚକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ନୀଳଗିରି ରେଞ୍ଜର ଖାଁ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେମାନଙ୍କଠାରୁ ଜବତ କାଠ ଓ ଗାଡ଼ିକୁ ଛଡ଼ାଇ ନେଇଥିଲେ ଚାଲାଣକାରୀ। ଏ ନେଇ ରବିବାର ବରହମପୁର ପୋଲିସ ଓ ବନବିଭାଗ ପକ୍ଷରୁ ୧୨ଘଣ୍ଟାରୁ ଊର୍ଦ୍ଧ୍ୱ ତନାଘନା ପରେ ଟାଟା ଏସିଇ କାଠଗାଡ଼ିର ମାଲିକ ବରହମପୁର ଥାନା ଛତ୍ରପୁର ଅଞ୍ଚଳର ପ୍ରକାଶ ମହାପାତ୍ର ବୋଲି ବନବିଭାଗକୁ ସୂଚନା ମିଳିଥିଲା। ଏଥିସହ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତା କଡ଼ରୁ ଉକ୍ତ ଟାଟା ଏସିଇକୁ ଜବତ କରାଯାଇଥିଲା। ହେଲେ ଖାଲି ଗାଡ଼ିଟିକୁ ବନବିଭାଗ ନିଜ ଆୟତ୍ତକୁ ନେଇଛି।


ବନବିଭାଗର ପାଟ୍ରୋଲିଂ ଗାଡ଼ି।

## ଚୋରି ବେଳେ ଧରାପଡ଼ିଲେ ଯୁବକ
# ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼

ଭଦ୍ରକ, ୨୮।୧୨ (ସନାତନ ରାଉତ)

ଭଦ୍ରକ ପୁରୁଣାବଜାର ଥାନା ଅଧୀନ ସନ୍ଥିଆ ଗ୍ରାମରେ ରବିବାର ଚୋରି କରି ପଳାଉଥିବା ଜଣେ ଯୁବକଙ୍କୁ କାବୁ କରି ଗ୍ରାମବାସୀ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଯୁବକ ଭୋର ସମୟରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି କରି ପଳାଇ ଯାଉଥିବା ବେଳେ ଗ୍ରାମବାସୀ ତାଙ୍କୁ କାବୁ କରିଥିଲେ। ପରେ ଗାଁ ମଝିରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ତାଙ୍କୁ ଗୋଡ଼ଠାରୁ ଅଣ୍ଟା ପର୍ଯ୍ୟନ୍ତ ବାନ୍ଧି ଦେଇ ମାଡ଼ ମାରିଥିଲେ। ଖବରପାଇ ପୁରୁଣାବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ ଥାନାକୁ ନେଇ ଅଟକ ରଖିଛି। ବିଭିନ୍ନ ସମୟରେ ଉକ୍ତ ଯୁବକ ଚୋରି କରି କୌଶଳକ୍ରମେ ଖସି ଯାଉଥିବା ବେଳେ ଏଥର ଧରାପଡ଼ିଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଯୁବକ ଜଣକ ଏତେମାତ୍ରାରେ ନିଶାସକ୍ତ ହୋଇଛନ୍ତି ଯେ ସେ ଠିକ୍ ଭାବେ କଥା ମଧ୍ୟ କହିପାରୁ ନାହାନ୍ତି। ତାଙ୍କଠାରୁ ବସ୍ତାରେ ରଖିଥିବା ଚୋରି ସାମଗ୍ରୀ ତଥା ବାସନକୁସନ ପୋଲିସ ଜବତ କରି ତଦନ୍ତ ଚଳାଇଛି। ଉକ୍ତ ଯୁବକଙ୍କର ଏପର୍ଯ୍ୟନ୍ତ ପରିଚୟ ମିଳି ନ ଥିବା ଥାନାଧିକାରୀ ସୁଶାନ୍ତ ସାହୁ କହିଛନ୍ତି।


ବିଦ୍ୟୁତ୍ ଖୁଣ୍ଟରେ ବନ୍ଧା ହୋଇଥିବା ଯୁବକ।

## Business

# ଗଡ଼ିଲା ୧୫ ବନ୍ଦେ ଭାରତ, ୧୩ ଅମୃତ ଭାରତ ଟ୍ରେନ୍

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)


ଅଶ୍ୱିନୀ ବୈଷ୍ଣବ

**ଭାରତୀୟ ରେଳପଥର ଉପଲବ୍ଧି ସମୀକ୍ଷା**
■ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

୨୦୨୫ରେ ଭାରତୀୟ ରେଳର ବିଭିନ୍ନ ଉପଲବ୍ଧି ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଦାୟୀ ବର୍ଷରେ ରେଳପଥ ୧୫ଟି ନୂଆ ବନ୍ଦେ ଭାରତ ଟ୍ରେନ ଚଳାଚଳ କରିଥିଲା। ଏଥିସହିତ ଦେଶବ୍ୟାପୀ ମୋଟ ବନ୍ଦେ ଭାରତ ଟ୍ରେନ ସଂଖ୍ୟା ୧୬୪ରେ ପହଞ୍ଚିଛି ଯାହା ଯାତ୍ରୀଙ୍କୁ ସୁରକ୍ଷିତ, ସୁଲଭ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ପ୍ରଦାନ କରୁଛି । ସେହିପରି ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ୧୩ଟି ଅମୃତ ଭାରତ ଟ୍ରେନ ଚଳାଚଳ କରିଛି, ଫଳରେ ଏବେ ଅମୃତ ଭାରତ ଟ୍ରେନ ସଂଖ୍ୟା ୩୦ରେ ପହଞ୍ଚିଛି। ଭୁଜ - ଅହମ୍ମଦାବାଦ ଏବଂ ଜୟନଗର - ପାଟନା ମଧ୍ୟରେ ୨ଟି ନମୋ ଭାରତ ରାପିଡ ରେଳ ସେବା କାର୍ଯ୍ୟକ୍ଷମ ହୋଇଛି। ନିୟମିତ ସେବା ବ୍ୟତୀତ, ଅତିରିକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ୨୦୨୫ରେ ରେଲୱେ ୪୩,୦୦୦ରୁ ଅଧିକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା। ମହାକୁମ୍ଭ ପାଇଁ ୧୭,୩୪୦ରୁଅଧିକ ଟ୍ରେନଯାତ୍ରା କରିଥିଲା। ଏହାବ୍ୟତୀତ ୧୧୧୪ ହୋଲି ସ୍ପେଶାଲ, ୧୨,୪୧୭ ଗ୍ରୀଷ୍ମ ସ୍ୱତନ୍ତ୍ର, ୧୨,୩୮୩ ଛଟ ପୂଜା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିଥିଲା। ୧ ଏପ୍ରିଲରୁ ୩୦ ନଭେମ୍ବର ୨୦୨୫ ମଧ୍ୟରେ ୯୦୦ କିଲୋମିଟର ନୂଆ ରେଲଲାଇନ କାର୍ଯ୍ୟକ୍ଷମ ହୋଇଥିଲା। ସେହିପରି ୬୮୮୦ ଟ୍ରାକ କିମି ରେଳର ନବୀକରଣ କରାଯାଇଥିଲା। ୭୦୫୧ ଟ୍ରାକ କିମି ଟ୍ରେନ ଲାଇନ ନବୀକରଣ କରାଯାଇଥିଲା। ୨୦୧୪-୨୫ ଅବଧି ମଧ୍ୟରେ ଭାରତୀୟ ରେଲଓ୍ୱେରେ ପ୍ରତିଦିନ ହାରାହାରି ୮.୫୭ କିଲୋମିଟର ବେଗରେ ମୋଟ ୩୪,୪୨୮ କିଲୋମିଟର ନୂତନ ଟ୍ରାକ ବିଛାଯାଇଥିଲା, ଯାହା ୨୦୦୯-୧୪ ଅବଧିରେ ପ୍ରତିଦିନ ହାରାହାରି କମିଶନିଂ (୪.୨ କିଲୋମିଟର/ଦିନ) ତୁଳନାରେ ଦୁଇଗୁଣରୁ ଅଧିକ। ଏହାବ୍ୟତୀତ ୫୯୯ ଟ୍ରାକ କିମିରେ ସେକ୍ସନ ଗତିକୁ ଘଣ୍ଟାପ୍ରତି ୧୩୦ କିମି ଏବଂ ୪୦୬୯ ଟ୍ରାକ କିମିରେ ଘଣ୍ଟାପ୍ରତି ବେଗକୁ ୧୧୦ କିମିକୁ ବୃଦ୍ଧି କରାଯାଇଥିଲା। ଏବେ ସୁଦ୍ଧା ଦେଶର ୯୯.୨% ବ୍ରଡ ଗଜ ରେଳ ନେଟୱର୍କର ବିଦ୍ୟୁତୀକରଣ କରାଯାଇଛି। ଏହା ବ୍ରିଟେନ, ରୁଷ ଓ ଚାଇନା ଭଳି ଦେଶଠାରୁ ଅଧିକ। ମୋଟ ୧୪ଟି ରେଳ ଜୋନ ଏବଂ ୨୫ଟି ରାଜ୍ୟ/କେନ୍ଦ୍ର ଶାସିତ ପ୍ରଦେଶରେ ଶତପ୍ରତିଶତ ବିଦ୍ୟୁତୀକରଣ କରାଯାଇଛି। ୨୦୨୫ରେ ଭାରତୀୟ ରେଳପଥ ୧,୧୬୧ ରୋଡ ଓଭର ବ୍ରିଜ ଏବଂ ରୋଡ ଅଣ୍ଡର ବ୍ରିଜ ନିର୍ମାଣ କରିଥିଲା। ଗତ ୧୧ ବର୍ଷ ମଧ୍ୟରେ ମୋଟ ୧୩,୦୦୦ ବ୍ରିଜ ନିର୍ମାଣ କରାଯାଇଛି। ୨୦୨୫-୨୬ରେ ୪,୨୨୪ଟି ଏଲଏଚବି କୋଚ ଉତ୍ପାଦନ ହୋଇଥିଲା। ଗତ ଦଶନ୍ଧିରେ ଏଲଏଚବି କୋଚ ଉତ୍ପାଦନ ପରିମାଣ ପୂର୍ବ ଦଶନ୍ଧି ତୁଳନାରେ ୧୮ ଗୁଣ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ମୋଟ ୪୨,୬୦୦ ଏଲଏଚବି କୋଚ ନିର୍ମାଣ କରାଯାଇଛି ।

ଭାରତ ପମ୍ବନରେ ଏହାର ପ୍ରଥମ ଭୂଲମ୍ବ-ଲିଫ୍ଟ ରେଳ ସେତୁ ଖୋଲିଥିଲା ଏବଂ ସବୁଦିନିଆ ରେଳ ସଂଯୋଗ (ବିଶ୍ୱର ସର୍ବୋଚ୍ଚ ଚେନାବ ସେତୁ ସମେତ) ସହିତ କଶ୍ମୀରରେ ଯୋଗାଯୋଗ ସୁଦୃଢ଼ କରିଥିଲା। ଏହା ସହିତ ଭାରତ ନୂତନ ବୈରାବି-ସାଇରାଙ୍ଗ ଲାଇନ ସହିତ ଉତ୍ତର-ପୂର୍ବକୁ ରେଳ ସଂଯୋଗ ବିସ୍ତାର କରିଥିଲା। ମୁମ୍ବାଇ-ଅହମଦାବାଦ ହାଇସ୍ପିଡ ରେଳ ପ୍ରକଳ୍ପର ୫୫.୬୩% ନିର୍ମାଣ କାର୍ଯ୍ୟ ଅଗ୍ରଗତି କରିସାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ୪୨ଟି ରେଳପ୍ରକଳ୍ପ ଲୋକାର୍ପଣ କରିଥିଲେ। ଭାରତୀୟ ରେଲଓ୍ୱେ ସୁରକ୍ଷା କାର୍ଯ୍ୟଦକ୍ଷତାରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିବା ସୂଚନା ଦିଆଯାଇଛି। ୨୦୦୪-୧୪ ମଧ୍ୟରେ ୧୭୧୧ (ବାର୍ଷିକ ହାରାହାରି ୧୭୧) ଟ୍ରେନ ଦୁର୍ଘଟଣା ଘଟିଥିଲା ବେଳେ ୨୦୨୪-୨୫ ରେ ଏହା ୩୧କୁ ହ୍ରାସ ପାଇଛି ଏବଂ ୨୦୨୫-୨୬ ରେ (ନଭେମ୍ବର, ୨୦୨୫ ପର୍ଯ୍ୟନ୍ତ) ୧୧କୁ ହ୍ରାସ ପାଇଛି।

# ପ୍ରମୁଖ ସହରରେ ହେବ କୋଚିଂ ଟର୍ମିନାଲର ବିସ୍ତାର

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)

ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ଆମେ ପ୍ରମୁଖ ସହରଗୁଡ଼ିକରେ କୋଚିଂ ଟର୍ମିନାଲଗୁଡ଼ିକର ବିସ୍ତାର କରୁଛୁ। ଏହି ପଦକ୍ଷେପ ରେଳ ନେଟୱର୍କକୁ ଉନ୍ନତ କରିବ ଏବଂ ଦେଶବ୍ୟାପୀ ସଂଯୋଗୀକରଣରେ ଉଲ୍ଲେଖନୀୟ ଉନ୍ନତି ଆଣିବ। ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏପରି କହିଛନ୍ତି। ସେ କହିଛନ୍ତି, ଯାତ୍ରା ଚାହିଦାରେ ଦ୍ରୁତ ନିରନ୍ତର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ଆଗାମୀ ୫ ବର୍ଷ ମଧ୍ୟରେ ନୂତନ ଟ୍ରେନ ଆରମ୍ଭ କରିବା ପାଇଁ ପ୍ରମୁଖ ସହରଗୁଡ଼ିକର କ୍ଷମତାକୁ ବର୍ତ୍ତମାନର ସ୍ତରରୁ ଦ୍ୱିଗୁଣିତ କରିବାକୁ ପଡିବ। ଉପନଗରୀୟ ଏବଂ ଅଣ-ଉପନଗରୀୟ କ୍ଷେତ୍ରର ସ୍ୱତନ୍ତ୍ର ଆବଶ୍ୟକତାକୁ ଧ୍ୟାନରେ ରଖି ୪୮ଟି ପ୍ରମୁଖ ସହର ପାଇଁ ଏକ ବ୍ୟାପକ ଯୋଜନା ବିଚାରାଧୀନ ଅଛି। ଏହି ଯୋଜନାରେ ସମୟସୀମା ମଧ୍ୟରେ ଟ୍ରେନ ପରିଚାଳନା କ୍ଷମତାକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟ ହାସଲ କରିବା ପାଇଁ ଯୋଜନା ରହିଛି। ୨୦୩୦ ସୁଦ୍ଧା କ୍ଷମତାକୁ ଦ୍ୱିଗୁଣିତ କରିବାର ଯୋଜନା ଥିବାବେଳେ, ଏହା ଆଶା କରାଯାଉଛି ଯେ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ କ୍ଷମତାକୁ କ୍ରମାଗତ ଭାବରେ ବୃଦ୍ଧି କରାଯିବ । ଦକ୍ଷିଣ-ପୂର୍ବ ରେଳପଥ ଅଧୀନରେ କୋଲକାତା, ଟାଟାନଗର, ରାଞ୍ଚିକୁ ଏଥିପାଇଁ ଚୟନ କରାଯାଇଛି। ଏହି ସହରଗୁଡ଼ିକରେ ୨୦୩୦ ସୁଦ୍ଧା ଉତ୍ପନ୍ନ କ୍ଷମତା ଦ୍ୱିଗୁଣିତ କରିବା ପାଇଁ କାର୍ଯ୍ୟଗୁଡ଼ିକ ମଧ୍ୟରେ ନିମ୍ନଲିଖିତ କାର୍ଯ୍ୟ ଅନ୍ତର୍ଭୁକ୍ତ ହେବ। ଅତିରିକ୍ତ ପ୍ଲାଟଫର୍ମ ସହିତ ବର୍ତ୍ତମାନର ଟର୍ମିନାଲଗୁଡ଼ିକୁ ବୃଦ୍ଧି କରିବା, ଷ୍ଟାବଲିଂ ଲାଇନ, ପିଟ୍ ଲାଇନ ଏବଂ ପର୍ଯ୍ୟାପ୍ତ ସଣ୍ଟିଂ ସୁବିଧା ରହିବ।

# ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାରେ ଫ୍ରିଡମ୍ ଷ୍ଟଲ୍

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)

ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅବସରରେ ଜର୍ଜ ହାଇସ୍କୁଲ ଖେଳ ପଡ଼ିଆରେ ଭାରତବର୍ଷର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଖାଇବା ତେଲ ଫ୍ରିଡମ୍ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଷ୍ଟଲର ଉଦ୍‌ଘାଟନୀ ଉତ୍ସବରେ ଫ୍ରିଡମ୍ ଓଡ଼ିଶା ହେଡ୍ ଅମୀୟ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସୁସ୍ଥ ଶରୀର ପାଇଁ ସନ୍ତୁଳିତ ଆହାର ନିତାନ୍ତ ଆବଶ୍ୟକ ହୋଇଥିବାରୁ ଫ୍ରିଡମ୍ ତେଲ ପ୍ରତ୍ୟେକ ଗୃହିଣୀଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏହି ଧନୁଯାତ୍ରାକୁ ଆସୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ୨ ଲିଟର ରିଫାଇନ ତେଲ ସହ ଗୋଟେ ଲିଟର ସୋରିଷ ତେଲ ରିହାତି ମୂଲ୍ୟରେ କମ୍ବୋ ଅଫର ରହିଥିବା ବେଳେ ୫ ଲିଟର ସନ୍ ଫ୍ଲାୱାର କିଣିଲେ ୧୦୦ ଗ୍ରାମର ମେସ୍ୱାକ ଟୁଥ ପେଷ୍ଟ ମାଗଣାରେ ମିଳୁଥିବା ବେଳେ ୫ ଲିଟର ସୋରିଷ ତେଲ କିଣିଲେ ଗୋଟିଏ ବାଲଟି ସମ୍ପୂର୍ଣ୍ଣ ମାଗଣାରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି ବୋଲି ଧଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ଆଦିତ୍ୟ ଗୁପ୍ତା, ସତ୍ୟନାରାୟଣ ମହାପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଓଲା ପକ୍ଷରୁ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି

ଭୁବନେଶ୍ୱର, ୨୮।୧୨

ଓଲା ପକ୍ଷରୁ ଯୋଗ୍ୟ ଗ୍ରାହକଙ୍କୁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି ପ୍ରଦାନ କରାଯିବ। ଏଥିପାଇଁ ଡିଜାଇନ କରାଯାଇଥିବା ଡେଡିକେଟେଡ ହାଇପରସର୍ଭିସ ସେଣ୍ଟରର ଶୁଭାରମ୍ଭ କରାଯାଇଛି । ଏଥି ସହିତ ଏହାର ହାଇପରସର୍ଭିସ ଅଭିଯାନର ସମ୍ପ୍ରସାରଣ ମଧ୍ୟ କରାଯାଇଛି। ଏହି ସମ୍ପ୍ରସାରଣର ଅଂଶ ଭାବେ ଓଲା ନିଜର ବର୍ତ୍ତମାନର ସର୍ଭିସ ସେଣ୍ଟରଗୁଡିକୁ ହାଇପରସର୍ଭିସ ସେଣ୍ଟରରେ ଅପ୍‌ଗ୍ରେଡ କରିବ, ଯାହା ବେଙ୍ଗାଲୁରୁରୁ ଆରମ୍ଭ ହୋଇଛି। ଓଲାର ପ୍ରଥମ ହାଇପରସର୍ଭିସ ସେଣ୍ଟର ଏବେ ବେଙ୍ଗାଲୁରୁର ଇନ୍ଦିରାନଗରଠାରେ ପରିଚାଳନାକ୍ଷମ ରହିଛି। ଓଲା ଇଲେକ୍‌ଟ୍ରିକର ପ୍ରବକ୍ତା କହିଛନ୍ତି, ' ବର୍ତ୍ତମାନ ଜାରି ରହିଥିବା ସର୍ଭିସ ଅପ୍‌ଗ୍ରେଡର ଅଂଶ ଭାବେ ଆମେ ସେବା ଅନୁଭୂତିର ଅନେକ ମୌଳିକ ଦିଗଗୁଡିକୁ ପୁନଃପରିକଳ୍ପନା କରିଛୁ। ହାଇପରସର୍ଭିସ ସେଣ୍ଟରଗୁଡିକ ସହିତ ଆମେ ଏକ ନୂଆ ମାନଦଣ୍ଡ ସ୍ଥାପନ କରିଛୁ, ଯାହାକି ଯେକୌଣସି ଗ୍ରାହକଙ୍କ ପାଇଁ ବିନା କୌଣସି ଅତିରିକ୍ତ ମୂଲ୍ୟରେ ସେମ୍-ଡେ ସର୍ଭିସ ଗ୍ୟାରେଣ୍ଟି।

# ଦୁବାଇ ଟେନିସ ମ୍ୟାଚରେ 'ଖିଲାଡିପ୍ରୋ' ଏଆଇ ପାର୍ଟନର

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)




ଭାରତୀୟ କ୍ରୀଡ଼ା ପ୍ରଯୁକ୍ତିବିଦ୍ୟା କମ୍ପାନୀ 'ଖିଲାଡିପ୍ରୋ'କୁ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଏକ ପ୍ରମୁଖ ଟେନିସ ମ୍ୟାଚ 'ବ୍ୟାଟଲ ଅଫ୍ ଦି ସେକ୍ସେସ' ପାଇଁ ସରକାରୀ ଏଆଇ ପାର୍ଟନର ଭାବରେ ମନୋନୀତ କରାଯାଇଛି। ପୂର୍ବରୁ କୌଣସି ଭାରତୀୟ ଷ୍ଟାର୍ଟଅପ ଏପରି ସଫଳତା ହାସଲ କରିନାହିଁ। ଏହି ମ୍ୟାଚରେ ବିଶ୍ୱ ପ୍ରସିଦ୍ଧ ଖେଳାଳି ଆରିନା ସାବାଲେଙ୍କା ଏବଂ ନିକ କିର୍ଗିଓସ ଅଂଶଗ୍ରହଣ କରିବେ। ଏପର୍ଯ୍ୟନ୍ତ ଏପରି ପ୍ରମୁଖ ଅନ୍ତର୍ଜାତୀୟ ମ୍ୟାଚରେ ୟୁରୋପୀୟ କିମ୍ବା ଆମେରିକୀୟ କମ୍ପାନୀଗୁଡ଼ିକର ପ୍ରଯୁକ୍ତିବିଦ୍ୟାକୁ ଗୁରୁତ୍ୱ ଦିଆଯାଉଥିଲା। ଏପରି ମ୍ୟାଚରେ ପୁରୁଷ ଏବଂ ମହିଳା ଖେଳାଳିମାନେ ନିର୍ଦ୍ଦିଷ୍ଟ ନିୟମ ଅନୁଯାୟୀ ପରସ୍ପର ବିପକ୍ଷରେ ଖେଳନ୍ତି। ଏହା କେବଳ ମନୋରଞ୍ଜନ ନୁହେଁ ବରଂ ନୂତନ ପ୍ରଯୁକ୍ତିବିଦ୍ୟା ପରୀକ୍ଷା କରିବା ପାଇଁ ଏକ ବଡ଼ ପ୍ଲାଟଫର୍ମ। କେପ୍ରୋ.ଏଆଇର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଯେ ଖେଳାଳିମାନଙ୍କୁ ଏହାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିବା ପାଇଁ କୌଣସି ସେନ୍ସର କିମ୍ବା ଭାରି ଉପକରଣ ପିନ୍ଧିବାକୁ ପଡ଼ିବ ନାହିଁ। ଏହି ସ୍ମାର୍ଟଫୋନ-ଆଧାରିତ ଏଆଇ ପ୍ରଯୁକ୍ତିବିଦ୍ୟା ଖେଳାଳିଙ୍କ ଗତିବିଧି, ପ୍ରତିକ୍ରିୟା ସମୟ ଏବଂ ଖେଳିବା ଶୈଳୀକୁ ତୁରନ୍ତ ବିଶ୍ଳେଷଣ କରେ। ଏହା ପ୍ରଶିକ୍ଷକ ଏବଂ ଦର୍ଶକଙ୍କୁ ଖେଳ ବିଷୟରେ ବୁଝାଇବାରେ ସାହାଯ୍ୟ କରେ। କମ୍ପାନୀର 'ବ୍ରାଣ୍ଡ ଫ୍ରେଣ୍ଡ' ସାଇନା ନେହ୍ୱାଲ କହିଛନ୍ତି ଯେ, ଉଚ୍ଚସ୍ତରୀୟ କ୍ରୀଡାରେ ଛୋଟ ଛୋଟ ଉନ୍ନତି ମଧ୍ୟ ବିଜୟ ଏବଂ ପରାଜୟ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ସୃଷ୍ଟି କରିପାରିବ। ଏଆଇ ତଥ୍ୟ ଖେଳାଳିମାନଙ୍କୁ ସେମାନଙ୍କର ପ୍ରକୃତ ଶକ୍ତି ଏବଂ ଦୁର୍ବଳତା ବୁଝିବାରେ ସାହାଯ୍ୟ କରେ।

# ଭୁବନେଶ୍ୱରବାସୀଙ୍କ ଇନ୍‌ଷ୍ଟାମାର୍ଟ ଅର୍ଡରରେ ୪୬୫% ବୃଦ୍ଧି

ଭୁବନେଶ୍ୱର, ୨୮।୧୨ (ଅନୁରାଧା ମହାରଣା)

ଭାରତର ଅଗ୍ରଣୀ ବାଣିଜ୍ୟ ପ୍ଲାଟଫର୍ମ ଇନ୍‌ଷ୍ଟାମାର୍ଟ ତାହାର ବାର୍ଷିକ ରିପୋର୍ଟ 'ହାଓ ଇଣ୍ଡିଆ ଇନ୍‌ଷ୍ଟାମାର୍ଟେଡ୍ ୨୦୨୫' ପ୍ରକାଶ କରିଛି। ଏହି ରିପୋର୍ଟରୁ ଜଣାପଡିଛି ଯେ, ଭୁବନେଶ୍ୱରବାସୀ ଏବେ ଭାରତର ସୁବିଧାଜନକ ବାଣିଜ୍ୟ ପରିବର୍ତ୍ତନରେ ସବୁଠାରୁ ଆଗୁଆ। ସହରରେ ଅର୍ଡରରେ ପ୍ରାୟ ୪୬୫% ବୃଦ୍ଧି ଘଟିଛି। ସହରର କ୍ରେତାମାନଙ୍କର ଖର୍ଚ୍ଚରେ ପରମ୍ପରା ଓ ଆଧୁନିକତାର ଦୁଇଟି ମିଶ୍ରଣ ଦେଖିବାକୁ ମିଳିଛି। ଜଣେ ଗ୍ରାହକ ଆଇଫୋନ ପାଇଁ ୭.୩୪ ଲକ୍ଷ ଟଙ୍କା ବ୍ୟୟ କରିଥିବାବେଳେ ସେହିଭଳି ଅନ୍ୟ ଜଣେ ବର୍ଷସାରା ୪.୨୩ ଲକ୍ଷ ଟଙ୍କାର ଆଳୁ କିଣିଥିଲେ। ଭୁବନେଶ୍ୱରରେ ଟେକ୍ ଓ ତରକାରି ୧୦ ମିନିଟ୍‌ରେ ଗ୍ରାହକଙ୍କ ଘରେ ପହଞ୍ଚୁଛି। ଜଣେ ଗ୍ରାହକ ମୃଦୁପାନୀୟ ଉପରେ ସର୍ବାଧିକ ୬ ଲକ୍ଷ ଟଙ୍କା ବ୍ୟୟ କରିଥିଲେ। ଗ୍ରାହକ ୧୩,୪୨୮ ମୂଲ୍ୟର ଇୟରବଡ୍ ମଧ୍ୟ ଅର୍ଡର କରିଛନ୍ତି। ଆଞ୍ଚଳିକ ପ୍ରିୟ ଖାଦ୍ୟରେ ସିମେଇ, ସୋରିଷ ଏବଂ କରି ପାଉଡର ପ୍ୟାନଟ୍ରି ମଧ୍ୟ ଚାହିଦାରେ ରହିଛି। ଦୁର୍ଗା ପୂଜା ସମୟରେ ସହର ମୃଦୁ ପାନୀୟ, ଆଇସକ୍ରିମ ଓ ମାରି ବିସ୍କୁଟ ଅଧିକ ଅର୍ଡ଼ରକରି ପାଳନ କରିଥିଲା। ସହରରେ ଅର୍ଡର ହୋଇଥିବା ଅନ୍ୟାନ୍ୟ ସାମଗ୍ରୀରେ ଇଅରବଡ୍, ଘଣ୍ଟା ଓ ଲେଗୋ ସେଟ୍ ମଧ୍ୟ ଥିଲା।

# ୩୧ରେ ସରିବ ପାନ୍-ଆଧାର ଲିଙ୍କ୍ ଅବଧି

ଭୁବନେଶ୍ୱର, ୨୮।୧୨

ପାନ୍ କାର୍ଡକୁ ଆଧାର କାର୍ଡ ସହିତ ଲିଙ୍କ୍ କରିବାର ଶେଷ ତାରିଖ ଡିସେମ୍ବର ୩୧ ଧାର୍ଯ୍ୟ କରାଯାଇଛି। ଯଦି କୌଣସି କାରଣରୁ କେହି ତାଙ୍କ ପାନ୍ କାର୍ଡକୁ ଆଧାର ସହିତ ଲିଙ୍କ୍ କରିବାରେ ବିଫଳ ହୁଅନ୍ତି, ତେବେ ୨୦୨୬ ଜାନୁଆରୀ ୧ରୁ ତାଙ୍କ ପାନ୍ କାର୍ଡକୁ ଅବୈଧ କରିଦିଆଯିବ। ଏହା ପାନ୍ ସମ୍ବନ୍ଧୀୟ କାର୍ଯ୍ୟ ପ୍ରକ୍ରିୟାକରଣରେ ଅସୁବିଧା ସୃଷ୍ଟି କରିବ। ଯଦି ପାନ୍‌କୁ ଆଧାର ସହିତ ଲିଙ୍କ୍ କରିନାହାନ୍ତି, ତେବେ ଆପଣଙ୍କୁ ଯଥାଶୀଘ୍ର କରାଇନେବାକୁ ପରାମର୍ଶ ଦିଆଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ମାମା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମହିଳା ହକି ଇଣ୍ଡିଆ ଲିଗ୍ ଉଦ୍‌ଘାଟିତ

## ପ୍ରଥମ ମ୍ୟାଚ୍ ଜିତିଲା ପାଇପର୍ସ

ରାଞ୍ଚି,୨୮।୧୨

ଚଳିତ ବର୍ଷର ମହିଳା ହକି ଇଣ୍ଡିଆ ଲିଗ୍ (ଡବ୍ଲ୍ୟୁଏଚ୍ଆଇଏଲ୍) ରବିବାର ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଏସ୍‌ଜି ପାଇପର୍ସ ୨-୦ ଗୋଲରେ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଅଧିନାୟିକା ନବନୀତ କୌର (୨୭ତମ ମିନିଟ୍) ଓ ଟେରେସା ଭିଆନା (୪୬ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ରହିଥିଲା। ଉଭୟ ଦଳର ଡିଫେନ୍ସ ବିଭାଗ ଜବରଦସ୍ତ ପ୍ରଦର୍ଶନ ଯୋଗୁ କୌଣସି ଦଳ ପ୍ରଥମ କ୍ୱାର୍ଟରରେ ଗୋଟିଏ ହେଲେ ପେନାଲ୍ଟି କର୍ଣ୍ଣର (ପିସି) ହାସଲ କରି ପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରର ୨୫ତମ ମିନିଟ୍‌ରେ ଏସ୍‌ଜି ପାଇପର୍ସକୁ ଲଗାତର ଦୁଇଟି ପିସି ମିଳିଥିଲା। ମାତ୍ର ଉଭୟ ବେକାର ସାବ୍ୟସ୍ତ ହୋଇଥିଲା। ଦୁଇ ମିନିଟ୍ ପରେ ପାଇପର୍ସ ଦଳକୁ ମିଳିଥିବା ପିସିକୁ ଅଧିନାୟିକା ନବନୀତ ଗୋଲରେ କନଭର୍ଟ କରିଥିଲେ। ତୃତୀୟ କ୍ୱାର୍ଟରରେ ରାଞ୍ଚି ଦଳକୁ ୩ଟି ପିସି ମିଳିଥିଲା। କିନ୍ତୁ କୌଣସି ଖେଳାଳି ଗୋଟିଏ ବି ହେଲେ ସଫଳତାର ସହ କନଭର୍ଟ କରିପାରି ନ ଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରର ପ୍ରଥମ ମିନିଟ୍‌ରେ ଟେରେସା ଏକ ଫିଲ୍ଡ ଗୋଲ ସ୍କୋର କରି ପାଇପର୍ସ ଦଳକୁ ୨-୦ ଗୋଲର ଅଗ୍ରଣୀ ପ୍ରଦାନ କରିଥିଲେ। ଏହାପରେ ଦୁଇ ଦଳର ଖେଳାଳିଙ୍କ ଭରପୂର ପ୍ରୟାସ ସତ୍ତ୍ୱେ ସ୍କୋର ଲାଇନ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା।



ମ୍ୟାଚ୍ ବିଜୟରେ ଉଲ୍ଲସିତ ଏସ୍‌ଜି ପାଇପର୍ସ ଦଳର ଖେଳାଳି।

# ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଆରମ୍ଭ

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ରବିବାର ନୟାପଲ୍ଲୀସ୍ଥିତ ବ୍ୟାଡ୍‌ମିଣ୍ଟନ ଇନ୍‌ଡୋର ହଲ୍‌ରେ ଆରମ୍ଭ ହୋଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଅମରେନ୍ଦ୍ର ବେହେରା, ପାରା ବ୍ୟାଡ୍‌ମିଣ୍ଟନ ଶିବପ୍ରସାଦ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦ରୁ ଊର୍ଦ୍ଧ୍ୱ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ସ୍ୱସ୍ତିକ୍ ଚାମ୍ପିୟନ, ଓମ୍ ରନରଅପ୍



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

## ୧୩ ବର୍ଷରୁ କମ୍ ଓପନ୍ ଚେସ୍

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୧୩ ବର୍ଷରୁ କମ୍ ଓପନ୍ ଚେସ୍ ପ୍ରତିଯୋଗିତା ବଡ଼ଗଡ଼ସ୍ଥିତ ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡବିଶିଷ୍ଟ ଏହି ପ୍ରତିଯୋଗିତାରେ ସ୍ୱସ୍ତିକ୍ ତ୍ରିପାଠୀ(୪.୫ ପଏଣ୍ଟ) ଚାମ୍ପିୟନ ଏବଂ ଓମ୍ ଶତପଥୀ(୪) ରନରଅପ୍ ହୋଇଛନ୍ତି। ନିରେକ ପରିଡ଼ା, ଆୟୁଷ ପରିଡ଼ା, ସାରାଂଶ ମିଶ୍ର, ଆଦିତ୍ୟ ଶଙ୍କର ବେହେରା ଓ ବିନୟ ଆଶୁତୋଷ ମହାରଣା ପରବର୍ତ୍ତୀ ୫ ସ୍ଥାନ ଅଧିକାର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୫ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ପ୍ରତିଯୋଗିତାକୁ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହୁରା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଆଶୀର୍ବାଦଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର



ଆଶୀର୍ବାଦ ବେହେରାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ କଟକ ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ଓଡ଼ିଶା ଆଥଲେଟିକ୍ ଆସୋସିଏଶନ (ଓଏଏ) ପକ୍ଷରୁ ରବିବାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜିତ ଓଏଏର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବରେ ସାଉଥ୍ ଏସିଆନ ଆଥଲେଟିକ୍ ଫେଡେରେଶନ ସଭାପତି ଲଳିତ ଭାନୋଟ, କଟକ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମିର ମହାନ୍ତି, କାର୍ଯ୍ୟକାରୀ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଓଏଏ ସଭାପତି ଜି.ଏସ. ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ରାଜ୍ୟର ପ୍ରତିଷ୍ଠିତ ୨୩ ଆଥଲେଟ୍ ଓ ୪ କୋଚ୍/ଅଫିସିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧିତ ଆଥଲେଟ୍‌ମାନେ ହେଲେ ଉଷାରାଣୀ ମିଶ୍ର, ରଚିତା ମିସ୍ତ୍ରୀ, ଅନୁରାଧା ବିଶ୍ୱାଳ, ଦୂତୀ ଚାନ୍ଦ, ଶିବ ସିଂ, ପ୍ରଣତି ମିଶ୍ର, ସେକ୍ ଫାରୁକ ଅଲୀ, ସଞ୍ଜୟ କୁମାର ପ୍ରଧାନ, ପାର୍ବତୀ ମହନ୍ତ, ସାହେବାଣି ଓରାମ, ସଂଘମିତ୍ରା ଲେଙ୍କା, ପାର୍ଥ ସାରଥି ପହି, ସୁଷମା ବେହେରା, ବାଇଜୁ ମାରାଣ୍ଡି, ସୁନୀଲ କୁମାର ଆଜାଦ, ନମିତା ସାମଲ, ରେଣୁବାଳା ମହନ୍ତ, ରଞ୍ଜିତା ମହନ୍ତ, ସରସ୍ୱତୀ ଚାନ୍ଦ, ପୁଙ୍ଗା ସୋରେନ, ନମିତା କବାଟ ଓ ରବି ଦାସ।

# କେନ୍ଦୁଝର, ପୁରୀ ଚାମ୍ପିୟନ

## ରାଜ୍ୟସ୍ତରୀୟ ସବ୍‌ଜୁନିୟର ଖୋ ଖୋ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବ ବିଭାଗର ସହଯୋଗରେ ଓଡ଼ିଶା ଖୋ ଖୋ ଆସୋସିଏଶନ, ଜିଲା କ୍ରୀଡ଼ା ସଂସଦ ଜଗତ୍‌ସିଂହପୁରର ମିଳିତ ଆନୁକୂଲ୍ୟରେ ତିର୍ତ୍ତୋଲ ଏମ୍‌ଏସ୍ ଏକାଡେମୀରେ ୧୭ଶ ରାଜ୍ୟସ୍ତରୀୟ ସବ୍‌ଜୁନିୟର (ବାଳିକା ଓ ବାଳକ) ଖୋ ଖୋ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ବାଳିକା ବର୍ଗ ଫାଇନାଲରେ କେନ୍ଦୁଝର ୩୩-୩୦ରେ କିସ୍ ଦଳକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ବାଳକ ବର୍ଗ ଫାଇନାଲରେ ପୁରୀ ୩୪-୨୬ରେ କଟକକୁ ହରାଇ ଟାଇଟଲ ହାସଲ କରିଛି। ବାଳକ ବିଭାଗରେ କିସ୍ ତୃତୀୟ, ବାଲେଶ୍ୱର ୪ର୍ଥ, ଗଜପତି ୫ମ, ସୁନ୍ଦରଗଡ଼ ୬ଷ୍ଠ, ଗଞ୍ଜାମ ୭ମ ଓ ବଲାଙ୍ଗୀର ୮ମ ସ୍ଥାନ ଅଧିକାର କରିଛି। ସେହିପରି ବାଳିକା ବର୍ଗରେ ସୁନ୍ଦରଗଡ଼ ୩ୟ, ପୁରୀ ୪ର୍ଥ, ବାଲେଶ୍ୱର ୫ମ, ଜଗତ୍‌ସିଂହପୁର ୬ଷ୍ଠ, ଢେଙ୍କାନାଳ ୭ମ ଓ ଭୁବନେଶ୍ୱର ୮ମ ସ୍ଥାନରେ ରହିଛି। ପୁରୀର ବିଜୟ ସରଙ୍ଗିଆ ପ୍ଲେୟର ଅଫ ଦି ଟୁର୍ଣ୍ଣାମେଣ୍ଟ, ପୁରୀର ଅମରଜ୍ୟୋତି ବଳିୟାରସିଂ ଶ୍ରେଷ୍ଠ ରନର ଓ କଟକର ସତ୍ୟରଞ୍ଜନ ବେହେରା ଶ୍ରେଷ୍ଠ ଚେଜର ବିବେଚିତ ହୋଇଛନ୍ତି। ସେହିପରି ବାଳିକା ବର୍ଗରେ କେନ୍ଦୁଝରର ପ୍ରତିମା ନାୟକ ପ୍ଲେୟର ଅଫ ଦି ଟୁର୍ଣ୍ଣାମେଣ୍ଟ, କିସ୍‌ର ସୁନିମା ଖାଡ଼ିଆ ଶ୍ରେଷ୍ଠ ରନର, ଓ କେନ୍ଦୁଝରର ଲକ୍ଷ୍ମୀପ୍ରିୟା ନାୟକ ଶ୍ରେଷ୍ଠ ଚେଜର ପୁରସ୍କାର ପାଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଏଏନ୍‌ଏମ୍‌ଏସ୍ ଇଣ୍ଡିଆର ବିମଳ ମହାପାତ୍ର। ଓଡ଼ିଶା ଖୋ ଖୋ ସଂଘର ସଂପାଦକ ତଥା ସର୍ବଭାରତୀୟ ଖୋ ଖୋ ସଂଘର ଉପସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡ଼ିଶା ଡ୍ରାଇଭର ମହାସଂଘ ଜଗତ୍‌ସିଂହପୁର ଜିଲା ଉପ ସଭାପତି ନିର୍ମଳ ପାଲ, ଓଡ଼ିଶା ଖୋ ଖୋ ସଂଘର କୋଷାଧ୍ୟକ୍ଷ ପାର୍ଥସାରଥି ମହାପାତ୍ର, କାର୍ଯ୍ୟକାରିଣୀ ସଦସ୍ୟ ଭୁବନ ମୋହନ ଦାସ ଓ ସୁନାକର ରାଉତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

# ପାକିସ୍ତାନ କବାଡ଼ି ଖେଳାଳି ଅନିର୍ଦ୍ଦିଷ୍ଟ କାଳ ପାଇଁ ବାସନ୍ଦ

## ଭାରତକୁ ପ୍ରତିନିଧିତ୍ୱ କରିବା ଘଟଣା

କରାଚୀ,୨୮।୧୨(ପି.ଟି.)

ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବା ଲାଗି ପାକିସ୍ତାନର ଜଣେ ଜଣାଶୁଣା ଅନ୍ତର୍ଜାତୀୟ କବାଡ଼ି ଖେଳାଳି ଉବେଦୁଲା ରାଜପୁତଙ୍କୁ ଦେଶର କବାଡ଼ି ଫେଡେରେଶନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାସନ୍ଦ କରାଯାଇଛି। ସେ ଚଳିତ ମାସରେ ବାହାରିନ୍‌ଠାରେ ଏକ ପ୍ରାଇଭେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ପାଇଁ ପ୍ରତିନିଧିତ୍ୱ କରିଥିଲେ। ଏଥିଲାଗି ଶନିବାର ପାକିସ୍ତାନ କବାଡ଼ି ଫେଡେରେଶନ(ପିକେଏଫ୍) ପକ୍ଷରୁ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଏହି ବୈଠକରେ ବିଦେଶରେ ଖେଳିବା ପାଇଁ ଯିବା ପୂର୍ବରୁ ସେ ଫେଡେରେଶନଠାରୁ ବାଧ୍ୟତାମୂଳକ ନୋ-ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ନେଇ ନ ଥିବାରୁ ଦୋଷୀ ସାବ୍ୟସ୍ତ ହୋଇଥିଲେ।

ପିକେଏଫ୍ ସମ୍ପାଦକ ରାଣା ସରୱାର କହିଛନ୍ତି, ରାଜପୁତଙ୍କଠାରେ ଶୃଙ୍ଖଳ କମିଟି ନିକଟରେ ଅପିଲ କରିବାର ଅଧିକାର ରହିଛି। ସେ ଫେଡେରେଶନଠାରୁ ଏନ୍‌ଓସି ନ ନେଇ ବିଦେଶୀ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲେ। କେବଳ ଏତିକି ନୁହେଁ, ସେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ, ଜର୍ସି ପିନ୍ଧିଥିଲେ ଏବଂ ଏକ ମ୍ୟାଚ୍ ଜିତିବା ପରେ ଭାରତୀୟ ପତାକାକୁ ନିଜ କାନ୍ଧରେ ଗୁଡ଼ାଇଥିଲେ। ତାଙ୍କ ସହ ଭାଗନେଇଥିବା ଅନ୍ୟ ଖେଳାଳିଙ୍କୁ ବ୍ୟାନ୍ କରାଯିବା ସହ ଅର୍ଥଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇଛି। ପୂର୍ବରୁ ରାଜପୁତ କ୍ଷମାପ୍ରାର୍ଥନା କରି କହିଥିଲେ, ମୋତେ ବାହାରିନ୍‌ଠାରେ ଏକ ଟୁର୍ଣ୍ଣାମେଣ୍ଟରେ ଖେଳିବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ସେଠାରେ ଏକ ପ୍ରାଇଭେଟ୍ ଦଳରେ ମୋତେ ସାମିଲ କରାଯାଇଥିଲା। କିନ୍ତୁ ପରେ ଆୟୋଜକମାନେ ସେହି ଦଳର ନାମ ଭାରତ ରଖିଥିଲେ। ମୁଁ କିନ୍ତୁ ଆୟୋଜକଙ୍କୁ ଭାରତ ଓ ପାକିସ୍ତାନ ନାମ ବ୍ୟବହାର ନ କରିବାକୁ କହିଥିଲି। ଅତୀତରେ ପ୍ରାଇଭେଟ୍ ପ୍ରତିଯୋଗିତାରେ ଭାରତ ଓ ପାକିସ୍ତାନ ଖେଳାଳିମାନେ ମଧ୍ୟ ଏକ ପ୍ରାଇଭେଟ ଦଳ ଲାଗି ଏକତ୍ର ଖେଳିଛନ୍ତି।



D-2968

# କଳିଙ୍ଗ ଭଲିବଲ୍ ଲିଗ୍ ଉଦ୍‌ଯାପିତ



କଳିଙ୍ଗ ଭଲିବଲ୍ ଲିଗ୍‌ରେ ଚାମ୍ପିୟନ ମହିଳା ଦଳ।

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

କଳିଙ୍ଗ ଭଲିବଲ୍ ବିକାଶ ପରିଷଦ (କେଭିଡିସି) ଆନୁକୂଲ୍ୟରେ କଳିଙ୍ଗ ଭଲିବଲ୍ ଲିଗ୍ (କେଭିଏଲ)ର ପ୍ରଥମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଛି। ବାଳକ ବର୍ଗରେ ପୁରୀର ଗଣେଶ୍ୱରପୁର ପଞ୍ଚାୟତ ଚାମ୍ପିୟନ ଓ ଖୋର୍ଦ୍ଧା ରଜାସ୍ ପଞ୍ଚାୟତ ରନରଅପ୍ ହୋଇଛି। ସେହିପରି ବାଳିକା ବର୍ଗରେ ଅନୁଗୋଳର ନୂଆହାଟ ପଞ୍ଚାୟତ ଚାମ୍ପିୟନ ଏବଂ ଢେଙ୍କାନାଳର ପାଇକ ପୁରୁଣାକୋଟ ରନରଅପ୍ ହୋଇଛି। ବାଳକ ବର୍ଗରେ ପୁରୀର ରଶ୍ମିରଞ୍ଜନ ସାହୁ ଏବଂ ବାଳିକା ବର୍ଗରେ ରୋଜାଲିନ୍ ନାୟକଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଜୋନ୍‌ରେ ପ୍ରତିଯୋଗିତା ଆୟୋଜନ ପରେ ଉଭୟ ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୧୬ ଦଳକୁ ନେଇ ଅନୁଗୋଳରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା। କେଭିଡିସି ଓ ଅନୁଗୋଳର ଭଲିବଲ୍ ହୋମ୍‌ର ମିଳିତ ସହଯୋଗରେ ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଦଳର ପୂର୍ବତନ ଅଧିନାୟକ ଅଭିଜିତ୍ ଭଟ୍ଟାଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡାନି ଫାଉଣ୍ଡେଶନର ସିଇଓ ରାଜେଶ ରାଜଗୋପାଳନ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ଥିଲେ। କେଭିଡିସି ସଭାପତି ଅଭିଲାସ ଦାଶ, ସମ୍ପାଦକ ସଂଗ୍ରାମ ଓଝା, ଉପସଭାପତି ରମାକାନ୍ତ ପଟ୍ଟନାୟକ, ଶିବରଞ୍ଜିତ ଜେନା, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ନାୟକ, ଦୀପ୍ତିରଞ୍ଜନ ମହାନ୍ତି, ଆଦର୍ଶ ଆନନ୍ଦ ଡିଗଲ, ଅସିତ୍ କୁମାର ଦାସ, ଢେଙ୍କାନାଳ ଜିଲା ସମ୍ପାଦକ ରାଜୀବ ସାହୁ, କଟକ ଜିଲା ସମ୍ପାଦକ ସରୋଜ ଖଟୁଆ, ସଭାପତି ଦେବାଶିଷ ସ୍ୱାଇଁ, ଯାଜପୁର ଜୋନ୍‌ରୁ ଦିବ୍ୟବ୍ରତ ପଣ୍ଡାଙ୍କ ସମେତ ରାଜେଶ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଖେଳାଳି ଓ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୮।୧୨(ତପନ ସ୍ୱାଇଁ)

ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ରବିବାର ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୨୨ ରାଜ୍ୟରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଏବଂ ସାମାଜିକ କର୍ମୀ ବସନ୍ତ କୁମାର ବଡ୍ଡୁ, କେଟି ଗ୍ଲୋବାଲର ପ୍ରତିଷ୍ଠାତା ସୋମଦତ୍ତ ଦେହୁରୀ, ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ଆମେଚର ସଫ୍ଟ ଟେନିସ୍ ଫେଡେରେଶନ ଅଫ୍ ଇଣ୍ଡିଆର ସିଇଓ ଅନିକେତ ଖୋଦାଧାରା, ସିଓଓ ହସମୁଖ ବେଗଡ଼ା, ପରାମର୍ଶଦାତା ହସରଙ୍ଗ ଖୋଦାଧାରା, ସାମାଜିକ କର୍ମୀ ବିନୟ କୁମାର ସିଂ, ଓଡ଼ିଶା ସଫ୍ଟ ଟେନିସ୍ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜମ, ଉପସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାରକ ଉଦ୍‌ଘାଟନ କରିଥିଲେ।

**Classified Everyday**
0674-2580101, 9692975378



**REAL ESTATE**

**SALE**

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

2/3 BHK ready to move flat for sale at Jayadev Vihar square. Contact: 9437307086, 7008789347. D-2878

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




All types of physiotherapy with massage, Contact number 9556924059/ 7656969134. D-2766

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

I, Jayendra Behera (Aadhaar: xxxx xxxx 5655), S/o.- Dharani Behera, Kotapokhari, Nayagarh, Odisha declare that DHARANIDHAR BEHERA (as in H.S.C. Certificate) and DHARANI BEHERA (used in other documents) are variant spellings of my father's name, and both refer to the same person. This affidavit is for correcting discrepancies for job and others applications etc. D-2969

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରେମଲତା ମହାନ୍ତି
ସ୍ଥାନ- ନିମେଇଶାପୁର, କଟକ
ତିରୋଧାନ:୧୯।୧୨।୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ଓ ମହାନ୍ତି ପରିବାରବର୍ଗ।
D-2967

# ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ଉଦ୍‌ଯାପିତ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

ଓଡ଼ିଶା ଟାଏକୋଣ୍ଡୋ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଭଦ୍ରକର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଓପନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ୩ ଦିନବିଶିଷ୍ଟ ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୮୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏବଂ ୧୨୦ ପ୍ରଶିକ୍ଷକ ଓ ମ୍ୟାନେଜର ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଆଗାମୀ ଜାତୀୟସ୍ତରୀୟ ଫେଡେରେଶନ କପ୍‌ରେ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଅବସରରେ ଭଦ୍ରକ ଉପଜିଲାପାଳ କାର୍ତ୍ତିକ ମଣ୍ଡଳ, ଜିଲା ଡିଏସ୍‌ଓ ଅନୁପ କୁମାର ବେହେରା, ଭଦ୍ରକ ଜିଲା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଶୁଭେନ୍ଦୁ ରାୟ ମହାପାତ୍ର, ଓଡ଼ିଶା ଟାଏକୋଣ୍ଡୋର ପରାମର୍ଶଦାତା ତଥା ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରଞ୍ଜିତା ସ୍ୱାଇଁ, ରାଜ୍ୟ ଟାଏକୋଣ୍ଡୋ ଆସୋସିଏଶନ ସମ୍ପାଦକ ଚିନ୍ମୟ ବେହେରା, ଭଦ୍ରକ ଜିଲା ଭାଜପା ଅଧ୍ୟକ୍ଷ ଭଗବାନ ପଣ୍ଡା, ପ୍ରାଚୀ ମହାପାତ୍ର ଓ ଅଜୟ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ତର୍ଜାତୀୟ ରେଫରି ସ୍ୱଦେଶ ରଞ୍ଜନ ରାଉତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଂଶୁମାନ ଦ୍ୱିବେଦୀ, ରୋଜାଲିନ ପଣ୍ଡା ଓ ଏସ୍.କେ. ମଦାନୀ ଅତିଥି ରୂପେ ଯୋଗଦେଇଥିଲେ।

# ଡଲାର ତୁଳନାରେ ଟଙ୍କା ଶହେମୁହାଁ

ବିଦାୟୀ ବର୍ଷ ୨୦୨୫ରେ ଟାରିଫ୍ ଓ ଟଙ୍କାକୁ ନେଇ ଚର୍ଚ୍ଚା ଜୋର ହୋଇଥିବାବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଭାରତୀୟ ବଜାର ଓ ଅର୍ଥନୀତିକୁ ପ୍ରଭାବିତ କରିଥିଲା। ଟ୍ରମ୍ପଙ୍କ ଟାରିଫ୍ ଝଡ଼ରେ ଭାରତୀୟ ବାଣିଜ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ସେପ୍ଟେମ୍ବର ୨୨ରେ ଜିଏସ୍‌ଟି ସ୍ଲାବରେ ସଂସ୍କାର ବିଭିନ୍ନ ସାମଗ୍ରୀ ଦର ହ୍ରାସ ଆଶା ବଢ଼ାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ଜୀବନରେ ବିଶେଷ ପରିବର୍ତ୍ତନ ଆଣିପାରି ନ ଥିଲା। ବର୍ଷ ଶେଷ ଆଡ଼କୁ ସୌଖୀନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ବିକ୍ରି ବଢ଼ିଥିଲା। ଆରବିଆଇ ପକ୍ଷରୁ ରେପୋ ରେଟ୍‌ରେ ୪ଥର ହ୍ରାସ ଗୃହ ଓ ଗାଡ଼ି ଋଣ ସୁଧ ହାରକୁ କମ୍ କରିଥିଲା। ଅନ୍ୟପକ୍ଷେ ଏହି ବର୍ଷ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ରାଜ୍ୟ ସରକାର ଅନେକ କମ୍ପାନୀ ସହ ଚୁକ୍ତି କରିଛନ୍ତି, ଯାହାକି ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ରାସ୍ତା ପ୍ରଶସ୍ତ କରିଛି। ଓଡ଼ିଶାରେ ରେଳ ବିକାଶକୁ ମଧ ଏହି ବର୍ଷ ଐତିହାସିକ ଗତି ଦେଇଛି।

## ବର୍ଷକରେ ଟଙ୍କା ୪.୪୪% ଦୁର୍ବଳ



ବିଦାୟୀ ବର୍ଷ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାକୁ ବହୁ ଚାପକୁ ଠେଲି ଦେଇଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ୧୬ ଡିସେମ୍ବରରେ ମୁଦ୍ରା ମୂଲ୍ୟ ଐତିହାସିକ ରେକର୍ଡ ସୃଷ୍ଟି କରି ୯୧ ଟଙ୍କା ୭ ପଇସାରେ ପହଞ୍ଚିଥିଲା। ବର୍ଷ ଆରମ୍ଭରେ ଡଲାର ମୂଲ୍ୟ ୮୫ ଟଙ୍କା ଥିବାବେଳେ ବର୍ଷ ଶେଷ ଆଡ଼କୁ ଏହା ୪.୪୪% ହ୍ରାସ ପାଇଥିଲା। ଭୂ-ରାଜନୈତିକ ଅସ୍ଥିରତା ଓ ବାଣିଜ୍ୟିକ ଯୁଦ୍ଧ ଭାରତୀୟ ମୁଦ୍ରା ଟଙ୍କା ଦୁର୍ବଳ ହେବାର ମୁଖ୍ୟ କାରଣ ଥିଲା। ଫଳରେ ଭାରତୀୟ ଅର୍ଥନୀତି ପ୍ରଭାବିତ ହୋଇଥିଲା। ଆମଦାନୀ ମହଙ୍ଗା ହେବା ଦ୍ୱାରା ମୁଦ୍ରାସ୍ଫୀତି ବଢ଼ୁଛି। ମାତ୍ର ରପ୍ତାନି ପାଇଁ ଏହା ଲାଭଦାୟକ ହେଉଥିଲେ ମଧ୍ୟ ବର୍ଦ୍ଧିତ ଟାରିଫ୍ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଆଘାତ ପହଞ୍ଚାଉଛି।

## ଟ୍ରମ୍ପ୍ ଟାରିଫ୍ ଝଡ଼



୨୦୨୫ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ପ୍ରଥମେ ଜୁଲାଇ ୩୦ରେ ୨୫% ରେସିପ୍ରୋକାଲ ଟାରିଫ୍ ଘୋଷଣା କରି ଅଗଷ୍ଟ ୧ରୁ ଲାଗୁ କରିଥିଲେ। ଅଗଷ୍ଟ ୬ରେ ଭାରତର ରୁଷିଆରୁ ରିହାତି ତେଲ କ୍ରୟକୁ ରୁଷିଆ-ୟୁକ୍ରେନ ଯୁଦ୍ଧର ଫଣ୍ଡି ଭାବେ ଦର୍ଶାଇ ଅଧିକ ୨୫% ଦଣ୍ଡାତ୍ମକ ଟାରିଫ୍ ଯୋଡ଼ି ମୋଟ ୫୦% କରିଦେଇଥିଲେ, ଯାହା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇଥିଲା। ଫଳରେ ବସ୍ତ୍ର, ରତ୍ନ-ଆଭୂଷଣ, ଚମଡ଼ାଜାତ ଦ୍ରବ୍ୟ, ରାସାୟନିକ ପଦାର୍ଥ ଏବଂ ଖାଦ୍ୟ ଭଳି ଶ୍ରିମ୍ପ ଆଦି କ୍ଷେତ୍ରରେ ଭାରତୀୟ ରପ୍ତାନିକାରୀମାନଙ୍କୁ ବଡ଼ କ୍ଷତି ପହଞ୍ଚାଇଥିଲା ଏବଂ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କୂଟନୈତିକ ସମ୍ପର୍କକୁ ତୀବ୍ର ପ୍ରଭାବିତ କରିଥିଲା। ମାତ୍ର ଭାରତ ଏହାର ଜବାବରେ ରୁଷିଆ ସହ ବାଣିଜ୍ୟ ଜାରି ରଖି ନୂଆ ବଜାର ଅନୁସନ୍ଧାନ କରିଥିଲା। ଓମାନ, ନ୍ୟୁଜିଲାଣ୍ଡ ଓ ବ୍ରିଟେନ୍ ଭଳି ଦେଶ ସହ ମୁକ୍ତ ବାଣିଜ୍ୟ ଚୁକ୍ତି କରି ଅର୍ଥନୀତିର ବିବିଧିକରଣ ଦ୍ୱାରା ପ୍ରଭାବକୁ କମ୍ କରିବାକୁ ସଫଳ ହୋଇଥିଲା। ଫଳରେ ନଭେମ୍ବରରେ ଆମେରିକାକୁ ରପ୍ତାନି ପୁନର୍ବାର ବଢ଼ିଥିଲା ଏବଂ ଡିସେମ୍ବର ସୁଦ୍ଧା ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ବାଣିଜ୍ୟ ଚୁକ୍ତି ଆଲୋଚନା ପରେ ସମ୍ପର୍କରେ କିଛିଟା ସ୍ଥିରତା ଆସିଥିଲା। ଅନୁରୂପ ଭାବେ ମେକ୍ସିକୋ ମଧ୍ୟ ଭାରତ ଉପରେ ୫୦ % ତାରିଖ ଟାରିଫ୍ ଲଗାଇବା ସ୍ଥିତିକୁ ସଙ୍ଗିନ୍ କରିଥିଲା।

## ଓଡ଼ିଶାର ଶିରିଶ ଚନ୍ଦ୍ର ମୁର୍ମୁ ଆରବିଆଇ ଡେପୁଟି ଗଭର୍ନର



ଓଡ଼ିଶାର ମୟୂରଭଞ୍ଜ ଜିଲାରେ ଜନ୍ମିତ ଶିରିଶ ଚନ୍ଦ୍ର ମୁର୍ମୁ ଆରବିଆଇର ଡେପୁଟି ଗଭର୍ନର ଭାବରେ ଅକ୍ଟୋବର ୯ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବା ସହ ପର୍ଯ୍ୟବେକ୍ଷଣ ବିଭାଗର ଦାୟିତ୍ୱରେ ଅଛନ୍ତି। ୩ ବର୍ଷ ପାଇଁ ସେ ଏହି କାର୍ଯ୍ୟଭାର ତୁଲାଇବେ।

## ଆଶା ବଢ଼ାଇଲା ଜିଏସ୍‌ଟି ସଂସ୍କାର




ଆମେରିକାର ଟାରିଫ୍ ଝଡ଼ ମଧ୍ୟରେ କେନ୍ଦ୍ର ସରକାର ୪ଟିକିଆ ସେବା ଓ ସାମଗ୍ରୀ ଟିକସ (ଜିଏସ୍‌ଟି) ସ୍ଲାବ୍‌ରେ ୨୨ ସେପ୍ଟେମ୍ବରରେ ବଡ଼ ପରିବର୍ତ୍ତନ କରିଥିଲେ। ୫୬ତମ ଜିଏସ୍‌ଟି ପରିଷଦ ବୈଠକରେ ୫%, ୧୨%, ୧୮% ଓ ୨୮% ସ୍ଲାବ୍‌କୁ ହଟାଇ ୨ଟି ଟିକସ ସ୍ଲାବ୍ (୫% ଓ ୧୮%) କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ନବରାତ୍ରର ପ୍ରଥମଦିନରୁ ୨ଟିକିଆ ଜିଏସ୍‌ଟି ସ୍ଲାବ କାର୍ଯ୍ୟକାରୀ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୭ ଜୁଲାଇ ୧ରେ ସମଗ୍ର ଦେଶରେ ଜିଏସ୍‌ଟି ଲାଗୁ ହେବା ପରେ କେନ୍ଦ୍ର ସରକାରଙ୍କ ଏହା ଥିଲା ପରୋକ୍ଷ ଟିକସରେ ବଡ଼ ସଂସ୍କାର। ଦେଶରେ ଜିଏସଟି ୨.୦ ଲାଗୁ ହେବା ପରେ କେତେକ ଦୈନନ୍ଦିନ ଜିନିଷର ଦାମ୍ ହ୍ରାସ ପାଇଥିବାବେଳେ ବିଳାସପୂର୍ଣ୍ଣ ଦ୍ରବ୍ୟ ଓ କ୍ଷତିକାରକ ଜିନିଷ ଉପରେ ବର୍ଦ୍ଧିତ ଟିକସ ଲାଗୁ ହୋଇଥିଲା।

## ରାଜ୍ୟରେ ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି ବିକାଶ

ଓଡ଼ିଶାରେ ଇଲେକ୍ଟ୍ରୋନିକ୍ସ, ଆଇଟି, ସେମିକଣ୍ଡକ୍ଟର, ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ୨ଟି ସେମିକଣ୍ଡକ୍ଟର ନିର୍ମାଣ ୟୁନିଟ୍ ଖୋଲିବ। ଏହି ଦୁଇ ୟୁନିଟ୍‌ରେ ୪,୯୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଭୁବନେଶ୍ୱରରେ ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ନୂଆ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ



କ୍ଲଷ୍ଟର ୧,୫୩୦ କୋଟି ଟଙ୍କାର ପୁଞ୍ଜିନିବେଶ ଆକୃଷ୍ଟ କରିବା ସହିତ ୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ସେମିକଣ୍ଡକ୍ଟର କାରଖାନାରୁ ଉତ୍ପାଦିତ ଚିପ୍, ଅଟୋମୋବାଇଲ, ଏରୋସ୍ପେସ, ପ୍ରତିରକ୍ଷା, ୱେରଲେସ୍ ଉପକରଣ, ବୈଦ୍ୟୁତିକ ବାହନ(ଇଭି), ଡାଟା ସେଣ୍ଟର, ଇଲେକ୍ଟ୍ରୋନିକ୍ସ ଉପକରଣ ଆଦିରେ ବ୍ୟବହୃତ ହେବ। 'ଚିପ୍ ଟୁ ଷ୍ଟାର୍ଟଅପ୍' ଅଧୀନରେ ରାଜ୍ୟର ୧୧ଟି ବିଶ୍ୱବିଦ୍ୟାଳୟକୁ କେନ୍ଦ୍ର ମାଗଣା ଡିଜାଇନ ଟୁଲ୍ ଯୋଗାଉଛି। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ଏବେ ସୁଦ୍ଧା ୩୯୮ କୋଟି ଟଙ୍କା ନିବେଶ ସହ ୫୭୨ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଡିଜିଟାଲ ଦକ୍ଷତା ବିକାଶ ଲାଗି ଜାତୀୟ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ପ୍ରତିଷ୍ଠାନ (ଏନ୍‌ଆଇଇଏଲ୍‌ଆଇଟି) ରାଜ୍ୟରେ ୨ଟି କେନ୍ଦ୍ର ସ୍ଥାପନ ସହ କଟକ, ଭୁବନେଶ୍ୱର, ସମ୍ବଲପୁର, ବାଲେଶ୍ୱର ସମେତ ବିଭିନ୍ନ ସ୍ଥାନରେ ୩୫ଟି କେନ୍ଦ୍ରକୁ ମାନ୍ୟତା ପ୍ରଦାନ କରିଛି। ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆ ଦ୍ୱାରା ଟ୍ରିପଲ ଆଇଟି ଭୁବନେଶ୍ୱର ଏବଂ ଇଣ୍ଡିଆନ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ସେମି କଣ୍ଡକ୍ଟର ଆସୋସିଏସନ ସହଭାଗିତାରେ ଇଲେକ୍ଟ୍ରୋପ୍ରିନ୍ୟୁର୍ ପାର୍କ ସ୍ଥାପନ କରାଯାଇଛି।

## ଦ୍ୱିତୀୟାର୍ଦ୍ଧରେ ବଢ଼ିଲା ଗାଡ଼ି ବିକ୍ରି

ବିଦାୟୀ ବର୍ଷରେ ଭାରତରେ ପ୍ରାୟ ୨କୋଟି ୫ ଲକ୍ଷ ୟୁନିଟ୍ ୨ ଚକିଆ ଯାନ ବିକ୍ରି ହୋଇଛି। ପାସେଞ୍ଜର ଭେହିକଲ୍ସ (ପିଭି) ବିକ୍ରୟ ବର୍ଷର ଆରମ୍ଭରେ ମଧ୍ୟମ ବୃଦ୍ଧି ଦେଖାଯାଇଥିଲା, ମାତ୍ର ବର୍ଷର ପ୍ରଥମାର୍ଦ୍ଧରେ ଅଳ୍ପ ହ୍ରାସ ହୋଇଥିଲ। ତେବେ ଦ୍ୱିତୀୟାର୍ଦ୍ଧରେ ବିଶେଷକରି ଅକ୍ଟୋବର ଓ ନଭେମ୍ବରରେ ଜିଏସଟି ହ୍ରାସ, ପାର୍ବଣ ଋତୁ ଏବଂ ଗ୍ରାମାଞ୍ଚଳରେ ବର୍ଦ୍ଧିତ ଚାହିଦା ଯୋଗୁ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ବାଣିଜ୍ୟିକ ଯାନବାହନ (ସିଭି) ବିକ୍ରୟ ଯଥେଷ୍ଟ ବୃଦ୍ଧି ପାଇଛି, ଯାହାକି ଭିତ୍ତିଭୂମି ବିକାଶ ଓ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଛି। ନଭେମ୍ବରରେ ରେକର୍ଡ ବିକ୍ରୟ ସହିତ ମାରୁତି ସୁଜୁକି ପିଭି ବଜାରରେ ଆଗୁଆ ରହିଥିବବେଳେ ଟାଟା ମୋଟର୍ସ ଓ ମହିନ୍ଦ୍ରା ପଛକୁ ଥିଲେ।



## ଟାଟା-ମିସ୍ତ୍ରୀ ପରିବାର ବିବାଦ

୨୦୨୫ରେ ଟାଟା ଗ୍ରୁପର ସବୁଠାରୁ ବଡ଼ ବିବାଦ ଟାଟା ଟ୍ରଷ୍ଟ ମଧ୍ୟରେ ଦେଖିବାକୁ ମିଳିଥିଲା। ୨୦୨୪ରେ ରତନ ଟାଟାଙ୍କ ଦେହାନ୍ତ ପରେ ଗଭର୍ନାନ୍ସ, ପାରଦର୍ଶିତା ଏବଂ ବୋର୍ଡ ନିଯୁକ୍ତି ନେଇ ସାଇରସ୍ ଓ ମିସ୍ତ୍ରୀ ପରିବାର ମଧ୍ୟରେ ମତଭେଦ ସୃଷ୍ଟି କରିଥିଲା। ରତନ ଟାଟାଙ୍କ ସାବତ ଭାଇ ତଥା ଟ୍ରଷ୍ଟର ଅଧ୍ୟକ୍ଷ ନୋଏଲ ଟାଟାଙ୍କ ନେତୃତ୍ୱାଧୀନ ଗୋଷ୍ଠୀ ଏବଂ ସାଇରସ୍ ମିସ୍ତ୍ରୀ ତଥା ରତନ ଟାଟାଙ୍କ ଘନିଷ୍ଠ ମେହଲି ମିସ୍ତ୍ରୀଙ୍କ ଗୋଷ୍ଠୀ ମଧ୍ୟରେ ତିକ୍ତତା ତୀବ୍ର ହୋଇଥିଲା। ଅକ୍ଟୋବରରେ ମେହଲିଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ବିବାଦର ସମାଧାନ ପାଇଁ ସରକାରୀ ହସ୍ତକ୍ଷେପ ସ୍ୱରୂପ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ବୈଠକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ଏବଂ ନଭେମ୍ବର ୪ରେ ମେହଲି ନିଜେ ଇସ୍ତଫା ଦେଇ ରତନ ଟାଟାଙ୍କ ଦର୍ଶନକୁ ରକ୍ଷା କରିବା ପାଇଁ ଏହି ନିଷ୍ପତ୍ତି ନେଇଥିବା କହିଥିଲେ। ଫଳରେ ନୋଏଲ ଟାଟାଙ୍କ କ୍ଷମତା ସୁଦୃଢ଼ ହୋଇଥିଲା।

## ଓଡ଼ିଶାରେ ନିବେଶ, ନିଯୁକ୍ତି ଆଶା ବୃଦ୍ଧି




୨୦୨୫ରେ ଓଡ଼ିଶାରେ ନିବେଶ ଓ ରୋଜଗାରର ରାସ୍ତା ପ୍ରଶସ୍ତ ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫ରେ ୧୪୫ଟି ଏମ୍‌ଓୟୁ ହୋଇଛି, ଯାହା ୧୬.୭ ଲକ୍ଷ କୋଟିରୁ ଅଧିକ ନିବେଶ ଆକର୍ଷଣ କରି ୧୨.୯ ଲକ୍ଷ ରୋଜଗାରର ସମ୍ଭାବନା ସୃଷ୍ଟି କରିଛି। ମୁମ୍ବାଇ, ହାଇଦ୍ରାବାଦ, ଦିଲ୍ଲୀ ଓ ସିଙ୍ଗାପୁରରେ ରୋଡ୍ ଶୋ' ମାଧ୍ୟମରେ ହୋଇଥିବା ୬୬,୭୮୧ କୋଟିର ନିବେଶ ଓ ୫୬,୩୪୦ ନିଯୁକ୍ତି ସୁଯୋଗ ନୂଆ ଆଶା ସଞ୍ଚାର କରିଛି। ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୪୯% ଶ୍ରମିକ, ଶିଳ୍ପ ୨୬% ଓ ସେବା କ୍ଷେତ୍ରରେ ୨୫% ରୋଜଗାର ପାଇଛନ୍ତି। ୨୦୨୫-୨୬ ବଜେଟରେ ୨.୯୦ ଲକ୍ଷ କୋଟିରୁ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଇଛି। ଟେକ୍ସଟାଇଲ, ଆଇଟି, ଆଇଟିଇଏସ୍ ପର୍ଯ୍ୟଟନ କ୍ଷେତ୍ରରେ ସୃଷ୍ଟି ହୋଇଥିବା ନିଯୁକ୍ତି ସୁଯୋଗ ରାଜ୍ୟର ସ୍ଥାୟୀ ଆର୍ଥିକ ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଦେଢ଼ ଲକ୍ଷ ଆଡ଼େ ସୁନା, ରୁପା ଅଢ଼େଇ ଲକ୍ଷ



ବିଦାୟୀ ବର୍ଷରେ ସୁନା, ରୁପା ଏବଂ ପ୍ଲାଟିନମ୍ ଚାହିଦା ସହ ଦରରେ ତୀବ୍ର ବୃଦ୍ଧି ଦେଖିବାକୁ ମିଳିଥିଲା। ଅଗଷ୍ଟ ଆରମ୍ଭରୁ ସୁନାଦର ୧୦ ଗ୍ରାମ ପିଛା ଲକ୍ଷେ ଟଙ୍କା ଟପିଥିଲା। ଅକ୍ଟୋବର ଶେଷ ସପ୍ତାହରେ ୨୪ କ୍ୟାରେଟ ସୁନାଦର ୧୦ଗ୍ରାମ ପ୍ରତି ୧ଲକ୍ଷ ୩୦ ହଜାରୁ ଅଧିକ ରହିଥିଲା। ବର୍ଷ ଶେଷ ଆଡ଼କୁ ୨୪ କ୍ୟାରେଟ ସୁନାର ମୂଲ୍ୟ ୧ଲକ୍ଷ ୪୦ ହଜାର ଛୁଇଁଥିଲା। ଗତବର୍ଷ ତୁଳନାରେ ଏହା ୮୨.୮୩% ବୃଦ୍ଧିକୁ ଦର୍ଶାଉଛି। ସେହିପରି ରୁପା ଦର ଗତବର୍ଷ ତୁଳନାରେ ୧୭୧.୦୪% ବୃଦ୍ଧି ପାଇ କିଲୋଗ୍ରାମ ପ୍ରତି ମୂଲ୍ୟ ୨.୫ ଲକ୍ଷ ଟଙ୍କା ନିକଟବର୍ତ୍ତୀ ହୋଇଛି। ଡିସେମ୍ବର ଶେଷ ସପ୍ତାହବେଳକୁ ଏହି ଦର ୨ଲକ୍ଷ ୪୧ ହଜାର ଟପିଛି। ବିକଳ୍ପ ଭାବେ ଗ୍ରାହକ ପ୍ଲାଟିନମ ଗହଣା ବାଛୁଥିବାବେଳେ ଏଥିରେ ମଧ ଅହେତୁକ ବୃଦ୍ଧି ଚିନ୍ତା ବଢ଼ାଇଥିଲା। ହେଲେ ନିବେଶକଙ୍କୁ ଏହି ଦରବୃଦ୍ଧି ବେଶ୍ ସୁହାଇଥିଲା।

## ବର୍ଷାନ୍ତରେ ରେପୋ ରେଟ୍ ୫.୨୫%କୁ ହ୍ରାସ




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ୨୦୨୫ ଆରମ୍ଭରେ ୬.୫୦% ଥିବା ରେପୋ ରେଟ୍‌କୁ ଡିସେମ୍ବର ୨୦୨୫ ସୁଦ୍ଧା ୫.୨୫%କୁ ହ୍ରାସ କରିଛି। ଏହି ହ୍ରାସ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ଏବଂ ଉପଭୋକ୍ତାଙ୍କୁ ସହଜ ଋଣ ଯୋଗାଇବାରେ ଥିଲା ଅଭିପ୍ରେତ। ଫେବୃଆରୀରେ ୨୫ ବେସିସ ପଏଣ୍ଟ (ବିପିଏସ୍) ହ୍ରାସ ହୋଇଥିବାବେଳେ ଏପ୍ରିଲରେ ୨୫, ଜୁନ୍‌ରେ ୫୦ ଏବଂ ଡିସେମ୍ବରରେ ୨୫ ବିପିଏସ୍ ହ୍ରାସ ପାଇଥିଲା। ଆରବିଆଇର ଏହି ନିଷ୍ପତ୍ତି ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଏହି ପରିବର୍ତ୍ତନର ପ୍ରଭାବ ଉପଭୋକ୍ତା ଏବଂ ବ୍ୟବସାୟୀଙ୍କ ପାଇଁ ସହଜ ଋଣ ଯୋଗାଣ କରିବ, ଯାହାଦ୍ୱାରା ଗୃହଋଣ, ବାହନ ଏବଂ ବ୍ୟବସାୟିକ ଋଣର ସୁଧ ହାର ହ୍ରାସ ପାଇବ। ତେବେ ଏହାର ଅନ୍ୟ ପାର୍ଶ୍ୱରେ ଫିକ୍ସଡ୍ ଡିପୋଜିଟ (ଏଫ୍‌ଡି)ର ରିଟର୍ନ ହ୍ରାସ ହୋଇପାରେ, ଯାହା ଜମାକାରୀଙ୍କୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞ ମତ ଦେଉଛନ୍ତି। ଏହା ସହିତ ଟଙ୍କାର ମୂଲ୍ୟ ଉପରେ ମଧ ପ୍ରଭାବ ପଡ଼ିବ, ଯାହା ଆମଦାନୀ-ରପ୍ତାନି ଏବଂ ବିଦେଶୀ ମୁଦ୍ରା ବଜାରକୁ ପ୍ରଭାବିତ କରିପାରେ।

## ଓଡ଼ିଶା ରେଳ ବିକାଶକୁ ଐତିହାସିକ ଗତି

ଓଡ଼ିଶାରେ ରେଳ ବିକାଶକୁ ବିଦାୟୀ ବର୍ଷରେ ଐତିହାସିକ ଗତି ମିଳିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟକୁ ଏହାର ୧୩ ଗୁଣ ଅର୍ଥାତ୍ ୧୦,୫୯୯ କୋଟି ଟଙ୍କାର ରେଳ ବଜେଟ ଦିଆଯାଇଛି। ନୂଆ ରେଳ ଟ୍ରାକ୍ ନିର୍ମାଣ ମଧ ବାର୍ଷିକ ହାରାହାରି ସାଢ଼େ ତିନି ଗୁଣ ବୃଦ୍ଧି ପାଇଛି। ଏପ୍ରିଲ ୨୦୨୫ ସୁଦ୍ଧା ୧୯ଟି ନୂଆ ଲାଇନ୍ ଏବଂ ୩୦ଟି ଦୋହରୀକରଣ ପ୍ରକଳ୍ପ ସମେତ ସମ୍ପୂର୍ଣ୍ଣ ଏବଂ ଆଂଶିକ ଭାବେ ୪୯ଟି ରେଳ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଏଥିପାଇଁ ୬୭ ହଜାର ୪୯୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ମାର୍ଚ୍ଚ ୨୦୨୫ ସୁଦ୍ଧା ୧,୪୨୯ କିଲୋମିଟର ରେଳ ମାର୍ଗ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରେ ୧୧ଟି ରେଳ ଲାଇନ୍ କାମ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୭ଟି ରେଳ ଲାଇନ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଅଧିକ ମାଲ ପରିବହନ ଲାଗି ଦେଶରେ ୧୨୦ଟି ଗତି-ଶକ୍ତି ବହୁମୁଖୀ କାର୍ଗୋ ଟର୍ମିନାଲ କାର୍ଯ୍ୟକ୍ଷମ କରିଥିବା ବେଳେ ୧୩୩ଟି ସ୍ଥାନରେ ଏଭଳି ଟର୍ମିନାଲ ନିର୍ମାଣ ଜାରି ରଖିଛି। ୧୦ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ କାର୍ଯ୍ୟକ୍ଷମ ହୋଇଛି। ଆହୁରି ୭ଟି ସ୍ଥାନରେ ଗତିଶକ୍ତି ଟର୍ମିନାଲ ନିର୍ମାଣକୁ ଅନୁମୋଦନ କରାଯାଇଛି। ଓଡ଼ିଶାର ୨୭ଟି ଜିଲା ଏବେ ରେଳ ନେଟୱର୍କ ସହିତ ଯୋଡ଼ି ହୋଇଛି। ବର୍ତ୍ତମାନ ୬ଟି ବନ୍ଦେ ଭାରତ ଏକ୍ସପ୍ରେସ ଓ ଗୋଟିଏ ଅମୃତ ଭାରତ ଏକ୍ସପ୍ରେସ ଚଳାଚଳ କରୁଛି। ଏହା ରାଜ୍ୟବାସୀଙ୍କୁ ଦ୍ରୁତ, ଆଧୁନିକ ଏବଂ ଆରାମଦାୟକ ଯାତ୍ରା ପ୍ରଦାନ କରୁଛି।



## ବିଦାୟ ନେଲେ 'ରୁଚି' ପ୍ରତିଷ୍ଠାତା



ପ୍ରାୟ ୭ଟି ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଓଡ଼ିଶାର ପ୍ରତିଷ୍ଠିତ ବ୍ୟବସାୟୀ ତଥା ରୁଚି ମସଲାର ପ୍ରତିଷ୍ଠାତା ଡ. ଶରତ କୁମାର ସାହୁଙ୍କ ନଭେମ୍ବର ୨ରେ ପରଲୋକ ହୋଇଥିଲା। ଓଡ଼ିଶାର କ୍ଷୁଦ୍ର, ଲଘୁ ଏବଂ ମଧ୍ୟମ ଉଦ୍ୟୋଗକୁ ଆଗେଇ ନେବାରେ ଶରତ ସାହୁଙ୍କ ଥିଲା ବଡ଼ ଭୂମିକା। ୧୯୭୬ ମସିହାରେ ତାଙ୍କର ବ୍ୟବସାୟିକ ଯାତ୍ରା ଆରମ୍ଭ ହୋଇଥିବାବେଳେ 'ରୁଚି'ର ବିଭିନ୍ନ ପ୍ରକାର ମସଲା, ପାସ୍ତା, ନୁଡଲ୍ସ ସହ ବିଭିନ୍ନ ରେଡି-ଟୁ-ଇଟ୍ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରୁଛି। ୭୪ ବର୍ଷ ବୟସରେ ଶରତଙ୍କ ଦେହାନ୍ତ ବ୍ୟବସାୟିକ ଜଗତରେ ଶୋକର ଛାୟା ଖେଳାଇଥିଲା।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୯/୨୦୨୫ Bhubaneswar, Monday, December 29/ 2025

# ଭାରତର ବିଜୟ ଧାରା ଜାରି

ଥିରୁଭାନନ୍ତପୁରମ,୨୮।୧୨

ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମାଙ୍କ ରେକର୍ଡ ଓପନିଂ ଭାଗୀଦାରି ବଳରେ ଶ୍ରୀଲଙ୍କା ବିପକ୍ଷରେ ରବିବାର ଖେଳାଯାଇଥିବା ହାଇ ସ୍କୋରିଂ ଚତୁର୍ଥ ଟି୨୦ ମ୍ୟାଚ୍‌କୁ ଭାରତ ୩୦ ରନରେ ଜିତି ନେଇଛି। ଏହି ବିଜୟ ଯୋଗୁ ଭାରତ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୪-୦ରେ ଆଗରେ ରହିଛି। ମ୍ୟାଚ୍‌ରେ ମନ୍ଧାନା ଓ ଶେଫାଳି ପ୍ରଥମ ଉଇକେଟରେ ରେକର୍ଡ ୧୬୨ ରନ ଯୋଡ଼ିଥିଲେ। ଏହି ମ୍ୟାଚ୍ ଜରିଆରେ ମନ୍ଧାନା ଅନ୍ତର୍ଜାତୀୟ କ୍ରିକେଟରେ ୧୦ ହଜାର ରନ ପୂରଣ କରିଛନ୍ତି।

## ମନ୍ଧାନା-ଶେଫାଳିଙ୍କ ରେକର୍ଡ ଭାଗୀଦାରି







ଅର୍ଦ୍ଧଶତକୀୟ ଇନିଂସ ଅବସରରେ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା।

ସିରିଜ୍‌ର ଅନ୍ତିମ ତଥା ପଞ୍ଚମ ମ୍ୟାଚ୍ ସମାନ ଗ୍ରାଉଣ୍ଡରେ ୩୦ ତାରିଖରେ ଖେଳାଯିବ।

ଭାରତୀୟ ଦଳକୁ ମନ୍ଧାନା ଓ ଶେଫାଳି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୧୫.୨ ଓଭରରେ ୧୬୨ ରନ ଯୋଡ଼ିଥିଲେ, ଯାହାକି ଟି୨୦ କ୍ରିକେଟରେ ଭାରତୀୟ ମହିଳା ଦଳର ଯେକୌଣସି ଉଇକେଟ ପାଇଁ ସର୍ବାଧିକ। ଶେଫାଳି ୪୬ ବଲରେ ୭୯ (୧୨ ଚୌକା ଓ ୧ ଛକା) ଓ ମନ୍ଧାନା ୪୮ ବଲରେ ୮୦ (୧୧ ଚୌକା ଓ ୩ ଛକା)ରନ କରି ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ରିଚା ଘୋଷ ଓ ଅଧିନାୟିକା ହରମନପ୍ରୀତ କୌର ବିସ୍ଫୋରକ ବ୍ୟାଟିଂ କରି ତୃତୀୟ ଉଇକେଟରେ ୨୩ ବଲରେ ୫୩ ରନ ଯୋଡ଼ିଥିଲେ। ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୨୧ ରନ କରିଥିଲା। ଏହା ମହିଳା ଟି୨୦ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଦଳଗତ ସ୍କୋର। ରିଚା ୧୬ ବଲରେ ୪୦ (୪ ଚୌକା ଓ ୩ ଛକା) ଓ ହରମନ ୧୦ ବଲରେ ୧୬ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ଜବାବରେ ଶ୍ରୀଲଙ୍କା ଶେଷ ପର୍ଯ୍ୟନ୍ତ ଲଢ଼େଇ କରିବା ସତ୍ତ୍ୱେ ୨୦ ଓଭରରେ ୬ ଉଇକେଟ ହରାଇ ୧୯୧ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପାଇଁ ଅଧିନାୟିକା ଚମାରି ଆଥାପାଥୁ ୫୨ (୩ ଲେଖାଏ ଚୌକା ଓ ଛକା), ହସିନି ପେରେରା ୩୩ (୭ ଚୌକା) ଓ ଇମେଶା ଦୁଲାନି ୨୯ (୩ ଚୌକା) ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ଓ ବୈଷ୍ଣବୀ ଶର୍ମା ୨ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭରତ: ୨୦ ଓଭରରେ ୨୨୧/୨ (ସ୍ମୃତି ମନ୍ଧାନା-୮୦, ଶେଫାଳି ବର୍ମା-୭୯, ରିଚା ଘୋଷ-୪୦*)। ଶ୍ରୀଲଙ୍କା: ୨୦ ଓଭରରେ ୧୯୧/୬ (ଚମାରି ଆଥାପାଥୁ-୫୨, ହସିନି ପେରେରା-୩୩, ବୈଷ୍ଣବୀ ଶର୍ମା-୨/୨୪, ଅରୁନ୍ଧତି ରେଡ୍ଡୀ-୨/୪୨)।

# କ୍ୟାମେରାକୁ ଧକ୍କା ପକାଇଲେ କାର୍ଲସେନ୍

ଦୋହା,୨୮।୧୨: କାତାର ରାଜଧାନୀ ଦୋହାଠାରେ ଚାଲିଥିବା ଫିଡେ ୱାର୍ଲ୍ଡ ରାପିଡ୍ ଓ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ର ଏକ ମ୍ୟାଚ୍‌ରେ ପରାଜିତ ହେବାପରେ ମାଗ୍ନସ କାର୍ଲସେନ୍ କ୍ୟାମେରାକୁ ଧକ୍କା ପକାଇଛନ୍ତି। ୨୦୧୩ରୁ ୨୦୨୩ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନ ରହିଥିବା କାର୍ଲସେନ୍‌ଙ୍କ ପାଇଁ ଶନିବାର ନୈରାଶ୍ୟଜନକ ଥିଲା। ମାକ୍ସିମ ଭାଚିଅର-ଲାଗ୍ରେଭଙ୍କ ବିପକ୍ଷ ମ୍ୟାଚ୍‌ରେ ପଏଣ୍ଟ ଭାଗ କରିବା ପରେ କାର୍ଲସେନ୍ ଦ୍ୱିତୀୟ ମ୍ୟାଚ୍‌ରେ ଭ୍ଲାଡିସ୍ଲାଭ ଆର୍ଟେମିଏଭ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ପରାଜୟ ପରେ କାର୍ଲସେନ୍ ଉତ୍ତ୍ୟକ୍ତ ହୋଇ ଭେନ୍ୟୁରୁ ବାହାରକୁ ଯାଉଥିବା ବେଳେ ଜଣେ ଫଟୋଗ୍ରାଫର ତାଙ୍କ ପାଖକୁ ଚାଲିଆସିଥିଲେ। ହେଲେ ନର୍‌ୱେ ଖେଳାଳି ତାଙ୍କ କ୍ୟାମେରାକୁ ଧକ୍କା ପକାଇଥିଲେ। ମ୍ୟାଚ୍ ହାରିବା ପରେ କାର୍ଲସେନ୍‌ଙ୍କର ବିରକ୍ତି ଭାବ ପ୍ରକାଶ କରିବାର ଏହା ପ୍ରଥମ ଘଟଣା ନୁହେଁ। ଚଳିତବର୍ଷ ନର୍‌ୱେ ଚେସ୍ ଟୁର୍ନାମେଣ୍ଟରେ ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ୍‌ଙ୍କଠାରୁ ହାରିବା ପରେ କାର୍ଲସେନ ଟେବୁଲକୁ ମୁଥ ମାରିଥିଲେ। ଗତବର୍ଷ ମଧ୍ୟ ଜିନ୍ସ ପିନ୍ଧିବା କାରଣରୁ ଫିଡେ ପରିଚାଳନା ସଂସ୍ଥା ପକ୍ଷରୁ ବାରଣ କରାଯିବାରୁ ସେ ୱାର୍ଲ୍ଡ ରାପିଡ୍ ଆଣ୍ଡ ବ୍ଲିଜ୍ ଚେସ୍ ଚାମ୍ପିୟନଶିପ୍‌ରୁ ଓହରି ଯାଇଥିଲେ।

# ତନ୍‌ଭି ରନରଅପ୍




ପଦକ ଓ ପୁରସ୍କାର ସହ ତନଭି ପତ୍ରି।

ବିଜୟୱାଡ଼ା, ୨୮।୧୨

## ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ

ନିକଟ ଅତୀତରେ ଚମତ୍କାର ପ୍ରଦର୍ଶନ କରିଆସିଥିବା ଓଡ଼ିଶାର ତନ୍‌ଭି ପତ୍ରି ଏଠାରେ ଅନୁଷ୍ଠିତ ଜାତୀୟ ସିନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ରନରଅପ୍ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ସୂର୍ଯ୍ୟା କରିସ୍ମା ତାମିରିଙ୍କଠାରୁ ୨୧-୧୭, ୧୨-୨୧, ୧୪-୨୧ରେ ହାରିଯାଇଛନ୍ତି। ପାଖାପାଖି ଏକଘଣ୍ଟା ଧରି ଅନୁଷ୍ଠିତ ଫାଇନାଲରେ ତନ୍‌ଭି ପ୍ରଥମ ସେଟ୍‌ରେ ବିଜୟୀ ହୋଇଥିଲେ ହେଁ ପରବର୍ତ୍ତୀ ୨ ସେଟ୍‌ରେ ସେହି ପ୍ରଦର୍ଶନ ବଜାୟ ରଖିପାରି ନ ଥିଲେ। ଅନ୍ୟପକ୍ଷେ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ରିତ୍‌ଭିକ୍ ସଞ୍ଜିଭି ପ୍ରତିପକ୍ଷ ଭରତ ରାଘବଙ୍କୁ ୨୧-୧୬, ୨୨-୨୦ରେ ହରାଇ ଚାମ୍ପିୟନ ହୋଇଛନ୍ତି।

# ଓଡ଼ିଶାକୁ ୧୩ ସ୍ୱର୍ଣ୍ଣ ସହ ୨୩ ପଦକ

ଭୁବନେଶ୍ୱର,୨୮।୧୨(ଅନାଦିକର)

ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂ ସ୍ପୋର୍ଟ ଫେଡେରେଶନ କପ୍ ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ଗୋଲ୍ଡେନ ଟ୍ରିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୩ ସ୍ୱର୍ଣ୍ଣ ଓ ୬ ରୌପ୍ୟ ସମେତ ୨୩ ପଦକ ହାସଲ କରିଥିବା ଓଡ଼ିଶା ଦଳକୁ ରବିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଓଡ଼ିଶା ହ୍ୟାଣ୍ଡ ଟୁ ହ୍ୟାଣ୍ଡ ଫାଇଟିଂ ସ୍ପୋର୍ଟ ସଂଘର ସଭାପତି ଅଭିମନ୍ୟୁ ବାରିକ, ଉପସଭାପତି ଅନ୍ତର୍ଯ୍ୟାମୀ ଖିଲାର, ସାଧାରଣ ସମ୍ପାଦକ ସବିତା ବାସ୍କି, କୃଷ୍ଣଚନ୍ଦ୍ର ବାରିକ ଓ ଓଡ଼ିଶା ମୁଖ୍ୟ କୋଚ୍ ଯଦୁ ହାଁସ୍‌ଦା ଉପସ୍ଥିତ ଥିଲେ।

ଏହି ଟୁର୍ନାମେଣ୍ଟରେ ମୋଟ୍ ୧୭ ରାଜ୍ୟର ଖେଳାଳି ଭାଗ ନେଇଥିଲେ। ଓଡ଼ିଶାରୁ ୫ ମହିଳାଙ୍କ ସହ ୧୭ ଜଣିଆ ଦଳ ଭାଗ ନେଇଥିଲା। ଓଡ଼ିଶା ବାଳିକାମାନେ ଫାଇଟିଂରେ ୩ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ଜିତିଥିବା ବେଳେ ବାଳକମାନେ ୬ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ ବ୍ରୋଞ୍ଜ ହାତେଇଥିଲେ। ସେହିଭଳି ସେଲ୍ଫ ଡିଫେନ୍ସରେ ଖେଳାଳିମାନେ ୪ଟି ସ୍ୱର୍ଣ୍ଣ ଓ ୨ଟି ରୌପ୍ୟ ପଦକ ଜିତିଥିଲେ।




ପଦକ ସହ କୃତୀ ଓଡ଼ିଶା ପ୍ରତିଯୋଗୀ।

# ଦ୍ୱିତୀୟ ଦିବସରେ ଭାଗନେଲେ ୩୦୦ ପ୍ରତିଯୋଗୀ

ଭୁବନେଶ୍ୱର, ୨୮।୧୨ (ତପନ ସ୍ୱାଇଁ)

## ସର୍ବଭାରତୀୟ ଓପନ କରାଟେ

ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ୧୫ଶ ସର୍ବଭାରତୀୟ ଓପନ୍ କରାଟେର ଦ୍ୱିତୀୟ ଦିବସ ରବିବାର ୩୦୦ ପ୍ରତିଯୋଗୀ କ୍ୟାଡେଟ୍ ଓ ୧୩ ବର୍ଷରୁ କମ୍ ବର୍ଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଓଡ଼ିଶା ରାଜ୍ୟ କରାଟେ ସଂଘର ଉପଦେଷ୍ଟା ସନତ କୁମାର ନାୟକ ଓ ସାମାଜିକ କର୍ମୀ ଦୀପକ କୁମାର ନାୟକ ପୁରସ୍କାର ପ୍ରଦାନ କରିଥିଲେ। ବିଜନ କୁମାର ଦଳବେହେରା, ଗୋପାଳ ଦାସ, ଏନ୍.ବି. ପଟ୍ଟନାୟକ, ଶୁଭାଶିଷ ମହାପାତ୍ର, ଉମାକାନ୍ତ ବେହେରା, ଆଦିତ୍ୟ ମିଶ୍ର, ଦେବେନ୍ଦ୍ର ରଣା, ମଣ୍ଟୁ ଯୋଗୀ, ସର୍ଭେସ୍ ଅଗ୍ରୱାଲ, ସୁରେଶ ଚନ୍ଦ୍ର ଜାଲ, ଗୋପାଳ ଚନ୍ଦ୍ର ଦୀପ୍, ସୁଭାଷ ଚନ୍ଦ୍ର ଦଳାଇ, ପ୍ରସନ୍ନ ପଟ୍ଟନାୟକ, ସୁମନ୍ତ ପଣ୍ଡା, ସିଦ୍ଧାର୍ଥ ଭୂୟାଁ, ଆଶୁତୋଷ ପଟ୍ଟନାୟକ, ଗୋପାଳ ଚନ୍ଦ୍ର କଅଁର, ପ୍ରଦୀପ କୁମାର ଦେ, ରୌନକ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।



କୃତୀ କରାଟେକାମାନେ ପଦକ ସହ ଅତିଥିଙ୍କ ଗହଣରେ।

# ଆଶ୍ଚର୍ଯ୍ୟ ପ୍ରକଟ କଲେ ଏମ୍‌ସିଜି କ୍ୟୁରେଟର

ମେଲ୍‌ବୋର୍ନ,୨୮।୧୨(ପି.ଟି.)

ମେଲ୍‌ବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ର ମୁଖ୍ୟ କ୍ୟୁରେଟର ମାଥ୍ୟୁ ପେଜ୍ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ବକ୍ସିଂ ଡେ' ଟେଷ୍ଟ ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷ ହେବାକୁ ନେଇ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଅତ୍ୟଧିକ ବୋଲରଙ୍କୁ ସୁହାଉଥିବା ପିଚ୍‌ରେ ମ୍ୟାଚ୍‌ର ପ୍ରଥମ ଦିନ ୨୦ ଉଇକେଟର ପତନ ଘଟିଥିଲା। ଏହି ମ୍ୟାଚ୍ ଲାଗି ପେଜ୍ ପିଚ୍‌ରେ ୧୦ ଏମ୍‌ଏମ୍ ଲମ୍ବର ଘାସ ଛାଡ଼ିଥିଲେ, ଯାହାକି ଗତବର୍ଷ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ବକ୍ସିଂ ଡେ' ଟେଷ୍ଟ ବେଳେ ରଖାଯାଇଥିବା ଘାସଠାରୁ ୩ ଏମ୍‌ଏମ୍ ଲମ୍ବା ଥିଲା। କିନ୍ତୁ ଏହି ନିଷ୍ପତ୍ତି ବୁମ୍‌ରାଂ ସାବ୍ୟସ୍ତ ହୋଇଥିଲା। ଫଳରେ ମାତ୍ର ୬ ସେସନରେ ୧୪୨ ଓଭର ମଧ୍ୟରେ ୩୬ ଉଇକେଟ ପଡ଼ିଥିଲା। ୨୦୧୧ ପରେ ଅଷ୍ଟ୍ରେଲିଆ ମାଟିରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଜିତିବା ପରେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ପିଚ୍‌କୁ କଡ଼ା ସମାଲୋଚନା କରିଥିଲେ।

ପ୍ରଥମ ଦିନରେ ଫିଲ୍ଡରେ ଯାହା ଘଟିଲା, ତାହା ମୋତେ ଆଶ୍ଚର୍ଯ୍ୟ କରିଥିଲା। ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଶେଷହେବାରୁ ଆମେ ଦୁଃଖିତ। ଆମେ ଆୟୋଜନ କରୁଥିବା ଟେଷ୍ଟ ମ୍ୟାଚ୍ ଦର୍ଶକଙ୍କୁ ଆକର୍ଷିତ କରୁଛି। କିନ୍ତୁ ଏହା ଯଥେଷ୍ଟ ଲମ୍ବା ନ ଥିଲା। ଆମେ ଏଭଳି ତ୍ରୁଟିରୁ ଶିକ୍ଷା ନେବୁ ଏବଂ ଏହାକୁ ଆସନ୍ତା ବର୍ଷ ସୁଧାରିବାକୁ ନିଶ୍ଚିତ କରିବୁ। ମୁଁ ପୂର୍ବରୁ କଦାପି

## ବକ୍ସିଂ ଡେ' ପିଚ୍ ବିବାଦ

ଏଭଳି ଟେଷ୍ଟ ମ୍ୟାଚ୍‌ରେ ସାମିଲ ହୋଇ ନ ଥିଲି ଏବଂ ଆଶାକରୁଛି ଭବିଷ୍ୟତରେ ମଧ୍ୟ ଏଭଳି ଟେଷ୍ଟ ମ୍ୟାଚ୍‌ର ଅଂଶ ହେବିନାହିଁ ବୋଲି ରବିବାର ଏମ୍‌ସିଜିରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପେଜ୍ କହିଛନ୍ତି। ପିଚ୍‌ରେ ଲମ୍ବାଘାସ ଛାଡ଼ିବା ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆମକୁ ଜଣାଅଛି, ମ୍ୟାଚ୍‌ଟି ଆମ ଯୋଜନା ମୁତାବକ ହେଲାନାହିଁ। ଆମେ ବ୍ୟାଟ୍ ଓ ବଲ୍ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଥିଲୁ। ମ୍ୟାଚ୍ ପୂର୍ବରୁ ହୋଇଥିବା ପାଣିପାଗ ଆକଳନ ମୁତାବକ, ମ୍ୟାଚ୍ ବେଳେ ଅତ୍ୟଧିକ ଗରମ ହେବାର ଥିଲା।




# ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିୟନ

ଭୁବନେଶ୍ୱର,୨୮।୧୨ (ତପନ ସ୍ୱାଇଁ)

## ବିଜୟ ସ୍ମାରକୀ ବାସ୍କେଟବଲ ଉଦ୍‌ଯାପିତ

ଭୁବନେଶ୍ୱର ବାସ୍କେଟ୍‌ବଲ ଆସୋସିଏଶନ (ବିବିଏ), ଖୋର୍ଦ୍ଧା ଜିଲା ବାସ୍କେଟ୍‌ବଲ ଆସୋସିଏଶନ୍ ଏବଂ ବାଦଲ ଭାଇ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୧ମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ବର୍ଗରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ପୁରୁଷରେ ଯୁବ ବାସ୍କେଟ୍‌ବଲ କ୍ଲବ(ୱାଇବିସି) ଚାମ୍ପିୟନ ହୋଇଛି। ୟୁନିଟ୍-୧ସ୍ଥିତ ବାସ୍କେଟ୍‌ବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମହିଳା ବର୍ଗ ଫାଇନାଲରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟରେ ୟଙ୍ଗ ଷ୍ଟର୍ସ କ୍ଲବକୁ ପରାସ୍ତ କରିଛି। ଚାମ୍ପିୟନ ସ୍ପୋର୍ଟ୍ସ ହଷ୍ଟେଲର ଲିଜାଲିନ ସର୍ବାଧିକ ୧୯ ଓ ୟଙ୍ଗଷ୍ଟର୍ସର ନଭ୍ୟା ୧୮ ପଏଣ୍ଟ ସ୍କୋର କରିଥିଲେ। ନଭ୍ୟାଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ମିନତି କୁଲଦୀପଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ପୁରୁଷ ବର୍ଗର ଫାଇନାଲରେ ଯୁବ ବାସ୍କେଟ୍‌ବଲ କ୍ଲବ୍(ୱାଇବିସି) ୬୯-୬୫ ପଏଣ୍ଟରେ କଟକ ବାସ୍କେଟ୍‌ବଲ ଆସୋସିଏଶନ୍‌କୁ ହରାଇ ଦେଇଛି। ବିଜେତା ଦଳର ସୁମୁନା ପାତ୍ର ୧୫ ଏବଂ ସିବିଏ ଦଳର ରାମକୃଷ୍ଣ ବେହେରା ୨୪ ପଏଣ୍ଟ ସ୍କୋର କରିଥିଲେ। ଚାମ୍ପିୟନ ଦଳର ଭାଗୀରଥି ଗୌତମଙ୍କୁ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶୁଭମ୍ ବେହେରାଙ୍କୁ ଶ୍ରେଷ୍ଠ ଉଦୀୟମାନ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଉଦ୍‌ଯାପନୀରେ ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଓଡ଼ିଶା ବାସ୍କେଟ୍‌ବଲ ଆସୋସିଏଶନ୍ ସଭାପତି ଜ୍ଞାନରଞ୍ଜନ ପରିଡ଼ା, ଭୁବନେଶ୍ୱର ବାସ୍କେଟବଲ ଆସୋସିଏଶନ ସଭାପତି ମକବୁଲ ଅଲୀ, ଖୋର୍ଦ୍ଧା ଜିଲା ବାସ୍କେଟ୍‌ବଲ ଆସୋସିଏଶନ୍ ସମ୍ପାଦକ ପ୍ରଶାନ୍ତ ନାୟକ, ୧୨୦ ବାଟାଲିଅନ କମାଣ୍ଡାଣ୍ଟ ରୋହିତ କୁମାର, ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।







ଚାମ୍ପିୟନ ସ୍ପୋର୍ଟ୍ସ ହଷ୍ଟେଲ ଓ ଯୁବ ବାସ୍କେଟବଲ କ୍ଲବର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ